

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା


# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

■ Vol. 10, Issue. 251, Wednesday, 3 January 2024, Puri, Pages- 19, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୨୫୧, ବୁଧବାର, ୩ ଜାନୁଆରୀ ୨୦୨୪, ପୁରୀ, ୧୯ ପୃଷ୍ଠା, ମୂଲ୍ୟ - ୭ ଟଙ୍କା







ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

■ Vol. 10, Issue. 251, Wednesday, 3 January 2024, Puri, Pages- 19, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୨୫୧, ବୁଧବାର, ୩ ଜାନୁଆରୀ ୨୦୨୪, ପୁରୀ, ୧୯ ପୃଷ୍ଠା, ମୂଲ୍ୟ - ୭ ଟଙ୍କା





ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org



Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଚ୍ଛୁକ ଥିଲେ selfiedunia96@gmail.com କିମ୍ବା ୯୦୪୦୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ



■ Vol. 10, Issue. 251, Wednesday, 3 January 2024, Puri, Pages- 19, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୨୫୧, ବୁଧବାର, ୩ ଜାନୁଆରୀ ୨୦୨୪, ପୁରୀ, ୧୯ ପୃଷ୍ଠା, ମୂଲ୍ୟ - ୭ ଟଙ୍କା


### ଘନ କୁହୁଡ଼ି ହେଲା କାଳ, ଯାତ୍ରୀବାହୀ ବସ୍ ଓ ଦଶଚକିଆ ଟ୍ରକ ମୁହାଁମୁହିଁ

# ୩ ମୃତ, ୩୨ ଆହତ

- ମୁଖ୍ୟମନ୍ତ୍ରୀ ଦୁଃଖପ୍ରକାଶ କରିବା ସହିତ ୩ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କଲେ
- ସୋନପୁର, ନୂଆପଡ଼ାରେ ସଡ଼କ ଦୁର୍ଘଟଣା ନେଲା ୪ ଜଣଙ୍କ ଜୀବନ



**ନିଶ୍ଚିନ୍ତକୋଇଲି/ସୋନପୁର/ନୂଆପଡ଼ା(ଅମୃତ ମିଡ଼ିଆ)**

କଟକ-ଚାନ୍ଦବାଲି ରାସ୍ତାର କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ କଟରପଡ଼ା ଓ ଶୁକରପଡା ମଧ୍ୟ ରେ ଥିବା କଳାପୋଲ ନିକଟରେ ମଙ୍ଗଳବାର ସକାଳୁ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ସକାଳ ପ୍ରାୟ ୭.୧୫ ମିନିଟ୍ ସମୟରେ ଚାନ୍ଦବାଲିରୁ କଟକ ଅଭିମୁଖେ ଆସୁଥିବା ମନୋରମା ନାମକ ଏକ ଯାତ୍ରୀବାହୀ ବସ୍‌କୁ କଟକରୁ କେନ୍ଦ୍ରାପଡା ଯାଉଥିବା ଏକ ଦଶ ଚକିଆ ଟ୍ରକ ମୁହାଁ ମୁହିଁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣା ବହୁ ଭୟଙ୍କର ଥିଲା । ଏଥିରେ ବସରେ ଥିବା ୬୫ ରୁ ଉର୍ଦ୍ଧ ଯାତ୍ରୀଙ୍କ ମଧ୍ୟରୁ ୩୨ ଜଣ ଆହତ ହୋଇଛନ୍ତି । ଘଟଣାସ୍ଥଳରେ ଟ୍ରକ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ବସ ଡ୍ରାଇଭର ସମେତ ୨ ଜଣଚାପି ହୋଇ ରହିଯାଇଥିଲେ । ଦମକଳ ବାହିନୀ କର୍ମଚାରୀ ଙ୍କ ସାହାଯ୍ୟରେ ଗ୍ୟାସ କଟର ଦ୍ୱାରା ତାଙ୍କୁ ଉଦ୍ଧାର କରିଥିଲେ । ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ମଧ୍ୟ ମୃତ୍ୟୁହୋଇଛି । ମୃତ୍ୟୁ ହୋଇଥିବା ଟ୍ରକ ଡ୍ରାଇଭର ଙ୍କ ନାମ ମୋହନ ଲାଲ ୪୦ ବର୍ଷ ହୋଇଥିବା ବେଳେ ଯାତ୍ରୀ କେନ୍ଦ୍ରାପଡ଼ା ଜିଲ୍ଲା ଆଳିର ୨୧ ବର୍ଷୀୟା ଅନୁସୟା ବାରିକ ଏବଂ ରାଜକନିକା ଥାନା ଓଡିଙ୍ଗିରା ଗ୍ରାମର ୨୧ ବର୍ଷୀୟା ଯୁବକ ନଳିନୀ କାନ୍ତ ଗାହଣ ଅଟନ୍ତି । ନିଶ୍ଚିନ୍ତକୋଇଲି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ୩୨ ଜଣ ଆହତ ବ୍ୟକ୍ତି ଙ୍କୁ ଚିକିତ୍ସା କରାଯାଉଥିଲା ବେଳେ ସେମାନଙ୍କ ମଧ୍ୟରୁ ୯ ଜଣ ଗୁରୁତର ଥିବାରୁ କଟକ ବଡ଼ ମେଡିକାଲ ପଠାଇ ଦିଆଯାଇଛି । ଗୁରୁତର ମାନଙ୍କ ମଧ୍ୟରେ ରାଜକନିକା । ସ୍ୱରୁପମା ଦଳାଇ, ସୁବ୍ରଜିତ ଦଳାଇ, ମୋନାଲିସା ନାୟକ, ଚାନ୍ଦବାଲି ର ରାଜକିଶୋର ବାରିକ, ଭଦ୍ରକର ଅର୍ଚ୍ଚନା ବାରିକ, ରୁଦ୍ର ନାରାୟଣ ଦାସ, ରଶ୍ମିପ୍ରଭା ନାୟକ ଅନ୍ତରଭୁକ୍ତ । ଦୁର୍ଘଟଣା ସ୍ଥଳରେ କଟକ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲାପାଳ, ଉପଜିଲ୍ଲାପାଳ, ତହସିଲଦାର, ବିଡ଼ିଓ, ମେଡିକାଲ

▶(ପୃଷ୍ଠା-୧୫)

### ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

# ବିଭିନ୍ନ ବିଭାଗ ସହିତ ସମନ୍ୱୟ ରକ୍ଷାକରି କାମ କରନ୍ତୁ

## ଓଡ଼ିଆ ଭାଷାର ଉନ୍ନତି ଓ ଲୋକପ୍ରିୟତା ବୃଦ୍ଧି ପାଇଁ ସରକାର ନେବେ ପଦକ୍ଷେପ

**ଭୁବନେଶ୍ୱର(ବ୍ୟୁରୋ)**



ଆସନ୍ତା ଫେବ୍ରୁଆରି ୩ ରୁ ୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ରାଜ୍ୟରେ ପ୍ରଥମ ଥର ପାଇଁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରାଯିବ। ଏହି ସମ୍ମିଳନୀ ଆୟୋଜନ କରାଯିବା ନିମନ୍ତେ ଗତ ଡିସେମ୍ବର ୧୯ ତାରିଖରେ ଅନୁଷ୍ଠିତ ଐତିହ୍ୟ କ୍ୟାବିନେଟରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ସମ୍ମିଳନୀ ଯେପରି ବିପୁଳ ସଫଳତା ହାସଲ କରିବ, ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଛନ୍ତି। ଏଥିପାଇଁ ସବୁ ସଂପୃକ୍ତ ବିଭାଗ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହିତ ସମନ୍ୱୟ ରକ୍ଷା କରି କାମ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ଭାଷା ସମ୍ମିଳନୀ ଓଡ଼ିଆ ଅସ୍ମିତାର ପରିଚୟ ହେବ। ଶାସ୍ତ୍ରୀୟ ଭାଷା ଓଡ଼ିଆକୁ ଆହୁରି କିପରି ଲୋକପ୍ରିୟ କରାଯିବ ଏ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରାଯିବ। ବର୍ତ୍ତମାନର ପରିବର୍ତ୍ତିତ ପରିସ୍ଥିତି ଓ ପ୍ରଯୁକ୍ତି ବିଦ୍ୟା ଯୁଗରେ ଏହି ଭାଷା ସମ୍ମିଳନୀ ଯୁବପିଢ଼ିଙ୍କୁ ଓଡ଼ିଆ ଭାଷା ପ୍ରତି ଆକର୍ଷିତ କରିବ। ଏହି ସମ୍ମିଳନୀରେ ଓଡ଼ିଆ ଭାଷାର ପ୍ରାଚୀନତା ଓ ଭବିଷ୍ୟତର ପ୍ରାସଙ୍ଗିକତା ଉପରେ ଅନେକ ତର୍କ ଭିତ୍ତିକ ଓ ମାର୍ମିକ ତର୍ଜମା କରାଯିବ। ଦେଶ ବିଦେଶରେ ରହୁଥିବା ଓଡ଼ିଆ ଭାଷାବିତ୍‌ମାନେ ଯୋଗ ଦେଇ ଓଡ଼ିଆ ଭାଷାର ସର୍ବ ପ୍ରାଚୀନତା ଓ ନିରନ୍ତରତା ସମ୍ପର୍କରେ ବିଭିନ୍ନ ପର୍ଯ୍ୟାୟ ଭିତ୍ତିକ ଆଲୋଚନା କରିବେ । ଏଥିରେ ଓଡ଼ିଆ ଭାଷାର ଉତ୍ପତ୍ତି, କ୍ରମବିକାଶ ଓ ଲୋକପ୍ରିୟତା ଉପରେ ସାରଗର୍ଭକ ଆଲୋଚନାମାନ ଅନୁଷ୍ଠିତ ହେବ। ଏଥିସହ ବିଶେଷଜ୍ଞମାନେ ଏହି ତିନି ଦିନରେ ଓଡ଼ିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ରୂପରେଖ ଉପରେ ତଥ୍ୟ ଭିତ୍ତିକ ଉପସ୍ଥାପନ କରିବେ।ସମ୍ମିଳନୀରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ ତଥା ସବୁ ବର୍ଗର ବ୍ୟକ୍ତିବିଶେଷ ଯୋଗଦେବେ। ଓଡ଼ିଆ ଭାଷାକୁ ଅଭିନବ ଭାବେ କିଭଳି ଶିଖି ହେବ ଏ ସମ୍ପର୍କରେ ମଧ୍ୟ ଆଲୋଚନା ଚକ୍ର ଅନୁଷ୍ଠିତ ହେବ। ଏହି ସମ୍ମିଳନୀ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଭାଷାଭାଷୀମାନଙ୍କ ନିମନ୍ତେ ଏକ ନୂତନ ଆଲୋକବର୍ତ୍ତିତା ହେବ।

### ଜାପାନ ଭୂକମ୍ପରେ ମୃତ୍ୟୁ ସଂଖ୍ୟା ୫୦କୁ ବୃଦ୍ଧି

**ଟୋକିଓ**

ନୂଆବର୍ଷରେ ଜାପାନରେ ଶକ୍ତିଶାଳୀ ଭୂକମ୍ପ ହୋଇଥିବା ବେଳେ ଏବେ ପର୍ଯ୍ୟନ୍ତ ମୃତ୍ୟୁ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ମୃତ୍ୟୁ ସଂଖ୍ୟା ବଢ଼ି ଏବେ ସୁଦ୍ଧା ୫୦ରେ ପହଞ୍ଚିଲାଣି। ଆହୁରି ୧୫୫ ଜଣ ସେଠାରେ ଫସି ରହିଛନ୍ତି ବୋଲି ଅନୁମାନ କରାଯାଉଛି।୨୦୨୪ର ପ୍ରଥମ ଦିନରେ ଘଟିଥିବା ଏହି ବଡ଼ ଭୂକମ୍ପରେ ବଞ୍ଚିଥିବା ଲୋକଙ୍କୁ ଖୋଜିବା ପାଇଁ ଜାପାନର ଉଦ୍ଧାରକାରୀମାନେ ମଙ୍ଗଳବାର ଘଣ୍ଟା ଘଣ୍ଟା ଧରି ପରିଶ୍ରମ କରି ଚାଲିଛନ୍ତି।ସୋମବାରରୁ ପ୍ରାୟ ୧୫୫ ରୁ ଅଧିକ ଭୂକମ୍ପ ହୋଇଥିବା ବେଳେ ଅଧିକାଂଶ ୭.୬ ତୀବ୍ରତାର ଥିବା ରେକର୍ଡ ହୋଇଛି। ବାକିଗୁଡ଼ିକ ୬ ତୀବ୍ରତାରୁ ଅଧିକ ରହିଛି। ପ୍ରାରମ୍ଭିକ ଭୂକମ୍ପ ପରେ ଅଧିକାରୀମାନେ ସୁନାମି ଚେତାବନୀ ଜାରି କରିଛନ୍ତି। ନ୍ୟୁଜ୍ ଏଜେନ୍ସି ରଏଟର୍ସ ରିପୋର୍ଟ କରିଛି ଯେ ପ୍ରାୟ ୩୩ ହଜାର ପରିବାର ବିଦ୍ୟୁତ୍ ବିନା ରହିଛନ୍ତି ଏବଂ ପ୍ରମୁଖ ରାଜପଥ

▶(ପୃଷ୍ଠା-୧୫)

# ମୁଣ୍ଡକୁ ଲୁହାରଡ଼୍‌ରେ ପିଟି ସାଙ୍ଗର ଜୀବନ ନେଲା ଯୁବକ

**ଖୋର୍ଦ୍ଧା(ଅମୃତ ମିଡିଆ)**



ନୂଆବର୍ଷରେ ନୃତ୍ୟ ପରିବେଷଣ କରିବାକୁ ଯାଇଥିଲେ ଦୁଇ ବନ୍ଧୁ। ନାଟକ ସାରି ଘରକୁ ଫେରିଥିଲେ। ଶୌଚ-ସ୍ନାନ ସାରି ପାହାନ୍ତାରୁ ଶୋଇଥିଲେ। ଶୟନ ସମୟରେ ବନ୍ଧୁତାରେ ବିଷ ଦେଇଛି ଆଉ ଜଣେ ବନ୍ଧୁ। ମୁଣ୍ଡକୁ ଲୁହା ରଡ଼୍‌ରେ ପିଟି କରିଛି ହତ୍ୟା। ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ସିକୋ ଫାଣ୍ଡି ଶଗଡ଼ଭଙ୍ଗା ଗାଁରେ ଆଜି ଏଭଳି ଏକ ହତ୍ୟାକାଣ୍ଡ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଶଗଡ଼ଭଙ୍ଗା ଗାଁର ଯୁବ କଳାକାର ରଶ୍ମିରଞ୍ଜନ ବଳିୟାରସିଂହ ହତ୍ୟାକାଣ୍ଡର ଶିକାର ହୋଇଥିବା ବେଳେ ଅଭିଯୁକ୍ତ ବନ୍ଧୁ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ସୂଚନା ପାଇ ସିକୋ ଫାଣ୍ଡି ପୁଲିସ ସାଇଣ୍ଟିଫିକ୍ ଟିମ୍ ନେଇ ତଦନ୍ତ ଆରମ୍ଭ କରିଛି। ମୃତ ରଶ୍ମିରଞ୍ଜନଙ୍କ ପରିବାର ସୂଚନା ମୁତାବକ, ଏ ଘଟଣା ସକାଳ ୭ଟା ପରେ ଘଟିଛି। ରଶ୍ମିରଞ୍ଜନ ରାମ ନାଟକ, କାଳୀୟ ଦଳନ ନାଟକ ପରିବେଷଣରେ ମାହିର ଥିଲେ। ଗତକାଲି ନୂଆବର୍ଷ ପାଇଁ ରଣପୁର ବ୍ଲକ୍ ଅନ୍ତର୍ଗତ ଚମ୍ପତିପୁର ଗାଁରୁ ଡାକରା ଆସିଥିଲା। ତେଣୁ ରଶ୍ମିରଞ୍ଜନ ସେ ଗାଁକୁ ଯାଇଥିଲେ। ସାଥୀରେ ସୋମନାଥ ଲାଥ(୩୦) ନାମକ ଆଉ ଜଣେ ବନ୍ଧୁ ବି ଯାଇଥିଲେ। ସୋମନାଥଙ୍କ ଘର ପୁରୀ ଜିଲ୍ଲାରେ ବୋଲି କୁହାଯାଉଛି। ଉଭୟ ବନ୍ଧୁ ନାଟକ ସାରି ଆଜି ସକାଳୁ ସକାଳୁ ଶଗଡ଼ଭଙ୍ଗାସ୍ଥିତ ରଶ୍ମିରଞ୍ଜନଙ୍କ ଘରକୁ ଆସିଥିଲେ। ରଶ୍ମିରଞ୍ଜନଙ୍କ ଘରେ ଉଭୟ ସୋମନାଥ ଏବଂ ରଶ୍ମିରଞ୍ଜନ ନିତ୍ୟକର୍ମ ସାରିଥିଲେ। ରଶ୍ମିରଞ୍ଜନଙ୍କ ମା' ହେଉଛନ୍ତି ଜଣେ ଆଶାକର୍ମୀ। ରାତି ଅନିଦ୍ରା ହୋଇଥିବା ପୁଅ ସକାଳୁ ସକାଳୁ ନିଜ ସାଙ୍ଗ ସାଥୀରେ ଶୋଇଥିବା ଜାଣି ନିଜ କାମରେ ଏକୁଟିଆ ଘରୁ ବାହାରକୁ ଯାଇଥିଲେ। ଘରେ ସୋମନାଥ ଏବଂ ରଶ୍ମିରଞ୍ଜନ ନିଦ୍ରାରେ ଥିଲେ।ଅପରାହ୍ଣ ପ୍ରାୟ ସାଢ଼େ ୧୨ଟା ବେଳକୁ ରଶ୍ମିରଞ୍ଜନଙ୍କ ମା' ଘରକୁ ଫେରିଲା ବେଳକୁ ଘରେ ତାଲା ପଡ଼ିଥିବା ଦେଖିବାକୁ ପାଇଥିଲେ। ପୁଅ ଘରେ ତାଲା ପକାଇ ବାହାରକୁ କୁଆଡ଼େ ଯାଇଥିବ ରଶ୍ମିରଞ୍ଜନଙ୍କ ମା' ଚିନ୍ତା କରିଥିଲେ। ସବୁ ଦିନ ପରି ଘରର ଚାବି ପଡ଼ୋଶୀଙ୍କୁ କାଳେ ଦେଇଥିବ ବୋଲି ବିଚାର କରି

▶(ପୃଷ୍ଠା-୧୫)

### ମହିଳା କର୍ମଚାରୀଙ୍କ ପାଇଁ ନୂଆ ସୁବିଧା କଲେ ସରକାର

# ସ୍ୱାମୀ ପରିବର୍ତ୍ତେ ପିଲା ପାଇପାରିବେ ପେନ୍‌ସନ୍

**ନୂଆଦିଲ୍ଲୀ**




ମହିଳା ସରକାରୀ କର୍ମଚାରୀଙ୍କ ପାଇଁ ନୂଆ ସୁବିଧା କରିଛନ୍ତି କେନ୍ଦ୍ର ସରକାର। ବୈବାହିକ ବିବାଦ ଚାଲିଥିଲେ, ଜଣେ ମହିଳା ଏଣିକି ସ୍ୱାମୀ ପରିବର୍ତ୍ତେ ନିଜ ପିଲାଙ୍କୁ ପରିବାର ପେନ୍‌ସନ୍ ପାଇଁ ମନୋନୀତ କରିପାରିବେ। ମଙ୍ଗଳବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ଏନେଇ ସୂଚନା ପ୍ରଦାନ କରାଯାଇଛି। ସରକାରଙ୍କ ପକ୍ଷରୁ କହୁଯାଇଛି ଯେ, ବୈବାହିକ ବିବାଦ କ୍ଷେତ୍ରରେ ମହିଳା କର୍ମଚାରୀମାନେ ଏଣିକି ନିଜର ଗୋଟିଏ ପିଲା କିମ୍ବା ପିଲାମାନଙ୍କୁ ପରିବାର ପେନ୍‌ସନ୍ ପାଇଁ ମନୋନୀତ କରିବାକୁ ସୁବିଧା କରାଯାଇଛି। କେନ୍ଦ୍ର ପ୍ରଶାସନିକ ସେବା(ପେନ୍‌ସନ୍) ନିୟମ, ୨୦୨୧ର ନିୟମ ୫୦ ଜଣେ ସରକାରୀ କର୍ମଚାରୀ କିମ୍ବା ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ପରିବାର ପେନ୍‌ସନ୍ ପ୍ରଦାନ ପାଇଁ ଅନୁମତି ଦେଇଥାଏ।ପୂର୍ବରୁ ଯଦି ଜଣେ ମୃତ ସରକାରୀ କର୍ମଚାରୀ କିମ୍ବା ପେନ୍‌ସନ୍‌ଭୋଗୀଙ୍କ ପରିବାରରେ ସ୍ୱାମୀ କିମ୍ବା ସ୍ତ୍ରୀ ଥାଆନ୍ତି, ତେବେ ପରିବାର ପେନ୍‌ସନ୍ ପ୍ରଥମେ ସ୍ୱାମୀ କିମ୍ବା ସ୍ତ୍ରୀଙ୍କୁ ପ୍ରଦାନ କରାଯାଇଥାଏ। ନିୟମ ଅନୁସାରେ, ମୃତ ସରକାରୀ କର୍ମଚାରୀ/ପେନ୍‌ସନ୍‌ଭୋଗୀଙ୍କ ଜୀବନସାଥୀ ପରିବାର ପେନ୍‌ସନ୍ ପାଇଁ ଅଯୋଗ୍ୟ ସାବ୍ୟସ୍ତ ହେଲେ କିମ୍ବା ତାଙ୍କର ମୃତ୍ୟୁ ଘଟିଲେ ପରିବାରର ଅନ୍ୟ ସଦସ୍ୟ ପେନ୍‌ସନ୍ ପାଇବାକୁ ଯୋଗ୍ୟ ହୋଇଥାଆନ୍ତି।

### ଅଯୋଧାରେ ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ
### ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ହେଲା ନିମନ୍ତ୍ରଣ

**ପୁରୀ (ବ୍ୟୁରୋ)**

ଅଯୋଧା ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ପାଇଁ ମହାପ୍ରଭୁଙ୍କୁ ନିମନ୍ତ୍ରଣ। ଆସନ୍ତା ଜାନୁଆରୀ ୨୨ ତାରିଖରେ ଅଯୋଧାରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି । ଏଥିପାଇଁ ମଙ୍ଗଳବାର ଦିନ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନିମନ୍ତ୍ରଣ ପତ୍ର ଦିଆଯାଇଛି। ଶ୍ରୀରାମ ଜନ୍ମଭୂମି ଅଭ୍ୟର୍ଥନା କମିଟି ଓ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଏକ ଟିମ୍ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ନିମନ୍ତ୍ରଣ ଦେଇଛନ୍ତି। ଏହି ନିମନ୍ତ୍ରଣ ପତ୍ର ସହିତ ଅରୁଆ ଚାଉଳ, ଗୁଆ, ନାରିକେଳ, ଧୂପ, ଦୀପ ମଧ୍ୟ ଅର୍ପଣ କରାଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ବ୍ରହ୍ମାଣ୍ଡର ମାଲିକ ହୋଇଥିବାରୁ ପ୍ରତିଷ୍ଠା ଉତ୍ସବ କିଭଳି ସଫଳ ହେବ ସେନେଇ ପ୍ରାର୍ଥନା କରାଯାଇଛି। ଆସନ୍ତା ୨୨ ତାରିଖରେ ଅଯୋଧାରେ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି । ଏହି ଦିନ ପ୍ରତ୍ୟେକ ବ୍ୟକ୍ତି ସେହିଦିନ ନିଜ ନିଜ ଘରେ ଦୀପ ଜଳାଇ ଦୀପାବଳି ପାଳନ କରନ୍ତୁ ବୋଲି ଅଭ୍ୟର୍ଥନା କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

### ସେ କହିଲେ...



ହାଇକୋର୍ଟର ନୂଆ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ସମ୍ପୃକ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ସୁପାରିସ ଆବଶ୍ୟକ। ଏଥିସହିତ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କ ସହମତି ଦରକାର। ଏହା ପରେ ଯାଇ କେନ୍ଦ୍ର ସରକାର ନୂଆ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ପଦକ୍ଷେପ ଆରମ୍ଭ କରିଥାନ୍ତି।। ଏବେ ସାରା ଦେଶରେ 'ଇ-କୋର୍ଟ' ବ୍ୟବସ୍ଥା ବେଶ୍ ଭଲରେ କାମ କରୁଛି। ଓଡ଼ିଶା 'ଇ-କୋର୍ଟ' ବ୍ୟବସ୍ଥା କାର୍ଯ୍ୟକାରୀରେ ଆଗରେ ରହିଛି। ଜିଲ୍ଲା ସ୍ତରରେ ଭର୍ଚୁଆଲରେ ସବୁ ସୁବିଧା ମିଳୁଛି ଯାହା ହାଇକୋର୍ଟ ବେଞ୍ଚ ସହ ସମାନ।

**ଅର୍ଜ୍ଜୁନ ରାମ ମେଘୱାଲ**
କେନ୍ଦ୍ର ଆଇନମନ୍ତ୍ରୀ

### ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ମାମଲା

# 'କାହିଁକି ସିବିଆଇ ତଦନ୍ତ ନ ହେବ ?' ରାଜ୍ୟକୁ ଜବାବ ମାଗିଲେ ହାଇକୋର୍ଟ

**କଟକ(ବ୍ୟୁରୋ)**



ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ମାମଲାର ସିବିଆଇ ତଦନ୍ତ ଦାବି ନେଇ ଶୁଣାଣି କଲେ ହାଇକୋର୍ଟ । ମାମଲାର ସିବିଆଇ ତଦନ୍ତ କାହିଁକି ନହେବ । ସେନେଇ ଜଣାଇବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଦେଲେ ହାଇକୋର୍ଟ । ମାର୍ଚ୍ଚ ୫ ତାରିଖ ସୁଦ୍ଧା ଜବାବ ରଖିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମାନ୍ୟବର ହାଇକୋର୍ଟ । ଆବେଦନକାରୀ ପିଟିସନ୍‌ରେ ଉଲ୍ଲେଖ କରିଥିଲେ କି, ୨୦୦୮ ଅଗଷ୍ଟ ୧୫ରେ ଅର୍ଥାତ୍ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ହତ୍ୟାର ଅଳ୍ପ କିଛିଦିନ ପୂର୍ବରୁ ତାଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ସିଆରପିଏଫ୍ ଯବାନଙ୍କୁ ପ୍ରତ୍ୟାହାର କରି ନିଆଯାଇଥିଲା । ସେହି ମାସ ୨୩ ତାରିଖ ସକାଳୁ ତାଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଓଡ଼ିଶା ପୁଲିସ୍‌ର ସମସ୍ତ କର୍ମଚାରୀ ସମୂହ ଛୁଟିରେ ଚାଲିଗଲେ । ସେହିଦିନ ସଂଧ୍ୟାରେ ଲକ୍ଷ୍ମଣାନନ୍ଦଙ୍କୁ ୧୫ଜଣ ଦୁର୍ବୃତ୍ତ ହତ୍ୟା କଲେ । ଏହାର ଠିକ୍ ପରଦିନ ପୁଲିସ୍ ଡିଜି ସାମ୍ବାଦିକ ସମ୍ମିଳନୀରେ ଲକ୍ଷ୍ମଣାନନ୍ଦଙ୍କୁ ମାଓବାଦୀମାନେ ହତ୍ୟା କରିଛନ୍ତି ବୋଲି ସୂଚନା ଦେଲେ । ଆବେଦନକାରୀ ତାଙ୍କ ପିଟିସନ୍‌ରେ ଲକ୍ଷ୍ମଣାନନ୍ଦଙ୍କୁ ଷଡ଼ଯନ୍ତ୍ର କରାଯାଇ ହତ୍ୟା କରାଯାଇଛି ବୋଲି

▶(ପୃଷ୍ଠା-୧୫)

# ସ୍ୱଦେଶ ଦର୍ଶନ ଯୋଜନାରେ ସାମିଲ ହେଲା ଦେବ୍ରୀଗଡ଼ ଓ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମଭୂମି ଖିଣ୍ଡା

**ଭୁବନେଶ୍ୱର (ବ୍ୟୁରୋ)**




କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବରଗଡ଼ ଜିଲ୍ଲାରେ ଅବସ୍ଥିତ ଦେବ୍ରୀଗଡ଼ ଅଭୟାରଣ୍ୟ ସମେତ ଦେଶର ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମମାଟି ସମ୍ବଲପୁର ଜିଲ୍ଲା ଖିଣ୍ଡା ଗ୍ରାମାଞ୍ଚଳର ବିକାଶ ପାଇଁ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି.କିଷାନ ରେଡ୍ଡୀଙ୍କୁ ପତ୍ର ଲେଖିବା ପରେ ଏହି ଦୁଇଟି ସ୍ଥାନକୁ ଭାରତ ସରକାରଙ୍କ ସ୍ୱଦେଶ ଦର୍ଶନ ଯୋଜନା ୨.୦ରେ ସାମିଲ କରାଯାଇଛି । ଓଡ଼ିଶାର ଦେବ୍ରୀଗଡ଼ ସମେତ ଖିଣ୍ଡା ଗ୍ରାମକୁ ବିଶେଷ ଆକର୍ଷଣୀୟ ସ୍ଥାନ ଭାବେ ସ୍ୱଦେଶ ଦର୍ଶନ ୨.୦ରେ ସାମିଲ କରାଯାଇଛି ବୋଲି ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ପତ୍ର ପ୍ରକାଶ ପାଇଛି । ଏଥିପାଇଁ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବିଭାଗୀୟ ମନ୍ତ୍ରୀ ଜି କିଷନ ରେଡ୍ଡୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ଡ଼ିସେମ୍ବର ୧୧ ତାରିଖ ୨୦୨୩ ତାରିଖରେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଏ ସମ୍ପର୍କରେ ପତ୍ର ଲେଖି ଦେବ୍ରୀଗଡ଼ ଓ ଖିଣ୍ଡା ଗ୍ରାମରେ ପର୍ଯ୍ୟଟନ ଭିତ୍ତିଭୂମି ଏବଂ ସୁବିଧାର ବିକାଶ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ମଞ୍ଜୁର କରିବା ପାଇଁ ଅନୁରୋଧ କରିଥିଲେ । ସେ ପତ୍ରରେ ଦର୍ଶାଇଥିଲେ ଯେ, ବରଗଡ଼ ଜିଲ୍ଲାରେ ଅବସ୍ଥିତ ଦେବ୍ରୀଗଡ଼ ଅଭୟାରଣ୍ୟ ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ । ସେହିପରି ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଖିଣ୍ଡା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାରେ ସ୍ୱଦେଶ ଦର୍ଶନ ଯୋଜନାରେ ପର୍ଯ୍ୟଟନ ମନ୍ତ୍ରଣାଳୟ ସମଗ୍ର ଭାରତବର୍ଷରେ ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରର ବିକାଶ ସହ ପର୍ଯ୍ୟଟକଙ୍କ ସଂଖ୍ୟା ବଢାଇବା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରୁଛି । ଉକ୍ତ ଦୁଇଟି ଐତିହାସିକ ସ୍ଥାନ ଅପାର ସମ୍ଭାବନାର ଅଞ୍ଚଳ । ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଗୁଡିକରେ ହୀରାକୁଦ, ହୁମା ମନ୍ଦିର ଭଳି ପର୍ଯ୍ୟଟନସ୍ଥଳୀ ଥିବା ବେଳେ ସମ୍ବଲପୁର ଜିଲ୍ଲା ଦେଶ ଏବଂ ଦେଶ ବାହାର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାର ଯଥାର୍ଥ ସମ୍ଭାବନା ରଖୁଛି । ସେହିପରି ଖିଣ୍ଡା ହେଉଛି ଭାରତର ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମସ୍ଥାନ । ୧୮୫୭ ମସିହା ବ୍ରିଟିଶ ବିରୋଧୀ ଲଢେଇରେ ସୁରେନ୍ଦ୍ର ସାଏ ନେତୃତ୍ୱ ନେଇଥିଲେ ଏବଂ ୪୦ ବର୍ଷ ଧରି ଅଧିକ ସମୟ ଜେଲରେ ବନ୍ଦୀ ହୋଇ ରହିଥିଲେ । ତାଙ୍କ ସ୍ମୃତିରେ ପ୍ରଧାନମନ୍ତ୍ରୀ ଝାରସୁଗୁଡା ବିମାନବନ୍ଦରକୁ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ନାମିତ କରି ଏହି ମହାନ ସଂଗ୍ରାମୀଙ୍କୁ ସମ୍ମାନ ଦେଇଛନ୍ତି । ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମସ୍ଥାନ ସେ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଏହି ଗ୍ରାମର ବିକାଶ ହେଲେ ତାଙ୍କ ଜନ୍ମସ୍ଥାନକୁ ଆସି ଲୋକମାନେ ଏହି ବୀର ସଂଗ୍ରାମୀଙ୍କ ଜୀବନୀ ଓ ସଂଘର୍ଷର କାହାଣୀ ଜାଣିପାରିବେ । ଗତବର୍ଷ ଅକ୍ଟୋବର ୨୩ ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଖିଣ୍ଡା ଗସ୍ତରେ ଥିବାବେଳେ ଏହି ଗ୍ରାମର ସୌନ୍ଦର୍ଯ୍ୟକରଣ ସହ ଏହାକୁ ଏକ ଦର୍ଶନୀୟ କେନ୍ଦ୍ରରେ ପରିଣତ କରିବା ପାଇଁ ଉଦ୍ୟମ କରିବେ ବୋଲି କହିଥିଲେ ।

# ସୀତାଙ୍କ ଜନ୍ମ ଓ ରାମାୟଣ



ମହର୍ଷି ବିଶ୍ୱାମିତ୍ରଙ୍କ ସହିତ ଶ୍ରୀରାମ ଏବଂ ଲକ୍ଷ୍ମଣ ମିଥିଳା ଯାଇଥିଲେ। ସେଠାରେ ସ୍ୱୟମ୍ବରରେ ଭାଗ ନେଇଥିଲେ। ଦେବୀ ସୀତାଙ୍କ ସହିତ ଶ୍ରୀରାମଙ୍କ ବିବାହ ହୋଇଥିଲା। ପରେ ଦେବୀ ସୀତାଙ୍କ ଅନ୍ୟ ୩ ଭଉଣୀଙ୍କ ସହ ଶ୍ରୀରାମଙ୍କ ତିନି କନିଷ୍ଠ ଭ୍ରାତା ବିବାହ କରିଥିଲେ । ମିଥିଳାର ରାଜା ଜନକ ହଳ କରୁଥିବା ସମୟରେ ତାଙ୍କ ଲଙ୍ଗଳ ଭୂମିରେ ଅଟକିଗଲା। ମାଟି ଖୋଳି ଦେଖିବାରୁ ଭୂଗର୍ଭରୁ ଜନକ ଏକ କନ୍ୟାକୁ ପାଇଲେ। ଲଙ୍ଗଳର ମୁନିଆ ଭାଗକୁ 'ସୀତ' କୁହାଯାଉଥିବାରୁ କନ୍ୟାର ନାମ 'ସୀତା' ରଖାଗଲା। ଦେବୀ ସୀତାଙ୍କ ଜନ୍ମ ଭଗବାନ ଶ୍ରୀରାମଙ୍କ ମନୁଷ୍ୟ ଜନ୍ମକୁ ସାର୍ଥକ କରିବା ପାଇଁ ହୋଇଥିଲା। ଦୁହେଁ ଭଗବାନ ବିଷ୍ଣୁ ତଥା ମାତା ଲକ୍ଷ୍ମୀଙ୍କ ଅବତାର ଥିଲେ ବୋଲି ଗ୍ରହଣ କରାଯାଏ ।

ବାଲ୍ମିକୀ ରାମାୟଣରେ ଥିବା ବର୍ଣ୍ଣନା ଅନୁଯାୟୀ, ଥରେ ଲଙ୍କାପତି ରାବଣ ଆକାଶମାର୍ଗରେ ଯାଉଥିବା ସମୟରେ ତପସ୍ୟାରତ ଜଣେ ସୁନ୍ଦରୀ ନାରୀଙ୍କୁ ଦେଖିଲା। ସେହି ନାରୀ ଥିଲେ ବେଦବତୀ। ସେ ଭଗବାନ ବିଷ୍ଣୁଙ୍କୁ ପତି ରୂପେ ପାଇବା ଲାଗି ତପସ୍ୟା କରୁଥିଲେ । ରାବଣ ତାଙ୍କର ସତୀତ୍ୱ ହରଣ କରିବା ଚାହିଁଲା। ବେଦବତୀ ରାବଣକୁ ଅଭିଶାପ ଦେଇ ଶରୀର ତ୍ୟାଗ କଲେ। ବେଦବତୀ ହିଁ ଦେବୀ ସୀତାଙ୍କ ରୂପରେ ଜନ୍ମ ନେଇ ରାବଣ ମୃତ୍ୟୁର କାରଣ ସାଜିଥିଲେ ବୋଲି ରାମାୟଣରେ ଉଲ୍ଲେଖ ରହିଛି । ବନବାସ ଯିବା ସମୟରେ ଦେବୀ ସୀତା ପ୍ରଭୁ ଶ୍ରୀରାମଙ୍କ ପଛେ ପଛେ ଚାଲୁଥିଲେ । ତେବେ ଶ୍ରୀରାମ ଯେଉଁ ସ୍ଥାନରେ ପାଦ ପକାଉଥିଲେ, ଦେବୀ ସୀତା ସେହି ସ୍ଥାନରେ ପାଦ ପକାଉନଥିଲେ। ଶ୍ରୀରାମଙ୍କ ପ୍ରତି ଭକ୍ତି କାରଣରୁ ଶ୍ରୀରାମ ଏପରି ଚାଲୁଥିଲେ । ରାବଣ ଦେବୀ ସୀତାଙ୍କୁ ଅପହରଣ କରିନେଇ ଅଶୋକ ବାଟିକାରେ ରଖିବା ଦିନ ବ୍ରହ୍ମାଙ୍କ ଆଜ୍ଞାକ୍ରମେ ଦେବରାଜ ଇନ୍ଦ୍ର କ୍ଷିରୀ ନେଇ ତାଙ୍କ ପାଖକୁ ଆସିଲେ। ସେହି କ୍ଷିରୀ ପିଇବା ପରେ ସୀତାଙ୍କ ଭୋକଶୋଷ ଦୂରେଇ ଯାଇଥିଲା। ଫଳରେ ସେ ଲଙ୍କାରେ ଥିବା ପର୍ଯ୍ୟନ୍ତ ଅନ୍ନ-ଜଳ ଗ୍ରହଣ କରିନଥିଲେ। ଦେବୀ ସୀତାଙ୍କୁ ଶ୍ରୀରାମ ପରିତ୍ୟାଗ କରିଦେଇଥିଲେ। ଶ୍ରୀରାମଙ୍କୁ ଛାଡ଼ିଯିବା ପରେ ଦେବୀ ସୀତା ଦୁଇ ଯମଜ ପୁତ୍ର ଲବ-କୁଶଙ୍କୁ ଜନ୍ମ ଦେଇଥିଲେ । ଶେଷରେ ଭୂଗର୍ଭରେ ପ୍ରବେଶ କରି ଦେବୀ ସୀତା ମର୍ତ୍ତ୍ୟମଣ୍ଡଳ ତ୍ୟାଗ କରିଦେଇଥିଲେ ।

# ସାଧନ



**ଯିଏ ସଂକଳ୍ପ କରି ସବୁକିଛି ଛାଡ଼ିଦେଇଛି, ସିଏ ହିଁ ପ୍ରସନ୍ନ ରହିଥାଏ । ଭିକାରି କେବେ ହେଲେ ପ୍ରସନ୍ନ ନଥାଏ । କାରଣ ସିଏ ସବୁକିଛି ତ୍ୟାଗ କରିନଥାଏ । ସେ ତ' ଅଭାବରେ ଜୀବନ ବିତାଇଥାଏ ।**

ଭଗବାନ ବୁଦ୍ଧଙ୍କ ନିକଟକୁ ଥରେ ସମ୍ରାଟ୍ ଶୌଣିକ ଆସିଲେ । ସେ ପଚାରିଲେ, ମହାତ୍ମା ! ରାଜକୁମାରଙ୍କୁ ମୁଁ ସବୁ ସୁବିଧା ଦେଇଛି । ହେଲେ ସେ ଖୁସିରେ ରହିପାରୁନାହାନ୍ତି । କିନ୍ତୁ ଅତି ସାଧାରଣ ଜୀବନ ବଞ୍ଚୁଥିବା ଆପଣଙ୍କ ଭିକ୍ଷୁମାନେ ସବୁବେଳେ କିଭଳି ପ୍ରସନ୍ନ ରହୁଛନ୍ତି ଏହାର କାରଣ କ'ଣ ଭଗବାନ ବୁଦ୍ଧ ଉତ୍ତର ଦେଲେ, ରାଜନ୍ ! ପ୍ରସନ୍ନତା ଖୋଜିବାକୁ ଚାହୁଁଛ ତ' ଅକିଞ୍ଚନ (ଯାହାପାଖରେ କିଛି ନଥାଏ)ରେ ଖୋଜ । ଯିଏ ସଂକଳ୍ପ କରି ସବୁକିଛି ଛାଡ଼ିଦେଇଛି, ସିଏ ହିଁ ପ୍ରସନ୍ନ ରହିଥାଏ । ଭିକାରି କେବେ ହେଲେ ପ୍ରସନ୍ନ ନଥାଏ । କାରଣ ସିଏ ସବୁକିଛି ତ୍ୟାଗ କରିନଥାଏ । ସେ ତ' ଅଭାବରେ ଜୀବନ ବିତାଇଥାଏ । ଅଭାବରେ ବଞ୍ଚୁଥିବା ମନୁଷ୍ୟ କେବେହେଲେ ପ୍ରସନ୍ନ ହୋଇପାରିନଥାଏ । ପ୍ରତିଟି କ୍ଷଣରେ ଚିନ୍ତା ଘେରି ରହିଥାଏ । ଯିଏ ଜାଣିଶୁଣି ସବୁକିଛି ତ୍ୟାଗ କରିଛି, ସେ ପ୍ରସନ୍ନ ରହିପାରିଥାଏ । ତ୍ୟାଗ କରିବା ଏବଂ ପ୍ରାପ୍ତ ନହେବା ଦୁଇଟି ଭିନ୍ନ ଜିନିଷ । ଯାହାକୁ ପଦାର୍ଥ ମିଳିନଥାଏ, ସେ ତ୍ୟାଗୀ ହୋଇପାରିନଥାଏ । ତ୍ୟାଗୀ ମନୁଷ୍ୟ ସେହି, ଯିଏ ସବୁକିଛି ପାଇ ମଧ୍ୟ ତ୍ୟାଗ କରି ଚାଲିଯାଇଥାଏ । ତ୍ୟାଗୀ ବ୍ୟକ୍ତି ସବୁବେଳେ ପ୍ରସନ୍ନ ରହିଥାଏ । ସାଧନ, ସୁବିଧା ଥିବା ସମ୍ପନ୍ନ ବ୍ୟକ୍ତି କେବେହେଲେ ପ୍ରସନ୍ନ ରହିପାରିନଥାଏ । ସେ ସର୍ବଦା ନିଜ ଧନର ସୁରକ୍ଷା ନିମିତ୍ତ ଚିନ୍ତାଗ୍ରସ୍ତ ରହିଥାଏ । ଭୟଭୀତ ରହିଥାଏ । ସ୍ୱେଚ୍ଛାରେ ତ୍ୟାଗ କରିଥିବା ବ୍ୟକ୍ତି ନିର୍ଭୟ ହୋଇଥାଏ ।



# ନିୟମିତ ଚାଲନ୍ତୁ

**ଦେଶର କିଛି ପ୍ରମୁଖ ରାସ୍ତାରେ ଚାଲିବା ଲାଗି ଲୋକଙ୍କ ମନୋବଳ ବୃଦ୍ଧି କରିବାକୁ ଚିତ୍ରକଳା ମଧ୍ୟ ବନାଯାଇଛି । ଏ ସଂପର୍କରେ ବର୍ମିଂହାମ୍‌ର କିଙ୍ଗ ହିଥ୍ ଅଞ୍ଚଳର ପ୍ରତିନିଧିତ୍ୱ କରୁଥିବା କାଉନ୍‌ସିଲର ଲିଜା ଟ୍ରିକେଟ୍ କହିଛନ୍ତି, ବର୍ମିଂହାମ୍‌ର ମୁଖ୍ୟ ସଡ଼କ ଚାଲିବା ଯୋଗ୍ୟ ନୁହେଁ । ତାହା ଧୂଆଁ ଓ ଶବ୍ଦ ପ୍ରଦୂଷଣ କରୁଥିବା କାର ଓ ଟ୍ରକ୍‌ଗୁଡ଼ିକ ଦ୍ୱାରା ଭରପୁର ।**

ଲଣ୍ଡନରେ ହୋଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ଦେଶର ୩୧% ଲୋକ ଚାଲିବାକୁ ପସନ୍ଦ କରୁଛନ୍ତି । ସେମାନଙ୍କର ଯାତ୍ରାର ଦୂରତା ଏକ ମାଇଲ୍ ବା ତା'ଠାରୁ ଅଧିକ ରହୁଛି । ଉଚ୍ଚବର୍ଗର ଲୋକମାନେ ଯେଉଁମାନେ ଖୁବ୍ କମ୍ ଚାଲୁଥିଲେ ସେମାନେ ଏବେ ଏହି ଅଭ୍ୟାସକୁ ଗ୍ରହଣ କରିଛନ୍ତି । କିଛି ଅଞ୍ଚଳରେ ସାଇକେଲ ଚଳାଇବା ବଦଳରେ ପାଦରେ ଚାଲି ଯିବାକୁ ପ୍ରୋତ୍ସାହିତ କରାଯାଉଛି । ୨୦୨୦ ମେ ମାସରେ ସରକାର ଚାଲି ଚାଲି ଯାଉଥିବା ଲୋକଙ୍କ ଲାଗି ଏକ ବିଶେଷ ପ୍ୟାକେଜ୍ ଘୋଷଣା କରିଥିଲେ । ସେମାନଙ୍କ ଲାଗି ବ୍ୟବସ୍ଥିତ ଲେନ୍ ବନାଇବାକୁ ଆଶ୍ୱାସନା ଦେଇଥିଲେ । ୨୦୫୦ ମଧ୍ୟରେ ବ୍ରିଟେନ୍‌ରେ ଅଙ୍ଗାର ନିର୍ଗମନକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିବା ବ୍ରିଟେନ୍‌ରେ ୩୧% ଲୋକ ଚାଲିବାକୁ କରୁଛନ୍ତି ପସନ୍ଦ, ଏହାକୁ କରାଯାଉଛି ପ୍ରୋତ୍ସାହିତ ରାସ୍ତାରେ ଭିଡ଼ କମ୍ କରିବା ଏବଂ ପରିବେଶ ସଂରକ୍ଷଣ ପ୍ରତି ଲୋକଙ୍କ ମନରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏବେ ବ୍ରିଟେନ୍‌ରେ ଚାଲିବାର ଟ୍ରେଣ୍ଡ ବୃଦ୍ଧି ପାଉଛି । ସରକାର ମଧ୍ୟ ଏହାକୁ ପ୍ରୋତ୍ସାହିତ କରୁଛନ୍ତି । ଦେଶର କିଛି ପ୍ରମୁଖ ରାସ୍ତାରେ ଚାଲିବା ଲାଗି ଲୋକଙ୍କ ମନୋବଳ ବୃଦ୍ଧି କରିବାକୁ ଚିତ୍ରକଳା ମଧ୍ୟ ବନାଯାଇଛି । ଏ ସଂପର୍କରେ ବର୍ମିଂହାମ୍‌ର କିଙ୍ଗ ହିଥ୍ ଅଞ୍ଚଳର ପ୍ରତିନିଧିତ୍ୱ କରୁଥିବା କାଉନ୍‌ସିଲର ଲିଜା ଟ୍ରିକେଟ୍ କହିଛନ୍ତି, ବର୍ମିଂହାମ୍‌ର ମୁଖ୍ୟ ସଡ଼କ ଚାଲିବା ଯୋଗ୍ୟ ନୁହେଁ । ତାହା ଧୂଆଁ ଓ ଶବ୍ଦ ପ୍ରଦୂଷଣ କରୁଥିବା କାର ଓ ଟ୍ରକ୍‌ଗୁଡ଼ିକ ଦ୍ୱାରା ଭରପୁର । ଫୁଟ୍‌ପାଥରେ ଯାତ୍ରୀ ବିଶ୍ରାମାଗାର ରହିଥିବାବେଳେ ସ୍ଥାନେ ସ୍ଥାନେ ଡିଜିଟାଲ ବିଜ୍ଞାପନ ବୋର୍ଡ ଲଗାଯାଇଥିବା ଯୋଗୁ ଚାଲିବା ଅସମ୍ଭବ ହୋଇପଡ଼ିଛି । ଏହା ସତ୍ତ୍ୱେ କିଙ୍ଗସ ହିଥ ଓ ପୂରା ବ୍ରିଟେନ୍‌ରେ ସରକାର ଚାଲିବା ଲାଗି ଲୋକମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି । ଏହା କରୋନା ମହାମାରୀ ଦ୍ୱାରା ଆସିଥିବା ବଡ଼ ପରିବର୍ତ୍ତନ ମଧ୍ୟରୁ ଅନ୍ୟତମ ।

# ବିରଳ ମହାପୁରୁଷ ନାମାଚାର୍ଯ୍ୟ ବାୟାବାବା



ଦେବନିର୍ମିତ ସାରସ୍ୱତ ଭାରତ ବର୍ଷରେ ଦିବ୍ୟଚେତା ମହାମନୀଷିଙ୍କ ପ୍ରାକୃତ ଜଗତରେ ଆବିର୍ଭାବ ରହସ୍ୟ ଅତ୍ୟନ୍ତ ଦୁର୍ବୋଧ ଓ ବିସ୍ମୟକର । ଜଡ ପ୍ରକୃତି ସଂସର୍ଗରେ ହତ ଚେତନା ପ୍ରାଣୀକୁଳ ଜଡ ସର୍ବସ୍ୱ ହୋଇ ଦୁଃସହ ଦୁଃଖକୁ ସୁଖ ଜ୍ଞାନ କରି ତହିଁରେ ଅଭିନିବିଷ୍ଟ ହୋଇଯାଇଥିବା ବେଳେ ଅସୀମ ଦୟାରୁ ଏହି ମହାତ୍ମାଗଣ ସେମାନଙ୍କ ଠାରୁ ଜଡ ସମ୍ଭୋଗ ବୃତ୍ତି ଓ ମୋହ ନିଷ୍କୃତ କରାଇବା ପାଇଁ ଦୁଃଖମୟ ସଂସାରରେ ଆବିର୍ଭୂତ ହେଇ ସେମାନଙ୍କର ସ୍ୱୟଂ ଦୁଃଖ ରାଶିକୁ ଆତ୍ମୀକୃତ କରିନିଅନ୍ତି । ପ୍ରାଣୀ ସକଳର ଭୌତିକ ଦୁଃଖ ହରଣ ପାଇଁ ସ୍ୱୟଂ ଅସୀମ କଷଣ ପୀଡିତ ହେବା ସେମାନଙ୍କର ସହଜାମତ ଦିବ୍ୟପ୍ରବୃତ୍ତି । ଏହି କ୍ରମରେ ପବିତ୍ର ପୁଣ୍ୟ ଉତ୍କଳ ପ୍ରଦେଶର ତତ୍କାଳୀନ କନିକା ରାଜ୍ୟର କେରଡାଗଡରେ ୧୩୦୬ ସାଲର ପୌଷ ମାସ କୃଷ୍ଣପକ୍ଷ ଷଷ୍ଠୀତିଥି (ଇଂରାଜୀ ୧୮୯୮ ମସିହା ଜାନୁଆରୀ ମାସ ୩ ତାରିଖ ରେ) ଧରାବତରଣ ହୋଇଥିଲା ଆଧ୍ୟାତ୍ମିକ ଜଗତର ଅନ୍ୟତମ ଜାଜ୍ୱଲ୍ୟମାନ ତାରକା ନାମାଚାର୍ଯ୍ୟ ଶ୍ରୀ ଶ୍ରୀ ବାୟାବାବାଙ୍କର । ପୁଣ୍ୟଉତ୍କଳର ଆଧ୍ୟାତ୍ମିକ ଜଗତରେ ନାମାଚାର୍ଯ୍ୟ ଶ୍ରୀ ଶ୍ରୀ ବାୟାବାବା ଏକ ଅନନ୍ୟ ଦିପ୍ତିମନ୍ତ ମହାପୁରୁଷ । ଏକ ସରଳ ତଥା ଅଭିନବ ଉପାୟରେ କେବଳ ମାତ୍ରକ 'ଶ୍ରୀ ହରିନାମ କୀର୍ତ୍ତନ' ମାଧ୍ୟମରେ କଳିକଳୁସ ସଂସାରରୁ ତାରଣ ତଥା ଜୀବନରେ ବିଭୁସତ୍ତାର ଉପଲବ୍ଧିକୁ ପ୍ରାପ୍ତ ପାଇଁ ମାନବକୁ ଦିଗ୍ଦର୍ଶନ ଦେଇଥିଲେ । ସେ ଥିଲେ ସାକ୍ଷାତ ଦିବ୍ୟାତ୍ମା ମନୀଷି । ଅତ୍ୟନ୍ତ ବାଳକାଳରୁ ଏ ବାବାଙ୍କ ଦିବ୍ୟ ଦୃଷ୍ଟିରେ ଘୋର କଳିକାଳରେ ହୁଏତ ଜ୍ଞାନଯୋଗ ଓ କର୍ମଯୋଗର କଠୋର ମାର୍ଗ ଆଚରଣ କରିବା ଅତ୍ୟନ୍ତ ଦୁଃସହ ହେଉଥିବା ଦୃଷ୍ଟେ ଭକ୍ତିଯୋଗ ହିଁ ଏକ ମାତ୍ର ସରଳ, ସର୍ବଜନ ଆଦୃତ ଓ ସର୍ବବ୍ୟାପୀ ବୋଲି ପ୍ରତ୍ୟୟ ହୋଇଥିଲା । ଭକ୍ତିଯୋଗରେ ସାଧାରଣ ଅଜ୍ଞାନ ମନୁଷ୍ୟକୁ ଗଭୀର ବିଶ୍ୱାସ ସହିତ ଉପଦେଶ ଦେଇଥିଲେ ଯେ ସ୍ମରଣ, ଭଜନ, କୀର୍ତ୍ତନ ଦ୍ୱାରା ପରମେଶ୍ୱର କେବଳ ପ୍ରସନ୍ନ ହୁଅନ୍ତି ନାହିଁ, ମାତ୍ର ଦୃଢ ନିଷ୍ଠା ସହିତ ଅବିରତ ଈଶ୍ୱର ସ୍ମରଣ ଅଭ୍ୟାସ କଲେ ଦୁର୍ଦ୍ଦମନୀୟ ଚଳଚଞ୍ଚଳ ମନ ନିଗୃହିତ ଓ ସ୍ଥିର ହୋଇ ପାରିବା ।

# ଦାନ୍ତ ଘଷିବା ପରେ ତୁରନ୍ତ ଖାଆନ୍ତୁ ନାହିଁ

ଦାନ୍ତକୁ ସଫା କରିବା ପାଇଁ ବ୍ରଶ୍‌ର ବ୍ୟବହାର କରାଯାଏ। ଅନେକ ସମୟରେ ଏପରି ଦେଖାଯାଏ, ବ୍ରଶ୍ କରିବାର ତୁରନ୍ତ ପରେ ଲୋକେ କିଛି ନା କିଛି ଖାଇ ଥାଆନ୍ତି। ମାତ୍ର ହୁଏତ ସଭିଏଁ ଜାଣିନଥିବେ ବ୍ରଶ୍ କରିବା ପରେ ତୁରନ୍ତ ଖାଇବା ଉଚିତ ନୁହେଁ। ଏପରି କରିବା ଦ୍ୱାରା ଦାନ୍ତ ମାଢି ଉପରେ କୁପ୍ରଭାବ ପଡିବା ସହ ଦାନ୍ତ ସହ ଜଡିତ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ। ଦାନ୍ତର ଉପରିଭାଗ ଖୁବ ଶକ୍ତ। ଏହାସହ ମାଢି ସୁସ୍ଥ ରହିବା ଦ୍ୱାରା ଦାନ୍ତ ଶକ୍ତ ରହିଥାଏ। ମାତ୍ର ଏହି ସ୍ଥାନ ବିଭିନ୍ନ ପ୍ରକାର ଏସିଡ୍ ଦ୍ୱାରା ପ୍ରଭାବିତ ହୋଇଥାଏ। ବ୍ରଶ୍ କରିବା ସମୟରେ ମାଢି ଓ ଦାନ୍ତରେ ଭୋଜନର ଅଂଶ ଓ ବ୍ୟାକ୍ଟେରିଆ ଦୂର ହୋଇଯାଇଥାଏ। ଏହି ପ୍ରକ୍ରିୟା ଦ୍ୱାରା ଦାନ୍ତର ଉପର ଅଂଶ ଓ ମାଢି ପରିଷ୍କାର ହୋଇଥାଏ। ଏହାର ପ୍ରଭାବ ମଧ୍ୟ ରହିଥାଏ। ଫଳରେ ବ୍ରଶ୍ କରିବା ପରେ ତୁରନ୍ତ ଖାଦ୍ୟ ଖାଇଲେ ଦାନ୍ତର ଉପର ଅଂଶ ଓ ମାଢିରେ କୁପ୍ରଭାବ ପକାଏ। ଦାନ୍ତ ଦୁର୍ବଳ ହେବା ସହ ଅନେକ ରୋଗ ସୃଷ୍ଟି ହୋଇଥାଏ। ଦାନ୍ତର ଚମକ ହ୍ରାସ ପାଇ ହଳଦିଆ ଦେଖାଯାଏ। ମାଢିରେ ଯନ୍ତ୍ରଣା ହୋଇଥାଏ। ମିଠା,ଥଣ୍ଡା ଜାତୀୟ ଜିନିଷ ଖାଇବା ସମୟରେ ଏହି ଯନ୍ତ୍ରଣା ଅଧିକ ହୋଇଥାଏ। ସାଧାରଣତଃ ମାର୍କେଟରେ ଉପଲବ୍ଧ ଦାନ୍ତ ଘଷା (ଟୁଥପେଷ୍ଟ)ରେ ପିଏଚ୍ ପ୍ରାୟ ୭.୫ରୁ ୯ ଯାଏଁ ଥାଏ। ଦାନ୍ତ ଘଷିବା ପରେ ଏହାର ପ୍ରଭାବରେ ପାଟିର ପିଏଚ୍ ପ୍ରାୟ ୬ ରୁ ୭.୫ ପର୍ଯ୍ୟନ୍ତ ହୋଇଥାଏ। ବ୍ରଶ୍ କରିବା ପରେ ଦାନ୍ତରେ ଥିବା ଏସିଡ୍ ଦୂର ହୋଇଥାଏ। ଫଳରେ ତୁରନ୍ତ ଖାଦ୍ୟ ଖାଇବା ଦ୍ୱାରା ମାଢି ଓ ଦାନ୍ତ ପାଇଁ ହାନିକାରକ ହୋଇଥାଏ। ବିଶେଷଜ୍ଞଙ୍କ ମତରେ ବ୍ରଶ୍ କରିବାର ତୁରନ୍ତ ପରେ ୨୦ ମିନିଟ୍ ଯାଏଁ କୌଣସି ଖାଦ୍ୟ ଖାଆନ୍ତୁ ନାହିଁ। ଦାନ୍ତ ଘଷିବା ପରେ ପାଣି ପିଇପାରିବେ। ବ୍ରଶ୍ କରିବାର ତୁରନ୍ତ ପରେ ରାଗୁଆ ଖାଦ୍ୟ, ଲୁଣିଆ ଖାଦ୍ୟ, ମସଲା ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା କ୍ଷତିକାରକ ହୋଇଥାଏ। ଫଳରେ ମାଢିରେ ଯନ୍ତ୍ରଣା ଓ ଜଳାପୋଡା ହୋଇଥାଏ। ଏହାସହ ଚା' କିମ୍ବା ମୃଦୁ ପାନୀୟ ମଧ୍ୟ ତୁରନ୍ତ ପିଅନ୍ତୁ ନାହିଁ।

# ଶୁଭ ଗଣେଶ



ପୂର୍ବ ଦିଗରେ ଗଣେଶଙ୍କ ପ୍ରତିମା ସ୍ଥାପନ କଲେ ପ୍ରଦାନ କରିଥାଏ ଅତ୍ୟନ୍ତ ଶୁଭ ଫଳ ବାସ୍ତୁ ଦେବତାଙ୍କ ଶାନ୍ତି ନିମନ୍ତେ ଗଣେଶଙ୍କ ପୂଜାର୍ଚ୍ଚନା କରିବା ନିତାନ୍ତ ଆବଶ୍ୟକ ଅଟେ। ନିୟମିତ ଗଣେଶଙ୍କୁ ପୂଜାର୍ଚ୍ଚନା କଲେ ବହୁ ପରିମାଣରେ ବାସ୍ତୁ ଦୋଷ ଦୂର ହୋଇଯାଏ। ଘରର କାନ୍ଥରେ ସ୍ୱସ୍ତିକ ଚିହ୍ନ କଲେ ବାସ୍ତୁ ଦୋଷ ଦୂର ହୋଇଥାଏ। ପ୍ରଭୁ ଗଣେଶଙ୍କ ଫଟୋ କିମ୍ବା ମୂର୍ତ୍ତିର ମୁଖ ଦକ୍ଷିଣକୁ ହେବା ଉଚିତ ନୁହେଁ। ଗୃହରେ ସର୍ବଦା ବସିଥିବା ଗଣେଶଙ୍କ ପ୍ରତିମା ଏବଂ କାର୍ଯ୍ୟ ସ୍ଥଳରେ ଠିଆ ହୋଇଥିବା ଗଣେଶଙ୍କ ପ୍ରତିମା ରଖିବା ଆବଶ୍ୟକ ଅଟେ। ପୂର୍ବ ଦିଗରେ ଗଣେଶଙ୍କ ପ୍ରତିମା ସ୍ଥାପନ କଲେ ଏହା ଅତ୍ୟନ୍ତ ଶୁଭ ଫଳ ପ୍ରଦାନ କରିଥାଏ। ଧଳା ରଙ୍ଗ ଗଣେଶଙ୍କ ପ୍ରତିମା ଘରେ ଲଗାଇଲେ ଗୃହରେ ସର୍ବଦା ସୁଖଶାନ୍ତିର ବାତାବରଣ ରହିଥାଏ। ପିଲାଙ୍କ ପାଠ ପଢା ନିମନ୍ତେ ସିନ୍ଦୂର ରଙ୍ଗର ଗଣେଶଙ୍କ ପ୍ରତିମା ରଖିବା ଅତ୍ୟନ୍ତ ଶୁଭ ହୋଇଥାଏ। ପ୍ରତି ବୁଧବାରରେ ଗଣେଶଙ୍କୁ ଲଡୁ ପ୍ରସାଦ ଭାବେ ଭୋଗ ଲଗାଇଲେ ପରିବାର ସଦସ୍ୟ ମଧ୍ୟରେ ସଂପର୍କ ସୁଦୃଢ ରହିଥାଏ। ନିୟମିତ ପ୍ରଭୁ ଗଣେଶଙ୍କୁ ଦୁବ ଏବଂ ଅରୁଆ ଚାଉଳ ଅର୍ପଣ କଲେ ବହୁ ଶୁଭ ଫଳ ମିଳିଥାଏ।

## ଭଗବାନ ଗଣେଶଙ୍କ ପୂଜା

*ହିନ୍ଦୁ ଧର୍ମରେ ଭଗବାନ ଗଣେଶଙ୍କୁ ପ୍ରଥମ ପୂଜ୍ୟ ଦେବତା ଭାବେ ବିବେଚନା କରାଯାଏ। କୌଣସି କାର୍ଯ୍ୟର ଆରମ୍ଭରୁ ପ୍ରଥମେ ଭଗବାନ ଗଣେଶଙ୍କୁ ପୂଜା ବିଧି ନିୟମ ଅଛି। ନୂଆ ବର୍ଷରେ ଗଣେଶଙ୍କୁ ପୂଜା କରନ୍ତୁ। ଗଣେଶଙ୍କୁ ମୋଦକ ଏବଂ ଦୁବ ଅର୍ପଣ କରନ୍ତୁ। ଗଣେଶ ମନ୍ତ୍ର ଜପ କରନ୍ତୁ। ଏହା କରିବା ଦ୍ୱାରା ବର୍ଷଭରି ଆପଣ ବାଧା ବିଘ୍ନଠାରୁ ଦୂରେଇ ରହିବେ ଓ ଶୁଭଫଳ ମଧ୍ୟ ପ୍ରାପ୍ତିହୋଇଥାଏ।*



ମଧୁମେହ ରୋଗୀ ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। ତେବେ ଏହା ମଧ୍ୟରେ ଅନେକଙ୍କ ମନରେ ପ୍ରଶ୍ନ ଆସିଥାଏ, ମଧୁମେହ ରୋଗୀ କିସ୍‌ମିସ୍ ସେବନ କରି ପାରିବେ କି ନାହିଁ। କାରଣ ଏହାର ସ୍ୱାଦ ମଧ୍ୟ ମିଠା। ଅଧିକାଂଶ ଅଧ୍ୟୟନରୁ ଜଣାପଡିଛି, ସୀମିତ ମାତ୍ରାରେ ମଧୁମେହ ରୋଗୀ କିସ୍‌ମିସ୍ ଖାଇପାରିବେ। ଅଧକପରୁ କମ୍ କିସ୍‌ମିସ୍‌ରେ ଫାଇବର, ୨୫ ମିଲିଗ୍ରାମ କ୍ୟାଲସିୟମ ଓ ୨୯୮ ମିଲିଗ୍ରାମ ପୋଟାସିୟମ ରହିଥାଏ। ଫାଇବର ମଧୁମେହ ରୋଗୀଙ୍କ ଉପକାରୀ। ଏହା ପାଚନ ତନ୍ତ୍ରକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। କ୍ୟାଲସିୟମ ହାଡ ଓ ଦାନ୍ତକୁ ମଜଭୂତ କରିଥାଏ। ପୋଟାସିୟମ ମାଂସପେଶୀକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ମାତ୍ର କିସ୍‌ମିସ୍ ସେବନ କରିବା ପୂର୍ବରୁ ମଧୁମେହ ରୋଗୀ ଡାକ୍ତରଙ୍କ ପରାମର୍ଶ ନିଶ୍ଚୟ ନିଅନ୍ତୁ।

## ମିଳୁନି କାମଧନ୍ଦା

# ବାହାର ରାଜ୍ୟକୁ ଖଟିବାକୁ ଯାଉଛନ୍ତି ଦାଦନ

**କଳାହାଣ୍ଡି (ଅମୃତ ମିଡିଆ):** ରାଜ୍ୟରେ କଳାହାଣ୍ଡି ଜିଲ୍ଲା ଦାଦନ ସମସ୍ୟା ପାଇଁ ସ୍ୱତନ୍ତ୍ର ପରିଚୟ ପାଇଥିବାବେଳେ ବିଗତ ୪ ଦଶନ୍ଧି ମଧ୍ୟରେ ଏହି ଅଞ୍ଚଳର ବିକାଶ ପାଇଁ ଶତାଧିକ ଯୋଜନା କାର୍ଯ୍ୟକାରୀ ହୋଇ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ଆସୁଛି । ସେ ସବୁର ବାସ୍ତବ ରୂପାୟନ ଆଜି ପର୍ଯ୍ୟନ୍ତ ହୋଇ ପାରିନାହିଁ। ଫଳସ୍ୱରୂପ ସାମାଜିକ, ଅର୍ଥନୈତିକ ଦୃଷ୍ଟି କୋଣରୁ ଏହି ଠିକାଦାର ମାଲେମାଲ। ଜିଲ୍ଲାର ବିଭିନ୍ନ ବ୍ଲକରେ ଦାଦନ ସମସ୍ୟା ଦେଖାଦେଇଥିବା ବେଳେ ଏହି ବ୍ଲକମାନଙ୍କରେ କୋଣ ଅନୁକୋଣରୁ ହଜାର ହଜାର ଶ୍ରମିକମାନେ କେରଳ, ଆନ୍ଧ୍ରପ୍ରଦେଶ, ବାଙ୍ଗାଲୋର, ତାମିଲନାଡୁ, ସୁରତ, ତେଲେଙ୍ଗନା ଓ ଛତିଶଗଡ ଭଳି ରାଜ୍ୟର ଅନେକ ସ୍ଥାନରେ ଇଟାଭାଟିମାନଙ୍କରେ କାମ କରିବାକୁ ଯାଉଥିବା ଦେଖିବାକୁ ମିଳିଛି। ଦାଦନ ସମସ୍ୟା ହେବାର ମୁଖ୍ୟକାରଣ ହେଲା

## ଦାଦନ ଚାଲାଣ ରୋକିବାରେ ଫେଲ୍ ମାରୁଛି ପ୍ରଶାସନ

ଜିଲ୍ଲା ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ଅପେକ୍ଷା ବେଶ ଢେର ପଛରେ ରହିଯାଇଛି। ସମସ୍ୟାର ସମାଧାନ ହୋଇ ପାରୁନାହିଁ। ଲୋକେ କାମ ଧନ୍ଦା ଅଭାବରୁ ବାଧ ହୋଇ ଜିଲ୍ଲାରେ ଶତାଧିକ ଯୋଜନା କାର୍ଯ୍ୟକାରୀ ହୋଇ ତାର ବ୍ୟାପକ ବାଟମାରଣା ହେବା ଯୋଗୁଁ ଶ୍ରମିକ ବାହାର ରାଜ୍ୟ ଦାଦନ ଖଟିବା ପାଇଁ ଯାଉଛନ୍ତି। ଏହି ଶ୍ରମିକ ବେପାରରେ ବାହାର ରାଜ୍ୟକୁ ଦାଦନ ଖଟି ଯାଉଥିବା ଦେଖିବାକୁ ମିଳିଛି। ଦାଦନ ଶ୍ରମିକମାନେ ଅନେକ ସମୟରେ ଠିକାଦାର, ଦଲାଲ ହାବୁଡ଼ରେ ପଡି ଶୋଷିତ ଓ ଅତ୍ୟାଚାର ହେଉଛନ୍ତି। ବର୍ଷ ବର୍ଷ ବିତି ଯାଉଥିଲେ ହେଁ ସେମାନଙ୍କର ସମସ୍ୟାର ସମାଧାନ ହୋଇ ପାରୁନାହଁ। ଅନ୍ୟପକ୍ଷରେ ମଣିଷ ବେପାର କରୁଥିବା ଦଲାଲ, ନେତା, ଅସାଧୁ କର୍ମଚାରୀ ଓ କୁଜି ନେତାମାନଙ୍କ ଜାଣତରେ ହେଉଥିବା ସ୍ପଷ୍ଟ ହୋଇ ଆସୁଛି। ଦାଦନ ରୋକିବାରେ ଏହି ଯୋଜନା ଜିଲ୍ଲା ଫେଲ୍ ମାରୁଥିବା ଅଭିଯୋଗ ହେଉଛି। ଜିଲ୍ଲାର ମହାନ ଗଣପର୍ବ ନୂଆଁଖାଇ ପରେ ପରେ ଶ୍ରମିକ ଶ୍ରେଣୀର ଲୋକେ ଦାଦନ ଖଟିଯିବା ପାଇଁ ଦଲାଲମାନଙ୍କ ଠାରୁ ଅଗ୍ରୀମ ଟଙ୍କା ନେଇଥାନ୍ତି। ଯାହାଫଳରେ ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ ଯଥା ଗୋଲାମୁଣ୍ଡା, କୋକସରା, ଜୟପାଟଣା ଏମିତି କି ଧର୍ମଗଡ ବ୍ଲକରୁ ହଜାର ହଜାର ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗର ଲୋକେ ଦାଦନ ଖଟି ଯାଉଥିବା ଦେଖିବାକୁ ମିଳୁଛି। ଜିଲ୍ଲାରୁ ବାହାର ରାଜ୍ୟକୁ ଶ୍ରମିକକୁ ଦାଦନ ଖଟିବା ପାଇଁ ଯାଉଛନ୍ତି ତାହା ଜିଲ୍ଲା ଶ୍ରମବିଭାଗ ପାଖରେ ସଠିକ ତଥ୍ୟ ନାହିଁ। ଜିଲ୍ଲା ଓ ବାହାର ଜିଲ୍ଲାର ଦଲାଲମାନେ ଜିଲ୍ଲାକୁ ଆସି ଖୁଲମଖୁଲା ବେଆଇନ ଭାବେ ବାହାର ରାଜ୍ୟକୁ ମାନବ ଚାଲାଣ ହେଉଥିବା ଦେଖି ମଧ୍ୟ ପ୍ରଶାସନ ନୀରବ ଦୃଷ୍ଟି ସାଜି ଦଲାଲ ପାଖରୁ କିଛି ଟଙ୍କା ନେଇ ଚୁପ ହେଉଛନ୍ତି। ଅନ୍ୟପକ୍ଷରେ ଦଲାଲକୁ ଶ୍ରମିକ ନେବାରେ ସାହାଯ୍ୟ କରୁଥିବା ଚର୍ଚ୍ଚା ହେଉଛି। ଜିଲ୍ଲାରୁ ଶହ ଶହ ସଂଖ୍ୟାରେ ଜୁନାଗଡ ରେଳ ଷ୍ଟେସନ ଓ ଗୋଲାମୁଣ୍ଡା ଅଞ୍ଚଳରୁ ଶହ ଶହ ସଂଖ୍ୟାରେ ରେଳ ଓ ବସ୍ ଯୋଗେ ମାନବ ଚାଲାଣ ହେଉଛି। କିନ୍ତୁ ଜିଲ୍ଲା ପୋଲିସ ପ୍ରଶାସନ ଓ ଶ୍ରମବିଭାଗ ନିରବ ଦୃଷ୍ଟି ସାଜିଛନ୍ତି। ଆଖି ଆଗରେ ମାନବ ଚାଲାଣ ହେଉଛି ହେଲେ ଆଖି ବନ୍ଦ କରି ରହୁଛନ୍ତି ଅଧିକାରୀ। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପର୍ଯ୍ୟାପ୍ତ କାମ ଯୋଗାଇ ଦେଇ ଦାଦନ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।





# ୯ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

**କଟକ (ବ୍ୟୁରୋ):** ଆସନ୍ତା ୯ ତାରିଖରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ୧ ଲକ୍ଷ ୪୭ ହଜାର ୯୧୧ଜଣ ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେବେ। ପୂର୍ବାହ୍ନ ୯ଟାରୁ ୧୧ଟା ପର୍ଯ୍ୟନ୍ତ ଷଷ୍ଠ ଶ୍ରେଣୀ ଏବଂ ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟାରୁ ସପ୍ତମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ପରୀକ୍ଷା ହେବ। ଏଥିନିମନ୍ତେ ରାଜ୍ୟରେ ୭୦୪ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ସୋମବାର ଠାରୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ୱେବ୍‌ସାଇଟ୍ ?ରେ ଆଡମିଟ୍ କାର୍ଡ ଅପଲୋଡ୍ କରାଯାଇଛି। ପରୀକ୍ଷାର୍ଥୀମାନେ ୱେବ୍‌ସାଇଟ୍‌ରେ ସେମାନଙ୍କର ନାମ ଏବଂ ବାପାଙ୍କ ନାମ କିମ୍ବା ପଞ୍ଜୀକରଣ ନମ୍ବର ଦେଇ ଆଡମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

# ଓଲଟିଲା ବୋଲେରୋ, ୧୦ ଗୁରୁତର

**ବାଲୁଗାଁ(ଅମୃତ ମିଡିଆ):** ମଙ୍ଗଳବାର ସକାଳେ ଚିଲିକା ବ୍ଲକ ଅନ୍ତର୍ଗତ ହରିକୁଣ୍ଡ ବରଡ଼ି ନିକଟରେ ଭାରସାମ୍ୟ ହରାଇ ଏକ ଯାତ୍ରୀବାହୀ ବୋଲେରୋ ଓଲଟି ପଡିଛି। ଯାହାଫଳରେ ଗାଡି ଚାଳକଙ୍କ ସମେତ ୮ ଜଣ ମହିଳା ଓ ଜଣେ ନାବାଳିକା ଗୁରୁତର ହୋଇଥିବା ଜଣାପଡିଛି। ଖବର ମୁତାବକ ଯାଜପୁର ଜିଲ୍ଲା ହରିଦାସପୁର ଅଞ୍ଚଳର ୮ ଜଣ ମହିଳା ଓ ଜଣେ ନାବାଳିକା କୋରାପୁଟ ବୁଲିବା ପାଇଁ (ଗାଡି ନଂ ଓଡ଼ି ୦୧ ଏଫ ୧୨୫୫) ଏକ ବୋଲେରୋରେ ଯାଇଥିଲେ। ବୁଲାବୁଲି ସାରି ଆଜି ଘରକୁ ଫେରୁଥିବାବେଳେ ସକାଳ ସମୟରେ ହରିକୁଣ୍ଡ ବରଡ଼ି ନିକଟରେ ଭାରସାମ୍ୟ ହରାଇ ବୋଲେରୋଟି ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା। ଖବର ପାଇ ଘଟଣାସ୍ଥଳରେ ଚିଲିକା ଅଗ୍ନିଶମ ବାହିନୀ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ।ମାତ୍ର ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।



# କମ୍ପ୍ୟୁଟର ଦକ୍ଷତା ପ୍ରଶିକ୍ଷଣ ଶିବିର

**ଟାଙ୍ଗୀ-ଚୌଦ୍ୱାର(ଅମୃତ ମିଡିଆ):** ରାଜ୍ୟ ମିଶନ୍ ଶକ୍ତି ଏବଂ ଓସିଏସିର ମିଳିତ ଉଦ୍ୟମରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌ର ସମସ୍ତ ମାଷ୍ଟର ବୁକ୍ କିପର (ଏମ୍‌ବିକେ) ମାନଙ୍କର କମ୍ପ୍ୟୁଟର ଦକ୍ଷତା ବିକାଶ ପାଇଁ କୋଡ଼ିଏ ଦିନିଆ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍‌ର ବିଭିନ୍ନ ପଂଚାୟତରେ କାର୍ଯ୍ୟ କରୁଥିବା ପ୍ରାୟ ୨୦ଜଣ ଏମ୍‌ବିକେ ଏହି ତାଲିମ୍ ଶିବିରରେ ଯୋଗଦେଇ ୱାର୍ଡ଼, ଏକ୍ସେଲ, ପାୱାରପଏଣ୍ଟ ଇତ୍ୟାଦି ସମ୍ପର୍କରେ ଅବଗତ ହେବା ସହ ସରକାରଙ୍କର ବିଭିନ୍ନ ଜନକଲ୍ୟାଣ ଯୋଜନାଗୁଡ଼ିକୁ କିପରି ଅନଲାଇନ୍ ମାଧ୍ୟମରେ ନିଜ ଗ୍ରାମପଂଚାୟତରେ କରିପାରିବେ ସେ ନେଇ ପ୍ରଶିକ୍ଷଣ ଲାଭ କରିଥିବା ଜଣାପଡ଼ିଛି।

# ଚୋରି ଅଭିଯୋଗରେ ଜଣେ ଗିରଫ, ବାଇକ ଜବତ

**ଚଣ୍ଡିଖୋଲ(ଅମୃତ ମିଡିଆ):** ବୈରୀ ଥାନା ଅନ୍ତର୍ଗତ ସମିଆ ପଂଚାୟତ ବୁଢା କେନ୍ଦୁଆ ନିକଟରୁ ଜଣେ ବାଇକ୍ ଚୋରକୁ ଧରି ସ୍ଥାନୀୟ ଲୋକେ ପୋଲିସର ଜିମା ଦେଇଥିଲେ। ଗତକାଲି ରାତିରେ ବଡଚଣା ଥାନା କୋଲାସିଂ ଗ୍ରାମର ମାଧବ ଓଝା(୨୪) ବୁଢା କେନ୍ଦୁଆ ନିକଟରୁ ଏକ ବାଇକ୍ ଚୋରି କରୁଥିବାବେଳେ ଲୋକେ ତାକୁ କାବୁ କରି ମାରଧର କରିବା ପରେ ବୈରୀ ପୋଲିସକୁ ଖବର ଦେଇଥିଲେ। ଥାନା ଏସଆଇ ଜେ. ଆବେଦ୍ଦିନ ଘଟଣା ସ୍ଥଳରେ ପହଂଚି ଲୁଟେରାକୁ ଗିରଫ କରିବା ସହ ଚୋରି ଅଭିଯୋଗରେ ଥାନାକୁ ଆଣି ୧-୨୪ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଅଟକ ରଖି ତଦନ୍ତକାରୀ ଏସ୍‌ଆଇ ଅକ୍ଷୟ କୁମାର ବେହେରା ତଦନ୍ତ ଜାରି ରଖିଛନ୍ତି।

# ବିଦ୍ୟାଳୟରେ ଚୋରି ନେଇ ଥାନାରେ ଅଭିଯୋଗ

**ଜୟପୁର(ଅମୃତ ମିଡିଆ):** ଜୟପୁର ସହରର ହରିଜନ ସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚୋରି ହୋଇଛି। ଏ ନେଇ ଜୟପୁର ଟାଉନ ଥାନାରେ ବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ଅଭିଯୋଗ କରାଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅନିମା ମିଶ୍ର ଅଭିଯୋଗ କରିଛନ୍ତି ଯେ, ଏକ୍ସ ମାସ ଛୁଟି ସମୟରେ ବିଦ୍ୟାଳୟ ବନ୍ଦ ଥିଲା। ଏହି ସମୟରେ ବିଦ୍ୟାଳୟର ଏକ ଶ୍ରେଣୀ କକ୍ଷରେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଚୋରି କରି ନେଇଛନ୍ତି । ଆଜି ବିଦ୍ୟାଳୟ ଖୋଲି ଦେଖିବା ବେଳେ ଲୁହା କବାଟର ତାଲା ଭାଙ୍ଗି ଦୁର୍ବୃତ୍ତମାନେ କମ୍ପ୍ୟୁଟର, ଚୌକି, ଟେବୁଲ, ଷ୍ଟିଲ ଫ୍ରେମ, ପୁରୁଣା ନଥିପତ୍ର, ସହ ବିଭିନ୍ନ ସରଞ୍ଜାମ ଚୋରି ହୋଇଥିବା ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗକୁ ଗୁରୁତର ସହ ନେଇ ଜୟପୁର ଟାଉନ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି।

# ଉପଜିଲ୍ଲାପାଳଙ୍କ ମଣ୍ଡି ସମୀକ୍ଷା



**ଜୟପୁର(ଅମୃତ ମିଡିଆ):** ମଣ୍ଡିରେ ଧାନ କ୍ରୟ କିପରି ଚାଲିଛି ସେ ନେଇ ଜୟପୁର ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡା ମଙ୍ଗଳବାର ସମୀକ୍ଷା କରିଛନ୍ତି। ଜୟପୁର ଆରଏମସି ୟାର୍ଡରେ ଧାନ ମଣ୍ଡି ଚାଲିଥିବା ସମୟରେ ଉପଜିଲ୍ଲାପାଳ ପରିଡା ପହଞ୍ଚି ଚାଷୀ ଓ କ୍ରୟକାରୀ ସଂସ୍ଥା ସହ ଆଲୋଚନା କରିଛନ୍ତି । ମଣ୍ଡିରେ ଚାଷୀ ଯେପରି ସମସ୍ୟାରେ ନ ପଡିବେ ସେ ନେଇ ସମୀକ୍ଷା କରିଥିବା ଜଣାଯାଇଛି । ଏହି ଅବସରରେ ଉପଜିଲ୍ଲାପାଳଙ୍କ ସହ ସହକାରୀ ଯୋଗାଣ ଅଧିକାରୀ ସୁଶିଳ କୁମାର ଜେନା ଉପସ୍ଥିତ ଥିଲେ।

# ନୂଆ ବର୍ଷରେ ସିଏମ୍‌ସିର ନୂଆ ଯୋଜନା

## 'ମାଟ୍ରିକ୍ ପିଲାଙ୍କ ପାଇଁ ମାସେ ଉତ୍ସର୍ଗ'

## ଏକ୍ସଟ୍ରା କ୍ଲାସ୍ କରାଯାଇ ଦୂର ହେବ ଛାତ୍ରଛାତ୍ରୀଙ୍କ ଦ୍ୱନ୍ଦ୍ୱ

**କଟକ (ବ୍ୟୁରୋ):** ସ୍କୁଲ୍‌ରେ ପାଠ ପଢା ବାଦ୍ ମାସଟିଏ ଏକ୍ସଟ୍ରା କ୍ଲାସ୍ କରାଯିବ। ଶିକ୍ଷକ ଶିକ୍ଷୟିତ୍ରୀମାନେ ସବୁ ବିଷୟରେ ପିଲାଙ୍କ ଦ୍ୱନ୍ଦ୍ୱ ଦୂର କରିବେ। ଯାହାର ଯେଉଁ ବିଷୟରେ ଦୁର୍ବଳତା ରହିଥିବ ତାହା ଦୂର କରିବା ଉପରେ ଗୁରୁତ୍ୱ ଦେବେ। ଏମିତିକି ପାଠପଢାରେ ଦୁର୍ବଳ ଛାତ୍ରଛାତ୍ରୀଙ୍କ ଉପରେ ରହିବ ଫୋକସ। ସବୁ ଛାତ୍ରଛାତ୍ରୀଙ୍କ ଅଭିବୃଦ୍ଧି ପାଇଁ ପୂରା ଏକ ମାସ ଜୋରଦାର୍ ଉଦ୍ୟମ କରିବେ ଶିକ୍ଷକଶିକ୍ଷୟିତ୍ରୀ। ଯେଉଁ ସ୍କୁଲ୍ ଯୋଜନାକୁ ସଫଳ ଭାବେ କାର୍ଯ୍ୟକାରୀ କରିବ, ଯେଉଁ ଶିକ୍ଷକ ଶିକ୍ଷୟିତ୍ରୀମାନେ ମାସଟିଏ ଅତିରିକ୍ତ ଶ୍ରମ, ସମୟ ଦେବେ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ମାସେ ଉତ୍ସର୍ଗ କରିବେ, ସେମାନଙ୍କୁ ସରକାରୀ ସ୍ତରରେ ପୁରସ୍କାର, ପ୍ରୋତ୍ସାହନ ଭଳି ସୁବିଧା ମଧ୍ୟ ପ୍ରଦାନ କରାଯିବ। ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଦେବାକୁ ଯାଉଥିବା ସହରର ସବୁ ସରକାରୀ ସ୍କୁଲ୍‌ର ଫଳାଫଳରେ ଆଖିଦୃଶିଆ ପରିବର୍ତ୍ତନ ଆଣିବା ପାଇଁ ଏମିତିକା ଏକ ନୂଆ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛି କଟକ ମହାନଗର ନିଗମ (ସିଏମ୍‌ସି)। ଏ ନେଇ ଆସନ୍ତା ୮ ତାରିଖରେ ସିଏମ୍‌ସି ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଶିକ୍ଷା ବିଭାଗର ଅଧିକାରୀ ଓ ନିଗମ ଅଞ୍ଚଳର ବିଭିନ୍ନ ସ୍କୁଲ୍‌ର ପ୍ରଧାନଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ, ମୁଖ୍ୟ ସହକାରୀ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ନେଇ ଏକ କର୍ମଶାଳା ହେବ। ଏଭଳି ନିଷ୍ପତ୍ତି ନେଇ ସିଏମ୍‌ସି ଚଳିତ ମାସରୁ ଆରମ୍ଭ କରିବାକୁ ଯାଉଛି 'ମାଟ୍ରିକ୍ ପିଲାଙ୍କ ପାଇଁ ମାସେ ଉତ୍ସର୍ଗ' ଭଳି ଯୋଜନା। ଏଥିପାଇଁ ସିଏମ୍‌ସି ଅଧିନରେ ଥିବା ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଭଳି ପାଖାପାଖି ୬୫ରୁ ଅଧିକ ସ୍କୁଲ୍‌କୁ ଚିହ୍ନଟ କରାଯାଇଛି। 'ମାଟ୍ରିକ୍ ପିଲାଙ୍କ ପାଇଁ ମାସେ ଉତ୍ସର୍ଗ' ଯୋଜନାରେ ସ୍କୁଲ୍‌ମାନଙ୍କରେ ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ପାଇଁ ଏକ ମାସ ଏକ୍ସଟ୍ରା କ୍ଲାସ ହେବ । ଦୁର୍ବଳ ପିଲାଙ୍କୁ ଫୋକସ୍ କରାଯିବା ସହିତ ସବୁ ପିଲାଙ୍କ ଗ୍ରେଡ୍‌ରେ ଉନ୍ନତି ଆଣିବାକୁ ସ୍କୁଲ କର୍ତ୍ତୃପକ୍ଷ ଚେଷ୍ଟା କରିବେ । ଯୋଜନା କାର୍ଯ୍ୟକାରୀ ହେବା ପରେ ସିଏମ୍‌ସି ଓ ଜିଲ୍ଲା ଶିକ୍ଷା ବିଭାଗକୁ ନେଇ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ ହେବ। ଉକ୍ତ ସ୍କ୍ୱାଡ୍ ସ୍କୁଲ୍ ବୁଲି ଏକ୍ସଟ୍ରା କ୍ଲାସ୍‌ର ପରିଚାଳନା ବ୍ୟବସ୍ଥା ଓ ସ୍ଥିତି ଅନୁଧ୍ୟାନ କରିବେ। ଯେଉଁ ପ୍ରଧାନଶିକ୍ଷକ ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଜନାରେ ସାମିଲ୍ ହେବେ, ଯୋଜନାକୁ ସଫଳ କରିବାକୁ ସମୟ ଦେବେ, ସେମାନଙ୍କୁ ସରକାରୀ ସ୍ତରରେ ପୁରସ୍କୃତ କରାଯିବ । ସଂପୃକ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବେତନ ବୃଦ୍ଧି, ପଦୋନ୍ନତି, ଅବସର ପରେ ପୁନଃନିଯୁକ୍ତି ଭଳି ଅନେକ ସୁବିଧା ମଧ୍ୟ ଉପଲବ୍ଧ ହେବାର ପ୍ରସ୍ତାବ ରହିଛି ବୋଲି ମେୟର ସୁବାସ ସିଂହ ସୂଚନା ଦେଇଛନ୍ତି।

# ବିଶ୍ୱଶାନ୍ତି ମହାଯଜ୍ଞ ରାଷ୍ଟ୍ରୀୟ ସନ୍ଥ ସମ୍ମିଳନୀର ପ୍ରସ୍ତୁତି ବୈଠକ

**ଚଣ୍ଡିଖୋଲ (ଅମୃତ ମିଡିଆ):** ଚଣ୍ଡିଖୋଲ ସନ୍ନିକଟ କଂଟିଗାଡିଆ ପାଇକରାପୁର ସ୍ଥିତ ଜୟନ୍ତଗିରି ଆଶ୍ରମ ଆନୁକୂଲ୍ୟରେ ଆଗାମୀ ୨୪ ତାରିଖ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ପଂଚବିଂଶତି ବାର୍ଷି ବିଶ୍ୱଶାନ୍ତି ମହାଯଜ୍ଞ, ଜୟନ୍ତଗିରି କୁମ୍ଭମେଳା ଓ ରାଷ୍ଟ୍ରୀୟ ସନ୍ଥ ସମ୍ମିଳନୀ ଅନୁଷ୍ଠିତ ପାଇଁ ଏକ ପ୍ରସ୍ତୁତି ବୈଠକ ଚଣ୍ଡିଖୋଲ ଛକ ସ୍ଥିତ ହନୁମାନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜୟନ୍ତଗିରି ଆଶ୍ରମର ପ୍ରତିଷ୍ଠାତା ଶ୍ରୀଧର ଦାସ (କାହ୍ନା ବାବା)ଙ୍କ ଆବାହକତ୍ୱରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଓଡିଶା ସନ୍ଥ ସୁରକ୍ଷା ମିଶନ ଖଣ୍ଡଗିରି ତଥା ପଂଚଦଶ ନାମାଜୁନା ଆଖଡାର ନାଗା ବାବା ସ୍ୱାମୀ ବିଷ୍ଣୁଗିରି ମହାରାଜ, ସ୍ୱାମୀ ଶିବାନନ୍ଦ ଗିରି ମହାରାଜ, ବାବାଜି ପରମାନନ୍ଦ ଦାଶ, ନାଗାବାବା ସ୍ୱାମୀ ସନ୍ତୋଷପୁରି ମହାରାଜ, କୁଞ୍ଜବିହାରୀ ମଠର ମହନ୍ତ ଅନନ୍ତରାମ ଦାଶ, ବାବା ନିତ୍ୟାନନ୍ଦ ଦାଶ, ପ୍ରାକ୍ତନ ସରପଂଚ ଅକ୍ଷୟ କୁମାର ସ୍ୱାମୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ବିଶ୍ୱଶାନ୍ତି ମହାଯଜ୍ଞ ଓ ରାଷ୍ଟ୍ରୀୟ ସନ୍ଥ ସମ୍ମିଳନୀରେ ଯୋଗ ଦେବାକୁ ଥିବା ଦେଶର ବିଭିନ୍ନ ପ୍ରାନ୍ତରୁ ୨୦୦ ରୁ ଅଧିକ ସାଧୁସନ୍ଥଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ଏକ ଶୋଭାଯାତ୍ରାରେ ଜୟନ୍ତଗିରି ଆଶ୍ରମକୁ ପାଛୋଟି ନେବାକୁ ଆଜିର ପ୍ରସ୍ତୁତି ବୈଠକରେ ସ୍ଥିର ହେବା ସହିତ ଯଜ୍ଞକୁ ସାହାଯ୍ୟ ଓ ସହଯୋଗ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଶେଷରେ ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା ସାଧୁସନ୍ଥମାନଙ୍କୁ ସଂକୀର୍ତ୍ତନ ସହ ଚଣ୍ଡିଖୋଲ ବଜାର ପରିକ୍ରମା କରାଯାଇଥିଲା।



# ରାସ୍ତାରେ ଜମୁଛି ଡ୍ରେନ୍ ପାଣି

**ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡିଆ):** ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୧୯ନଂ ୱାର୍ଡ଼ର ଡ୍ରେନ୍ ପାଣିଗୁଡ଼ିକ ଦୀର୍ଘଦିନ ଧରି ରାସ୍ତାରେ ମାଡୁଥିବାବେଳେ ଏହାପ୍ରତି ପୌରପ୍ରଶାସନ କି ସ୍ଥାନୀୟ କାଉନ୍‌ସିଲର ଏଥିପ୍ରତି ଦୃଷ୍ଟି ନ ଦେବା ଯୋଗୁଁ ବାଧ ହୋଇ ୱାର୍ଡ଼ବାସୀ ଧାରଣାରେ ବସିବେ ବୋଲି ଚେତାବନୀ ଦେବା ସହ ଏ ସମ୍ପର୍କରେ ଏକ ଅଭିଯୋଗ ପତ୍ର ପୌର ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦେଇଥିବା ଜଣାପଡ଼ିଛି। ସୂଚନାଥାଉକି, ଏହି ୱାର୍ଡ଼ର ପ୍ରଶାନ୍ତ କରଙ୍କ ଘର ଠାରୁ ପି.କେ ଜେନାଙ୍କ ଘର ପର୍ଯ୍ୟନ୍ତ ପୌରପାଳିକା ପକ୍ଷରୁ ନିର୍ମାଣ କରାଯାଇଥିବା ଡ୍ରେନ୍ ସଠିକ୍ ଭାବେ କରାଯାଇନାହିଁ ବୋଲି ୱାର୍ଡ଼ବାସୀ ଅଭିଯୋଗ କରୁଥିବା ବେଳେ ଡ୍ରେନ୍‌ର ଶେଷ ଭାଗ କୌଣସି ଡ୍ରେନ୍ ସହିତ ସଂଯୋଗ କରଯାଇନଥିବାରୁ ଡ୍ରେନ୍‌ର ସମସ୍ତ ମଇଳା ପାଣି ରାସ୍ତାରେ ମାଡ଼ିବା ସହ ମଶା, ମାଛିଙ୍କ ଉପଦ୍ରବ ବଢ଼ିବାରେ ଲାଗିଥିବା ବେଳେ ଡେଙ୍ଗୁର ଭୟ ମଧ୍ୟ ଦେଖାଦେଇଛି ବୋଲି ସ୍ଥାନୀୟ ବାସିନ୍ଦା ପ୍ରକାଶ କରିଛନ୍ତି। ସେମାନେ ଏ ସମ୍ପର୍କରେ ସ୍ଥାନୀୟ କାଉନ୍‌ସିଲର ଏବଂ ପୌରପାଳିକା କାର୍ଯ୍ୟାଳୟରେ ଅଭିଯୋଗ କଲେ ସୁଦ୍ଧା ଆଜିପର୍ଯ୍ୟନ୍ତ ଏହାର ସ୍ଥାୟୀ ସମାଧାନ ହୋଇପାରିନନାହିଁ । ତେଣୁ ଆଗାମୀ ୭ଦିନ ମଧ୍ୟରେ ଯଦି ଏହାର କୌଣସି ସମାଧାନ କରାନଯାଏ ତେବେ ୱାର୍ଡ଼ବାସୀ ରାଜୀବ୍ ମହାନ୍ତିଙ୍କ ସହ ପ୍ରଶାନ୍ତ କର, ଦେବରାଜ ମିଶ୍ର, ସବିତା ଦାସ, ରବିନ୍ଦ୍ର କୁମାର ନାୟକ, ଅଶୋକ କୁମାର ମହାପାତ୍ର, ଅକ୍ଷୟ ଭୂୟାଁ, ସୌରଭ ଦାସ ଓ ପ୍ରଫୁଲ୍ଲ ପଣ୍ଡା ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେବେ ବୋଲି ଅଭିଯୋଗ ପତ୍ରରେ ଦର୍ଶାଇଥିବା ଜଣାପଡ଼ିଛି।






# କଳିଙ୍ଗନଗର ଗୁଳିକାଣ୍ଡ ମୃତକଙ୍କ ପାଇଁ କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି

**ବାରିପଦା(ଅମୃତ ମିଡିଆ):** କଳିଙ୍ଗନଗର ଠାରେ ପୋଲିସ ଗୁଳିରେ ମୃତ ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ରାଜ୍ୟ କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅବସରରେ ଠାକୁରମୁଣ୍ଡା ବ୍ଲକ କଂଗ୍ରେସ ଦଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ରବିନ୍ଦ୍ର ତ୍ରିପାଠୀଙ୍କ ନେତୃତ୍ୱରେ ପୂର୍ବତନ ବ୍ଲକ ଅଧ୍ୟକ୍ଷା ଜବାମଣି ଟୁଡୁ, ଯୁବ ନେତା ଲକ୍ଷ୍ମୀଧର ସିଂ ତିୟୁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ନାଏକ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ପ୍ରମୋଦ ଦାସ, କିଷାନ ସୋରେନ,ଏସ.କେ ରମଜାନ, ଗୌତମ ସେଠୀ, ପରମା ଜେନା, ଆଲୋକ ଜେନା ପ୍ରମୁଖଙ୍କ ସମେତ କଂଗ୍ରେସ କର୍ମୀମାନେ କ୍ୟାଣ୍ଡେଲ ରାଲିରେ ଠାକୁରମୁଣ୍ଡା ବଜାର ପରିକ୍ରମା ପରେ ହନୁମାନ ଛକ ରେ କର୍ମୀମାନେ ଏକତ୍ରିତ ହୋଇ କଳିଙ୍ଗନଗର ଗୁଳିକାଣ୍ଡ ଘଟଣାରେ ମୃତକ ଙ୍କ ଉଦେଶ୍ୟ ରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ କଂଗ୍ରେସ କର୍ମୀମାନେ ଗୁଳିକାଣ୍ଡ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ।

# ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**ଚିଲିକା (ଅମୃତ ମିଡ଼ିଆ):** ପ୍ରତିବର୍ଷ ପରି ଚଳିତ ବର୍ଷ ନାଚୁଣୀ ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀମାନଙ୍କର ଏକ ପାରିବାରିକ ବନ୍ଧୁ ମିଳନ ଉତ୍ସବ ଚିଲିକା ବ୍ଲକ ସମ୍ମୁଖସ୍ଥ ମା' ବରୁଣେଇଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସଭା ଅନୁଷ୍ଠିତ ହୋଇଥିଲା। ହାଡିବନ୍ଧୁ ସାମନ୍ତରାୟଙ୍କ ସଭାପତିତ୍ୱରେ ଓ ଶୋଭନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ବନ୍ଧୁ ମିଳନ ସଭାରେ ଉପସ୍ଥିତ ଥିବା ପୁରାତନ ଛାତ୍ରଛାତ୍ରୀମାନେ ବର୍ଷକ ପରେ ସେମାନଙ୍କ ପରିବାର ସହ ଯୋଗ ଦେଇ ନିଜନିଜ ଭିତରେ ଭାବର ଆଦାନ ପ୍ରଦାନ ହୋଇଥିଲେ। ଏବଂ ଛାତ୍ର ଜୀବନରେ ଘଟିଥିବା ଘଟଣା ବହୁଳର ସ୍ମୃତି ମନ୍ଥନ କରି ଥିଲେ। ଚଳିତ ବର୍ଷ ଚାରି ଜଣ ପୁରାତନ ଛାତ୍ରଙ୍କୁ ସସ୍ତ୍ରୀକ ସମ୍ବର୍ଦ୍ଧିତ କରାଯାଇଥିଲା। ଲକି କପୁଲ୍ ଭାବେ ଯୋଗେନ୍ଦ୍ର ବେହେରା, (ସୁଦାମା - ସାଙ୍ଗ)ଭାବେ ସନାତନ ପରିମାଣିକ, ଦକ୍ଷ ସଂଗଠକ ଭାବେ ହାଡିବନ୍ଧୁ ସାମନ୍ତରାୟ ଓ ବାଞ୍ଛାନିଧି ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ବନ୍ଧୁ ମିଳନ ଉତ୍ସବରେ ଶୋଭନ ସାହୁ, ରାମଚନ୍ଦ୍ର ମାର୍ଥା, ପଦ୍ମ ଚରଣ ବେହେରା, ଶାନ୍ତନୁ ରାଉତରାୟ, ପ୍ରଦୀପ କୁମାର ରଥ, ଅଶୋକ ପଟ୍ଟନାୟକ, ବିଭୁତି ଭୂଷଣ ଦାଶ, ସେକ୍ ଶାହାଜହାନ, ପ୍ରମୋଦ ସାମନ୍ତରାୟ, ଲକ୍ଷୀ ଧର ସେଠୀ, ପ୍ରଫୁଲ୍ଲ ସାମନ୍ତରାୟ, ଚିତ୍ତରଞ୍ଜନ ଦାଶ, ଲକ୍ଷ୍ମୀ ନାରାୟଣ ପାତ୍ର, ବସନ୍ତ ମହାପାତ୍ର, ଶଙ୍କର ବାରିକ, ସରୋଜିନୀ ମହାପାତ୍ର, ପଙ୍କଜିନି ଦାଶ, ଅନୁସୁୟା ଦାଶ, ପ୍ରମିଳା ଦାସ, ସୁଚିତ୍ରା ମିଶ୍ର ଓ ମନୋରମା ମହାପାତ୍ର ପ୍ରମୁଖ ୩୩ ଜଣ ଛାତ୍ରଛାତ୍ରୀ ସେମାନଙ୍କ ପରିବାର ସହଯୋଗ ଦେଇଥିଲେ।



# ଗୁଆଳିପୁରରେ ନୂତନ ଖାଉଟି ସାମଗ୍ରୀ ବଣ୍ଟନ କେନ୍ଦ୍ର ଉଦ୍‌ଘାଟିତ

**ରଘୁନାଥପୁର(ଅମୃତ ମିଡ଼ିଆ):** ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୁଆଳିପୁର ଗ୍ରାମ ପଂଚାୟତରେ ଏକ ନୂତନ ଖାଉଟି ସାମଗ୍ରୀ ବଣ୍ଟନ କେନ୍ଦ୍ରକୁ ଏହି ପଂଚାୟତ ସରପଞ୍ଚ ମନୋଜିନୀ ସାହୁ ଓ ସମିତିସଭ୍ୟ କମଲାକାନ୍ତ ପରିଡା ଉଦ୍‌ଘାଟନ କରିଛନ୍ତି। ପ୍ରକାଶ ଥାଉକି, ଗୁଆଳିପୁର ପଂଚାୟତର ୧୫, ୧୬, ୧୭ ଓ ୧୮ନଂ ୱାର୍ଡର ଜନସାଧାରଣ ନିଜ ନିଜର ଖାଉଟି ସାମଗ୍ରୀ ପାଇଁ ଦୀର୍ଘ ୩ କିଲୋମିଟର ଦୂର ପାଟେଣୀ ଗାଁକୁ ବହୁ କଷ୍ଟର ସହ ଆସୁଥିଲେ। ଏପରିକି ବୃଦ୍ଧବୃଦ୍ଧା ଲୋକମାନେ ଏହି ସାମଗ୍ରୀ ପାଇବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏଥିପାଇଁ ସରପଞ୍ଚ, ସମିତି ସଭ୍ୟ, ଉପରୋକ୍ତ ୪ଗୋଟି ୱାର୍ଡର ଗ୍ରାମବାସୀମାନେ ଆଜକୁ ଦୁଇବର୍ଷ ହେବ ଜିଲ୍ଲାପାଳ, ପିଡି, ସିଏସଓ, ବିଡିଓଙ୍କୁ ଗୁଆଳିପୁର ଠାରେ ଖାଉଟି ସାମଗ୍ରୀ ବଣ୍ଟନ କେନ୍ଦ୍ର ଖୋଲିବା ପାଇଁ ଦାବିପତ୍ର ଦେବା ସହ ବାରମ୍ବାର ଭେଟି ଆପତ୍ତି ଜଣାଇ ଆସୁଥିଲେ। ଶେଷରେ ସରପଂଚ ଓ ସମିତିସଭ୍ୟଙ୍କ ଉଦ୍ୟମରେ ଗୁଆଳିପୁର ଗ୍ରାମରେ ଏକ ନୂତନ ଖାଉଟି ସାମଗ୍ରୀ ବଣ୍ଟନ କେନ୍ଦ୍ର ଖୋଲାଯାଇ ମହାବୀର ମହିଳା ସ୍ୱୟଂ ସହାୟିକା ଦଳକୁ ବଣ୍ଟନ ଦାୟିତ୍ୱ ଦିଆଯାଇଛି। ଆଜି ଏହି କେନ୍ଦ୍ରରୁ ୪ଗୋଟି ୱାର୍ଡର ଲୋକମାନେ ଖାଉଟି ସାମଗ୍ରୀ ଘର ପାଖରୁ ପାଇ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଛନ୍ତି। ଏଥିପାଇଁ ଗାଁ ମୁଖିଆ ଜ୍ଞାନ ରଂଜନ ପଟ୍ଟନାୟକ, ତପନ କୁମାର ମହାରଣା, ବିନୋଦ ସେଠୀ, ଅଶୋକ କୁମାର ପଟ୍ଟନାୟକ, ସୁରେଶ ସାହୁ, ସ୍ମୃତି ରଂଜନ ପଟ୍ଟନାୟକ, ହିତେନ୍ଦ୍ରନାଥ ପଟ୍ଟନାୟକ, ମାନସ ରଂଜନ ପଟ୍ଟନାୟକ, ଅବିନାଶ ପଟ୍ଟନାୟକ, ରାଜେଶ ପଟ୍ଟନାୟକ, ବିଶ୍ୱଜିତ ସ୍ୱାଇଁ, ଅଜିତ ମହାରଣା, ଅଜିତ କୁମାର ଦାସ ପ୍ରମୁଖ ଜିଲ୍ଲା ପ୍ରଶାସନ, ବ୍ଲକ ପ୍ରଶାସନ, ସରପଂଚ ଶ୍ରୀମତି ସାହୁ, ସମିତିସଭ୍ୟ ଶ୍ରୀ ପରିଡାଙ୍କୁ ସାଧୁବାଦ ଜଣାଇଛନ୍ତି।



## ସମ୍ପାଦକୀୟ...

# ଆଧିପତ୍ୟ ପାଇଁ ସଙ୍ଘର୍ଷ

ମଣିଷର ବିଚାରଧାରା ସର୍ବଦା ଶ୍ରେଷ୍ଠ ପ୍ରମାଣିତ ହୋଇଛି। ସେଥିପାଇଁ ତ ସାରା ଜୀବ ଜଗତରେ ମଣିଷ ହିଁ ଶ୍ରେଷ୍ଠ ପ୍ରମାଣିତ ହୋଇଛି। ତଥାପି ମଣିଷ ମଧ୍ୟରେ କେତେକ ତ୍ରୁଟି ଆଜି ସମାଜକୁ ଅତି ପରିମାଣରେ ବିଶୃଙ୍ଖଳିତ ସ୍ଥିତିକୁ ଟାଣିନେଇଛି। ଏଭଳି ବାରମ୍ବାର ତ୍ରୁଟି ସମାଜକୁ ଏଭଳି ଏକ ବିଶୃଙ୍ଖଳିତ ସ୍ଥିତିକୁ ଟାଣିନେଇଛି ଯାହାଦ୍ୱାରା ଶୃଙ୍ଖଳିତ ଏକ ସଭ୍ୟ ସମାଜର ସ୍ୱପ୍ନ ଦେଖୁଥିବା ଆଜିର ମଣିଷ ସମାଜ ହୁଏତ୍ ଅତୀତର ସେହି କୁତ୍ସିତ ପରମ୍ପରା ମଧ୍ୟକୁ ଠେଲି ହୋଇଯାଇପାରେ, ଅତୀତର ସେହି ଭ୍ରମିତ ସମାଜ ମଧ୍ୟକୁ ଠେଲି ହୋଇଯାଇପାରେ । ତେବେ ସେ ସବୁର ସମ୍ଭାବନା ଅବଶ୍ୟ କମ୍ କାରଣ ସମାଜରେ କେବଳ ସେହିଭଳି କାଟାଗୋରୀର ମଣିଷ ତ ରହୁନାହାଁନ୍ତି । ବହୁତ ଧର୍ମାବଲମ୍ବୀ ତଥା ବହୁ ଧର୍ମାବତାର ମଧ୍ୟ ରହୁଛନ୍ତି ଏ ସମାଜରେ ଯେଉଁମାନଙ୍କ ପାଇଁ ସମାଜରେ ଏକ ଧର୍ମୀୟ ବାତାବରଣର ଚିତ୍ର ମଧ୍ୟ ଦେଖିବାକୁ ମିଳିଥାଏ । ହେଲେ ସମାଜରେ କୁପ୍ରଭାବୀମାନଙ୍କ ପ୍ରଭାବ ଯେଭଳି ଭାବେ ବୃଦ୍ଧି ପାଇ ଚାଲିଛି, ତା'ର ପ୍ରବଳ କୁପ୍ରଭାବ ବି ପଡୁଛି ସମାଜରେ ଯାହାପାଇଁ ଆଜିର ସମାଜ ମଧ୍ୟ ସମାନ ପରିମାଣରେ ପ୍ରଭାବିତ୍ ହେଉଛି। ସମାଜରେ ସେଭଳି କୁପ୍ରଭାବୀମାନଙ୍କ ଦ୍ୱାରା ପ୍ରଭୂତ କ୍ଷତି ସାଧନ ହୋଇସାରିଲାଣି ଏବଂ ଆଗକୁ ମଧ୍ୟ ଆହୁରି ଅନେକ କ୍ଷତି ସାଧନର ସମ୍ଭାବନା ରହିଛି। ଯାହାକୁ ପ୍ରତିହତ କରିବା ପାଇଁ ସର୍ବଦା ଉଦ୍ୟମ ମଧ୍ୟ ଜାରି ରହିଛି ତଥାପି ପରିସ୍ଥିତି ଅସମ୍ଭାଳ। କାରଣ ସଂସାରରେ କ୍ଷମତାଲୋଭୀ ମାନଙ୍କର ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ସଂସାରରେ ଅହଂକାରୀମାନଙ୍କର ସଂଖ୍ୟା ବି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ତଥାପି ସେ ସବୁର ସାମ୍ନା କରୁଛି ସଭ୍ୟ ଶିକ୍ଷିତ ସମାଜ, ସଭ୍ୟ ଶିକ୍ଷିତ ପ୍ରଶାସନ ଯେମିତି ଇସ୍ରାଏଲ୍ ପ୍ରଶାସନ ଯେ କି ପୂର୍ବ କିଛିମାସ ଧରି ଲଢୁଛି ହମାସ୍ ସହିତ ତଥାପି କେହି କାହାକୁ ବୁଝିବାକୁ ପ୍ରସ୍ତୁତ ନୁହଁନ୍ତି କି ବୁଝିବାର ଉଦ୍ୟମ କରୁ ନାହାଁନ୍ତି। ସେଥିପାଇଁ ତ ଦୀର୍ଘ ଦିନ ଧରି ଉଭୟ ଦେଶ ମଧ୍ୟରେ ଲାଗି ରହିଛି ବିବାଦ ଯାହାର ଅନ୍ତ କେବେ ଘଟିବ, ସେ ନେଇ କିଛି ବି କହିବା ସମ୍ଭବ ନୁହେଁ କାରଣ ଉଭୟ ପ୍ରଶାସନ ମଧ୍ୟରେ କେବେ ବି କୌଣସି ବୁଝାମଣାର ସମ୍ଭାବନା ଦେଖାଯାଉନି ଯାହା ପଛରେ ମୁଖ୍ୟ କାରଣ ହେଉଛି କ୍ଷମତା ଲଢ଼େଇ, କେବଳ କ୍ଷମତା ଲଢ଼େଇ ବୋଲି କହି ହେବନି, ତାକୁ ଅନ୍ୟ ଅର୍ଥରେ ଆଧିପତ୍ୟ ପାଇଁ ଲଢ଼େଇ ବୋଲି କହିବାକୁ ପଡ଼ିବ । ତାକୁ ଅନ୍ୟ ଅର୍ଥରେ ଆଧିପତ୍ୟ ପାଇଁ ଏକ ସଙ୍ଘର୍ଷ ବୋଲି କହିବାକୁ ପଡ଼ିବ। ବିଶ୍ୱରେ ତ ଏମିତି ଅନେକ ଦେଶ ରହିଛନ୍ତି ଯେଉଁମାନଙ୍କୁ ଆମେ ପ୍ରଭାବଶାଳୀ ଅବା କ୍ଷମତାଶାଳୀ ବୋଲି କହିବାକୁ ପଡ଼ିବ । ସେମାନେ ବି କେବେ କେବେ ପରସ୍ପର ମଧ୍ୟରେ କନ୍ଦଳ ମଧ୍ୟରେ ଲିପ୍ତ ରହିଛନ୍ତି ଅବା ପରସ୍ପର ମଧ୍ୟରେ କ୍ଷମତା ଲଢ଼େଇରେ ଲିପ୍ତ ରହିଛନ୍ତି । ହେଲେ ରୁଷିଆ -ୟୁକ୍ରେନ ମଧ୍ୟରେ ଯେଉଁଭଳି ଭାବେ ଯୁଦ୍ଧ ଏବେ ଚାଲିଛି, କିମ୍ବା ଇସ୍ରାଏଲ୍ ମଧ୍ୟରେ ଏବେ ଯେଉଁଭଳି ଭାବେ ଯୁଦ୍ଧ ସ୍ଥିତି ଉତ୍ପନ୍ନ ହୋଇଛି,ଏମାନେ କେବଳ ବିଶ୍ୱରେ ନିଜର ଆଧିପତ୍ୟ ବିସ୍ତାର କରିବା ପାଇଁ ସେପରି କାଣ୍ଡ କାରନାମା ଭିଆଉଛନ୍ତି। ଯାହାଙ୍କ ପାଇଁ ସମାଜରେ ସୃଷ୍ଟି ହେଉଛି ନାନା ପ୍ରକାର ବିଶୃଙ୍ଖଳା ତଥାପି ସମାଜରେ ଧର୍ମୀୟ ବାତାବରଣ ଜାରି ରହିଛି କାରଣ ଆଜିର ସମାଜରେ କେବଳ ସେହିଭଳି କାଟାଗୋରୀର ଚରିତ୍ର ତ ରହୁନାହାଁନ୍ତି । ବହୁତ ଧର୍ମାବଲମ୍ବୀ ତଥା ବହୁ ଧର୍ମାବତାର ମଧ୍ୟ ରହୁଛନ୍ତି ଏ ସମାଜରେ ଯେଉଁମାନଙ୍କ ପାଇଁ ସମାଜରେ ଏକ ଧର୍ମୀୟ ବାତାବରଣର ଚିତ୍ର ମଧ୍ୟ ଦେଖିବାକୁ ମିଳିଥାଏ । ହେଲେ ସମାଜରେ କୁପ୍ରଭାବୀମାନଙ୍କ ପ୍ରଭାବ ଯେଭଳି ଭାବେ ବୃଦ୍ଧି ପାଇ ଚାଲିଛି, ତା'ର ପ୍ରବଳ କୁପ୍ରଭାବ ବି ପଡୁଛି ସମାଜରେ ଯାହାପାଇଁ ଆଜିର ସମାଜ ମଧ୍ୟ ସମାନ ପରିମାଣରେ ପ୍ରଭାବିତ୍ ହେଉଛି। ସମାଜରେ ସେଭଳି କୁପ୍ରଭାବୀମାନଙ୍କ ଦ୍ୱାରା ପ୍ରଭୂତ କ୍ଷତି ସାଧନ ହୋଇସାରିଲାଣି ଏବଂ ଆଗକୁ ମଧ୍ୟ ଆହୁରି ଅନେକ କ୍ଷତି ସାଧନର ସମ୍ଭାବନା ରହିଛି। ଯାହାକୁ ପ୍ରତିହତ କରିବା ପାଇଁ ସର୍ବଦା ଉଦ୍ୟମ ମଧ୍ୟ ଜାରି ରହିଛି ତଥାପି ପରିସ୍ଥିତି ଅସମ୍ଭାଳ। ସେଥିପାଇଁ ତ ଦୀର୍ଘ ଦିନ ଧରି ଉଭୟ ଦେଶ ମଧ୍ୟରେ ଲାଗି ରହିଛି ବିବାଦ ଯାହାର ଅନ୍ତ କେବେ ଘଟିବ, ସେ ନେଇ କିଛି ବି କହିବା ସମ୍ଭବ ନୁହେଁ କାରଣ ଉଭୟ ପ୍ରଶାସନ ମଧ୍ୟରେ କେବେ ବି କୌଣସି ବୁଝାମଣାର ସମ୍ଭାବନା ଦେଖାଯାଉନି ଯାହା ପଛରେ ମୁଖ୍ୟ କାରଣ ହେଉଛି କ୍ଷମତା ଲଢ଼େଇ, କେବଳ କ୍ଷମତା ଲଢ଼େଇ ବୋଲି କହି ହେବନି, ତାକୁ ଅନ୍ୟ ଅର୍ଥରେ ଆଧିପତ୍ୟ ପାଇଁ ଲଢ଼େଇ ବୋଲି କହିବାକୁ ପଡ଼ିବ । ତାକୁ ଅନ୍ୟ ଅର୍ଥରେ ଆଧିପତ୍ୟ ପାଇଁ ଏକ ସଙ୍ଘର୍ଷ ବୋଲି କହିବାକୁ ପଡ଼ିବ। ବିଶ୍ୱରେ ତ ଏମିତି ଅନେକ ଦେଶ ରହିଛନ୍ତି ଯେଉଁମାନଙ୍କୁ ଆମେ ପ୍ରଭାବଶାଳୀ ଅବା କ୍ଷମତାଶାଳୀ ବୋଲି କହିବାକୁ ପଡ଼ିବ । ସେମାନେ ବି କେବେ କେବେ ପରସ୍ପର ମଧ୍ୟରେ କନ୍ଦଳ ମଧ୍ୟରେ ଲିପ୍ତ ରହିଛନ୍ତି । ହେଲେ କ୍ଷମତା କନ୍ଦଳରୁ ପରବର୍ତ୍ତୀ ସମୟରେ ସେମାନେ ଦୂରେଇ ଯାଇଛନ୍ତି। କାରଣ ସମସ୍ତେ ସାରା ବିଶ୍ୱରେ ଯଦି ସେହିଭଳି କନ୍ଦଳରେ ଲିପ୍ତ ରହିବେ, ତେବେ ବିଶ୍ୱରେ ଅଚିରେ ଏକ ବିଶ୍ୱ ଯୁଦ୍ଧ ହେବାର ସମ୍ଭାବନା ସୃଷ୍ଟି ହୋଇପାରେ। ଏଣୁ କ୍ଷମତା କନ୍ଦଳରୁ ସମସ୍ତେ ଦୂରେଇ ରହିବା ଉଚିତ୍ । ଆଧିପତ୍ୟ ବିସ୍ତାର ପାଇଁ କିଛି ଭିନ୍ନ ପନ୍ଥା ଆପଣାଯାଇପାରେ, ହେଲେ ପରସ୍ପର ମଧ୍ୟରେ ସଦା କନ୍ଦଳ ମନୋଭାବ କେବଳ ସମ୍ପର୍କକୁ ଖରାପ କରେନି ବରଂ ପରିସ୍ଥିତିକୁ ବହୁତ ଭୟାନକ କରିଦିଏ ଯାହା ବିଶ୍ୱରେ ଆଉ ଏକ ବିଶ୍ୱ ଯୁଦ୍ଧର ବାତାବରଣ ସୃଷ୍ଟି କରିପାରେ।

## ଜ୍ଞାନାମୃତ

# ପ୍ରଭାବୀ ଅଭ୍ୟାସ

ଅତି ଗୁରୁତ୍ୱପୂର୍ଣ୍ଣ ହେଉଛି ଅଭ୍ୟାସର ପ୍ରଭାବ। ଅଭ୍ୟାସ ଦ୍ୱାରା ବହୁତ କିଛି ସାଧନ କରିହୁଏ । ଅଭ୍ୟାସ ଦ୍ୱାରା ମଣିଷ ତା' ଜୀବନରେ ଅନେକ କିଛି ହାସଲ କରିପାରେ। ଅଭ୍ୟାସ ଦ୍ୱାରା ମଣିଷ ତା' ଜୀବନରେ ଅସମ୍ଭବକୁ ବି ସମ୍ଭବ କରିପାରେ। ଅଭ୍ୟାସର କରାମତି ଏତେ ବ୍ୟାପକ ଏବଂ ଏତେ ପ୍ରଭାବୀ। ହେଲେ ଏହି ଅଭ୍ୟାସ ଦ୍ୱାରା ବେଳେ ବେଳେ ଅନେକ କିଛି ଭୁଲ୍ ଭଟକା ହୋଇଯାଏ। ଏପରି ଭୁଲ୍ ହୋଇଯାଏ ଯାହା ସମାଜରେ ପ୍ରଳୟ ସୃଷ୍ଟି କରିଥାଏ। ଏପରି ଭୁଲ୍ ଯାହା ସମାଜକୁ କ୍ଷତବିକ୍ଷତ କରିଦିଏ। ଏପରି ଭୁଲ ଏକ ଶୃଙ୍ଖଳିତ ସମାଜକୁ ବିଶୃଙ୍ଖଳିତ କରିପାରେ । ଏକ ଶୃଙ୍ଖଳିତ ସମାଜକୁ ଉଚ୍ଛୃଙ୍ଖଳିତ କରିପାରେ। ସେପରି ଭୁଲ୍ କେବେ ବି ଗ୍ରହଣୀୟ ହୋଇନପାରେ। ଅଭ୍ୟାସ ଦ୍ୱାରା ସେପରି ବି ହୋଇଥାଏ। ଏଣୁ ଅଭ୍ୟାସ ଉପରେ କୌଣସି ନିର୍ଦ୍ଦିଷ୍ଟତା ନାହିଁ। ଆମେ ଯେପରି ଅଭ୍ୟାସ କରିବା, ସେ ଅଭ୍ୟାସର ଫଳାଫଳ ବି ଆମେ ସେହି ଅନୁସାରେ ଅନୁଭବ କରିପାରିବା। ଏଣୁ ସେହି ଅଭ୍ୟାସକୁ ନେଇ ଥରେ ଜଣେ ଜୈନ ଗୁରୁ ତାଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁଙ୍କୁ କହିଲେ ଯେ ଜୀବନରେ କେବେ ବି ଅଭ୍ୟାସର ବଶବର୍ତ୍ତୀ ହେବା ଉଚିତ ନୁହେଁ। ଅଭ୍ୟାସର ବଶବର୍ତ୍ତୀ ହୋଇ ଆମେ ଅନେକ ଭଲ କାମ କରିପାରିବା, ଅନେକ ଏପରି କାମ କରିପାରିବା ଯାହା ଅସମ୍ଭବକୁ ବି ସମ୍ଭବ କରିପାରିବ ଯାହା ବହୁତ ବଡ଼ ବଡ଼ ସମସ୍ୟାର ସମାଧାନ କରିପାରିବ. ହେଲେ ସେହି ଅଭ୍ୟାସ ଦ୍ୱାରା ବେଳେ ବେଳେ ଏପରି ବି କିଛି ହୁଏ ଯାହା ସମସ୍ୟାକୁ ଆହୁରି ଗୁରୁତର କରିଦିଏ। ସମସ୍ୟାକୁ ଆହୁରି ଜଟିଳ କରିଦିଏ। ସେଣୁ ଅଭ୍ୟାସ ଦ୍ୱାରା ସବୁକିଛି ସମସ୍ୟାର ସମାଧାନ ଯଦିଓ ସମ୍ଭବ ତେବେ ବେଳେ ବେଳେ ସେହି ଅଭ୍ୟାସ ଦ୍ୱାରା ସମସ୍ୟା ସମାଧିତ ହେବା ବଦଳରେ ବହୁ ପରିମାଣରେ ବିଗିଡ଼ିଯାଏ। ଏଣୁ ଆମେ ସେଭଳି ଅଭ୍ୟାସରୁ ଦୂରରେ ରହିବା ଉଚିତ୍ ଯାହା ଆମ ଜୀବନରେ କିଛି ସମସ୍ୟା ସୃଷ୍ଟି କରିପାରେ। ତେବେ କୌଣସି ଅଭ୍ୟାସ ଦ୍ୱାରା ଯଦି ଆମ ଜୀବନରେ ସେଭଳି କିଛି ଲାଭ ହେଉଥାଏ , ତାହା ଠିକ୍ ଅଛି। ଯେହେତୁ. ଅଭ୍ୟାସ ଦ୍ୱାରା ସବୁକିଛି ସମ୍ଭବ ହୋଇଥାଏ । ଠିକ୍, ହେଲେ ସେହି ଅଭ୍ୟାସ ସହ ଆମେ ଏତେ ପରିମାଣରେ ଜଡ଼ିତ ହେବା ଉଚିତ୍ ନୁହେଁ, ଯାହାଦ୍ୱାରା ଆମେ ଅସୁବିଧାରେ ପଡ଼ିଯିବା ବା ସେହି ଅଭ୍ୟାସ ଦ୍ୱାରା ଆମେ କିଛି ଏଭଳି ସମସ୍ୟା ସୃଷ୍ଟି କରିବା ଯାହାର ସମାଧାନ ନିଶ୍ଚୟ ଜଟିଳ ହୋଇପଡ଼ିବ। ଏଣୁ ଅଭ୍ୟାସର ପ୍ରଭାବ ବହୁତ ଅଧିକ ରହିଛି ଜୀବନରେ ହେଲେ ଅଭ୍ୟାସର ବଶବର୍ତ୍ତୀ ହୋଇ ମଣିଷ ଯେମିତି ଭୁଲ୍ ମାର୍ଗରେ ଚାଲି ନଯାଏ, ସେଥିପ୍ରତି ଧ୍ୟାନଶୀଳ ରହିବା ଦରକାର ।

# ଯଥାର୍ଥରେ ସେ ଥିଲେ ଉତ୍କଳ କେଶରୀ

### ହିମାଂଶୁ ଶେଖର ଆଚାର୍ଯ୍ୟ

ସୃଜନଶୀଳତାର ସୁନାର ଫସଲ ଠାରୁ ରାଜନୀତିର କ କିତ ପଥ, ସ୍ୱାଧୀନତା ସଂଗ୍ରାମର ଲେଲିହାନ ଶିଖାରୁ ସେବାର ବୃହତ୍ତର କ୍ଷେତ୍ର, ଜନଜାଗରଣ ଓ ସାଧନାର ମନ୍ତ୍ରୋଚାରଣରୁ ସାଫଲ୍ୟର ଶୀର୍ଷାରୋହଣ - ସବୁଠି ତାଙ୍କର ପାରିବାପଣିଆ, ଯଶ ଓ ଗାଥାର କାହାଣୀ । ସେ ହେଉଛନ୍ତି ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବ । ଉତ୍କଳୀୟ ଜାତୀୟତାର ଆଦ୍ୟ ଜନ୍ମଦାତା ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୀବନାଦର୍ଶ, ଆଚାର୍ଯ୍ୟ ହରିହର ଓ କୃପାସିନ୍ଧୁ ମିଶ୍ରଙ୍କ ତ୍ୟାଗପୂତ ଜୀବନ ଏବଂ ନିତ୍ୟାନନ୍ଦ କାନୁନ୍‌ଗୋ, ନବକୃଷ୍ଣ ଚୌଧୁରୀ ଓ ପଣ୍ଡିତ ଲିଙ୍ଗରାଜ ମିଶ୍ରଙ୍କ ସାହଚର୍ଯ୍ୟ ତାଙ୍କୁ ବହୁଭାବରେ ପ୍ରଭାବିତ କରିଥିଲା । ସେହି ଆଦର୍ଶକୁ ପାଥେୟକରି ସେ କେବଳ ଆମ ରାଜ୍ୟ ନୁହେଁ ଭରତର ଜଣେ ଆଗଧାଡିର ଜନନାୟକ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ ।ହରେକୃଷ୍ଣ ମହତାବ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ । ସେ ଥିଲେ ଏକାଧାରରେ ଜଣେ ବିଚକ୍ଷଣ ରାଷ୍ଟ୍ରନୀତିଜ୍ଞ, ସୁସାହିତ୍ୟିକ, ସୁଶାସକ, ଦକ୍ଷ ସମ୍ପାଦକ, ମହାନ୍ ଦେଶପ୍ରେମୀ, ଐତିହାସିକ ,ସୁସଂଗଠକ ଓ ସର୍ବୋପରି ନବଉତ୍କଳର ନିର୍ମାତା । ଥରେ ଯାହା ସିଏ ଚିନ୍ତା କରୁଥିଲେ ତାକୁ କାର୍ଯ୍ୟରେ କରି ଦେଖାଉଥିଲେ । ଏଥିରୁ ତାଙ୍କୁ କେହି ବିଚ୍ୟୁତ କରିପାରୁନଥିଲେ । ତାଙ୍କ ବ୍ୟତିରେକ ଓଡିଶା ରାଜନୀତିର କୌଣସି ସଂଜ୍ଞା, ସ୍ଥିତି ନାହିଁ । ସମସ୍ତ ଉଲ୍ଲେଖଯୋଗ୍ୟ ରାଜନୀତିକ ଉତ୍‌ଥାନ-ପତନରେ ତାଙ୍କର ହାତଥିବା ଅନେକ ବିଶ୍ୱାସ କରୁଥିଲେ । ସତରେ ସେ ଥିଲେ ଏକ ରାଜନୀତିକ ବିସ୍ମୟ, ଯାହାଙ୍କ ଚିନ୍ତାରେ, କଥାରେ, ଲେଖାରେ ଓ କାର୍ଯ୍ୟରେ ଗୋଟିଏ ଜାତିର ଶ୍ୱାସ-ପ୍ରଶ୍ୱାସ ଏମିତି ସ୍ପନ୍ଦିତ ହେଉଥିଲା ।ସେ ଖାଲି ଜଣେ ବ୍ୟକ୍ତି ବିଶେଷ ନଥିଲେ, ଥିଲେ ଏକ ସ୍ୱୟଂସଂପୂର୍ଣ୍ଣ ଅନୁଷ୍ଠାନ ।ଡକ୍ଟର ମହତାବଙ୍କ କର୍ମମୟ,ସଂଗ୍ରାମୀ ଓ ରାଜନୈତିକ ଜୀବନ ବେଶ୍ ଚଳଚ ଳ ଥିଲା । ନିଜର ଅସାଧାରଣ ବ୍ୟକ୍ତିତ୍ୱ ଓ ପରାକାଷ୍ଠା ଯୋଗୁ ପ୍ରାୟ ଅର୍ଦ୍ଧସତାବ୍ଦି ଧରି ୧୯୨୪ ମସିହାରୁ ୧୯୭୪ ମସିହା ପର୍ଯ୍ୟନ୍ତ ଓଡିଶା ତଥା ଜାତୀୟ ରାଜନୀତିକୁ ପ୍ରଭାବିତ କରିଥିଲେ । ୧୯୩୭ ମସିହାରେ ରାଜ୍ୟ କଂଗ୍ରେସର ସଭାପତି ଭାବେ ସଂଗଠନରେ ପାଦ ଥାପିଥିଲେ ସେ । ପରେ ୧୯୩୮ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର କାର୍ଯ୍ୟକାରୀ ସମିତି ସଭ୍ୟରୂପେ ତାଙ୍କୁ ମନୋନୀତ କରାଯାଇଥିଲା । ଏହି ସମୟରେ ନିଜର ଅପୂର୍ବ ସାଂଗଠନିକ ଦକ୍ଷତାର ପ୍ରମାଣ ଦେଇଥିଲେ । ପ୍ରଥମ ପର୍ଯ୍ୟାୟରେ ୧୯୪୬ରୁ ୧୯୫୦ମସିହା ପର୍ଯ୍ୟନ୍ତ ସେ ଓଡିଶାର ପ୍ରଧାନମନ୍ତ୍ରୀ ପରେ ମୁଖ୍ୟମନ୍ତ୍ରୀ ହେବାର ଗୌରବ ଲାଭ କରିବା ସହ ପରବର୍ତ୍ତୀ ପର୍ଯ୍ୟାୟରେ ୧୯୫୬ ମସିହାରେ ଦ୍ୱିତୀୟ ଥର ପାଇଁ ଓଡିଶାର ମୁଖ୍ୟମନ୍ତ୍ରୀ ପଦ ମଣ୍ଡନ କରି ୧୯୬୧ ମସିହା ପର୍ଯ୍ୟନ୍ତ ସେଥିରେ ଅବସ୍ଥାପିତ ହୋଇଥିଲେ । ସେହିପରି ୧୯୫୦ ମସିହାରୁ ୧୯୫୨ ମସିହା ପର୍ଯ୍ୟନ୍ତ କେନ୍ଦ୍ର ଶିଳ୍ପ, ବାଣିଜ୍ୟ ଓ ଯୋଗାଣ ମନ୍ତ୍ରୀ ରୂପେ ନିଜ ଦାୟିତ୍ୱ ସୂଚାରୁରୂପେ ତୁଲାଇଥିଲେ । ୧୯୫୫-୧୯୫୬ ମସିହାରେ ବମ୍ବେ ରାଜ୍ୟର ରାଜ୍ୟପାଳ ହେବାର ସୌଭାଗ୍ୟ ଡକ୍ଟର ମହତାବ ହିଁ ଲାଭ କରିଥିଲେ । ୧୯୬୨ ମସିହାରେ ଯେଉଁ ତିନିଜଣ ସଦସ୍ୟ ଅପ୍ରତିଦ୍ୱନ୍ଦୀ ଭାବରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ ତନ୍ମଧ୍ୟରୁ ମହତାବ ଥିଲେ ଜଣେ । ସେହିପରି ୧୯୬୬ ମସିହାରେ କଂଗ୍ରେସ ଦଳ ତ୍ୟାଗ ପରେ ୧୯୬୭,୧୯୭୧ ଓ ୧୯୭୪ ମସିହାରେ ସେ ମଧ୍ୟ ଓଡିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ ।ମହତାବଙ୍କ ଶାସନକାଳ ଓଡିଶା ପାଇଁ ଏକ ସୁବର୍ଣ୍ଣଯୁଗ ଥିଲା କହିଲେ ଭୁଲ୍ ହେବ ନାହିଁ । ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ସ୍ୱକୀୟତା, ସାହସ ଓ ନିର୍ଭୀକତା ପରିସ୍ଫୁଟ ହୋଇଥିଲା । ଆଧୁନିକ ଓଡିଶାର ନିର୍ମାତା ଭାବେ ଇତିହାସରେ ତାଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ । ଗଡଜାତ ମିଶ୍ରଣ, ଭୁବନେଶ୍ୱରରେ ନୂଆ ରାଜଧାନୀ ପ୍ରତିଷ୍ଠା, ଓଡିଶା ଟେକ୍ସଟାଇଲ୍ ମିଲ୍ ,କଟକ ଆକାଶବାଣୀ କେନ୍ଦ୍ର ପ୍ରତିଷ୍ଠାରେ ତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଆଜି ବି ଉଚ୍ଚ ପ୍ରଶଂସିତ । ବିଶେଷ କରି ଓଡିଶାକୁ ମହତାବଙ୍କ ସର୍ବଶ୍ରେଷ୍ଠ ଅବଦାନ ହେଉଛି ହୀରାକୁଦ ବନ୍ଧ । ୧୯୪୮ ମସିହା ଏପ୍ରିଲ ୧୨ ତାରିଖରେ ଭରତର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଓଡିଶାରେ ହାଇକୋର୍ଟ ପ୍ରତିଷ୍ଠା ଦିଗରେ ମହତାବ ଆଶୁ ପଦକ୍ଷେପ ନେଲେ । ସୁପ୍ରିମକୋର୍ଟର ସେତେବେଳର ପ୍ରଧାନ ବିଚାରପତିଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଥିଲା । ଓଡିଶାରେ ଖେଳ କସରତକୁ ପ୍ରୋତ୍ସାହନ ଦେବାପାଇଁ ମହତାବଙ୍କ ଅବଦାନ ବହୁତ ବେଶୀ । ଓଡିଶା ଅଲମ୍ପିକ ଆସୋସିଏସନ୍ ତାଙ୍କ ଉଦ୍ୟମରେ ଗଠିତ ହୋଇଥିଲା । ସେ ଶେଷ ପର୍ଯ୍ୟନ୍ତ ତାର ସଭାପତି ଥିଲେ । ବାରବାଟୀ ଷ୍ଟାଡିୟମ୍ ନିର୍ମାଣରେ ସେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।ରାଜନୀତି ଓ ସାହିତ୍ୟ ସାଧନା ସହିତ ମହତାବ ସାମ୍ବାଦିକତାକୁ ନିଜ ଜୀବନର ଅଙ୍ଗ ବୋଲି ଭାବିନେଇଥିଲେ । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସଫଳତା ସାର୍ଥକ ଜନମତ ଉପରେ ନିର୍ଭର କରେ ବୋଲି ସେ ମର୍ମେ ମର୍ମେ ଅନୁଭବ କରିଥିଲେ । ଜନମତକୁ ପ୍ରତିଫଳିତ କରିବା ପାଇଁ ସେ ପ୍ରତିଷ୍ଠା କରିଥିଲେ "ପ୍ରଜାତନ୍ତ୍ର" । ୧୯୨୩ ମସିହାରେ ଏହା ପ୍ରଥମେ ସାପ୍ତାହିକ ଭାବେ ପ୍ରକାଶ ପାଇବା ପରେ ୧୯୪୬ ମସିହାଠାରୁ ଏହା ଦୈନିକ ପ୍ରକାଶ ପାଇଆସୁଅଛି । ପ୍ରଜାତନ୍ତ୍ରର ବହୁ ବିଭାଗ ଦେଖିବାକୁ ମିଳେ । ଏହାର ଆଉ ଏକ ଆକର୍ଷଣୀୟ ବିଭାଗ ଥିଲା ଗାଁ -ମଜଲିସ୍ । ଏହାକୁ ମହତାବ ନିଜେ ଲେଖୁଥିଲେ । ଏଥିରେ ଦୁଃଖୀ, ଦରିଦ୍ର, ଶୋଷିତ ଜନସାଧାରଣଙ୍କ ପାଇଁ ସମବେଦନାର ଉଚ୍ଛ୍ୱାସ ଦେଖିବାକୁ ମିଳୁଥିଲା । ଏତଦ୍‌ବ୍ୟତିତ ଶିଶୁପତ୍ରିକା ମୀନାବଜାର ଓ ଝଙ୍କାରର ସେ ସ୍ରଷ୍ଟା ଥିଲେ । ପ୍ରଜାତନ୍ତ୍ର ପ୍ରଚାର ସମିତିର ସଭାପତି ଥାଇ ସେ ସାରସ୍ୱତ ବିଷୁବ ମିଳନର ପରିକଳ୍ପନା କରିଥିଲେ । ପ୍ରତିବର୍ଷ ଏହି ଉତ୍ସବରେ କବି, ଲେଖକ ଓ ସାହିତ୍ୟିକମାନେ ସମ୍ବର୍ଦ୍ଧିତ ହେଉଛନ୍ତି ।ଏବେ ମଧ୍ୟ ବିଷୁବ ମିଳନ ସମାରୋହରେ ତାଙ୍କ ଶୂନ୍ୟତା ବେଶ୍ ବାରିହୋଇପଡେ ।ମହତାବଙ୍କର ସାହିତ୍ୟ କ୍ଷେତ୍ରରେ ମଧ୍ୟ ଗଭୀର ପ୍ରବେଶ ଓ ଅନୁରାଗ ଥିଲା । ସେ ଥିଲେ ଜଣେ ଲବ୍ଧପ୍ରତିଷ୍ଠ ସାହିତ୍ୟିକ । ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ ମଧ୍ୟ ଲେଖନୀ ଚାଳନାରୁ ସେ ବିରତ ହୋଇନଥିଲେ । ତାଙ୍କର ପ୍ରବନ୍ଧଗୁଡିକ ଯେପରି ଭାବୋଦ୍ଦୀପକ, ତାଙ୍କ ଉପନ୍ୟାସଗୁଡିକ ସେପରି ପ୍ରାଣବନ୍ତ ଥିଲା । ଏଥିସହିତ ଗଳ୍ପ, ଏକାଙ୍କିକା ଓ କାବ୍ୟ କବିତା ଲେଖିବାରେ ସେ ମାହିର ଥିଲେ । ତାଙ୍କର ପ୍ରକାଶିତ ଉପନ୍ୟାସ ଗୁଡିକ ହେଲା ପ୍ରତିଭା, ଅବ୍ୟାପାର, ନୂତନ ଧର୍ମ, ଟାଉଟର, ତୃତୀୟ ପର୍ବ ଓ ୧୯୭୫ । ପ୍ରବନ୍ଧଗୁଡିକ ଭିତରେ ରହିଛି ସମାଜ ଉପରେ ସାହିତ୍ୟର ପ୍ରଭାବ, ହଜାରେ ବର୍ଷରେ ଓଡ଼ିଆ ସାହିତ୍ୟ, ଭାରତୀୟ ସଂସ୍କୃତିକୁ ଓଡ଼ିଶାର ଅବଦାନ, ଗୀତା ଓ ଜନତା ଓ ସାହିତ୍ୟ ଓ ରାଜନୀତି । ବହୁ ବିଶିଷ୍ଟ ଲୋକଙ୍କ ପରି ସେ ଆତ୍ମଜୀବନୀ ଲେଖିଛନ୍ତି - 'ସାଧନାର ପଥେ' । ଏହା ଉଚ୍ଚକୋଟୀର ଆତ୍ମଜୀବନୀ । ବିଶେଷକରି ତାଙ୍କ ରଚିତ 'ଓଡିଶା ଇତିହାସ' ଏକ ଅନନ୍ୟ ସୃଷ୍ଟି ଯାହା ଭବିଷ୍ୟତ ଗବେଷକମାନଙ୍କୁ ଯୁଗଯୁଗ ଧରି ପ୍ରେରଣା ଦେଇଆସୁଥିବ । ଐତିହାସିକ ମଜୁମ୍‌ଦାରଙ୍କ ଭାଷାରେ ଓଡିଆ ଭାଷାରେ ଆଧୁନିକ ବୈଜ୍ଞାନିକ ପଦ୍ଧତିରେ ଯେଉଁ କେତୋଟି ପୂର୍ଣ୍ଣାଙ୍ଗ ଇତିହାସ ରଚିତ ହୋଇଛି, ତନ୍ମଧ୍ୟରୁ 'ଓଡିଶା ଇତିହାସ' ଶ୍ରେଷ୍ଠ ଗ୍ରନ୍ଥ । ଏଥିପାଇଁ ୧୯୫୦ ମସିହାରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ, ୧୯୫୬ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ, ୧୯୫୮ ମସିହାରେ ସାଗର ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନଜନକ ଡି.ଲିଟ୍. ଉପାଧିରେ ଭୂଷିତ କରିଥିଲେ ।

ଡକ୍ଟର ମହତାବଙ୍କ ଜନ୍ମ ୧୮୯୯ ମସିହା ନଭେମ୍ବର ୨୧ ତାରିଖରେ, ମୃତ୍ୟୁ ୧୯୮୭ ମସିହା ଜାନୁୟାରୀ ୨ ତାରିଖରେ । ହରେକୃଷ୍ଣ ମହତାବ ଆଜି ଆମ ଗହଣରେ ନାହାଁନ୍ତି ସତ, ହେଲେ ଓଡିଶାର ପ୍ରତିଟି କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଜନମାନସରେ ସେ ଚିରଦିନ ସ୍ମରଣୀୟ ହୋଇରହିବେ ।

**ସଭାପତି**
**ସାରସ୍ୱତ ପରିଷଦ,**
**ଜଗତସିଂହପୁର**
**ମୋ - ୯୯୩୭୧୫୧୦୫୨**

# କ୍ଷମତାର ମହୁ..ଯେତେବେଳେ ଥାଏ, ଆଉ ଗଲାପରେ

### ଶ୍ୟାମ ସୁନ୍ଦର ସାମଲ

ସତରେ କ୍ଷମତା କିପରି ଜିନିଷଟା ନୁହେଁ ମ ! କଥାରେ ନାହିଁ ଦିଲ୍ଲୀକା ଲଡୁ ଯୋ ଖାଏ ଓ ପସ୍ତାଏ ଯୋ ନେହିଁ ଖାଏ ଓ ବି ପସ୍ତାୟା। ବାସ କଥା ରହିଲା ସେହିଟି । ସବୁରି ମୂଳରେ କ୍ଷମତା। ଆଉ କ୍ଷମତା ଏପରି ଏକ ଅଦୃଶ୍ୟ ଶକ୍ତିଶାଳୀ, ବାହୁବଳୀ ଓ ପରକ୍ରମୀ ତା ଆଗରେ ଭଗବାନ ବି ମୁଣ୍ଡ ନୁଆଁନ୍ତି । ଆପଣ ଦେଖୁନାହାଁନ୍ତି ଆପଣଙ୍କ ପାଖରେ କ୍ଷମତା ଅଛି ମାନେ ଘର ଆଗରେ ରାତି ପାହିଲା ପୂର୍ବରୁ ଗାଡ଼ି ଲାଗିବ, ବାବୁ ଭାୟାମାନେ ଆସିବେ, ସ୍ତାବକଙ୍କ ସଂଖ୍ୟା ଢ଼େର ବଢ଼ିଯିବ ଆଉ ସବୁକିଛି । କିନ୍ତୁ ଯଦି କ୍ଷମତା ନାହିଁ ବୁଲା କୁକୁର ବି ଆପଣଙ୍କ ଘର ଆଗରେ ଆସି ଭୋକିବାକୁ ରାଜି ହେବନାହିଁ। ସାଧାରଣ ଜୀବନ କଥା ବି ଦେଖନ୍ତୁ ଜଣେ ପଦସ୍ଥ ଅଧିକାରୀ ବା ଅଧଃସ୍ତନ ଅଧିକାରୀ ସେ ତୃତୀୟ ଶ୍ରେଣୀ ହୁଅନ୍ତୁ ବା ଚତୁର୍ଥ ଶ୍ରେଣୀ। ଯେତେବେଳେ ଯେଉଁ ବିଭାଗରେ ଚାକିରୀ ଖଣ୍ଡେ ପାଇଥାନ୍ତି ସେତେବେଳେ ନିଜକୁ ଇନ୍ଦ୍ରଚନ୍ଦ୍ରଙ୍କ ଉପରସ୍ତରର ଲୋକ ଭାବେ ନିଜକୁ ବିଚାର କରନ୍ତି । ଆଉ ଜନସାଧାରଣଙ୍କୁ ପୋକମାଛି ପରି ବ୍ୟବହାର ମଧ୍ୟ କରିବାକୁ ପଛାନ୍ତି ନାହିଁ। କିନ୍ତୁ କେତେକ କ୍ଷେତ୍ରରେ ଦେଖାଯାଏ ଗୋଟିଏ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ କିଛି ଅଧିକାରୀ ହୁଅନ୍ତୁ ବା ଯେକୌଣସି ଶ୍ରେଣୀର ଚାକିରିଆ ହୁଅନ୍ତୁ ସେମାନଙ୍କ ନିକଟରେ ମଣିଷ ପଣିଆ ଥାଏ ଓ ଜନସାଧାରଣଙ୍କୁ ଯଥୋଚିତ୍ତ ବ୍ୟବହାର କରିବା ସହିତ ନିଜର ମଣିଷ ପଣିଆ ଆଉ ବଂଶ ପରମ୍ପରାରୁ ଶିଖିଥିବା ସଂସ୍କାରକୁ ସେମାନଙ୍କର ଆଚରଣରେ ଦର୍ଶାଇଥାନ୍ତି । ତାଙ୍କ ଭିତରୁ ଆମେ କାହାକୁ ଭଲ କହିବା, କାହାକୁ ମନ୍ଦ କହିବା ତାହା ଏ ଛୋଟିଆ ଲେଖକଟି ନୁହେଁ ସୁଧୀ ପାଠକବୃନ୍ଦ ମନୋନୀତ କରନ୍ତୁ।

ବର୍ତ୍ତମାନ ଦେଖନ୍ତୁ ଆପଣ ପଦପଦବୀରେ ଅଛନ୍ତି । କିସା କୃଷିକା ନ୍ୟାୟରେ ଆପଣଙ୍କୁ ତେଲମରାଙ୍କ ସଂଖ୍ୟା, ଜମା ତ ଗଣିପାରିବେନି । କିନ୍ତୁ ସେହି ତେଲମରା ମାନଙ୍କୁ ଟିକେ ସତର୍କ ଥିବେ କାରଣ ତେଲଟା ବା ଚିକିଟିବା ପଡ଼ିଯିବାର ଭୟ ଥାଏ। ବର୍ତ୍ତମାନ ସମୟକୁ ଟିକେ ଦେଖନ୍ତୁ ଯେଉଁମାନେ ଯଥାର୍ଥରେ ଭଲ ସରକାରୀ ଚାକିରିଆ ସେମାନେ ତାଙ୍କ କର୍ତ୍ତବ୍ୟରତ ସମୟରେ ସରକାର ବାବୁଙ୍କ ସମସ୍ତ ନିୟମ କାନୁନ ମାନି ଲୋକମାନଙ୍କୁ ଉତ୍ତମ ସେବା ଦେଇଥାନ୍ତି କିନ୍ତୁ ଦୁର୍ଭାଗ୍ୟର ବିଷୟ ସେମାନେ ତାଙ୍କର ଅବସର ପରବର୍ତ୍ତୀ ସମସ୍ତ ସରକାରୀ ପାଉଣା ଠିକ ସମୟରେ ପାଇପାରୁନାହାଁନ୍ତି । ତାଙ୍କ ପେନସନ ପେପର, ଜିପିଏଫ ଓ ଅନ୍ୟାନ୍ୟ କାଗଜାତ ଉପର ଅଫିସରୁ ଏଜି ଅଫିସକୁ ପଠାଯାଉନାହିଁ। କିଛି ନାବାଳିକି ଫିଟି ନଥିବା କର୍ମଚାରୀ ଯାହାଙ୍କୁ କିଛି ଜଣାନାହିଁ କିନ୍ତୁ କଥା ତାଙ୍କର କରମଣ୍ଡଳ ସୁପରଫାଷ୍ଟ । ସେମାନେ ଗୁରୁତ୍ୱପୂର୍ଣ୍ଣ ସିଟରେ ରହି ସବୁ କାମକୁ ବେଙ୍ଗା କରନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ସିଟରେ ରହିଥିବା ବର୍ଷ ବର୍ଷର ବୁଢ଼ା ମୂଷାମାନେ କେତେ ଯେ ଦୁର୍ନୀତିର ଗଳାବାଟ ସୃଷ୍ଟି କରିଥାନ୍ତି ତାହା ସରକାର ବାହାଦୂର ଜାଣିକି ବି ତାଙ୍କର..... ଉପାଡ଼ି ପାରନ୍ତି ନାହିଁ। ଜଣେ ଅଧିକାରୀ ହୁଅନ୍ତୁ ବା ଅଧଃସ୍ତନ କର୍ମଚାରୀଟି । ନିଜ କର୍ମମୟ ଜୀବନରେ ନିଜ ଝାଳବୁହା ଧନରୁ କିଛି ସରକାରୀ ବ୍ୟବସ୍ଥାରେ ସଞ୍ଚିତ କରି ଆଶା ରଖିଥାଏ ଅବସର ପରେ ସେ ଅର୍ଥ ତା ଦୁଃଖ ଓ ଅଭାବୀ ସମୟରେ ଲାଗିବ। କିନ୍ତୁ ଅନେକ ଘଟଣା ଅତ୍ୟନ୍ତ ମର୍ମନ୍ତୁଦ ହୋଇଯାଏ। ନିଜର ପ୍ରାପ୍ୟ କାଗଜ ପତ୍ର ଡାହାଣ ପଟ ଟେବୁଲରୁ ବାମ ପଟ ଟେବୁଲକୁ ଘୁଞ୍ଚି ପାରୁନାହିଁ। ବିନା ନଗଦ ନାରାୟଣରେ ଚପଲ ଘୋରି ହେବ ସିନା, ଚଡ଼ିଗଞ୍ଜି ଓଦା ହେବ ସିନା ସେହିପରି ମୁଣ୍ଡ ଆଉଁଷି ଥିବେ ।ଆମ ଓଡ଼ିଶାରେ ସରକାର ବାହାଦୂର ମଝିରେ ବାହାଦୂରି ନେବା ପାଇଁ ଘୋଷଣା କରିଦେଲେ ଅବସରର ଦିନ ହିଁ ତାଙ୍କର ସମସ୍ତ କାଗଜପତ୍ର ପ୍ରସ୍ତୁତ ହୋଇ ସମ୍ମାନର ସହ ପ୍ରାପ୍ୟ ଦିଆଯିବ ଏବଂ ମାତ୍ର ତିନିମାସ ଭିତରେ ସେ ନିୟମିତ ପେନସନ ପାଇଁ ହକଦାର ହେବେ। କିଛି କର୍ମଚାରୀଙ୍କୁ ଦିଆଯାଇ ସରକାର ନିଜ ଢ଼ୋଲ ପିଟା ଫଟୋ ଖବରକାଗଜରେ ମଧ୍ୟ ଛାପିଲେ। ଆମ ପରି ଅବସର ଗ୍ରହଣ କରିଥିବା ଛୋଟିଆ ମୋଟିଆ କର୍ମଚାରୀମାନେ ଭାରି ଖୁସି ହେଉଥିଲୁ କିନ୍ତୁ ସେ ଖୁସିଟା କେବଳ ଦେଖାଣିଆ ଥିଲା। ସରକାରଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଭାଗ କୁହାଯାଉଥିବା ରାଜସ୍ୱ ବିଭାଗ। କଥାଟି ଟିକେ ଆଲୋଚନାରେ ରହୁ। ଏଠି ଏପରି ଭୟଙ୍କର ଜନ୍ତୁ ଆଉ ମୂଷାମାନେ ଅଛନ୍ତି ଯେ ଏମାନେ ଉତ୍ତରାଖଣ୍ଡ ଟନେଲ ପରି ଶହେଟା ଟନେଲର ଗାତକୁ ଖୋଳି କେଉଁଠି ପହଞ୍ଚିଯିବେ ଭଗବାନ ବି ତାଙ୍କୁ ଠାବ କରିପାରିବେନାହିଁ। ବର୍ଷ ବର୍ଷ ଧରି ଉପରିସ୍ଥ ବାବୁଙ୍କୁ ଖୁସ କରି ଏହି ଗାତୁଆ ମୂଷାମାନେ ନିଜର ତଳିଆ କର୍ମଚାରୀଙ୍କୁ ଯେଉଁପରି ମାନସିକ ଭାବେ କଷ୍ଟ ଦେଇଥାନ୍ତି ତାହା ନକହିବା ଭଲ। ସଞ୍ଚିତ ପ୍ରାପ୍ୟରୁ ଜଣେ ନିଜ ପରିଣତ ବୟସରେ ଚିକିତ୍ସା ହେବାପାଇଁ ଟଙ୍କାଟିଏ ପାଉନାହିଁ, ଝିଅ ବିବାହ ବୟସ ଗଡ଼ି ଯାଉଛି, ପୁଅଟି ଚାକିରି ପାଇଁ ସମ୍ବଳ ଝୁଲି ରହିଗଲା, ସ୍ତ୍ରୀର ଦେହପା କଥା ସେ ବି ପଛେଇ ଯାଏ ଆଉ ଅତ୍ୟନ୍ତ ବୃଦ୍ଧ ବାପ-ମାଆଙ୍କ ଚିକିତ୍ସା ପାଇଁ ବି ସମ୍ବଳ ମିଳିନଥାଏ। କଟକ ରାଜସ୍ୱ ପର୍ସଦରେ ଏପରି ହାକିମ ମାନେ ଅଛନ୍ତି ଯାହାଙ୍କ ପିଲାମାନଙ୍କ ପାଠପଢ଼ା ନୋଟ ଷ୍ଟାପ ମାନେ ତିଆରି କରନ୍ତି, ନିଜ ଗାଡ଼ିରେ ପିଲାଙ୍କୁ ଟ୍ୟୁସନ ନେବେ, ପରିବା, ମାଂସ, ମଦ, ବଜାର କିଣା ଦାୟିତ୍ୱ ବି ତୁଲାଇବେ ଆଉ ତାହା ସହିତ ହାକିମାଣୀଙ୍କ ବୋଲ ସହ ହାକିମାଣୀ ଯଦି ମୁନୀବ ହୋଇଥିବେ ତାହାହେଲେ ଓଲଟା ଭାବେ ହାକିମଙ୍କ ବୋଲ ବି କରିବେ ଏବଂ ନକଲେ ନିଜ ରାସ୍ତା ଦେଖିବେ। ବିଭିନ୍ନ ବାବଦରେ ତଳିଆ କର୍ମଚାରୀଙ୍କ ଆକାଉଣ୍ଟ ଦ୍ୱାରା ପଇସା ସଂଗ୍ରହ ହୋଇ ସାରଙ୍କ ପାଖକୁ ଯିବ। ତାମାନେ ପ୍ରମାଣ ଶୂନ୍ୟ। ଆମେ ପ୍ରଥମରୁ ଲେଖୁଥିଲୁ କ୍ଷମତାରେ ଥିବାବେଳେ ଆଉ କ୍ଷମତା ଯିବାପରେ। ହଁ, ସେହିକଥା ଆଉ ଟିକେ ଲେଖି ସାରୁଛି। ଆପଣ କ୍ଷମତାରେ ଥିବାର ଶେଷ ଦିନ ଆପଣଙ୍କ ଡ୍ରାଇଭର ଆପଣଙ୍କୁ ସାଲ୍ୟୁଟ ମାରିବ। ତଳିଆମାନେ ସେହିପରି ହାଁ ଜୀ ହାଁଜୀ। ଭଲ ବିଦାୟ ସମ୍ବର୍ଦ୍ଧନା ବି ଦିଆଯିବ। ଭୁରି ଭୋଜିଭାତ ପ୍ରକାଣ୍ଡ ଉପଢ଼ୌକନ ସହ। ଅବସର ପରଦିନ ସକାଳେ ଟିକିଏ ଆପଣଙ୍କର ହାକିମାତିର ଜାଗାକୁ ଟିକିଏ ଯାଆନ୍ତୁ ତ ! ହେ ଭାଇ କାଶିଆ କିଏ ନା କପିଳା କିଏ ? ଜୁଳୁ ଜୁଳୁ କରି ସମସ୍ତେ ଅନେଇ ଓଲଟି ଆହୁରି ପଚାରିବେ ତ୍ତରେ କ'ଣ ଜିନିଷ ଛାଡ଼ି ଦେଇଛନ୍ତି କି ? ଟାଟବାଟ, ମୁଣ୍ଡିଆମରା, ହାଁ ଜୀ ହାଁ ଜୀ ଆଉ ନାହିଁ। ମୋ ବ୍ୟକ୍ତିଗତ ଅନୁଭୂତିରେ ଅନେକ ଘଟଣା ଦେଖିଛି। କିନ୍ତୁ ଆପଣ ଜଣେ କର୍ତ୍ତବ୍ୟନିଷ୍ଠ ହୋଇ ସରକାରଙ୍କ ନିୟମର କାର୍ଯ୍ୟଧାରାରେ ଲୋକମାନଙ୍କ ସେବା କରନ୍ତୁ ଦେଖିବେ ସେହିମାନେ ଆପଣଙ୍କୁ ଖଇକଉଡି ପକାଇ ମଶାଣୀ ପର୍ଯ୍ୟନ୍ତ ବି ବିଦାୟ ଦେବାକୁ ଯିବେ। ଏ ଦୁନିଆରେ କେହି ମାଆ ପେଟରୁ କ୍ଷମତାକୁ ନେଇ ଆସିନଥାଏ। ଯଦିଓ କଥାରେ ଅଛି କେହି କେହି ଧର୍ଣ୍ଣାଢ୍ୟ ବ୍ୟକ୍ତିମାନଙ୍କୁ ଉପଲକ୍ଷ୍ୟ କରି କୁହନ୍ତି ସେମାନେ ସୁନା ଚାମଚରେ ତାଙ୍କ ଜୀବନ ଆରମ୍ଭ କରିଥାନ୍ତି । ଲୋକମାନଙ୍କ ହୃଦୟରେ ରୁହନ୍ତୁ କେବେ କାହା ମୁଣ୍ଡରେ ଚଢନ୍ତୁ ନାହିଁ କାରଣ ମୁଣ୍ଡରୁ ଖସିପଡ଼ିବାର ଭୟ ଅଛି କିନ୍ତୁ ହୃଦୟ ବା ଏକ ଶ୍ରେଷ୍ଠ ସ୍ଥାନ। ଯାହାପାଇଁ ପୁରାଣ ଶାସ୍ତ୍ର କହିଛି ଭଗବାନ ହେଉଛନ୍ତି ହୃଦୟ ନିବାସୀ। କ୍ଷମତା ନଥାଏ ଏହା କିଛି କ୍ଷଣର ବା କିଛି ସମୟର। ଆଜି ଆପଣ ଭାବୁଛନ୍ତି ରୁଷର ପୁଟିନ, ଆମେରିକାର ବାଇଡେନ ବା ଆମ ପ୍ରଧାନମନ୍ତ୍ରୀ ଶକ୍ତିଶାଳୀ କୁହାଯାଉଥିବା ନରେନ୍ଦ୍ର ମୋଦୀ ଏବେ ଆମ ମୁଖିଆ ନବୀନ ବାବୁ ବା ୫ଟିର ସର୍ବଶକ୍ତିମାନ ଭି.କେ. ପାଣ୍ଡିଆନ, କାହାର ବି ଦିନେ କ୍ଷମତା ଦୀର୍ଘସ୍ଥାୟୀ ହୋଇପାରିବା ନାହିଁ ଏହା ହେଉଛି କାଳର ଅଲିଖିତ ନିୟମ। କିନ୍ତୁ ହୃଦୟର କ୍ଷମତାରେ ରୁହନ୍ତୁ ନା ଦେଖିବେ ଆପଣଙ୍କୁ ଆପଣଙ୍କ ସ୍ଥାନ ସର୍ବଦା ମୃତ୍ୟୁ ପରେ ବି ଶାଶ୍ୱତ ଅମର ହୋଇ ରହିବ। କାହିଁକି ଭାଇ ଏହି କ୍ଷମତାକୁ ଆମ ମଣିଷ ଭାଇ ମାନଙ୍କୁ ଆମେ ଚିହ୍ନି ପାରିବା ନାହିଁ। ଇଂରାଜୀ ନୂଆ ବର୍ଷଟି ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ଏହି ଛୋଟିଆ ଲେଖାଟି ମାଧ୍ୟମରେ ସମସ୍ତଙ୍କୁ ସଂସ୍କାର ଯୁକ୍ତ ହୋଇ ଦୁର୍ନୀତିମୁକ୍ତ ହେବା ସହ କର୍ତ୍ତବ୍ୟନିଷ୍ଠ ହୁଅନ୍ତୁ ଏହାଦ୍ୱାରା ଏହି ଛୋଟିଆ ଲେଖକଟି ତା ଲେଖାର ଉଚିତ ବିଚାର ଗ୍ରହଣ କରିପାରିବ।

**ବିଡ଼ାନାସୀ ବନ୍ଧଛକ, କଟକ,**
**ଦୂରଭାଷ : ୯୭୭୮୬୩୫୯୨୬**

# ଟିନିଟସ

### ନାରାୟଣ ଚନ୍ଦ୍ର ବିଶ୍ୱାଳ

ଅଧିକ ସମୟ ଧରି ଟିନିଟସ ରୋଗର ଲକ୍ଷଣ ଲାଗି ରହିଲେ ଅନେକଙ୍କ କ୍ଷେତ୍ରରେ ତାହା ମାନସିକ ରୋଗରେ ପରିଣତ ହୋଇଥାଏ। ତେଣୁ ଏହାର ଚିକିତ୍ସା କରାଇନେବା ଉଚିତ। ପ୍ରଥମେ ଟିନିଟସ ସମସ୍ୟା ଗୋଟିଏ କାନରେ ହୋଇଥାଏ। ସମୟ ସହିତ ଦୁଇଟି ଯାକ କାନ ଆକ୍ରାନ୍ତ ହୋଇଥାଏ। ଅନେକ କ୍ଷେତ୍ରରେ ଶବ୍ଦର ତୀବ୍ରତା ଏତେ ଅଧିକ ଥାଏ ଯେ ବାସ୍ତବିକ ଧ୍ୱନିକୁ ଶୁଣିବା କଷ୍ଟକର ହୋଇପଡ଼େ। ତେଣୁ ଏହା ଧୀରେ ଧୀରେ ଶ୍ରବଣ ଶକ୍ତିକୁ ହ୍ରାସ କରିଦିଏ। ଏହି ସମସ୍ୟା ଯେ କୌଣସି ବୟସରେ ହୋଇପାରେ। ଅନେକ ସମୟରେ ଏହି ସମସ୍ୟା ଆପେ ଆପେ ମଧ୍ୟ ଦୂର ହୋଇଯାଏ ।କାରଣ : ଟିନିଟସର କାରଣ ଅସ୍ପଷ୍ଟ ଥିଲେ ମଧ୍ୟ ଏହାର ପ୍ରଭାବରେ ଶ୍ରବଣ ଶକ୍ତି ହ୍ରାସ ହେବାର ଆଶଙ୍କା ରହିଥାଏ। ଲଗାତାର ଉଚ୍ଚଶକ୍ତି ସମ୍ପନ୍ନ ଶବ୍ଦ ଶୁଣିବା କାନରେ ମଇଳା ଜମିଯିବା, କାନ ତଳ ସ୍ନାୟୁରେ କିଛି ସଂକ୍ରମଣ, କାନର ପର୍ଦ୍ଦା ସଂକ୍ରମଣ, ଅତ୍ୟଧିକ ଥଣ୍ଡାରୁ କାନ ଭିତରର ସ୍ନାୟୁ ଉପରେ ଚାପ ପଡ଼ିବା, ମସ୍ତିଷ୍କରେ ଆଘାତ ଲାଗିବା ଉଚ୍ଚରକ୍ତଚାପ ଏବଂ ଥାଇରଏଡ଼ ସମସ୍ୟା ପାଇଁ ଟିନିଟସର ଆଶଙ୍କା ବୃଦ୍ଧି ହୋଇଥାଏ ।ପ୍ରକାରଭେଦ : ଟିନିଟସ ଦୁଇ ପ୍ରକାରର। ସବଜେକ୍ଟିଭ ଓ ଅବଜେକ୍ଟିଭ। ସବଜେକ୍ଟିଭ ଟିନିଟସ ହେଉଛି ସାଧାରଣ ସମସ୍ୟା। ଶ୍ରବଣ କ୍ଷମତାଧାରୀ ସ୍ନାୟୁ ଓ କୌଣସି ଶବ୍ଦକୁ ଜାଣିପାରୁଥିବା ମସ୍ତିଷ୍କର ଅଂଶରେ କ୍ଷତି ହେଲେ ସବଜେକ୍ଟିଭ ଟିନିଟସ ହୋଇଥାଏ। ରକ୍ତ ବାହିକା କିମ୍ବା କାନର ମଝି ହାଡ଼ରେ ସୃଷ୍ଟି ହେଉଥିବା ସମସ୍ୟା ପାଇଁ ଅବଜେକ୍ଟିଭ ଟିନିଟସ ସୃଷ୍ଟି ହୋଇଥାଏ। ଡାକ୍ତରୀ ପରୀକ୍ଷା ପରେ ଏହା ଜଣାପଡ଼ିଥାଏ ।ଲକ୍ଷଣ : କାନକୁ ତୀବ୍ର ଘଣ୍ଟିର ଶବ୍ଦ ଶୁଣାଯିବା ସହିତ ମୁଣ୍ଡ ବିନ୍ଧିବା ହେଉଛି ଟିନିଟସର ମୁଖ୍ୟ ଲକ୍ଷଣ। ଏହା ବ୍ୟତୀତ ଟିନିଟସର ଆଉ କେତେକ ଲକ୍ଷଣ ମଧ୍ୟ ଅଛି। ଯଥା କାନରେ ସୁସୁ ପବନ ଶୁଭିବା, କୌଣସି ଧ୍ୱନି, କେବେ ଅଧିକ ଶୁଣାଯିବା କିମ୍ବା ବହୁତ ଧୀରେ ଶୁଣାଯିବା ଇତ୍ୟାଦି। ଦିନ ଅପେକ୍ଷା ରାତିରେ ଶୁନଶାନ ପରିବେଶରେ ଟିନିଟସର ଅନୁଭବ ଅଧିକ ହୋଇଥାଏ। ଏହା ସହିତ ଲକ୍ଷଣ ଅଧିକ ହେଲେ ଶାରୀରିକ ବ୍ୟବହାରରେ ମଧ୍ୟ ପରିବର୍ତ୍ତନ ଆସିଥାଏ। କାନରେ ଅତ୍ୟଧିକ ଯନ୍ତ୍ରଣା ମଧ୍ୟ ଅନୁଭୂତ ହୋଇଥାଏ। ଅନେକ ସମୟରେ ଧ୍ୱନୀର ତୀବ୍ରତା ଏତେ ଅଧିକ ଥାଏ ଯେ ତାହା ଦ୍ୱାରା ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥାଏ ।ଚିକିତ୍ସା : ଟିନିଟସ ଅନୁଭୂତ ହେଲେ ଗଳା, ନାସା ଓ କାନ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ଉଚିତ। ଏହାପରେ କିଛି ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଟିନିଟସର କାରଣ ଜଣାପଡ଼େ ଏବଂ କାରଣ ଅନୁସାରେ ଚିକିତ୍ସା ହୋଇଥାଏ। ଅନେକଙ୍କ କ୍ଷେତ୍ରରେ ଆନିମିଆ ଯୋଗୁଁ ମଧ୍ୟ ଟିନିଟସ ହୋଇଥାଏ। ତେଣୁ ଏ କ୍ଷେତ୍ରରେ ରକ୍ତ ପରୀକ୍ଷା ମଧ୍ୟ କରାଯାଏ। ସିଟି ସ୍କାନ ଓ ଏମଆରଆଇ ମଧ୍ୟ ଆବଶ୍ୟକ ହୋଇଥାଏ। ଶ୍ରବଣ ଯନ୍ତ୍ର ଲଗାଇବା ଦ୍ୱାରା ଟିନିଟସ ସମସ୍ୟା ଦୂର ହୋଇଥାଏ। ଏହା ବ୍ୟତୀତ ଧ୍ୱନୀ ଥେରାପି ଓ ବ୍ୟାବହାରିକ ଚିକିତ୍ସା ଦ୍ୱାରା ମଧ୍ୟ ଟିନିଟସରୁ ଆରୋଗ୍ୟଲାଭ ହୋଇପାରିବ। ଆଉ କେତେକ ଜଟିଳ ଟିନିଟସ ସମସ୍ୟା କ୍ଷେତ୍ରରେ ଅସ୍ତ୍ରୋପଚାର ମଧ୍ୟ କରିବାକୁ ପଡ଼ିଥାଏ। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଟିନିଟସ ପାଇଁ କୌଣସି ନିର୍ଦ୍ଦିଷ୍ଟ ଔଷଧ ବାହାରି ନାହିଁ ।ଟିନିଟସରୁ ସୁରକ୍ଷା : ରୋଗ ହେବା ପୂର୍ବରୁ ସୁରକ୍ଷା ପ୍ରତି ଧ୍ୟାନ ଦେବା ଉଚିତ। ଉଚ୍ଚଶକ୍ତି ସମ୍ପନ୍ନ ଧ୍ୱନିବିଶିଷ୍ଟ କୌଣସି ଉତ୍ସବକୁ ଯିବା ପୂର୍ବରୁ ନିଜ କାନ ପ୍ରତି ସଜାଗ ରୁହନ୍ତୁ। କାନରେ ଇୟରପ୍ଲଗ କିମ୍ବା ମଫଲରକୁ ଭଲ ଭାବେ ଗୁଡ଼ାଇ ରଖନ୍ତୁ। ସବୁବେଳେ ଇୟରଫୋନ ବ୍ୟବହାର କରନ୍ତୁନାହିଁ। ଏହାର ଶବ୍ଦକୁ ଧିମା କରନ୍ତୁ। ଟିନିଟସ ରୋଗୀ ନିଜ ଖାଦ୍ୟରେ ଲୁଣର ପରିମାଣକୁ କମ କରିବା ସହିତ ଅତ୍ୟଧିକ ଗରମ ଚାହା ଓ କଫି ସେବନରୁ ଦୂରେଇ ରୁହନ୍ତୁ। କୌଣସି ବଡ଼ ଶବ୍ଦ ବା ଘଡ଼ଘଡ଼ି ଶବ୍ଦ ହେବା ପୂର୍ବରୁ କାନକୁ ଦୁଇହାତରେ ବନ୍ଦ କରନ୍ତୁ।

**ବାକ୍ ଶ୍ରବଣ ବିଶେଷଜ୍ଞ,**
**'ଧ୍ୱନୀ' ମଙ୍ଗଳାବାଗ, କଟକ,**
**ଦୂରଭାଷ : ୯୪୩୮୨୭୬୭୬୦**

# ୫୧୦ଲିଟର ଦେଶୀମଦ ଜବତ, ଜଣେ ଗିରଫ୍

**ଟାଙ୍ଗୀ-ଚୌଦ୍ୱାର(ଅମୃତ ମିଡିଆ) :** ଚୌଦ୍ୱାର ଅବକାରୀ ବିଭାଗ ପକ୍ଷରୁ ଟାଙ୍ଗୀ ଟୋଲଗେଟ୍ ନିକଟସ୍ଥ ଲେଭଲ କ୍ରସିଙ୍ଗ୍ ନିକଟରେ ଚଢ଼ାଉ କରାଯାଇ ମଦ ଓ ଗାଡ଼ି ଜବତ ସହ ଡ୍ରାଇଭରକୁ ଗିରଫ୍ କରାଯାଇଥିବା ଜଣାପଡ଼ିଛି । ସୂଚନାଥାଉକି ଗତକାଲି ସଂଧ୍ୟା ପ୍ରାୟ ୬ଟା ସମୟରେ ଦେଶୀ ମଦ ଚାଲାଣ ହେଉଥିବା ନେଇ କୌଣସି ବିଶ୍ୱସ୍ତସୂତ୍ରରୁ ଖବର ପାଇ ଅବକାରୀ ବିଭାଗର କମିଶନର ନରସିଂହ ବଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅବକାରୀ ବିଭାଗର ସୁପରିଟେଣ୍ଡେଣ୍ଟ୍ ଦେବାଶିଷ ପଟେଲଙ୍କ ନିର୍ଦ୍ଦେଶକ୍ରମେ ଚୌଦ୍ୱାର ଅବକାରୀ ବିଭାଗର ଇନସ୍‌ପେକ୍ଟର ପ୍ରଭାସ ଚୌଧରୀଙ୍କ ସହ ଏକ ଟିମ୍ ଟାଙ୍ଗୀ ହରିପୁର ସ୍ଥିତ ଟୋଲଗେଟ୍ ନିଟକସ୍ଥ ଲେଭଲ କ୍ରସିଙ୍ଗ୍ ନିକଟରେ ଏକ ବୋଲେରୋ ଓଆର୦୫ଏଏଚ୍୦୮୭୭ ଦ୍ରୁତ ଗତିରେ ଯାଉଥିବା ବେଳେ ତା’ ଉପରେ ଚଢ଼ାଉ କରାଯାଇଥିଲା । ଚଢାଉ ସମୟରେ ବୋଲେରୋ ମଧ୍ୟରୁ ପ୍ରାୟ ୫୧୦ଲିଟର ଦେଶୀ ମହୁଲି ମଦ ଜବତ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ଦେଢ଼ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଥିବା ବେଳେ ଡ୍ରାଇଭରକୁ ଗିରଫ୍ କରି ଚୌଦ୍ୱାର ଅବକାରୀ ଥାନାକୁ ଅଣାଯାଇ ତଦନ୍ତ ଜାରି ରହିଥିବା



ଜଣାପଡ଼ିଛି । ଏହି ମଦଗୁଡ଼ିକ ଚଣ୍ଡିଖୋଲ, ଟାଙ୍ଗୀ, ସାଲେପୁର ଆଦି ଅଞ୍ଚଳରେ ବିକ୍ରି ହେବାକୁ ଯାଉଥିବା ନେଇ ତଦନ୍ତ ବେଳେ ଜଣାପଡ଼ିଛି ବୋଲି ଚୌଦ୍ୱାର ଅବକାରୀ ବିଭାଗର ଏସ୍‌ଆଇ ଆଶୁତୋଷ ଜେନା ସୂଚନା ପ୍ରଦାନ କରିଛନ୍ତି ।

# ଯୁଗ୍ମ ଶ୍ରମ କମିଶନରଙ୍କ ସହ କାଗଜକଳ ଶ୍ରମିକ ସଂଘର ଆଲୋଚନା

**ଜୟପୁର(ଅମୃତ ମିଡିଆ) :** ଆଜି ଜୟପୁର ଜୋନ୍ ଯୁଗ୍ମ ଶ୍ରମ କମିଶନରଙ୍କୁ ସାକ୍ଷାତକରି ସେବା କାଗଜ କଳ ଶ୍ରମିକ ସଂଘ ଓ ମିଳିତ କ୍ରିୟାନୁଷ୍ଠାନ କମିଟି ର ଅଧ୍ୟକ୍ଷ ଶ୍ରୀ ଯୁଧିଷ୍ଠିର ରାଉଳ ପ୍ରମୁଖ ଶ୍ରମିକ ମାନଙ୍କ ସମସ୍ୟା ସମାଧାନ ବିଷୟରେ ଆଲୋଚନା କରିଛନ୍ତି। ସଂଘର ସଭାପତି ଓ ସାଧାରଣ ସମ୍ପାଦକ ସର୍ବଶ୍ରୀ ପ୍ରମୋଦ କୁମାର ମହାନ୍ତି ଓ ପ୍ରଦୀପ ପାଞ୍ଜିଆ ଆଲୋଚନା ବେଳେ କହିଥିଲେ ଯେ ମୃତ ଶ୍ରମିକଙ୍କ ପରିବାରକୁ ଚାରି ମାସ ମଧ୍ୟରେ ଗ୍ରାଚ୍ୟୁଇଟି ପାଉଣା ଦେଇଦେବ ବୋଲି ମ୍ୟାନେଜମେଣ୍ଟ ଶ୍ରମ ବିଭାଗକୁ ୨୦୨୩ ମାର୍ଚ୍ଚ ୧୭ ତାରିଖରେ ଲେଖି ଜଣାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ମାତ୍ର କିଛି ଅଂଶ ଦେଇଛନ୍ତି। ଗ୍ରାଚ୍ୟୁଇଟି କେସ୍ ଫୈସଲା ପରେ ପାଉଣା ଦେବା ପାଇଁ ମ୍ୟାନେଜମେଣ୍ଟ ଟାଳଟୁଳ ନୀତି ଅବଲମ୍ବନ କରୁଛି । ସ୍ଥାୟୀ ଶ୍ରମିକ ମାନଙ୍କ ଦରମା ଆଜି ପର୍ଯ୍ୟନ୍ତ ଚାରି ମାସର ବାକି ରହିଛି , କାରଖାନା ଉତ୍ପାଦନ ବନ୍ଦ ଅନ୍ୟ ଦିଗରେ ମ୍ୟାନେଜମେଣ୍ଟ ନିଜେ ଗଣମାଧ୍ୟମ କୁ ଜଣାଇଛି ଯେ ଚାରି ବର୍ଷ ଭିତରେ ୨୦୦ କୋଟି ଟଙ୍କା ଋଣ କରି ଲଗେଇଛି। ହେଲେ ଶ୍ରମିକ ମାନଙ୍କ ପାଉଣା କାହିଁକି ମିଳୁନି ଏବଂ କାରଖାନା କାହିଁକି ଚାଲୁନି । ଶ୍ରମିକ ମାନଙ୍କ ଦରମା କାଟି ଦିଆଯାଉଛି ଏବଂ ଚାକିରୀ ସର୍ତ୍ତାବଳୀ ପରିବର୍ତ୍ତନ କରାଯାଉଛି । ଏଥିପାଇଁ ତୁରନ୍ତ ମ୍ୟାନେଜମେଣ୍ଟ କୁ ଡାକି ମିଳିତ ବୈଠକ କରି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି । ଯୁଗ୍ମ ଶ୍ରମ କମିଶନର କହିଛନ୍ତି ଯେ ଆଜି ମ୍ୟାନେଜ ମେଣ୍ଟକୁ ଡକେଇଛନ୍ତି ଏବଂ ସମସ୍ତ ଦାବି ଉପରେ ଆଲୋଚନା ପରେ



ବୈଠକ ଡକାଯିବ । ଜୟପୁର କାର୍ଯ୍ୟାଳୟ ରେ ଆଉ ଜଣେ ଡିଏଲସି ଶୀଘ୍ର ନିଯୁକ୍ତି ପାଇବେ ଏବଂ ଗ୍ରାଚ୍ୟୁଇଟି କେସ୍ ସବୁ ତ୍ୱରାନ୍ୱିତ ହୋଇପାରିବ ବୋଲି ଯୁଗ୍ମ ଶ୍ରମ କମିଶନର ଶ୍ରୀ ନରେନ୍ଦ୍ର ରାଇକା କହିଛନ୍ତି। ଆଲୋଚନା ବେଳେ ଡିଏଲଓ ଶ୍ରୀ ଯୁକ୍ତ ସେଠି ମଧ୍ୟ ଉପସ୍ଥିତ ଥିଲେ । ଆଜିର ଆଲୋଚନାରେ ସର୍ବଶ୍ରୀ ବସନ୍ତ ବେହେରା , ନାରାୟଣ ଦାଶ, ଅଲେଖ ପାତ୍ର ଓ ମୃତ ଶ୍ରମିକଙ୍କ ବିଧବା ପତ୍ନୀ ମାନେ ଉପସ୍ଥିତ ଥିଲେ ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ-ଅଭିଯୋଗ ଶୁଣାଣି



**ବଲାଙ୍ଗୀର(ଅମୃତ ମିଡିଆ) :** ବର୍ଷର ପ୍ରଥମ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିଲ୍ଲା ମୁଖ୍ୟାଳୟ ସ୍ଥିତ ଜିଲ୍ଲାପାଳଙ୍କ ପୁରୁଣା ସମ୍ମିଳନୀ କକ୍ଷ ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା । ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମରେ ଜିଲ୍ଲାପାଳ ଶ୍ରୀ ଚଞ୍ଚଲ ରାଣା ଏବଂ ଆରକ୍ଷୀ ଅଧିକ୍ଷକ ଖିଲାରୀ ରିଷିକେଶ ଦ୍ୟାନଦେଓ ଙ୍କ ସମେତ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ବିଡିଓ ,ତହସିଲଦାର ମାନେ ଉପସ୍ଥିତ ଥିଲେ । ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ରେ ବିଭିନ୍ନ ସମସ୍ୟା ମୂଳକ ମୋଟ ୩୮ ଗୋଟି ଅଭିଯୋଗ ଦରଖାସ୍ତ ଦାଖଲ ହୋଇଥିଲା । ତନ୍ମଧ୍ୟରୁ ୩୧ ଗୋଟି ବ୍ୟକ୍ତିଗତ ଅଭିଯୋଗ ମୂଳକ ଦରଖାସ୍ତ ହୋଇଥିବାବେଳେ ଅବଶିଷ୍ଟ ୭ ଗୋଟି ସାମୁହିକ ଦରଖାସ୍ତ ଦାଖଲ ହୋଇଥିଲା । ଜିଲ୍ଲାପାଳ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜନସାଧାରଣ ଙ୍କ ଏହି ସମସ୍ତ ଅଭିଯୋଗ ଓ ସମସ୍ୟା ଗୁଡିକର ଶୁଣାଣୀ କରିଥିଲେ । ୩ ଟି ଅଭିଯୋଗ ଶୁଣାଣିର ଫଇସଲା ହେଇଥିବା ବେଳେ ବାକି ଅଭିଯୋଗ ଗୁଡିକର ଶୁଣାଣି ଯଥାଶୀଘ୍ର ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ରେ ସହାୟତା ବାବଦରେ ମୁଖ୍ୟମନ୍ତ୍ରୀ ଙ୍କ ରିଲିଫ ପାଣ୍ଠି ଓ ଜିଲ୍ଲା ରେଡକ୍ରସ ପାଣ୍ଠି ରୁ କୌଣସି ଆର୍ଥିକ ସହାୟତା ମଞ୍ଜୁର କରାଯାଇନାହିଁ । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଲମ୍ବୋଦର ଧରୁଆ , ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସୁଶାନ୍ତ କୁମାର ସିଂ, ପ୍ରକଳ୍ପ ନିର୍ଦ୍ଦେଶକ (ଡ୍ରୁଡା) ପ୍ରଫୁଲ୍ଲ କୁଜୁର , ବଲାଙ୍ଗୀର ଉପଖଣ୍ଡ ଉପଜିଲ୍ଲାପାଳ ପ୍ରଭାସ ଦଣ୍ଡସେନା , ଡେପୁଟି କଲେକ୍ଟର ସଚିଦାନନ୍ଦ ମିଶ୍ର , ସମାଜ ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ , ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କୁବେର ଚନ୍ଦ୍ର ମହନ୍ତ , ଜିଲ୍ଲା ପଞ୍ଚାୟତ ଅଧିକାରୀ ପ୍ରମୋଦ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ସିଟିଜେନ୍ ଫୋରମ୍‌ର ୧୪ତମ ବାର୍ଷିକ ଉତ୍ସବ ଓ ୭୫ତମ ମିଶ୍ରଣ ଦିବସ

**ବାରିପଦା(ଅମୃତ ମିଡିଆ) :** ସ୍ଥାନୀୟ ହୋଟେଲ ଦୁର୍ଗା ସମ୍ମିଳନୀ କକ୍ଷରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରହିତ୍ୟରେ ମୟୂରଭଞ୍ଜ ଜିଲ୍ଲା ସିଟିଜେନ୍ ଫୋରମ୍‌ର ୧୪ତମ ବାର୍ଷିକ ଉତ୍ସବ ଓ ୭୫ତମ ମୟୂରଭଞ୍ଜ ମିଶ୍ରଣ ଦିବସ ପାଳିତ ହୋଇଯାଇଛି। ସଭା ପ୍ରାରମ୍ଭରେ ଫୋରମ୍‌ର ପ୍ରାଣ ପ୍ରତିଷ୍ଠାତା ଅଧ୍ୟକ୍ଷ ଆଡ. ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ନିମନ୍ତ୍ରିତ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ବର୍ତ୍ତମାନର ମୟୂରଭଞ୍ଜ ମାଟି ତାର ସାମୂହିକ ସ୍ୱାର୍ଥ ପାଇଁ ପ୍ରକୃତରେ କଣ ଚାହୁଁଛି ତା ଉପରେ ଖୋଲାମତ ରଖିବାକୁ ଆହ୍ୱାନ ଦେଇଥିଲେ । ସଭାମୁଖ୍ୟଙ୍କ ସମେତ ସମସ୍ତ ଅତିଥି ବର୍ଗ ଅତୀତରେ ପରାକ୍ରମର ଝଲକ ଦେଖାଇ ମୟୂରଭଞ୍ଜ ସ୍ୱତନ୍ତ୍ର ଗଡ଼ଜାତ ରାଜ୍ୟ ସ୍ୱାଧୀନତା ପରେ ଏ ମାଟିରୁ ଏବେ ମହାମହିମ ରାଷ୍ଟ୍ରପତି ଯାଇବି ତାଙ୍କୁ ଓଡିଶାର ସୁକନ୍ୟା କୁହାଯାଇ ପ୍ରାଧାନ୍ୟ ଦିଆଯାଉଛି ମାତ୍ର ଭଞ୍ଜଭୂଇଁ



ପୂର୍ବପରି ଦୀପତଳ ଅନ୍ଧାରରେ ଅଭାବୀ ଏବଂ ଏକ ପଛୁଆ ଜିଲ୍ଲା ସହିତ କୌଣସି ସରକାରଙ୍କର ଏ ମାଟି ପ୍ରତି ଅବଦାନ ନାହିଁ ବୋଲି ମତ ପ୍ରକାଶ ପାଇଥିଲା। ତତ୍ସହିତ ଜିଲ୍ଲାସ୍ତରୀୟ ସବୁ ଭିଟାମାଟିର ସ୍ୱାର୍ଥପ୍ରେମୀ ସଙ୍ଗଠକମାନେ ଗୋଟିଏ ଛାତତଳେ ଏକାଠି ହୋଇ ଶିମିଳିପାଳକୁ କେନ୍ଦ୍ରୀୟବଳ ହାତକୁ ନେଲେ ପୂର୍ବଭାରତ ମରୁଡିରୁ ବଞ୍ଚିବ, ସୁବର୍ଣ୍ଣରେଖା ଜଳସେଚନ ଯୋଜନାର ପୂର୍ଣ୍ଣାଙ୍ଗକରଣ ହେଲେ ଚାଷବାସ ଦ୍ୱାରା ଆର୍ଥିକ ବିକାଶ ଘଟିବ, ଜିଲ୍ଲାରେ ଏକ ଲୌହ ଇସ୍ପାତ୍ କାରଖାନା ପ୍ରତିଷ୍ଠା ହେଲେ ଭଞ୍ଜଭୂଇଁରୁ ବେକାର ହଟିବ ଆଲୋଚନା ହୋଇଥିଲା। ତେବେ ଫୋରମ୍‌ର ମୂଳରୁ ଦଳମତ ନିର୍ବିଶେଷରେ ଦାବି ମୟୂରଭଞ୍ଜ ମିଶ୍ରଣ ଚୁକ୍ତିନାମାକୁ କେନ୍ଦ୍ର ସରକାର ତୁରନ୍ତ ପ୍ରକାଶ ନକଲେ ଜନସ୍ୱାର୍ଥ ମାମଲା ଦାଏର କରାଯିବ ବୋଲି ବାରିପଦା ବାର୍ ଆସୋସିଏସନ୍ ?ର ସଭାପତି ଆଡ. ପ୍ରଦୀପ କୁମାର ରଥ, ଉଦଳାର ସମ୍ପାଦକ ଆଡ. ବସନ୍ତ କୁମାର ପରିଡା, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ବଳାଙ୍ଗୀ ମହୋତ୍ସବ ମୁଖ୍ୟ ଶରତଚନ୍ଦ୍ର ନାୟକ ଓ ମୟୂରଭଞ୍ଜ ସାହିତ୍ୟ ପରିଷଦ ସଭାପତି ପଦ୍ମନାଭ ସାହୁ ଅତିଥି ଭାବେ ଆଲୋଚନାରେ ଅଂଶଗ୍ରହଣ କରି ସତର୍କ କରାଇ ଦେଇଥିଲେ। ଉତ୍ସବରେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ତଥା ସମାଜ ପାଇଁ ଦୁର୍ଦ୍ଦିନର ଦେବଦୂତ ବରିଷ୍ଠ ସାମ୍ବାଦିକ ମାନଙ୍କ ମଧ୍ୟରେ କଲ୍ୟାଣ କୁମାର ସିହ୍ନା, ରାଧେଶ୍ୟାମ ପ୍ରଧାନ, ସତ୍ୟଜିତ୍ ସୋମ୍, ସୁକାନ୍ତ କୁମାର ସାହୁ, ଅଭିଜିତ ମହାନ୍ତି, ଦୋଳଗୋବିନ୍ଦ ବାରିକ, ସୌମ୍ୟରଞ୍ଜନ ପଟ୍ଟନାୟକ, ରଞ୍ଜନ କୁମାର ଦାଶ, ପ୍ରିୟ ରଞ୍ଜନ ମିଶ୍ର, ସୁବ୍ରତ ପ୍ରଧାନ, ଦୀପକ କୁମାର ନାୟକ, ନିଳାଦ୍ରୀବିହାରୀ ଦଣ୍ଡପାଟ, ସତ୍ୟାନନ୍ଦ ଶେଜପଡା, ବିଶ୍ୱଜିତ ଭୂୟାଁ ପ୍ରମୁଖଙ୍କୁ ସଭାମୁଖ୍ୟ ବାରିପଦା ନଗରପାଳ ଶ୍ରୀ ମହାନ୍ତି ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଶ୍ରୀଫଳ ଦେଇ ସମ୍ବର୍ଦ୍ଧିତ କରିବା ସହିତ ମୟୂରଭଞ୍ଜ ଜିଲ୍ଲା ସିଟିଜେନ୍ ଫୋରମ୍‌ର ସ୍ଲୋଗାନ୍ ଭଞ୍ଜଭୂଇଁର ବିକାଶ ଆମର ପ୍ରୟାସ ବାସ୍ତବରେ ପ୍ରେରଣାର ଉତ୍ସ ଏବଂ ସମସ୍ତଙ୍କ ପାଇଁ ଶପଥ ହେଉ ବୋଲି ଅଭିମତ ରଖିଥିଲେ ।

# ୧୯୭୭ ମାଟ୍ରିକ ବ୍ୟାଚର ମିଳନ ପର୍ବ

**ଉଦଳା(ଅମୃତ ମିଡିଆ) :** ଉଦଳା ଉଚ୍ଚ ବିଦ୍ୟାଳୟର ୧୯୭୭ ମସିହା ମାଟ୍ରିକ ବ୍ୟାଚର ଏକ ମିଳନ ପର୍ବ ଗତ ଡ଼ିସେମ୍ବର ୨୭ ତାରିଖ ବୁଧବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ତେଁତୁଳିଆ ଗ୍ରାମକୁ ଲାଗିକରି ଥିବା ଶୋନନଦୀ ତଟରେ ଏହି ମିଳନ ପର୍ବ ପାଳିତ ହୋଇଥିବା ବେଳେ ଶ୍ରୀଧର ପୋଥାଳ, ସୁରେନ୍ଦ୍ର ଶତପଥୀ ଓ ବାବୁ ମହାଁ ଏହା ଆୟୋଜନର ନେତୃତ୍ୱ ନେଇଥିଲେ । ସହପାଠୀ ମାନେ ଦିର୍ଘ ୪୭ ବର୍ଷ ପରେ ପରସ୍ପରକୁ ପାଖରେ ପାଇ ଖୁବ୍ ଭାବ ବିହ୍ୱଳ ହୋଇପଡ଼ିଥିଲେ । ସରୋଜ କୁମାର ଖୁଂଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ଦେବବ୍ରତ ପାଣିଗ୍ରାହୀ, ବ୍ରହ୍ମାନନ୍ଦ ସାହୁ, ବିଶ୍ୱ ରଂଜନ ମହାଁ, ଶ୍ରୀକାଂ ବେହେରା, ପ୍ରଣୟ ଦାସ, ନିନି ଭୋଳ, ପ୍ରମୋଦ ଦାସ, ଯାଦବ ଘୋଷ ଇତ୍ୟାଦି ନିଜ ନିଜର ପିଲାଦିନର ଅନୁଭବ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ସବୁଦିନ ପାଇଁ ବିଦାୟ ନେଇ ଯାଇଥିବା ସହପାଠୀ ମାନଙ୍କ କଥା ମନେ ପକାଇ ତାଙ୍କର ସ୍ମୃତି ଚାରଣ କରିବା ସହିତ ଦୁଇ ମିନିଟ ନୀରବ ପ୍ରାର୍ଥନା ଜଣାଇଥିଲେ । ଶେଷରେ ଉଦଳା ଉଚ୍ଚ ବିଦ୍ୟାଳୟରୁ ଏନ୍.ସି.ସି. ଉଠି ଯାଇଥିବା ଖବର ପାଇ ସମସ୍ତେ କ୍ଷୋଭ ପ୍ରକାଶ କରିଥିଲେ । ପ୍ରକାଶ ଥଶଉକି ଏହି ବ୍ୟାଚର ଛାତ୍ର ମାନେ ସୁଦୁର ବାଲେଶ୍ୱର, ବାରିପଦା, ଭୁବନେଶ୍ୱର, ରାଉରକେଲା, କଲିକତା ପ୍ରଭୃତି ସ୍ଥାନରେ ବିଭିନ୍ନ ପ୍ରକାର କାର୍ଯ୍ୟରେ ନିୟୋଜିତ ଅଛନ୍ତି ।



## ମଦ୍ୟପାନ କରି ଗାଡି ଚଲାଉଥିବା ଚାଳକଙ୍କୁ ଅଟକ ରଖିଲା ପୋଲିସ



**ଜୟପୁର(ଅମୃତ ମିଡିଆ) :** ମଦ୍ୟ ପାନ କରି କାର ଚାଲାଣ ଥିବା ଅଭିଯୋଗରେ ଚାଳକ କୁ ଅଟକ ରଖିଲା ଜୟପୁର ଟାଉନ ପୋଲିସ । ଅଟକ ଚାଳକ ଜଣକ ହେଲା ଲମତାପୁଟର ଶିବ ଦାରଲି (୪୦) । ପୋଲିସ ସୁଚନା ଅନୁଯାଇ ଲମତାପୁଟର ଶିବ ଦାରଲି (୪୦) ମଦ୍ୟପାନ କିର କାର ଚଲାଇ ଆସୁଥିଲେ । ସେହି ସମୟରେ ଜୟପୁର ଟାଉନ ପୋଲିସ କାର କୁ ରଜାନହର ରେ ଅଟକାଇ ଯାଞ୍ଚ କରିଥିଲା । ଚାଳକ ଜଣକ ମଦ୍ୟ ପାନ କରି ଚଲାଉଥିବା ଜାଣିବାକୁ ପାଇଥିଲା । କାର କୁ ଜବତ କରି ଚାଳକ କୁ ଅଟକ ରଖିଥିଲା । ନୋଟିସରେ ଛାଡାଯାଇଥିବା ବିଷୟ ଟାଉନ ଥାନା ଅଧିକାରି ସତ୍ୟା ନନ୍ଦ ପତ୍ର ସୁଚନା ଦେଇଛନ୍ତି ।

# ବିପ୍ଲବୀ ଚକ୍ରଧର ବେହେରାଙ୍କ ୫୧ତମ ଶ୍ରାଦ୍ଧବାର୍ଷିକୀ

**ଚାନ୍ଦବାଲି(ଅମୃତ ମିଡିଆ) :** ଭାରତର ସ୍ୱାଧୀନତା ପୂର୍ବରୁ କନିକାର ପ୍ରଜା ଆନ୍ଦୋଳନ ଓ ସ୍ୱଧିନତା ପରେ ଚାନ୍ଦବାଲି ପାଇଁ କୃଷକ ଆନ୍ଦୋଳନର ପ୍ରମୁଖ ଭୂମିକା ନେଇଥିବା ବିପ୍ଲବୀ ପ୍ରଜାନେତା ଚକ୍ରଧର ବେହେରାଙ୍କ ୫୧ ଶ୍ରାଦ୍ଧବାର୍ଷିକ ପାଳନ ହୋଇଯାଇଛି । ବିପ୍ଳବୀ ଚକ୍ରଧର ସ୍ମୃତିସଦନ ଅନୁକୁଲ୍ୟରେ ଭଦ୍ରକ ଜିଲ୍ଲା ଘଣ୍ଟେଶ୍ୱର ସ୍ଥିତ ବିପ୍ଳବୀବୀର ଚକ୍ରଧର ବିଦ୍ୟାପିଠ ପରିସରରେ ୫୧ ତମ ଶ୍ରାଦ୍ଧ ବାର୍ଷିକ ପାଳନ ସ୍ମୃତି ସଭାରେ ସଭାପତି ସତ୍ୟାନନ୍ଦ ରାଉତ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପୁର୍ବତନ ପିସିସିର ସଭାପତି ନରଞ୍ଜନ ପଟ୍ଟନାୟକ, ମୁଖ୍ୟ ବକ୍ତା ବରିଷ୍ଠ ସାମ୍ବାଦିକ ରବି ଦାସ, ସମ୍ମାନିତ ଅତିଥି ଭାବେ ଉତ୍କଳ ଏକାଡ଼େମୀର ବିଶ୍ୱଜିତ ଦାସ, ନାଟ୍ୟକାର ସୁଧାଂଶୁ ଶେଖର ନାୟକ, ରବିନାରାୟଣ ଖୁଲାର, ସୁରଜିତା ନାୟକ, ଅଜୟ କୁମାର ନାୟକ, ଗରିଧାରୀ ନାଥ, ଦିଗମ୍ବର ଦାସ ମୋନଜ ବିଶ୍ୱାଳ , ନରହରି ସେଠୀ ପ୍ରମୁଖ ଯୋଗଦେଇ ବିପ୍ଳବୀବରୀ ଚକ୍ରଧର ବେହେରାଙ୍କର ଅମର ଅମ୍ଳାର ସ୍ମୃତି ଚାରଣ କରିଥିଲେ । ଏହି ଶ୍ରାଦ୍ଧବାର୍ଷିକରେ ସ୍ଥାନୀୟ ଅଂଚଳରୁ ବହୁ ଛାମୁଆ ରାଜନେତା ଓ ସମାଜସେବୀ ଓ ସାଧାରଣ ଜନତା ଯୋଗଦେଇଥିଲେ ।



# ନବବର୍ଷରେ ଖୋଲିଲା ଆଶୀର୍ବାଦ ଶିଶୁ ସ୍ୱାସ୍ଥ୍ୟ ଚିକିତ୍ସା କେନ୍ଦ୍ର



**ବଲାଙ୍ଗୀର(ଅମୃତ ମିଡିଆ) :** ବଲାଙ୍ଗୀର ପୌର କାର୍ଯ୍ୟାଳୟ ରାଜେନ୍ଦ୍ର ପାର୍କ ଗେଟ ପାଖକୁ ଲାଗି ଆଶୀର୍ବାଦ ନାମରେ ଶିଶୁ ମାନଙ୍କ ଚିକିତ୍ସା କେନ୍ଦ୍ର ଆଜି ନବ ବର୍ଷ ର ପ୍ରଥମ ଦିନରେ ଆରମ୍ଭ ହୋଇଛି। ବଲାଙ୍ଗିର ଭୀମଭୋଇ ମେଡିକାଲ ର ସିନିଅର ରେଶିଡେଣ୍ଟ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଦୀପକ ଭରଜ୍ ନିଜ ଉଦ୍ୟମରେ ଏହା ଆରମ୍ଭ କରିଛନ୍ତି। ସହର କେନ୍ଦ୍ର ସ୍ଥଳରେ ହୋଇଥିବା ଏହି କେନ୍ଦ୍ର ରେ ଶିଶୁ ମାନଙ୍କ ଚିକିତ୍ସା ହୋଇପାରିବ। ପିଲାଟି ଦିନରୁ ବଲାଙ୍ଗିର ଦେଖି ଆସୁଥିବା ଡାକ୍ତର ଦୀପକ ଙ୍କ ପିତା ପଞ୍ଜାବ ରୁ ଆସି ଏଠାରେ ଦୀର୍ଘ ବର୍ଷ ହେଲା ରହି ଆସିଛନ୍ତି ଏକ ପରିଶ୍ରମୀ ଜାତି ବୋଲି ପ୍ରମାଣିତ ହୋଇଥିବା ଛୋଟ ବେଳରୁ ନିଜକୁ ରୋଗୀ ସେବା ଭଳି ମହାନ୍ ଚିନ୍ତାଧାରା ରଖିଥିବା ଆଗକୁ ଚିକିତ୍ସା କ୍ଷେତ୍ର ରେ ଶ୍ରେଷ୍ଠତ୍ୱ ପ୍ରମାଣିତ ହେବା ଦିଗରେ ଯୁବ ଡାକ୍ତର ଉଦ୍ୟମ ରତ।

# ଶ୍ରୀଜଗନ୍ନାଥ ମନ୍ଦିରରେ ନବବର୍ଷ ଅବସରରେ ଅଗଣିତ ଶ୍ରଦ୍ଧାଳୁଙ୍କ ଭିଡ଼

**ନୂଆଦିଲ୍ଲୀ:** ସମଗ୍ର ଉତ୍ତର ଭାରତ ସହ ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀ ରେ ଗତ କିଛି ଦିନ ଧରି ଶୀତର ଲହରୀ ବୃଦ୍ଧି ପାଇଥିବା ବେଳେ ଇଂରେଜୀ ନବବର୍ଷ ଅବସରରେ କିନ୍ତୁ ସୋମବାର ଦିନ ମହାନଗର ଦିଲ୍ଲୀରେ ରହୁଥିବା ପ୍ରବାସୀ ଓଡ଼ିଆ, ଦିଲ୍ଲୀ ବାସିନ୍ଦା ଙ୍କ ମଧ୍ୟରେ ବେସ ଉଷ୍ମତା ଦେଖିବାକୁ ମିଳିଥିଲା .ପ୍ରବାସୀ ଓଡ଼ିଆ ମାନେ ନୂତନ ବର୍ଷ କୁ ସ୍ୱାଗତ କରିବା ସହ ନୂତନ ଉତ୍ସାହ, ଉଦ୍ଦିପନା ଓ ନୂତନ ଯୋଜନାର ସଫଳ ରୂପାୟନ କରିବା ପାଇଁ ବେଶ ତତ୍ପରତା ପ୍ରକାଶ କରିଥିବା ଦେଖିବାକୁ ମିଳିଥିଲା. ନୂତନ ବର୍ଷ ଅବସରରେ ଆନୁମାନିକ ଦଶ ହଜାର ପ୍ରବାସୀ ଓଡ଼ିଆ, ଶ୍ରଦ୍ଧାଳୁ ମାନେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ପାଇବା ପାଇଁ ପୂର୍ବାହ୍ନ ରୁ ରାତ୍ର ପହଡ଼ ପଡିବା ଯାଏ ଅରବିନ୍ଦ ମାର୍କେଟ ଠାରୁ ହାଉଜଖାସ ମନ୍ଦିର ଯାଏ ଲମ୍ବା ଲାଇନ କରି ଭିଡ଼ ଲଗାଇଥିଲେ. ଦିଲ୍ଲୀ ର ପ୍ରବାସୀ ଓଡ଼ିଆ ମାନଙ୍କ ମୁଖ୍ୟ ମିଳନ ସ୍ଥଳ ଦକ୍ଷିଣ ଦିଲ୍ଲୀ



ର ହାଉଜଖାସ ଠାରେ ଥିବା ଶ୍ରୀ ଜଗନ୍ନାଥ ମନ୍ଦିର ରେ ପ୍ରବାସୀ ଓଡ଼ିଆ ମାନେ ସପରିବାର, ସାଙ୍ଗସାଥି, ବନ୍ଧୁବାନ୍ଧବ ଙ୍କ ଗହଣ ରେ ଆସି ପୂର୍ବାହ୍ନ ରୁ ବିଳମ୍ବିତ ରାତ୍ର ଯାଏ ଲମ୍ବା ଧାଡି ରେ ରହି ମହାପ୍ରଭୁ ଙ୍କ କୃପାଭିକ୍ଷା କରିବା ସହ ସମୂହ ପ୍ରସାଦ ସେବନ ରେ ସାମିଲ ହୋଇଥିଲେ.ନୂଆ ବର୍ଷ ଅବସରରେ ପୂର୍ବାହ୍ନ ରେ ମାନ୍ୟବର କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ବିଭାଗୀୟ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସପରିବାର ସହ ଆସି ଶ୍ରୀ ଜୀଉ ମାନଙ୍କୁ ଦର୍ଶନ କରି ସହ କୃପା ଭିକ୍ଷା କରିଥିଲେ. ଅନ୍ୟ ମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ସୋମନାଥ ଭାରତୀ ଶ୍ରୀ ବିଗ୍ରହ ମାନଙ୍କୁ ଦର୍ଶନ କରିବା ସହ ସାଂସ୍କୃତିକ ଗ୍ରୁପର କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ.ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଶ୍ରୀ ନୀଳାଚଳ ସେବା ସଙ୍ଘ ପକ୍ଷରୁ କଣ୍ଠଶିଳ୍ପୀ ଶିବ ପ୍ରସାଦ ଦାସ (ଶିବ ନନା ) ଏବଂ ତାଙ୍କ ସହଯୋଗୀ ମାନଙ୍କ ଦ୍ୱାରା ଆୟୋଜିତ ହୋଇଥିଲା ଭକ୍ତି ନୈବେଦ୍ୟ ସଂଗୀତ ଭିତ୍ତିକ କାର୍ଯ୍ୟକ୍ରମ. ଭକ୍ତ ମାନଙ୍କ ସୁରୁଖୁରୁରେ ଦର୍ଶନ କରିବା ସହ, ପ୍ରସାଦ ସେବନ ଓ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଦିଗରେ ଶ୍ରୀ ନୀଳାଚଳ ସେବା ସଙ୍ଘ ପକ୍ଷରୁ ମନ୍ଦିର ସଭାପତି ବିଘ୍ନେଶ୍ୱର ରାଉତ,ସମ୍ପାଦକ ରବିନ୍ଦ୍ର ପ୍ରଧାନ, ଉପ ସଭାପତି ଗଜେନ୍ଦ୍ର ପ୍ରସାଦ ସାମନ୍ତ,,ଯୁଗ୍ମ ସମ୍ପାଦକ ଅଶୋକ ପ୍ରଧାନ, ଦିଲୀପ ସ୍ୱାଇଁ, କୋଷାଧକ୍ଷ ପଙ୍କଜ ମହାନ୍ତି କାର୍ଯ୍ୟକାରୀ କମିଟି ର ସଦସ୍ୟ, ବରିଷ୍ଠ ଆଇନଜୀବୀ ଜିତେନ୍ଦ୍ର ମହାପାତ୍ର ରଙ୍କନିଧି ସାହୁ, ଅଶୋକ ପ୍ରଧାନ ଙ୍କ ସହ ମନ୍ଦିର ର ଅନ୍ୟାନ୍ୟ ସଦସ୍ୟ,ମନ୍ଦିର ପରିଚାଳକ ରଶ୍ମୀ ରଞ୍ଜନ ବେହେରା ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିବା ବେଳେ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ପୋଲିସ କର୍ମଚାରୀ, ଅଧିକାରୀ ଙ୍କୁ ମୁତୟନ କରାଯାଇଥିବା ଦେଖିବାକୁ ମିଳିଥିଲା.ସମସ୍ତ ସେବକ, ମନ୍ଦିର କର୍ମଚାରୀ ମାନଙ୍କ ପ୍ରତିବଦ୍ଧତା, ନିଷ୍ଠା ଓ ଉତ୍ସର୍ଗୀକୃତ ମନୋଭାବ ଯୋଗୁଁ ଠାକୁର ମାନଙ୍କ ନୀତି ଶୃଙ୍ଖଳିତ ହେବା ସହ ଶ୍ରୀ ନୀଳାଚଳ ସେବା ସଙ୍ଘ ର ସମସ୍ତ କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀ ଭାଇ, ଭଉଣୀ ମାନଙ୍କ ପୂର୍ଣ୍ଣ ସହଯୋଗ ରେ ସୁସମନ୍ୱିତ ଭାବେ ଭକ୍ତ ମାନଙ୍କ ଦର୍ଶନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ରେ ପୂର୍ଣ୍ଣ ସହଯୋଗ କରିଥିବାରୁ ମନ୍ଦିର ସମ୍ପାଦକ ଶ୍ରୀ ପ୍ରଧାନ ସମସ୍ତ ଙ୍କୁ ଧନ୍ୟବାଦ ଜଣାଇଥିଲେ।

# ନୂତନ ଢଙ୍ଗରେ ନୂଆବର୍ଷ ପାଳନ କଲେ ଦିଲ୍ଲୀରେ ଥିବା ପ୍ରବାସୀ ଓଡ଼ିଆ

**ନୂଆଦିଲ୍ଲୀ :** ପୁରୁଣା ବର୍ଷର ସମସ୍ତ କଷ୍ଟ, ମାନସିକ ଅବସାଦ ଓ ଦୁଶ୍ଚିନ୍ତାକୁ ଭୁଲି ନୂଆବର୍ଷକୁ ନୂଆ ଉତ୍ସାହର ସହ ସ୍ୱାଗତ କରିବା ପାଇଁ ରାଜଧାନୀ ଦିଲ୍ଲୀର ପ୍ରବାସୀ ଓଡ଼ିଆ ମାନେ ଆଜି ବିଭିନ୍ନ ସ୍ଥାନରେ ବିଭିନ୍ନ ଢଙ୍ଗରେ ଇଂରାଜୀ ନବ ବର୍ଷ ପାଳନ କରୁଥିବା ବେଳେ ସ୍ଥାନୀୟ କୋଟଲା ମବାରକପୁର ଗୋଲେଇ ଛକ ରେ ଥିବା ପୁରାତନ ଶିବ ମନ୍ଦିର ରେ କିନ୍ତୁ ପ୍ରବାସୀ ଓଡ଼ିଆ ମାନେ ଏକ ନିଆରା ଢଙ୍ଗରେ ନୂତନ ବର୍ଷ ପାଳନ କରୁଥିବା ଦେଖାଦେଇଥିଲା. ଶୀତଳଷଷ୍ଠୀ କମିଟି ତରଫରୁ ଗତ ବର୍ଷ ସ୍ଥାପନା କରାଯାଇଥିବା ଦେବ ଦେବ ମହାଦେବ ଓ ଦେବୀ ପାର୍ବତୀ ଙ୍କୁ ସକାଳେ ପୂଜା ଅର୍ଚ୍ଚନା କରାଯାଇଥିଲା. ଏହି ଅବସରରେ ମା ସ୍ୱାମୀ ଦିବ୍ୟ ସୁରୂପାନନ୍ଦ ଦିବ୍ୟ ଜୀବନ ସଙ୍ଘ, ଶିବାନନ୍ଦ ଆଶ୍ରମ କେନ୍ଦ୍ରାପଡ଼ା । ଜିଲ୍ଲା ଗରାପୁର ର ନିର୍ଦ୍ଦେଶ ରେ ସମସ୍ତ ଙ୍କ ମନ ମଧ୍ୟରେ ସେବା, ପ୍ରେମ, ଭାତୃତ୍ୱ ଭାବ ଜାଗୃତ କରାଇବା ଓ ସଦଭାବନା।



ପାଇଁ ଆନୁମାନିକ ଏକ ହଜାର ରୁ ଉର୍ଦ୍ଧ ପ୍ରବାସୀ ଓଡ଼ିଆ ଓ ସ୍ଥାନୀୟ ବାସିନ୍ଦା ଙ୍କ ଉପସ୍ଥିତି ରେ ମନ୍ଦିର ରେ ବିଶ୍ୱ ଶାନ୍ତି ପାଇଁ ସମୂହ ପ୍ରାର୍ଥନା କରାଯାଇଥିଲା.ଏହି ପରିପ୍ରେକ୍ଷୀରେ ଆୟୋଜକ ମାନଙ୍କ ତରଫରୁ ଭକ୍ତି ନୈବେଦ୍ୟ ‘ଭଜନ, ଜଣାଣ’ ଭିତ୍ତିକ କାର୍ଯ୍ୟକ୍ରମ କରାଯିବା ସହ ପୂର୍ବାହ୍ନ ଏଗାରଟା ଠାରୁ ସନ୍ଧ୍ୟା ଯାଏ ବିଶାଳ ଭଣ୍ଡରା (ପ୍ରସାଦ ସେବନ )ର ଆୟୋଜନ କରାଯାଇଥିଲା. ଏହି କାର୍ଯ୍ୟକ୍ରମ କୁ ଶିବ ପରିବାର ତଥା ଶୀତଳ ଷଷ୍ଠୀ କମିଟି ତରଫରୁ ଡ. ପ୍ରକାଶ ଷଡ଼ଙ୍ଗୀ, ଦିଲ୍ଲୀ ର ବାବା ବୈକୁଣ୍ଠନାଥ ବ୍ରହ୍ମଚାରି ପ୍ରଚାର ସମିତି ତରଫରୁ ନିର୍ମଳ ଧଳ, ଜଗନ୍ନାଥ କୀର୍ତ୍ତନ ମଣ୍ଡଳୀ ର କିଛି ପ୍ରମୁଖ ସଦସ୍ୟେ, ଗଜେନ୍ଦ୍ର ସାହୁ ଓ ସନ୍ଦୀପ ମହାପାତ୍ର, ରୋଜି ମହାପାତ୍ର ପ୍ରମୁଖ ପରିଚାଳନା କରିଥିବା ଦେଖାଦେଇ ଥିଲା.

# ଅସହାୟଙ୍କୁ ଶୀତବସ୍ତ୍ର ବିତରଣ

**ଛତ୍ରପୁର (ଅମୃତ ମିଡିଆ):** ରୋଟାରୀ କ୍ଲବ ଅଫ୍ ବ୍ରହ୍ମପୁର ମିଡ୍ ଟାଉନ, ବ୍ରହ୍ମପୁର ପାର୍ବତୀ ଟେକ୍ସଟାଇଲସ୍, କଲକୋତାର ଲିଲି ଫାଉଣ୍ଡେସନର ମିଳିତ ବଦାନ୍ୟତାରେ ଏବଂ କେ.ଟି.ଏନ୍ ପୁର ବରିଷ୍ଠ ନାଗରିକ ମଞ୍ଚର ସହଯୋଗରେ ଛତ୍ରପୁର ବ୍ଲକ ଅନ୍ତର୍ଗତ କେରାଣ୍ଡିତୋଳା ନାରାୟଣପୁର ଗ୍ରାମ ଓ ରାମପଲ୍ଲୀ ଗ୍ରାମର ୩୫୦ ଜଣ ଗରିବ ଓ ଅସହାୟଙ୍କୁ ଶୀତ ବସ୍ତ୍ର ବିତରଣ କରାଯାଇଛି ।ଏହି କାର୍ଯ୍ୟକ୍ରମରେ ଉଭୟ ଗ୍ରାମର ଯୁବ ଗୋଷ୍ଠୀ ସହାୟତା କରି ଗରିବ ଜନସାଧାରଣଙ୍କୁ ଶୀତ ବସ୍ତ୍ର ବିତରଣ କରିଥିଲେ ।କେରାଣ୍ଡିତୋଳା ଗ୍ରାମରେ ବରିଷ୍ଠ



ନାଗରିକ ମଞ୍ଚର ସଭାପତି ନରହରି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଲକୋତାର ଲିଲି ଫାଉଣ୍ଡେସନର ଗଂଜାମ ଜିଲ୍ଲା ସଂଯୋଜକ ରୋଟାରୀଆନ୍ ଡଃ ଗୋଦାବରୀ ପାତ୍ର,ରୋଟାରୀଆନ୍ ପ୍ରଭାକର ସାହୁ, ଅବସରପ୍ରାପ୍ତ ଶିକ୍ଷକ କୋରା ମହାରଣା, ଗ୍ରାମ ସଭାପତି ଅମରେଶ୍ୱର ସାହୁ ,ମଞ୍ଚର କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଏହି ମହାନ୍ କାର୍ଯ୍ୟ ନିମନ୍ତେ ସମସ୍ତ ବଦାନ୍ୟ ସଂସ୍ଥାକୁ କୃତଜ୍ଞତା ପ୍ରକାଶ କରିଥିଲେ ।ସେହିପରି ରାମପଲ୍ଲୀ ଗ୍ରାମରେ ହରିହର ସ୍ୱାଇଁ, ରାମହରି ସ୍ୱାଇଁ, ନରସିଂହ ସ୍ୱାଇଁଙ୍କ ସହଯୋଗରେ ମାଗଣା ଶୀତ ବସ୍ତ୍ର ବିତରଣ କରାଯାଇଥିଲା । ଉଭୟ କାର୍ଯ୍ୟକ୍ରମକୁ ରୋଟାରୀ ଜିଲ୍ଲା ୩୨୬୨ ର ସହକାରୀ ପ୍ରାନ୍ତପାଳ ରୋଟାରୀଆନ୍ କାମରାଜୁ ମହାରଣା ସଂଯୋଜନା କରିଥିଲେ । ଉଭୟ ଗ୍ରାମର ବରିଷ୍ଠ ନାଗରିକ ମଞ୍ଚର ଏହି ସଂଯୋଜନା ଓ ସହଯୋଗିତା ପାଇଁ ସନ୍ତୋଷ ପ୍ରକାଶ କରାଯାଇଛି ।

# ଆଜିଠାରୁ ରଥକାଠ କାଟିବା ଅନୁକୂଳ

**ଦଶପଲ୍ଲା (ଅମୃତ ମିଡିଆ):** ଆଜି ଠାରୁ ବିଧି ଅନୁଯାୟୀ ଆରମ୍ଭ ହୋଇଛି ଚଳିତ ବର୍ଷ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ପାଇଁ କାଠ ସଂଗ୍ରହ ପ୍ରକ୍ରିୟା ,ପରମ୍ପରା ଅନୁଯାୟୀ ମହାପ୍ରଭୁଙ୍କ ତିନି ରଥ ନିର୍ମାଣ ପାଇଁ ନୟାଗଡ଼ ବନଖଣ୍ଡ କାଠ ଯୋଗାଇବାର ବିଧି ରହିଛି, ଏଥିପାଇଁ ପୁରୀ ଶ୍ରୀମନ୍ଦିର ୪ ଜଣିଆ ପ୍ରତିନିଧି ଦଳ ମହାପ୍ରଭୁଙ୍କ ଆଜ୍ଞା ମାଳ ଧରି ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକରେ ପହଞ୍ଚିବା ପରେ, ଜଙ୍ଗଲ ରୁ କାଠ ସଂଗ୍ରହ ପାଇଁ ବନ କର୍ମଚାରୀ ସହାୟତାରେ ବଡ଼ମୂଳର ବଡ଼ ରାଉଳ ଠାକୁରଙ୍କ ପାଖକୁ ଯାତ୍ରା କରିଥିଲେ, ଜଙ୍ଗଲ ରୁ କାଠ କାଟିବା ପୂର୍ବରୁ ପରମ୍ପରା ଏବଂ ବିଧି ଅନୁଯାୟୀ ରାଉଳ ଠାକୁରାଣୀଙ୍କ ପାଖରେ ପୂଜା ହୋମ ଯଜ୍ଞ କରାଯାଇଥିଲା , ପୁରୀ ଶ୍ରୀମନ୍ଦିର ପ୍ରତିନିଧି ଦଳ ଏବଂ ନୟାଗଡ଼ ବନଖଣ୍ଡର ଅଧିକାରୀଙ୍କ ଉପସ୍ଥିତିରେ ବଡ଼ ରାଉଳ ଠାକୁରଙ୍କ ପାଖରେ ଏଥିପାଇଁ ବିଧି ଅନୁସାରେ ସ୍ୱତନ୍ତ୍ର ଭାବେ



ପୂଜାର୍ଚ୍ଚନା କରାଯାଇଛି, ଜଙ୍ଗଲ ରୁ ଗଛ କାଟିବା ପାଇଁ ବଡ ରାଉଳ ଠାକୁରଙ୍କ ପାଖରେ ପୁଷ୍ପାଞ୍ଜଳି ଦେଇ ଜଙ୍ଗଲ ବିଭାଗ ଅଧିକାରୀ ଏବଂ ପୁରୀ ଶ୍ରୀମନ୍ଦିର ରୁ ଆଜ୍ଞା ମାଳ ଧରି ଆସିଥିବା ପ୍ରତିନିଧି ଦଳ ପ୍ରାର୍ଥନା କରିଛନ୍ତି, ବିଧି ଅନୁଯାୟୀ ଆସନ୍ତାକାଲିଠାରୁ ଦଶପଲ୍ଲା ବନାଞ୍ଚଳରେ ଚିହ୍ନଟ ହୋଇଥିବା ଫାଶୀ, ଅସନ, ଧଉରା , ଶାଳ କାଠ କଟାଯାଇ ଜଙ୍ଗଲରୁ ସଂଗ୍ରହ କରାଯିବ, ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ ମୋଟ ୮୬୫ଖଣ୍ଡ କାଠ ଆବଶ୍ୟକ ରହିଥିବା ବେଳେ ଗତ ବର୍ଷର ୫୩ ଖଣ୍ଡ କାଠ ପୁରୀ ବଡ଼ ଦାଣ୍ଡରେ ବଳକା ରହିଛି, ତେଣୁ ତିନି ରଥ ନିର୍ମାଣ ପାଇଁ ଚଳିତ ବର୍ଷ ୮୧୨ ଖଣ୍ଡ କାଠ ଆବଶ୍ୟକ ରହିଛି । ସେଥିମଧ୍ୟରୁ ଦୁଇ ଟ୍ରିପ କାଠ ଶ୍ରୀପଞ୍ଚମୀ ପୂର୍ବରୁ ପୁରୀ ରଥଖଳାକୁ ପଠାଇବା ପାଇଁ ନୟାଗଡ଼ ବନଖଣ୍ଡଙ୍କୁ ନିର୍ଦ୍ଦେଶ ରହିଛି ।

### ସୂର୍ଯ୍ୟମନ୍ଦିରରେ ପର୍ଯ୍ୟଟକ ଓ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର ଘଟଣା....

# ଧାରଣା ଦ୍ୱିତୀୟ ଦିନରେ

**କୋଣାର୍କ (ଅମୃତ ମିଡିଆ):** ଖବର ସଂଗ୍ରହ କରିବାକୁ ଯାଇଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂର୍ଯ୍ୟମନ୍ଦିରର ଅସ୍ଥାୟୀ କର୍ମଚାରୀ ଠେଲାପେଲା ଓ ଦୁର୍ବବ୍ୟବହାର କରିବା ମାମଲାରେ କୋଣାର୍କ ଥାନାରେ ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସୋମବାର କୋଣାର୍କର ସମସ୍ତ ଗଣମାଧ୍ୟମ ପ୍ରତିନିଧି କୋଣାର୍କ ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ଏହାକୁ କୋଣାର୍କ ସୁରକ୍ଷା ସମିତି,ଫଟୋଗ୍ରାଫର ଓ ଗାଇଡ ଆସୋସିଏସନ୍, କୋଣାର୍କ ନଗର କଂଗ୍ରେସ କମିଟି,ଗୋପ ସାମ୍ବାଦିକ ସଂଘ ସମର୍ଥନ ଜଣାଇ ସାମିଲ ହୋଇଥିଲେ। ପୁଲିସ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଅସନ୍ତୋଷ ଦେଖାଦେଇଛି। ସୂଚନାଥାଉକି,ରବିବାର ସୂର୍ଯ୍ୟମନ୍ଦିରରେ ଭିଡ଼ ଯୋଗୁଁ ଖବର ସଂଗ୍ରହ ପାଇଁ ଗଣମାଧ୍ୟମ ପ୍ରତିନିଧିମାନେ ଯାଇଥିବାବେଳେ ମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ପରିଚୟପତ୍ର ନଥିବା ପ୍ରଦୀପ୍ କୁମାର ନାମକ ଅସ୍ଥାୟୀ କର୍ମଚାରୀ ଏଏସଆଇ ଅଧିକାରୀ ଦେବେନ୍ଦ୍ର କୁମାରଙ୍କ ନିର୍ଦ୍ଦେଶରେ ଗାଳିଗୁଲଜ କରିବା ସହିତ କର୍ତ୍ତବ୍ୟରତ ସାମ୍ବାଦିକଙ୍କ ବୁମକୁ ଠେଲିଦେଇଥିଲେ। ଏହି ଘଟଣାକୁ ନେଇ କୋଣାର୍କ ଅଞ୍ଚଳର ସମସ୍ତ ସାମ୍ବାଦିକ ମାନେ କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପର୍ଯ୍ୟଟକ ମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏପରିକି ଟିକେଟ କାଟିବା ପାଇଁ ପର୍ଯ୍ୟଟକ ମାନେ ଘଣ୍ଟା ଘଣ୍ଟା ଧରି ଖରାରେ ଠିଆ ହୋଇ ରହୁଥିବାବେଳେ ସେମାନଙ୍କୁ ସାମାନ୍ୟତମ ମୌଳିକ ସୁବିଧା ନମିଳିବାରୁ ଅସନ୍ତୋଷ ପ୍ରକାଶ କରିବା ସହ ମନ୍ଦିର ପରିଦର୍ଶନ ନକରି ଫେରିଯାଉଥିବା ଦେଖିବାକୁ ମିଳିଛି। ଏଏସଆଇ କର୍ମଚାରୀଙ୍କୁ ଗିରଫ କରା ନଗଲେ ସୂର୍ଯ୍ୟମନ୍ଦିର ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ସମସ୍ତ ଗଣମାଧ୍ୟମ ପ୍ରତିନିଧି ଚେତାବନୀ ଦେଇଛନ୍ତି । ଏହି ଘଟଣା ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ବଡବିଲ ଆରଟିଓଙ୍କ ସଡ଼କ ସୁରକ୍ଷା ସପ୍ତାହ



**ଯୋଡ଼ା (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲାର ଯୋଡ଼ା ବସ୍ ଷ୍ଟାଣ୍ଡରେ ଆଜି ବଡ଼ବିଲ ଆର ଟି ଓ ଙ୍କ ତରଫରୁ ସଡ଼କ ସୁରକ୍ଷା ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏଠାରେ ଏଲ ଇ ଡି ସ୍କ୍ରିନ୍ ମାଧ୍ୟମରେ ଜନସାଧାରଣଙ୍କୁ ବିଭିନ୍ନ ପ୍ରକାର ପ୍ରଦର୍ଶନ କରାଇ ସଚେତନ କରାଇ ଥିଲେ। ସଡକ ଦୁର୍ଘଟଣା କୁ କେମିତି କମା ଯାଇ ପାରିବ ଉଦାହରଣ ସ୍ୱରୂପ ହେଲମେଟ , ସିଟ ବେଲେଟ ପିନ୍ଧିବା ସହିତ ନିଶା ସେବନ କରି ଗାଡ଼ି ନଚଲେଇବା ଏବଂ ସମସ୍ତ ଟ୍ରାଫିକ ନିୟମ ଅନୁଯାୟୀ ଗାଡ଼ି ଚଲେଇବାକୁ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମ ଜାନୁଆରୀ ୧ତାରିଖରୁ ୭ତାରିଖ ପର୍ଯ୍ୟନ୍ତ ସପ୍ତାହ ବ୍ୟାପି ଚାଲୁ ରହିବ।

# ନବବର୍ଷରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଉନ୍ନୟନ କାର୍ଯ୍ୟର ସଫଳତା ପାଇଁ ପ୍ରେରଣା

**ଛତ୍ରପୁର (ଅମୃତ ମିଡିଆ):** ଜିଲ୍ଲାପାଳଙ୍କ ଓସ୍ୱାନ ହଲ ଠାରେ ମଙ୍ଗଳବାର ସମସ୍ତ ଉନ୍ନୟନ କାର୍ଯ୍ୟର ସଦ୍ ବିନିଯୋଗ ଓ ଲୋକଙ୍କ ଉନ୍ନତି କଳ୍ପେ କରାଯାଉଥିବା ସରକାରୀ ଯୋଜନାର ସଫଳ ରୂପାୟନ ନିମନ୍ତେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇ ପ୍ରେରଣା ଯୋଗାଇଥିଲେ । ନବବର୍ଷର ଦ୍ୱିତୀୟ ଦିନରେ ଆଗାମୀ ଦୁଇ ମାସର କାର୍ଯ୍ୟ ଖସଡା କିଭଳି ପ୍ରସ୍ତୁତ କରିବେ ସେ ସମ୍ପର୍କରେ ଅବଗତ କରାଇଥିଲେ । ବିଶେଷ ଭାବେ ଲକ୍ଷ୍ମୀ ବସ୍ ଯୋଜନା , ଆମ ଓଡିଶା ନବୀନ ଓଡିଶା ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା , ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା, ଗ୍ରାମାଞ୍ଚଳରେ ଖୋଲିବାକୁ ଥିବା ବ୍ୟାଙ୍କ ଯୋଜନା, ନିର୍ବାଚନ ସଂକ୍ରାନ୍ତୀୟ କାର୍ଯ୍ୟ କଳାପ, ଜନହିତକାରୀ ଯୋଜନା ଗୁଡିକର ସଫଳ ରୂପାୟନ ଦିଗରେ ଲୋକଙ୍କ ଅବଗତି ନିମନ୍ତେ ପ୍ରଚାର ପ୍ରସାର କାର୍ଯ୍ୟକ୍ରମ ( ଆଇ.ଇ.ସି) ଇତ୍ୟାଦି ସମ୍ପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ । ନିଜ କାର୍ଯ୍ୟାଳୟରେ ବିଭିନ୍ନ ଦଳ କରି ସେମାନଙ୍କୁ ନିର୍ଦ୍ଦିଷ୍ଟ କାର୍ଯ୍ୟର ଦାୟୀତ୍ୱ ଦେବାକୁ କହିଥିଲେ । ଯଦ୍ଦ୍ୱାରା କାର୍ଯ୍ୟର ସଫଳତା ଦିଗରେ ସୁ ବିନିଯୋଗ ହୋଇ ପାରିବ । ସମସ୍ତ ଜନହିତକଳ୍ପେ କାର୍ଯ୍ୟ ଗୁଡିକ ସ୍ଥାନୀୟ ଲୋକ ପ୍ରତିନିଧି ମାନଙ୍କ ସହଯୋଗ ନେଇ କରାଗଲେ ସମସ୍ତ କାର୍ଯ୍ୟ ସୁବିଧାରେ ହୋଇ ପାରିବ ଏବଂ ପ୍ରକୃତ ହିତାଧିକାରୀଗଣ ଉପକୃତ ହୋଇ ପାରିବେ ବୋଲି ଜିଲ୍ଲାପାଳ ଶ୍ରୀ ପରିଡା



ମତବ୍ୟକ୍ତ କରିଥିଲେ । ଜିଲ୍ଲାରେ ଅନେକ ସରକାରୀ ଯୋଜନା କାର୍ଯ୍ୟକାରି କରାଯାଉଛି । ଏହାର ସଠିକ ପ୍ରଚାର ପ୍ରସାର କରାଯାଇ ଲୋକଙ୍କ ଅବଗତି ନିମନ୍ତେ ଜଣାଗଲେ ପ୍ରତ୍ୟେକ ହିତାଧିକାରୀ ନିଶ୍ଚିତ ରୂପେ ଉପକୃତ ହୋଇ ପାରିବେ । ତେଣୁ ସରକାରୀ ଯୋଜନାର ହୋର୍ଡିଂ, ଅଡିଓ ଭିଡିଓ ଡକ୍ୟୁମେଣ୍ଟେସନ କରି ସାମାଜିକ ଗଣ ମାଧ୍ୟମରେ ପ୍ରଚାର କରିବାକୁ ପରାମର୍ଶ ଦେଇଥିଲେ । ଗଞ୍ଜାମ ଜିଲ୍ଲାରେ ୪୨ ଲକ୍ଷ କ୍ୱିଣ୍ଟାଲ ଧାନ ଜିଲ୍ଲାର ଚାଷୀଙ୍କ ଠାରୁ ସଂଗ୍ରହ କରିବାର ଯୋଜନା ରହିଛି । ପ୍ରତ୍ୟେକ ସପ୍ତାହରେ ଧାନ ସଂଗ୍ରହ କରିବା ସମ୍ପର୍କିତ ବୈଠକ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ସହାୟତାରେ ବୈଠକ କରି କିଭଳି ଧାନ କିଣା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ସେ ସମ୍ପର୍କରେ ଆଲୋଚନା କରି ଧାନକିଣା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ । ଗତ ଦଶ ଦିନ ମଧ୍ୟରେ ଏଯାବତ୍ ୩୬ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ଏକ ଆକଳନରୁ ଜଣା ପଡିଛି । ଧାନ ସଂଗ୍ରହ ପ୍ରକ୍ରିୟା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ଏଣୁ ଏଥି ପ୍ରତି ଗୁରୁତ୍ୱ ଦେଇ ଫେବୃୟାରୀ ମାସ ୨୦ ସୁଦ୍ଧା ଜିଲ୍ଲାର ସମସ୍ତ ଚାଷୀଙ୍କ ଠାରୁ କିଭଳି ଧାନ ସଂଗ୍ରହ କରାଯାଇ ପାରିବ ସେହି ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଧାନ ସଂଗ୍ରହ ପ୍ରକ୍ରିୟାକୁ ବିଳମ୍ବ ନ କରିବା ପାଇଁ ପରାମର୍ଶ ଦେଇ ଜିଲ୍ଲାର ଧାନ ଯେଭଳି ପଡୋଶୀ ବେପାରୀ ନେବେ ନାହିଁ ସେଥିପ୍ରତି ନଜର ରଖିବା ପାଇଁ କହିଥିଲେ । ଜିଲ୍ଲାର ଅନେକ ସ୍ଥାନରେ ବର୍ଷା ଅଭାବ ଜନିତ ଧାନ ଚାଷ କ୍ଷୟକ୍ଷତି ହୋଇଛି । ସେଗୁଡିକର ଆକଳନ ଯୁଦ୍ଧକାଳୀନ ଭିତ୍ତିରେ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଫସଲ ବୀମା ନିମନ୍ତେ ଅନେକ ଆବେଦନ ଦରଖାସ୍ତ ପଡିଛି । ସେଗୁଡିକର ଭରଣା ଦିଗରେ ପଦକ୍ଷେପ ନେବାପାଇଁ ଜଣାଇଥିଲେ ।

ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା ମଧ୍ୟରେ ସମସ୍ତ ଶିକ୍ଷାନୁଷ୍ଠାନର ସୌନ୍ଦର୍ଯ୍ୟୀକରଣ, ଶୌଚାଳୟ ପ୍ରସ୍ତୁତି, ସ୍ମାର୍ଟ କ୍ଲାସ ରୁମ୍, ପାଠାଗାର, ଲାବୋରେଟେରୀ, ପାନୀୟ ଜଳର ବ୍ୟବସ୍ଥା, ରଙ୍ଗ ଦେବା ଏବଂ ଅନ୍ୟାନ୍ୟ କାର୍ଯ୍ୟ ଗୁଡିକ ଯେଭଳି ଫେବୃୟାରୀ ମାସ ଶେଷ ସୁଦ୍ଧା ଶେଷ ହୋଇ ଉଦଘାଟନ ହେବ ସେଥି ସକାଶେ ପଦକ୍ଷେପ ଗ୍ରହଣ କରିବାକୁ ଜଣାଇଥିଲେ । ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାର ଅନ୍ୟତମ ଧାର୍ମିକ ପୀଠ ସ୍ଥଳୀ, କମ୍ୟୁନିଟି କେନ୍ଦ୍ର ଗୁଡିକର ସୌନ୍ଦର୍ଯ୍ୟୀକରଣ ରକ୍ଷଣା ବେକ୍ଷଣ କାର୍ଯ୍ୟ ଗୁଡିକ ମଧ୍ୟ ଫେବୃୟାରୀ ଶେଷ ସୁଦ୍ଧା ସାରିବାକୁ ଜଣାଇଥିଲେ । ଯେହେତୁ ଫେବୃୟାରୀ ମାସ ଶେଷ ଏହି ଯୋଜନାର ଶେଷ ଧାର୍ଯ୍ୟ ସମୟ

ଗଞ୍ଜାମ ଜିଲ୍ଲାରେ ଚଳିତ ମାସରେ ଲକ୍ଷ୍ମୀ ବସ୍ କାର୍ଯ୍ୟକ୍ରମ ଆରମ୍ଭ ହେବ । ତା ପୂର୍ବରୁ ସମସ୍ତ ନିର୍ମାଣାଧୀନ କାର୍ଯ୍ୟ ଆସନ୍ତା ୩୦ ଦିନ ମଧ୍ୟରେ ଶେଷ କରିବାକୁ କହିଥିଲେ । ଲୋକଙ୍କର ଯାତାୟତରେ ଅନେକ ଅସୁବିଧା ହେଉଛି । ଲକ୍ଷ୍ମୀ ବସ୍ ଯୋଜନା କାର୍ଯ୍ୟକାରୀ ହେଲେ ଗ୍ରାମାଞ୍ଚଳର ଲୋକେ ସ୍ୱଳ୍ପ ମୂଲ୍ୟରେ ଯାତାୟତ କରିପାରିବେ । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ନବୀନ କାର୍ଡର ବ୍ୟବସ୍ଥା କରାଯିବ । ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ନିମନ୍ତେ ଆବଶ୍ୟକ ପଡୁଥିବା ରୋଗୀଙ୍କର ଚିକିତ୍ସା ବିନା ମୂଲ୍ୟରେ ହୋଇ ପାରିବ । ଜିଲ୍ଲାର ଶତକଡା ୭୫ ପ୍ରତିଶତଲୋକଙ୍କର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରେ ନାମ ଅନ୍ତର୍ଭୁକ୍ତ ହୋଇ ସାରିଛି । ବଳକା ରହିଯାଇଥିବା ଲୋକଙ୍କୁ ପଞ୍ଜିକରଣ କରାଯାଇ ନବୀନ କାର୍ଡ ପ୍ରଦାନ କରାଯିବ । ଏଥି ନିମନ୍ତେ ଗ୍ରାମାଞ୍ଚଳର ପ୍ରତ୍ୟେକ ଗୃହର ଯାଂଚ୍ କାର୍ଯ୍ୟ ପରିବାରର ମୁଖ୍ୟ ସଦସ୍ୟଙ୍କ ଠାରୁ ତଥ୍ୟ ସଂଗ୍ରହ କରିବା ପାଇଁ କୁହାଯାଇଛି । ବୁଥ୍ ସ୍ତରୀୟ ଅଧିକାରୀ ଗଣ ଏଥି ପୂର୍ବରୁ ତଥ୍ୟ ସଂଗ୍ରହ କରିଛନ୍ତି । ସେମାନଙ୍କ ତଥ୍ୟ କୁ ଆଧାର କରି ପଞ୍ଜିକରଣ କରାଗଲେ କାର୍ଯ୍ୟଟି ସୁଗମ ହେବ । ଦ୍ୱିତୀୟ ପ୍ରକାର ପଞ୍ଜିକରଣରେ ହିତାଧିକାରୀଗଣ ନିଜେ ମଧ୍ୟ ଅନଲାଇନ୍ ପଞ୍ଜିକରଣ କରିପାରିବେ କିମ୍ବା ମୋ ସେବା କେନ୍ଦ୍ରରେ ପଞ୍ଜିକରଣ କରିପାରିବେ । ଚଳିତ ବର୍ଷ ଏକକ ନିର୍ବାଚନ ଅନୁଷ୍ଠିତ ହେବ । ଏଥି ସକାଶେ ପୂର୍ବରୁ ପ୍ରସ୍ତୁତ ହେବା ନିହାତି ଜରୁରୀ । ବିଶେଷ ଭାବେ ଭୋଟର ତାଲିକାର ସମ୍ପୂର୍ଣ୍ଣ ସଂଶୋଧନ, କୌଣସି ଭୋଟରଙ୍କ ନାମ ଯେମିତି ଭୋଟର ତାଲିକାରୁ ବାଦ ଯିବ ନାହିଁ ଏବଂ ନିର୍ବାଚନ ମଣ୍ଡଳୀରେ ଉପସ୍ଥିତ ଥାଇ ଯେଉଁ ମାନଙ୍କର ନାମ ଭୋଟର ତାଲିକାରୁ ବାଦ ପଡିଛି ସେମାନଙ୍କ ନାମ ପଞ୍ଜିକରଣ କରି ସଠିକ ଭୋଟର ତାଲିକା ପ୍ରକାଶନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବିଶେଷ ଭାବେ ପୋଷ୍ଟାଲ ବ୍ୟାଲଟ୍ ର ଆବଶ୍ୟକତା, ନିର୍ବାଚନ ସମ୍ପର୍କିତ ପ୍ରଶିକ୍ଷଣ, ଇଭିଏମ୍ ମେସିନ୍ ର ବ୍ୟବହାର ଜନିତ ପ୍ରଶିକ୍ଷଣ ଇତ୍ୟାଦି ସମ୍ପର୍କରେ ଅବଗତ କରାଇଥିଲେ । ପ୍ରଶିକ୍ଷଣ ଯେପରି ସଠିକ୍ ହେବ ସେ ଦିଗରେ ପଦକ୍ଷେପ ନେବେ।

## ଗହିରମଥାରୁ ଟ୍ରଲର ଜବତ

# ୧୦ ମତ୍ସ୍ୟଜୀବୀ କୋର୍ଟ ଚାଲାଣ

**ରାଜନଗର (ଅମୃତ ମିଡିଆ):** ରାଜନଗର ବନଖଣ୍ଡ ଅନ୍ତର୍ଗତ ଗହିରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଦଳ ଓମ୍ ବାବା-୨ ନାମକ ଟ୍ରଲରକୁ ଜବତ କରିଛି । ଟ୍ରଲରରେ ଥିବା ଦଶଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିବା ସହ ୩ଟି ଭିଏଚ୍ଏଫ୍, ଗୋଟିଏ ଲେଖାଏ ଜିପିଏସ୍ ଓ ଫିସ୍ ଫାଇଣ୍ଡର, ୧୦ଟି ଜାଲ ଓ ୪୫କ୍ୟୁଂଟାଲ ମାଛ ଜବତ କରିଛନ୍ତି । ଗିରଫ ମତ୍ସ୍ୟଜିବୀ ମାନେ ହେଲେ ଅଶ୍ୱିନୀ ମାଇତି, ଦିଲ୍ଲିପ ଦାସ, ଉତ୍ତମ ମଣ୍ଡଳ, ଗୋକୁଳଚନ୍ଦ୍ର ଜେନା, ଗୋବିନ୍ଦ ମଣ୍ଡଳ କେନ୍ଦ୍ରାପଡା ଜିଲ୍ଲାର ହୋଇଥିବା ବେଳେ ସୁଶାନ୍ତ କୁମାର ମଳିକ, ମୁରଲି ମଳିକ,




ଭାସ୍କର ପରିଡା ଭଦ୍ରକ ଜିଲ୍ଲାର ଓ ଗୋପାଳ ସୋରେନ, ସେଖ୍ ଶୋବାନୀ ବାଲେଶ୍ୱର ଜିଲ୍ଲାର ବୋଲି ବନ ବିଭାଗ ସୂତ୍ରରୁ ଜଣାପଡିଛି । ଗିରଫ ମତ୍ସ୍ୟଜୀବୀ ମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

# ନିମପୁର ଶାସନ ନୋଡାଲ ହାଇସ୍କୁଲ ୧୯୭୯ ବ୍ୟାଚ୍ର ବନ୍ଧୁମିଳନ

**କେନ୍ଦ୍ରାପଡା (ଅମୃତ ମିଡିଆ):** କେନ୍ଦ୍ରପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅଧିନସ୍ଥ ନିମପୁର ଶାସନ ନୋଡାଲ ହାଇସ୍କୁଲ ୧୯୭୯ ମସିହାରେ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଦେଇଥିବା ଛାତ୍ରମାନଙ୍କର ଏକ ବନ୍ଧୁମିଳନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୪୪ବର୍ଷ ତଳୁ ମାଟ୍ରିକ୍ ପରୀକ୍ଷା ଦେଇଥିବା ନୋଡାଲ ହାଇସ୍କୁଲର ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ୨୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ର ଯୋଗ ଦେଇଥିଲେ । ଏହି ଅବସରରେ ହାଇସ୍କୁଲରେ ଶିକ୍ଷାଦାନ କରି ଅବସର ନେଇଥିବା ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ୧୯୭୯ ବ୍ୟାଚ୍ର ନିମାନନ୍ଦ ପ୍ରଧାନ,ଅଶୋକ ନାୟକ.ଧିରେନ ଖୁଣ୍ଟିଆ,ସୁକାନ୍ତି ସାହୁ,ଲତିକା ଦାସ,ବିଜୟ ଆଚାର୍ଯ୍ୟତ୍ରିଲୋଚନ ଦାସଙ୍କ ସଂଯୋଜନାରେ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ପୁରାତନ ଛାତ୍ର/ଛାତ୍ରୀ



ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ । ଉପସ୍ଥିତ ସଦସ୍ୟମାନେ ନିଜ ନିଜର ପୁରୁଣା ସ୍ମୃତି,ସ୍କୁଲରେ ପାଠ ପଢା ସମୟରେ ଖଟାମିଠା ଅନୁଭୂତି ବଖାଣିଥିଲେ । ଶେଷରେ ପୁରାତନ ଛାତ୍ର ପରସ୍ପର ବୃତ୍ତି ଓ ଭଲ ମନ୍ଦ ନେଇ ଆଳାପ ଆଲୋଚନା ହୋଇ ପ୍ରତ୍ୟେକ ବର୍ଷ ବନ୍ଧୁମିଳନ କାର୍ଯ୍ୟକ୍ରମ ସମସ୍ତଙ୍କର ପରିବାର ଏକତ୍ରୀତ ହୋଇ କରିବାକୁ ନିଷ୍ପତ୍ତି ନେଇଥିଲେ ।

# ଜନ୍ମମାଟିରେ ଶ୍ରୀମଦ୍ ବାୟାବାବାଙ୍କ ୧୨୬ତମ ଜନ୍ମ ମହୋତ୍ସବ

**ରାଜନଗର (ଅମୃତ ମିଡିଆ):** ଶ୍ରୀମଦ୍ ବାୟା ବାବାଙ୍କ ୧୨୬ତମ ଜନ୍ମ ମହୋତ୍ସବ ରାଜନଗର ବ୍ଲକ କେରଡାଗଡ ସ୍ଥିତ ଶ୍ରୀରାଧା ମଦନ ମୋହନଜୀୟୁ ଆଶ୍ରମ(ବାୟା ମଠ)ରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପ୍ରାତଃ ୬ଘଟିକା ସମୟରେ ଆଶ୍ରମରୁ ନାମ ସଂକୀର୍ତ୍ତନ ବାହାରି ମାଉସୀ ମା ମନ୍ଦିର ଦେଇ ଶ୍ରୀଜଗନ୍ନାଥ ମନ୍ଦିରକୁ ଯାଇଥିଲା । ଏହା ପରେ ୧୦୮ କଳସ ଶୋଭାଯାତ୍ରା କରାଯାଇ ବ୍ରାହ୍ମଣୀ ନଦୀରୁ ପାଣି ଆଶ୍ରମ ପରିସରକୁ ଅଣାଯାଇଥିଲା । ବାବାଙ୍କ ଶ୍ରୀ ବିଗ୍ରହକୁ ପଣ୍ଡିତ ଜନକୃଷ୍ଣ ରଥ ମହାସ୍ନାନ କରାଇଥିଲେ । ଓଡିଶାର ଖ୍ୟାତନାମା ପ୍ରବାଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଶ୍ରୀମଦ୍ ବାୟା ବାବାଙ୍କ ଜୀବନ ଆଦର୍ଶ ସମ୍ପର୍କରେ ଆଲୋଚନା କରିବା ସହିତ ସାମାଜିକ ଦର୍ଶନ ଓ ବ୍ୟବହାରିକ ଜୀବନର ଆଦର୍ଶ ସଂପର୍କରେ ମନ୍ତବ୍ୟ ପ୍ରଦାନ କରିଥିଲେ । ପରିବାରର ସାନ ମାନେ ବଡମାନଙ୍କୁ ପ୍ରତିଦିନ ପ୍ରଣାମ କଲେ ଅନେକ ପାରିବାରିକ ବିଶୃଙ୍ଖଳା ବନ୍ଦ



ହୋଇଯିବ । ବିଶେଷକରି ବୋହୂମାନେ ସେମାନଙ୍କ ଶାଶୁ ଶ୍ୱଶୁରଙ୍କୁ ପ୍ରଣାମ କଲେ ସେମାନଙ୍କ ପିଲାମାନେ ସେମାନଙ୍କୁ ଅନୁସରଣ କରିବେ ଯାହା ଫଳରେ ଆଦର୍ଶ ପରିବାର ଗଠନ ହୋଇ ସମାଜ ସୁଧୁରିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଶ୍ରୀ ପଣ୍ଡା ଉପସ୍ଥିତ ଶ୍ରଦ୍ଧାଳୁ ମାନଙ୍କୁ ଆପଣ ମାନଙ୍କ ଗାଁରେ ଯେଉଁ ପୁଅ ବୋହୂ ମାନେ ସେମାନଙ୍କ ବୟସ୍କ ପିତାମାତା ମାନଙ୍କୁ ଠିକ ଭାବରେ ସେବା ନ ଦେଇ ଖରାପ ବ୍ୟବହାର କରୁଛନ୍ତି । ସେହି ବୃଦ୍ଧ ପିତାମାତା ମାନେ ମୃତ୍ୟୁବରଣ କରିବା ପରେ, ନିଜର ଆତ୍ମ ପ୍ରଚାର କରିବା ପାଇଁ କରୁଥିବା ସେମାନଙ୍କ ସାମାଜିକ କାର୍ଯ୍ୟକ୍ରମରୁ ନିଜକୁ ଦୂରେଇ ରଖନ୍ତୁ । ସେମାନେ ସୁଧୁରିବାକୁ ବାଧ୍ୟ ହେବେ । ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ, ଜଗନ୍ନାଥ ଦାସ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଉତ୍ସବରେ କେରଡାଗଡ ଶାଖା ସଙ୍ଘର ସଭାପତି ବ୍ରହ୍ମାନନ୍ଦ ତ୍ରିପାଠୀ, ସମ୍ପାଦକ କପିଳଚନ୍ଦ୍ର ଦାସ, ନଟବର ରାଉତ, ପ୍ରଦୀପ ବିଶ୍ୱାଳ, ଅନନ୍ତ ରାଉତ, କୃଷ୍ଣଚନ୍ଦ୍ର ପ୍ରଧାନ, ବାବାଜୀ ସାହୁ, ମେଘଶ୍ୟାମ ସାହୁ, ଭରତ ଜେନା, ରାଧାକୃଷ୍ଣ ପାତ୍ର, ନବକିଶୋର ପାତ୍ର, ଅକ୍ଷୟ କୁମାର ରାଉତ, ମନମୋହନ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ନୂଆବର୍ଷରେ ଭିତରକନିକାରେ ରେକର୍ଡ ସଂଖ୍ୟକ ପର୍ଯ୍ୟଟକଙ୍କ ଭିଡ଼




**ରାଜନଗର(ଅମୃତ ମିଡିଆ):** ୨୦୨୪ ମସିହାର ପ୍ରଥମ ଦିନରେ ଭିତରକନିକା ଜାତୀୟ ଉଦ୍ୟାନେର ରେକର୍ଡ ସଂଖ୍ୟକ ପର୍ଯ୍ୟଟକଙ୍କ ଭିଡ ପରିଲକ୍ଷିତ ହୋଇଛି । ନବବର୍ଷ ଅବସରେର ସର୍ବାଧିକ୪ହଜାର ୨୭୩ ଜଣ ପର୍ଯ୍ୟଟକ ଆସିଥିବା ଜଣାପଡିଛି । ପର୍ଯ୍ୟଟକମାନେ ବୋଟରେ ବସି ନଦୀରେ ବୁଲିବା ସମୟେର ନଦୀପଠରେ ଶୋଇ ଖରା ଖାଉଥିବା କୁମ୍ଭୀର, ହରିଣ ପଲ ଓ ବିଭିନ୍ନ ରଙ୍ଗେବରଙ୍ଗର ପକ୍ଷୀ ପର୍ଯ୍ୟଟକଙ୍କୁ ଆନମନା କରିଥିଲା । ଭିତରକନିକା ସେଲଫି ପଏଟଂରେ ଫେଟା ଉଠାଇବା ପାଇଁ ପର୍ଯ୍ୟଟକମାନେ ଭିଡ ଜମାଇଥିଲେ । ମେଟା ନର୍ସରୀ, ସଂଗ୍ରହାଳୟ, ଗୋରୀ ଓ ମଳୀ ରହୁଥିବା ପୋଖରୀ ନିକଟରେ ମଧ ଭିଡ ପରିଲକ୍ଷିତ ହୋଇଥିଲା । ସେଠାରେ ରହିଥିବା ହରିଣର ଫେଟା ନେଇଥିଲେ । ହ୍ୟାଚେରୀରେ ଛୋଟ ଛୋଟ କୁମ୍ଭୀର ଛୁଆଙ୍କୁ ଦେଖିବା ସହ ଧଳା କୁମ୍ଭୀର ଶ୍ୱେତାକୁ ଦେଖିବା ପାଇଁ ଗହଳି ଲାଗିଥିଲା । ବୋଟ ଲାଇବ୍ରେରୀକୁ ଦେଖିବା ସହ ନିକଟରୁ ପର୍ଯ୍ୟଟକମାନେ ସେଲଫି ନେଉଥିବା ଦେଖିବାକୁ ମିଳିଥିଲା । ଭିତରକନିକା ମୁଖ୍ୟ ଗେଟ ଦେଇ ସ୍ଥଳପଥେର ୩୨୧୮ ଜଣ ପର୍ଯ୍ୟଟକ ଭିତରକୁ ପ୍ରେବଶ କରିଥିଲେ । ସେମାନଙ୍କ ମଧ୍ୟରୁ ୪୨ ଟ୍ରିପ ବୋଟରେ ବସି ପର୍ଯ୍ୟଟକ ଭିତରକନିକାର ଶୋଭା ଦେଖିବା ସହ ବୋଟିଙ୍ଗର ମଜା ନେଇଛନ୍ତି । ଖୋଳାରୁ ୬୩ ଟ୍ରିପ୍ ବୋଟରେ ୭୨୮ ଜଣ ଆସିଥିବା ବେଳେ ଚାନ୍ଦବାଲିରୁ ୧୩ଟି ବୋଟରେ ୧୩୨ ଜଣ, ଗୁପ୍ତିରୁ ୨୪ ଟ୍ରିପ୍ ବୋଟରେ ୧୯୫ ଜଣ ପର୍ଯ୍ୟଟକ ଭିତରକନିକାରେ ବୁଲିଥିବା ବନବିଭାଗ ସୂତ୍ରରୁ ଜଣାପଡିଛି ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ବନ୍ଧୁମିଳନ ଉତ୍ସବ



**ରାଜନଗର(ଅମୃତ ମିଡିଆ):** ରାଜନଗର ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ ସେଂଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ସାନବଡେଗାପାଳପୁର ଶାଖାର କର୍ମଚାରୀମାନଙ୍କୁ ନେଇ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି କୃପାସିନ୍ଧୁ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ସଂଘର ସଂପାଦକ ବିଜୟକୁମାର ଜେନା ସଂଯୋଜନା କରିଥିଲେ । ଏହି ଅବସରେର ଶ୍ରୀ ଜେନା କର୍ମଚାରୀମାନଙ୍କ ବିଭିନ୍ନ ମୌଳିକ ସମସ୍ୟା ଉପେର ଆଲୋକପାତ କରିଥିଲେ । ବ୍ୟାଙ୍କ ପରିଚାଳକ ଅଭୟକୁମାର ସାହୁ ତ୍ୱରିତ ସେବା ଯୋଗାଇବା ଆମର ଲକ୍ଷ୍ୟ । ବରିଷ୍ଠ ନାଗରିକମାନଙ୍କୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ସେବା ଯୋଗାଇ ଦେବାକୁ ଅମେ ଅଙ୍ଗୀକାରବଦ୍ଧ ବୋଲି କହିଥିଲେ । ଶ୍ରୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମେର ବ୍ୟାଙ୍କର ପରିଚାଳକ ଶ୍ରୀ ସାହୁଙ୍କ ସହ ଚୁମନିଲାଲ ରାମ, ସୌଭାଗ୍ୟ ଦାସ, ମେନାରଂଜନ ପରିଜା, ରେମଶଚନ୍ଦ୍ର ପ୍ରଧାନ, ରେମଶଚନ୍ଦ୍ର ବେହେରା, ପ୍ରଶାନ୍ତ ନାୟକ, ଅଜୟ ସାହୁ, ଧେମର୍ନ୍ଦ୍ରକୁମାର ରାଉତ, ବରିଷ୍ଠ ନାଗରିକ ଗୌରାଙ୍ଗ ଚରଣ ବାରିକ, ଗୋପବନ୍ଧୁ ପ୍ରଧାନ, ଦୀନବନ୍ଧୁ ଦାସ, ଶଙ୍କର ବିଶ୍ୱାଳ, ନିରାକାର ବେହେରା, ବେଣୁଧର ଦାସ, ଅଭିରାମ ସାହୁ, କିଶୋର ମିଶ୍ର, ହେରକୃଷ୍ଣ ମଲ୍ଲିକ, ମାଗୁଣୀ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ ।

## ଖବରକାଗଜ ବିତରକଙ୍କୁ ମଧୁଲିତା ସମ୍ମାନ ପ୍ରଦାନ



**ବାଲିଚନ୍ଦ୍ରପୁର(ଅମୃତ ମିଡିଆ):** ବାଲିଚନ୍ଦ୍ରପୁର ଅଂଚଳର ଦୀର୍ଘଦିନ ବିତରକ ଅଞ୍ଜନ କୁମାର ସାହୁ ମଧୁଲିତା ସମ୍ମାନ ପ୍ରଦାନ କରାଯାଇଛି । ନିକଟରେ ଭୁବନେଶ୍ୱର ସ୍ଥିତ ଗୀତଗୋବିନ୍ଦ ଉବନଠାରେ ଅନୁଷ୍ଠିତ ମନନଶୀଳ ପାରିବାରିକ ପତ୍ରିକା ମଧୁଲିତାର ଅଷ୍ଟାଦଶ ସ୍ୱନକ୍ଷତ୍ର ଉତ୍ସବରେ ଶ୍ରୀ ସାହୁଙ୍କୁ ବିଶିଷ୍ଟ ଅତିଥି ମାନେ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ କଲ୍ୟାଣ, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମୁଖ୍ୟ ଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ମୁଖ୍ୟବକ୍ତା ଭାବେ ଶ୍ରୀମୟୀଶ୍ୱେତାସ୍ନିଗ୍ଧା ମିଶ୍ର, ବିଶିଷ୍ଟ ଅତିଥି ଭାବେ ଦୀଲ୍ଲିପ ରାଉତରାୟ, ସମ୍ମାନିତ ଅତିଥି ଭାବେ ମୃତ୍ୟୁଞ୍ଜୟ ରଓ ଓ ସମାଜସେବୀ ନମ୍ରତା ଚଢା ଯୋଗଦେଇ ଶ୍ରୀ ସାହୁଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଛନ୍ତି । ପ୍ରକାଶ ଥାଉକି ବିତରକ ଶ୍ରୀ ସାହୁ ଗତ ୪୦ ବର୍ଷରୁ ଅଧିକ ସମୟ ହେବ ସାଇକେଲ ଯୋଗେ ଖରା, ବର୍ଷା, ଶୀତ କାକରକୁ ଖାତିର ନକରି ଦୈନିକ ୧୦ ଘଣ୍ଟା ପରିଶ୍ରମ କରି ବାଲିଚନ୍ଦ୍ରପୁର ଓ ତାର ଆଖପାଖ ଗ୍ରାମରେ ପାଠକମାନଙ୍କ ନିକଟରେ ଖବରକାଗଜ ପହଞ୍ଚାଇ ପାଠକମାନଙ୍କ ଆସ୍ଥାଭାଜନ ହୋଇଛନ୍ତି । ଅଞ୍ଜନଙ୍କର ଉତ୍ସର୍ଗିକୃତ କାର୍ଯ୍ୟଧାରାକୁ ନେଇ ଏହି ମଧୁଲିତା ପୁରସ୍କାର ମିଳିଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଦିଆଯାଇଛି ।

## ବାଟବଣା କରିଛି ନବୀନ ଓଡିଶା ଅର୍ଥ, ଜନସାଧାରଣଙ୍କ ହିତ କମ୍ ଅହିତ ଅଧିକ

**ରଘୁନାଥପୁର(ଅମୃତ ମିଡିଆ):** ଆସନ୍ତା ସାଧାରଣ ନିର୍ବାଚନକୁ ଆଖି ଆଗେର ରଖି ଉଭୟ ବିଜେଡି ଓ ବିଜେପି ନିଜର ରାଜେନୈତିକ ଗୋଟି ଚାଳନା ଆରମ୍ଭ କରି ଦେଇଛନ୍ତି । ଏହି ପରିପ୍ରେକ୍ଷିରେ ବିଜେଡି ଦଳ ପକ୍ଷରୁ ରାଜ୍ୟର ସମସ୍ତ ପଂଚାୟତେର ନବିନ ଓଡିଶା ଅର୍ଥ ବିନିମୟେର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଉଥିବା ବେଳେ ରଘୁନାଥପୁର ବ୍ଲକର ୧୯ଗୋଟି ପଂଚାୟତେର ଏହି ଅର୍ଥ ରାଶି ଖର୍ଚ୍ଚ କରାଯାଇ ଉନ୍ନୟନ ମୂଳକ ନିର୍ମାଣ କାର୍ଯ୍ୟ କରାଯାଉଛି । ତେବେ ଏହି ନିର୍ମାଣ କାର୍ଯ୍ୟ ଗୁଡିକ ପ୍ରାୟ ସରକାରୀ ,ଜଳେସଚନ ଜମି,ଗୋଚର ଜମିରେ କରାଯାଉଥିବାରୁ ଧୀରେ ଧୀରେ ଗାଁ ଗହଳି ମାନଙ୍କେର ଏହି ଜମି ଗୁଡିକ ଅବକ୍ଷୟ ହେବାରେ ଲାଗିଛି । ଏହି ନିର୍ମାଣ କାର୍ଯ୍ୟ ପାଇଁ ସଂପୃକ୍ତ ଠିକାଦାରମାନେ ତହସିଲ ଅଫିସରୁ ସ୍ୱିକୃତି ନ ଆଣି ଯେଉଁଠି ନାହିଁ ସେଇଠି ନିର୍ମାଣ କାର୍ଯ୍ୟ କରୁଥିବା ପରିଲକ୍ଷିତ ହୋଇଛି । ଫଳେର ଗ୍ରାମବାସୀମାନେ ନିଜ ନିଜର ଗୃହପାଳିତ ପଶୁ ମାନଙ୍କର ଚାରଣ ଭୂମି ହରାଇବାରେ ଲାଗିଛନ୍ତି । ବିଶେଷତଃ ଏଭଳି କାର୍ଯ୍ୟଗୁଡିକ ପାଇଁ ଭବିଷ୍ୟତେର ପଶୁସଂପଦ ପାଇଁ ବିପଦ ସୃଷ୍ଟି ହୋଇଛି । ଏତଦଭିନ୍ନ ଏହି କାର୍ଯ୍ୟ ଗୁଡିକ ଆରମ୍ଭ କରା ଯିବା ପୂର୍ବରୁ ବ୍ଲକ ପ୍ରଶାସନ ପକ୍ଷରୁ ଅଟକଳ କରାଯିବା ପାଇଁ ସରକାରୀ ଆଇନ ଥିବା ବେଳେ ଏଠାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । କାର୍ଯ୍ୟ ଆରମ୍ଭ ପୂର୍ବରୁ ଅାଦେଶନାମା ପାଇଁ ଫାଇଲ ମାନଙ୍କେର ଯେଉଁ ଅଟକଳ ଫର୍ଦ୍ଦମାନ ଯୋଡା ଯାଉଛି, ପ୍ରକୃତ ପେକ୍ଷ କାର୍ଯ୍ୟ ଗୁଡିକ ତଦନୁଯାୟୀ ନେହାଇ ଭିନ୍ନତା ରହୁଥିବାରୁ ବ୍ଲକର ଉନ୍ନୟନମୂଳକ କାର୍ଯ୍ୟ ମନମାନୀରେ ହେଉଥିବା ସାଧାରଣେର ଆଲୋଚନା ହେଉଛି । ମୋଟା ମୋଟି ଭାବେ ଦେଖିବାକୁ ଗେଲ ନବିନ ଓଡିଶା ଅର୍ଥ କିଛି ଲୋକଙ୍କ ପାଇଁ ଆଶିର୍ବାଦ ପାଲଟିଥିବା ବେଳେ ଜନସାଧାରଣଙ୍କ ପାଇଁ ଅଭିଶାପ ପାଲଟିଥିବା ବିଦ୍ଧିଜୀବି ମହଲେର ଚହଳ ପଡିଛି ।

## ମରଣାନ୍ତକ ଆକ୍ରମଣ ଘଟଣାରେ ଉଦାସୀନତା ବିରୋଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ

**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** ଏକ ମରଣାନ୍ତଙ୍କ ଆକ୍ରମଣ ଘଟଣରେ ପୋଲିସର ଉଦାସୀନତା ବିରୋଧରେ ଆଜି ଜିଲ୍ଲାପାଳଙ୍କ ନିକଟେର ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାଇ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଭରତପୁର ପଞ୍ଚାଉୟତର ହରିଡାଦଣ୍ଡା ଗ୍ରାମର ଶ୍ରୀଚରଣ ସ୍ୱାଇଁଙ୍କ ପୁଅ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ଜିଲ୍ଲାପାଳଙ୍କ ନିକଟେର ଅଭିଯୋଗ କରିଛନ୍ତି ଯେ ଗତ ଡିସେମ୍ବରମାସ ୧୦ତାରିଖ ଅପରାହ୍ନ ପ୍ରାୟ ଗୋଟାଏ ସମୟେର ପୂର୍ବ ପାରିବାରିକ କଳହକୁ ନେଇ ତାଙ୍କ ପେଡାଶୀ ପ୍ରଫୁଲ୍ଲ ବେଜ ତାଙ୍କୁ ଅତ୍ୟନ୍ତ ଅଶ୍ଳିଳ ଭାଷାରେ ଗାଳି ଗୁଲଜ କରିବାରେ କାର୍ତ୍ତିକ ଏହାର ପ୍ରତିବାଦ କରେନ୍ତ ପ୍ରଫୁଲ୍ଲଙ୍କ ପରିବାରର ଅନ୍ୟମାନେ କାର୍ତ୍ତିକକୁ ଏକ ଲୁହା ପାଇପରେ ପିଟିଥିଲେ । ଏଥିସହିତ ତାଙ୍କୁ ତଣ୍ଟିଆ ମାରି ତେଲ ପକାଇଦେଇ ବିଧା ଓ ଗୋଇଠା ପ୍ରଭୃତି ମାରିବା ସହିତ ତାଙ୍କୁ ଜୀବନେର ମାରିଦେବାକୁ ଧମକ ଦେଇଥିବା କାର୍ତ୍ତିକ ସଦର ଥାନାରେ ସେହି ଦିନ ଲିଖିତ ଅଭିଯୋଗ କରିଥିଲେ । କିନ୍ତୁ ପୋଲିସ ଏସଂକ୍ରାନ୍ତେର କୌଣସି ପଦେକ୍ଷପ ଗ୍ରହଣ ନକରିବାରୁ ସେ କେନ୍ଦ୍ରାପଡା ଏସଡିପିଓ ଏବଂ ପେର ଏସପିଙ୍କ ନିକଟେର ଅଭିଯୋଗ କରିଥିଲେ ବି ଅଦ୍ୟାବଧି ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ସେ ଆଜି ଜିଲ୍ଲାପାଳଙ୍କ ନିକଟେର ଅଭିଯୋଗ କରିଛନ୍ତି । ଜିଲ୍ଲାପାଳ ଏହି ଘଟଣରେ ତୁରନ୍ତ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆରକ୍ଷୀ ଅଧିକ୍ଷକଙ୍କୁ ନିର୍ଦେଶ ଦେଇଥିବା ଜଣାପଡିଛି ।

## ସାମାଜିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ କମ୍ବଳ ବଣ୍ଟନ




**ବାଲିଅନ୍ତା(ଅମୃତ ମିଡିଆ):** ରାଜ୍ୟରେ ବଢୁଥିବା ଶୀତକୁ ଦୃଷ୍ଟିରେ ରଖି ଅଗ୍ରଣୀ ସାମାଜିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀ ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପ୍ରତାପଶାସନ ପଞ୍ଚାୟତ ବାଳକାଟି ବଡଭୋଇସାହି ଗ୍ରାମବାସୀଙ୍କୁ କମ୍ବଳ ବଣ୍ଟନ କରାଯାଇଛି । ଏହି ସାହିର ପ୍ରାୟ ୭୦ ରୁ ଉର୍ଦ୍ଧ୍ୱ ଗ୍ରାମବାସୀଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା କ୍ଷ ଟ୍ରଷ୍ଟର ଅଧକ୍ଷ ବିଶିଷ୍ଟ ସମାଜସେବୀ ଓ ଚଳଚିତ୍ର ପ୍ରଯୋଜକ ସତ୍ୟପ୍ରିୟ ବେହେରାଙ୍କ ନେତୃତ୍ୱରେ ଏହି ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା କ୍ଷ ଏଥିରେ ଟ୍ରଷ୍ଟର ଅନ୍ୟାନ୍ୟ କର୍ମକର୍ତ୍ତା ସମେତ ଯୁବ ସମାଜସେବୀ ରୁଦ୍ର ପ୍ରସାଦ ଭଞ୍ଜ, ଭରତ ସେଠି, ସୋମନାଥ ବେହେରା ଏବଂ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ । ଶ୍ରୀ ବେହେରାଙ୍କ ଏଭଳି କାର୍ଯ୍ୟପାଇଁ ଗ୍ରାମବାସୀ ମାନେ ଭୂୟସୀ ପ୍ରଂଶସା କରି ସହ ଆଶୀର୍ବାଦ ପ୍ରଦାନ କରିଥିଲେ ।

## ଫେରୁଥିବା ବେଳେ ଦୁର୍ଘଟଣାରେ ପର୍ଯ୍ୟଟକଙ୍କ ମୃତ୍ୟୁ

**ରାଜନଗର(ଅମୃତ ମିଡିଆ):** ରାଜନଗର ବ୍ଲକ ଘଡିଆମାଳ ପଚାଂୟତ ପଚୁଂପଲୀ(ଖମାରସାହି) ଗ୍ରାମର କବୀର ସ୍ୱାଇଁ(୫୨) ପେଣ୍ଠରୁ ବାଇକ୍ ଯୋଗେ ଫେରୁଥିବା ବେଳ ଏକ ଅଟୋ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଯାହାଫଳେର କବୀର ରାସ୍ତା ଉପରକୁ ପଚ୍ଛୁଆ ଛିଟିକି ପଡିଥିଲେ । ମୁଣ୍ଡେର ଶକ୍ତ ଆଘାତ ହୋଇଥିଲା । ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟେକନ୍ଦ୍ରକୁ ଆଣିଥିଲେ । ଡାକ୍ତର ପରୀକ୍ଷା ନିରୀକ୍ଷା କରିବା ପେର ମୃତ ଘୋଷଣା କରିଥିଲେ । ଏହାଛଡା ଆଜି ଇଂଗ୍ରାଜୀ ନୂଆବଷର୍ରେ ପେଣ୍ଠରେ ପର୍ଯ୍ୟଟକଙ୍କ ଭିଡ ଜମି ଥିଲା । ଏପରିକି ବିଭିନ୍ନ ସମୟେର ଦୁଘର୍ଟଣାରେ ଆହତ ହୋଇ ନୂଆଗାଁର ଆନନ୍ଦ ମଲିକ ଓ ପାପୁନି ମଲିକ, ସନୁପଡା ଗ୍ରାମର ଗୌରାଙ୍ଗ ନାୟକ, ରାଜନଗର ଗ୍ରାମର ସୁରେଶ ସେଠୀ ଏବଂ ମହାକାଳପଡା ବ୍ଲକ ବଡୀଘର ଗାଁର ଗୋପାଳ ସାହୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟେକନ୍ଦ୍ରେର ଚିକିତ୍ସିତ ହୋଇଥିବା ଜଣାପଡିଛି ।

## ଇକୋ ଗାଇଡ୍‌ଙ୍କୁ ମାଡ଼ ମାରିବା ନେଇ ଅଭିଯୋଗ

**ରାଜନଗର(ଅମୃତ ମିଡିଆ):** ରାଜନଗର ବ୍ଲକ ପେଣ୍ଠ ବେଳାଭୂମିକୁ ପର୍ଯ୍ୟଟକମାନଙ୍କୁ ସାଙ୍ଗେର ନେଇ ଯାଉଥିବା ବେଳ ବାଟେର ଜେଣ ଗାଇଡ୍‌ଙ୍କୁ ମାଡ ମାରିଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଛି । ଇେକା ଗାଇଡ୍ ଭାବେ କାର୍ଯ୍ୟ କରୁଥିବା ଏହି ବ୍ଲକ ସାନବଡେଗାପାଳପୁର ପଚାଂୟତ ଜଗନ୍ନାଥପୁର ଗ୍ରାମର ସମୀରକୁମାର ପ୍ରଧାନ ୧୪ଜଣ ପର୍ଯ୍ୟଟକଙ୍କୁ ପେଣ୍ଠ ବେଳାଭୂମି ଅଭିମୁଖେ ଯାଉଥିବା ବେଳେ ସମୁଦ୍ରକୂଳ ନିକଟେର ଥିବା ବନବିହାରୀଜୀୟୁ ମନ୍ଦିର ସମ୍ମୁଖେର ପ୍ରସନ୍ନପୁର ଗ୍ରାମର ବାପି ପରିଡା ରାସ୍ତାରେ ବାଇକ୍ ନଂ- ଓଡି-୨୯-୩୬୭୮କୁ ଅଡା ପକାଇ ଅବେରାଧ କରିଥିଲା । ରାସ୍ତାରୁ ଗାଡି ହଟାଇବା ପାଇଁ କହିବାରୁ ବାପିଙ୍କ ସହ ଅନ୍ୟ ୨୫ଜଣ ଯୁବକ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ଭୂଜାଲରେ ହାଣିବାକୁ ଗୋଡାଇବାରୁ ସେ ବିଲ ମଧ୍ୟେର ପଶି ଜୀବନ ବିକଳେର ପଳାଇ ଆସିଲେ । ଏପରିକି ତାଠାରୁ ମୋବାଇଲ, ମନିପର୍ସ ଓ ସୁନଚେନ ପ୍ରଭୃତି ଛଡାଇ ନେଇଥିବା ନେଇ ସମୀର ରାଜନଗର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଅଭିଯୋଗ ପାଇବା ପେର ୬୭୫/ ୨୩ର ମାମଲା ରୁଜୁ କରିଥିବା ଜଣାପଡିଛି ।

## ଗ୍ରାମ୍ୟ ନ୍ୟାୟାଳୟ ରେକର୍ଡ ପୋଡିଦେଲା ସଫେଇ କର୍ମଚାରୀ

**ରାଜନଗର(ଅମୃତ ମିଡିଆ):** ରାଜନଗର ଗ୍ରାମ୍ୟ ନ୍ୟାୟାଳୟର ଅସ୍ଥାୟୀ ସେଫଇ କର୍ମଚାରୀ ମିହିର କୁମାର ଦାସ(୨୫) ଗୁରୁତ୍ୱ ଫାଇଲ ପୋଡି ଦେଇଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଛି । ଓ୍ୱାଚମ୍ୟାନ ଥିବା ବିଜୟ ମଲିକ ରାଜନଗର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ମିହିର ଅତ୍ୟଧିକ ମଦ୍ୟପାନ କରି ପେସ୍କାର ଦୁର୍ଯ୍ୟୋଧନ ନାୟକଙ୍କ ସହିତ ଝଗଡା କରିଥିଲା । ରବିବାର ଅପରାହ୍ନେର କେହି ନଥିବାର ସୁଯୋଗ ନେଇ ଝରକା ଭାଙ୍ଗି ମିହିର ନ୍ୟାୟାଧିଶଙ୍କ ଟେବୁଲେର ଥିବା ତନୋଟି ଫାଇଲକୁ ପୋଡୁଥିବା ସମୟେର ଧୂଆଁ ଦେଖି ବିଜୟ ଦୌଡି ଆସିଥିଲେ । ନିଆଁକୁ ଆୟତ କରିବାକୁ ଚେଷ୍ଟା କରିବାକୁ ଉଦ୍ୟମ କରିଥିଲେ ମଧ ଫାଇଲଗୁଡିକ ଜଳି ଯାଇଥିଲା । ମିହିର ଛାତରୁ ଡେଇଁ ଫେରାର ହୋଇଯାଇଥିଲା । ପୋଲିସ ଅଭିଯୋଗ ପାଇବା ପେର କେଶ ନଂ- ୧/୨୪, ଦଫା- ୫୪୭, ୩୮୦, ୪୩୫, ୨୯୪, ୫୦୬, ଆଇପିସି/ ୩ ପିଡିପି ଆକ୍ଟରେ ମାମଲା ରୁଜୁ କରିବା ସହ ମିହିରକୁ ଥାନାକୁ ଆଣି ଅଟକ ରଖି ପଚରା ଉଚରା କରୁଛି । ମଙ୍ଗଳବାର ଦିନ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି ।

## ଧାନ ଅମଳ କରୁଥିବା ବେଳେ ଦୁର୍ଘଟଣାରେ ଚାଷୀ ମୃତ



**ବାଲିଚନ୍ଦ୍ରପୁର(ଅମୃତ ମିଡିଆ):** ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବରଦା ପଂଚାୟତ ଧମନଦୀ ଗ୍ରାମର ସଫଳ ଚାଷୀ ନିତ୍ୟାନନ୍ଦ ଦାସ ଆଜି ତାଙ୍କ ବିଲରେ ଧାନ କାଟିବା ପାଇଁ ଯାଇଥିବା ବେଳେ ଉକ୍ତ ଧାନକଟା ମେଶିନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି । ମୃତ୍ୟୁ ବେଳକୁ ତାଙ୍କୁ ୫୮ ବର୍ଷ ବୟସ ହୋଇଥିଲା । ଘଟଣାରୁ ପ୍ରକାଶ ନିତ୍ୟାନନ୍ଦ ନିଜ ବଲରୁ ମେଶିନ ସାହାର୍ଯ୍ୟରେ ଧାନ ଅମଳ କରୁଥିବା ସମୟରେ ବିଲ ହିଡ଼୍‌କଡ଼ରେ ରହିଯାଉଥିବା ଧନ ଗଛ ଗୁଡ଼ିକୁ କାଟୁଥିବା ସମୟରେ ଉକ୍ତ ମେଶିନଟି ପଛୁଆ ଫେରିବାରୁ ନିତ୍ୟାନନ୍ଦ ବାବୁଙ୍କ ଉପରେ ଚଢିଯାଇଥିଲା । ସେ ଆହତ ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ ଗୋପାଳପୁର କ୍ଷେତ୍ରିୟ ଚିକିତ୍ସାଳୟ ଓ ପରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଅବସ୍ଥା ସଂକଟାପର୍ଣ୍ଣ ହେବାରୁ ତାଙ୍କୁ କଟକ ବଡ଼ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ମାତ୍ର ଡ଼ାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ । ନିତ୍ୟାନନ୍ଦଙ୍କ ମୃତ୍ୟୁ ଖବର ଗ୍ରାମରେ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା । ନିତ୍ୟାନନ୍ଦଙ୍କର ପତ୍ନୀ ସମେତ ଗୋଟିଏ ଝିଅ ଓ ତିନି ପୁଅ ଅଛନ୍ତି । ତାଙ୍କ ବିୟୋଗରେ ସ୍ଥାନୀୟ ସରପଞ୍ଚ କବିତା ସେଠୀ, ସମିତି ସଭ୍ୟା ଶାନ୍ତିଲତା ମଳିକ, ବାଲିପଡ଼ିଆ ସରପଞ୍ଚ କିଶୋର ଚନ୍ଦ୍ର ବେହୁରା, ପ୍ରାକ୍ତନ ସରପଞ୍ଚ ଦେବେନ୍ଦ୍ର କୁମାର ସାମଲ, ଅନିରୁଦ୍ଧ ସାମଲ, ପ୍ରାକ୍ତନ ସମିତି ସଭ୍ୟ ସୁମନ୍ତ କୁମାର ଜେନା, ସମାଜସେବୀ ସୁବାଷ ଚନ୍ଦ୍ର ତ୍ରିପାଠୀ, ନାରାୟଣ ଦାଶ, ମହେନ୍ଦ୍ର ତ୍ରିପାଠୀ, ସାମ୍ବାଦିକ ପ୍ରବାସ କୁମାର ଦାଶ, ସଞ୍ଜୟ କୁମାର ପାତ୍ର, ଉତ୍କଳ କେଶରୀ ସାମଲ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି ।

## ପଞ୍ଚୁପଲ୍ଲୀ ଗାଁ ନିକଟରେ ୪ଫୁଟର ମୃତ କୁମ୍ଭୀର ଉଦ୍ଧାର

**ରାଜନଗର(ଅମୃତ ମିଡିଆ):** ରାଜନଗର ବ୍ଲକ ଘଡିଆମାଳ ପଚାଂୟତ ପଚୁଂପଲୀ ଗାଁ ନିକଟ ବ୍ରାହ୍ମଣୀ ନଦୀପଠାରୁ ୪ଫୁଟର ମୃତ କୁମ୍ଭୀର ଉଦ୍ଧାର କରାଯାଇଛି । ମୃତ୍ୟୁବରଣ କରିଥିବା ଚାରି ଫୁଟର ଏହି ମାଈ କୁମ୍ଭୀରଟିକୁ ସ୍ଥାନୀୟ ଲୋକେ ଦେଖି ବନବିଭାଗକୁ ଖବର ଦେଇଥିଲେ । ବନକର୍ମଚାରୀମାନେ ସେଠାରେ ପହଂଚି କୁମ୍ଭୀରକୁ ଉଦ୍ଧାର କରି କନିକା ରେଂଜ ପରିସରକୁ ନେଇଥିଲେ । ବ୍ଲକ ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ପ୍ରକାଶଚନ୍ଦ୍ର ଜେନା କୁମ୍ଭୀରକୁ ବ୍ୟବେଚ୍ଛଦ କରିବା ପେର ସେଠାରେ ପୋତି ଦିଆଯାଇଥିଲା । ଏନେଇ ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଶ୍ରୀ ଜେନାଙ୍କୁ ପଚାରିବାରୁ କୁମ୍ଭୀର ଦେହେର କୌଣସି କ୍ଷତବିକ୍ଷତ ଚିହ୍ନ ଦେଖାଯାଇନାହିଁ । ମୃତ୍ୟୁର ସଠିକ୍ କାରଣ ଜଣାପଡିନାହିଁ । ବ୍ୟବେଚ୍ଛଦ ରିପୋର୍ଟ ମିଳିବା ପେର ଯାହାକିଛି ଜଣାପଡିବ ବୋଲି କହିଛନ୍ତି ।

# ପୋଲସରାରେ ଫୁଟପାଥ୍ ପାଲଟିଛି ବ୍ୟାବସାୟିକ ପେଣ୍ଠସ୍ଥଳୀ




**ପୋଲସରା (ଅମୃତ ମିଡିଆ):** ପୋଲସରା ସହରରେ ଥିବା ଫୁଟପାଥକୁ ଜବରଦଖଲ କରାଯାଇ ବେଧଡକ୍ ଭାବେ ବ୍ୟବସାୟ ଚାଲିଛି। କିଛି କୁଜି ନେତା, ପ୍ରଭାବଶାଳୀ ବ୍ୟକ୍ତି ଓ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ଏହି ଫୁଟପାଥକୁ ଜବରଦଖଲ କରି ବ୍ୟବସାୟୀଙ୍କୁ ମୋଟା ଅଙ୍କରେ ଭଡା ଲଗାଇ ବେଶ୍ ରୋଜଗାର କରୁଛନ୍ତି। ଏହି ପ୍ରାୟ ୪କି.ମି ଲମ୍ବ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଫୁଟପାଥ ଜାଗା ଜବରଦଖଲରେ ଥିବା ଯୋଗୁଁ ସାଧାରଣ ଜନତାଙ୍କ ଜୀବନ ଏକ ପ୍ରକାର ବିପଦରେ। ଫୁଟପାଥ୍ ଅବରୋଧ ହୋଇଥିବାରୁ ଅନିଚ୍ଛା ସତ୍ତ୍ୱେ ଲୋକେ ରାସ୍ତାରେ ଯିବା ଆସିବାକୁ ବାଧ ହେଉଛନ୍ତି। ରାତି ପାହିଲେ ଫୁଟପାଥରେ ହାଟ ବସୁଛି। ଯଦ୍ୱାରା କ୍ରେତାଙ୍କ ଯାନବାହନ ପାର୍କିଂ ଯୋଗୁଁ ଗୁରୁତର ଟ୍ରାଫିକ୍ ସମସ୍ୟା ହେଉଛି। ଏଥିସହ ମୁଖ୍ୟ ସଡକ ପାର୍ଶ୍ୱରେ ବେଆଇନ୍ କୋଚିଂ ସେ ର ଗୁଡିକରେ ପାଠ ପଢିବାକୁ ଆସୁଥିବା ବାଳକ ବାଳିକାମାନଙ୍କ ସାଇକେଲ୍ ପାର୍କିଂ ଯୋଗୁଁ ଟ୍ରାଫିକ୍ ସମସ୍ୟା ବୃଦ୍ଧି କରିବାରେ ସାହାଯ୍ୟ କରୁଛି। କିନ୍ତୁ ଏନ୍.ଏ.ସି ଅଧିକାରୀ ଓ ସ୍ଥାନୀୟ ପୋଲିସ୍ ବିଭାଗ ନୀରବଦ୍ରଷ୍ଟା ସାଜିଥିବାରୁ ସାଧାରଣେର ଅସେନ୍ତାଷ ପ୍ରକାଶ ପାଉଛି। ବ୍ରାହ୍ମଣ ସାହି ଛକ, ବଜାର ସାହି ଛକ, ଦୈନିକ ମାଛ ବଜାର ଛକ, କଇଁବନ୍ଧ ଛକ, ରତନୀ ଠାକୁରାଣୀ ଛକ, ମେଡିକାଲ୍ ଛକ, ବ୍ଲକ ଛକ ସେମତ ବସ୍ଷ୍ଟାଣ୍ଡ୍ ରେ ଅଧିକାଂଶ ଗାଡିବାଲାମାନେ ଗାଡିକୁ ପାର୍କିଂ ନ କରି ସଡକ ଉପରେ ପାର୍କିଂ କରିବା ବଡ ବଡ ମାଲବାହୀ ଗାଡିଗୁଡିକୁ ମନଇଚ୍ଛା ଜିନିଷ ଓହ୍ଲାଇବା ପାଇଁ ରାସ୍ତା ଉପରେ ଛିଡା କରୁଥିବା ଯୋଗୁଁ ରାସ୍ତା ଅବରୋଧ ହେବା ଦ୍ୱାରା ଏହାର ପରିଣାମ ସହରବାସୀ ଭୋଗୁଛନ୍ତି। ଦୈନିକ ସକାଳୁ ରାତି ଯାଏଁ ଫୁଟ୍ପାଥରେ ପ୍ରବଳ ଭିଡ ଲାଗୁଛି। ସବୁଠାରୁ ବିଡମ୍ବନା ଏହିକି ଯେ, ଫୁଟ୍ପାଥ୍ ଉପରକୁ ମୁଖ୍ୟ ସଡକର ଉଭୟ ପାର୍ଶ୍ୱରେ ଥିବା ପ୍ରଭାବଶାଳୀ ବ୍ୟକ୍ତି ଏବଂ ବ୍ୟବସାୟୀମାନେ ଦଖଲ କରି ରଖିଥିବାରୁ ଜନସାଧାରଣ ଚାଲିଯିବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଏଥି ପ୍ରତି ବିଶେଷ ଦୃଷ୍ଟି ଦେଇ ଉଭୟ ପ୍ରଶାସନ ଫୁଟ୍ପାଥ୍କୁ ଜବରଦଖଲରୁ ମୁକ୍ତ କରି ସାଧାରଣ ଜନତାଙ୍କ ଚାଲିଯିବା ପାଇଁ ବ୍ୟବସ୍ଥା କରିବାକୁ ସାଧାରଣେର ଦାବି ହେଉଛି।

**ପ୍ରଶାସନର ଦୃଷ୍ଟିପଡୁ**

## ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**ଜୟପୁର (ଅମୃତ ମିଡିଆ):** ଜୟପୁର ସଦର ଥାନା ଅଞ୍ଚଳରେ ଦୁର୍ଘଟଣାରେ ଜଣେ ମୃତ ଓ ଜଣେ ଗୁରୁତର ହୋଇଥିବା ଜଣାଯାଇଛି । ମୃତକ ଜଣକ ହେଲେ ଧନପୁର ଗ୍ରାମର ସମାରୁ ଭୂମିଆ (୨୧) । ପୋଲିସ ସୂଚନା ଅନୁଯାୟୀ ସମାରୁ ଭୁମିଆ ଓ ଅନ୍ୟ ଜଣେ ବାଇକରେ ଜୟପୁର ଅଭିମୁଖେ ଆସୁଥିବା ବେଳେ ନବରଙ୍ଗପୁର ଅଭିମୁଖେ ଏକ ଟାଟା ମ୍ୟାଜେକି ଗାଡି ଯାଉଥିବା ବେଳେ ଯୋଗିପୁଟ ଛକରେ ମୁହାଁ ମୁହିଁ ଧକ୍କା ହୋଇଥିଲା । ଘଟଣା ସ୍ଥଳରେ ସମାରୁ ଭୁମିଆଙ୍କ ମୃତ୍ୟୁ ହୋଇଥିବା ବେଳେ ବାଇକରେ ବସିଥିବା ଅନ୍ୟ ଜଣେ ଗୁରୁତର ହୋଇପଡିଥିଲେ । ଗୁରୁତର ଜଣକୁ ପ୍ରଥମେ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଭର୍ତ୍ତି କରାଯାଇଥିଲା ।

# ଟିମ୍ ହ୍ୟୁମାନିଟି ପକ୍ଷରୁ କମ୍ବଳ ବଣ୍ଟନ

**ଫୁଲବାଣୀ (ଅମୃତ ମିଡିଆ):** ସାରା ରାଜ୍ୟରେ ଶୀତର ପ୍ରକୋପ ଲାଗି ରହିଛି। ବିଶେଷ କରି କନ୍ଧମାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥଣ୍ଡାର ପ୍ରକୋପ ବଢିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ଟିମ୍ ହ୍ୟୁମାନିଟି କନ୍ଧମାଳ ତରଫରୁ ଚକାପାଦସ୍ଥିତ ସୋଲାଗୁଡା ଗ୍ରାମଠାରେ କମ୍ବଳ ବଣ୍ଟନ କରାଯାଇଛି। କନ୍ଧମାଳର ଅସହ୍ୟ ଶୀତରୁ ରକ୍ଷା ପାଇବା ପାଇଁ ଟିମ୍ ହ୍ୟୁମାନିଟି କନ୍ଧମାଳର ସଦସ୍ୟ ଓ ସଦସ୍ୟା ଭି.ଜଗନ୍ନାଥ ରାଜୁ, ମହେଶ ସୁବୁଦ୍ଧି, ଅନୁପବିକ୍ରମ, ଅନନ୍ତ କହ୍ନର, ମଧୁସ୍ମିତା ରାଜୁ, ସସ୍ମିତା ସାହୁ, ସୁଜତା ଦାସ, ଜ୍ୟୋତିର୍ମୟୀ ରଣା, ରେଶମା ବେହେରା ଏବଂ



ଆବାହକ ଲୋକନାଥ ରାଜୁ ପୂର୍ବ ଯୋଜନା ଅନୁସାରେ ଦିନ ୨ଟା ସମୟରେ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚିଥିଲେ। ପ୍ରବଳ ଶୀତରୁ ରକ୍ଷା ପାଇବା ପାଇଁ ଆବଶ୍ୟକ କରୁଥିବା ଲୋକଙ୍କୁ ଭେଟି କିଛି ସମୟ ବିତାଇବା ସହ କମ୍ବଳ ପ୍ରଦାନ କରିଥିଲେ।

# ନିଜ ଜନ୍ମମାଟିରେ ଶଶିଭୂଷଣ ରଥଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ




**ବ୍ରହ୍ମପୁର/ବଡଗଡ଼ (ଅମୃତ ମିଡିଆ):** ଓଡ଼ିଶା ତଥା ଗଞ୍ଜାମର ଗର୍ବ ଓ ଗୌରବ ତଥା ଏକାଧାରରେ ଜଣେ ସାମ୍ବାଦିକ, ସ୍ୱାଧୀନତା ସଂଗ୍ରାମୀ ଏବଂ ସମାଜ ସଂସ୍କାରକ ଭାବେ ପ୍ରଦେଶ ବିଦିତ ଶଶିଭୂଷଣ ରଥଙ୍କ ୧୦୪ ତମ ଜନ୍ମ ଜୟନ୍ତୀ ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଶଶିଭୂଷଣ ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ସୋରଡ଼ା ସ୍ଥିତ ବଡ଼କାଳୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଷ୍ଣୁ ଚରଣ ଚୌଧୁରୀ, ସମ୍ମାନନୀୟ ବକ୍ତା ଭାବେ ଭଗବାନ ପାତ୍ର, ସଭାମୁଖ୍ୟ ଭାବେ ଶଶିଭୂଷଣ ସାହିତ୍ୟ ସଂସଦର ସଭାପତି ପଦ୍ମଲୋଚନ ପଣ୍ଡା, ସମ୍ମାନନୀୟ ଅତିଥି ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ଶିବଶଙ୍କର ପଣ୍ଡା, ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଶିବ ପ୍ରସାଦ ଅଧିକାରୀ, ସମ୍ପାଦକ ଧୋବା ବେହେରା, ପଞ୍ଚାୟତ ସମିତିର ଅଧ୍ୟକ୍ଷ ଅମୂଲ୍ୟ ସାହୁ ଆଦି ଯୋଗଦେଇ ତାଙ୍କର କୃତିତ୍ୱ ଓ ବ୍ୟକ୍ତିତ୍ୱ ଉପରେ ଆଲୋଚନା କରିଥିଲେ । ତାଙ୍କୁ ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରାଯାଇପାରୁନି ବୋଲି ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ କରାଯାଇଥିଲା । ଆଗାମୀ ଦିନରେ ସ୍ଥାନୀୟ ଏନ୍.ଏ.ସି ସାମ୍ନା ରେ ତାଙ୍କର ଏକ ପୂର୍ଣ୍ଣ ପ୍ରତିମୂର୍ତ୍ତି ସ୍ଥାପନା କରାଯିବ ସହ ତାଙ୍କ ଉଦ୍ଦେଶ୍ୟରେ ଏକ ପାଠାଗାର, ସାହିତ୍ୟ ସଂସଦ ଗୃହ ନିର୍ମାଣ ଏବଂ ଉଭୟ ବଡ଼ଗଡ଼ ଓ ସୋରଡ଼ାରେ ଦ୍ୱିଦିବସୀୟ କାର୍ଯ୍ୟକ୍ରମ କରାଯିବ ବୋଲି ନିଷ୍ପତି ନିଆଯାଇଥିଲା । ଏଥିରେ ବହୁ କବି, ଲେଖକ, ସାମ୍ବାଦିକ, ସମାଜସେବୀ ଏବଂ ବୁଦ୍ଧିଜୀବି ପ୍ରଭୃତି ଉପସ୍ଥିତ ଥିଲେ ।

## ୨୯ ବର୍ଷରେ ବୌଦ୍ଧ — ନାହିଁ ଶୀତଳଭଣ୍ଡାର, ନିର୍ମାଣ ହୋଇପାରୁନି ରିଂବନ୍ଧ

# ଅଲୋଡା ହୋଇପଡ଼ିଛି ଐତିହାସିକ ଜଗନ୍ନାଥ ସଡ଼କ, ଡାକବଙ୍ଗଳା




**ବୌଦ୍ଧ (ଅମୃତ ମିଡିଆ):** ଆମେ ୨୦୨୪ ନୂଆବର୍ଷରେ ପାଦ ଥାପିଛେ। ଠିକ୍ ୨୯ବର୍ଷ ତଳେ ୦୨ ଜାନୁୟାରୀ ୧୯୯୪ ମସିହାରେ ବୌଦ୍ଧ ଜିଲ୍ଲା ଗଠନ ହୋଇଥିଲା। ଜିଲ୍ଲା ଗଠନର ୨୯ବର୍ଷ ପୂର୍ତ୍ତି ହୋଇଛି। ଅଭାବ ଥିବା ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ ସ୍ଥାପନ ପରେ ବୌଦ୍ଧ ଏକ ପୂର୍ଣ୍ଣାଙ୍ଗ ଜିଲ୍ଲାଭାବେ ମାନ୍ୟତା ପାଇଛି। ବୌଦ୍ଧକୁ ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନରେ ସାମିଲ ପରେ ଜିଲ୍ଲାବାସୀଙ୍କ ବହୁଦିନର ଦାବୀ ପୂରଣ ହୋଇପାରିଛି। ଅନ୍ୟପଟେ ଜିଲ୍ଲାର ବିକାଶଧାରାରେ ପୂର୍ବ ସହିତ ପଶ୍ଚିମାଞ୍ଚଳକୁ ରେଳସଂଯୋଗ ପାଇଁ ବହୁପ୍ରତୀକ୍ଷିତ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ କାର୍ଯ୍ୟ ତ୍ୱରାନ୍ୱିତ ସହ ଦ୍ରୁତଗତିରେ ଏହାର ନିର୍ମାଣଧାରା ଜାରିରହିଛି।ଏହାସହିତ ମହାନଦୀ ଉପରେ ଉତ୍ତରପୂର୍ବ ସହିତ ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାକୁ ସଂଯୋଗ ପାଇଁ ଧଳପୁର-ଆଠମଲ୍ଲିକ ଭଳି ସମ୍ପର୍କ ସେତୁ ନିର୍ମାଣ ପରେ ଅନୁଗୁଳ, ବୌଦ୍ଧ ଜିଲ୍ଲା ମଧ୍ୟରେ ଘନିଷ୍ଠତା ବୃଦ୍ଧି ପାଇଛି। ପର୍ଯ୍ୟଟନର ବିକାଶ ଦିଗରେ ଏକ ଐତିହାସିକ କାର୍ଯ୍ୟ ହାତକୁ ନିଆଯାଇ ହରଭଙ୍ଗା ବ୍ଲକର ବୀରନରସିଂହପୁରରେ ଓଡ଼ିଶାର ଦ୍ୱିତୀୟ ନନ୍ଦନବନ ନିର୍ମାଣ ପାଇଁ କାର୍ଯ୍ୟ ହାତକୁ ନିଆଯାଇଥିଲେ ମଧ୍ୟ ଏହାର ଭବିଷ୍ୟତକୁ ନେଇ ଜିଲ୍ଲାବାସୀ ଅନ୍ଧାରରେ ରହିଛନ୍ତି। ମହାନଦୀ ଉପରେ ମର୍ଜାକୁଦ ସେତୁ ନିର୍ମାଣ ପରେ ବୌଦ୍ଧ ବିଜ୍ଞାପିତ ଅଂଚଳରେ ସାମିଲ ଥିବା ଏହି ଅଧିବାସୀଙ୍କ ଦୀର୍ଘଦିନର ସ୍ୱପ୍ନକୁ ପୂରଣ କରାଯାଇ ପାରିଛି। ଏପରିକି ମର୍ଯ୍ୟାକୁଦରେ ଏକ ପର୍ଯ୍ୟଟନ ହବ ନିର୍ମାଣ କରାଯିବା ସ୍ୱପ୍ନ ଏଯାବତ୍ ତ୍ୱରାନ୍ୱିତ ହେବାରେ ବିଳମ୍ବ ଘଟିଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଦୁଇପାଦ ଆଗକୁ ଯାଇ ବୌଦ୍ଧରେ ୩ଶହ ଶଯ୍ୟା ବିଶିଷ୍ଟ ମେଡିକାଲ ନିର୍ମାଣ କାର୍ଯ୍ୟ ମଧ୍ୟ ଆଗେଇ ଚାଲିଛି। ପଶ୍ଚିମ ଓଡ଼ିଶାର ଦ୍ୱିତୀୟ ବୃହତମ ସୁଇମିଂ ପୁଲ ମଧ୍ୟ ବୌଦ୍ଧରେ ନିର୍ମାଣ ହୋଇଛି। ବୌଦ୍ଧର ଇତିହାସକୁ ରୁଦ୍ଧିମନ୍ତ ପାଇଁ ଜିଲ୍ଲା ସଂଗ୍ରହାଳୟ ନିର୍ମାଣ କରାଯାଇଛି। ନୂତନ କୋର୍ଟ କାର୍ଯ୍ୟାଳୟ ସାଙ୍ଗକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥାପନ କରାଯାଇ ଜିଲ୍ଲା ସଦରମହକୁମାକୁ ଏକ ପ୍ଲାନିଂ ଟାଉନ ଭଳି ଗଢି ତୋଳିବାର ପ୍ରୟାସ ଜାରିରହିଛି। ମାତ୍ର ବର୍ଷାଦିନେ ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା ସହରବାସୀଙ୍କ ଅସନ୍ତୋଷର କାରଣ ସାଜିଛି। ଜିଲ୍ଲାରେ ଗୋଟିଏ ପରେ ଗୋଟିଏ ବିକାଶ କାର୍ଯ୍ୟ ଆଗେଇ ଚାଲିଛି। ମାତ୍ର ଏବେ ବି କୃଷିପ୍ରଧାନ ଜିଲ୍ଲା ବୌଦ୍ଧରେ ଶୀତଳଭଣ୍ଡାରର ଆବଶ୍ୟକତା ପୂରଣ ହୋଇପାରିନାହିଁ। ମହାନଦୀ ବନ୍ୟା ଦାଉରୁ ଚାଷଜମି ସାଙ୍ଗକୁ ନଈକୂଳିଆ ଗ୍ରାମଗୁଡିକର ସୁରକ୍ଷା ପାଇଁ ରିଙ୍ଗବନ୍ଧ ନିର୍ମାଣ ଆବଶ୍ୟକତା ନାଲିଫିତା ତଳେ ପଡ଼ିରହିଛି। ଅଧିକାଂଶ ସ୍ଥାନରେ ଉଠାଜଳସେଚନ ପ୍ରକଳ୍ପ ବନ୍ଦ ଯୋଗୁଁ ନଈକୂଳିଆ ଜମିରେ ଆଗପରି ଆଖୁ, ଗହମ, ଡାଲିଜାତୀୟ ଚାଷ ଦେଖିବା ସ୍ୱପ୍ନ ହୋଇଛି। ଶିକ୍ଷା କ୍ଷେତ୍ରରେ ବୌଦ୍ଧ ଏବେ ବି ପଛୁଆ ରହିଛି। ଗ୍ରାମାଞ୍ଚଳରେ ଥିବା ସରସ୍ୱତୀ ଶିଶୁମନ୍ଦିର ଭଳି ଶିକ୍ଷାନୁଷ୍ଠାନ ସାଙ୍ଗକୁ ବହୁ ପୁରାତନ ପ୍ରାଥମିକ ବିଦ୍ୟାଳୟ ଭିତ୍ତିଭୂମିର ଏବେ ବି ଅଭାବ ରହିଛି। ବ୍ଲକର ହରଭଙ୍ଗାଠାରେ ଏକ ଡିଗ୍ରୀ କଲେଜ ସାଙ୍ଗକୁ ବିଜ୍ଞାନ କଲେଜର ଆବଶ୍ୟକତା ରହିଥିଲେ ମଧ୍ୟ ତାହା ପୂରଣ ହୋଇପାରିନାହିଁ। ବାଳିକା ହାଇସ୍କୁଲର ଆବଶ୍ୟକତା ରହିଥିଲେ ମଧ୍ୟ ଏହା ପୂରଣ ହୋଇପାରୁନାହିଁ। ସରକାରୀ ବସଚଳାଚଳ କମ୍ ଯୋଗୁଁ ଗ୍ରାମାଞ୍ଚଳ ଲୋକେ ଯାତାୟତ ସୁବିଧାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି। ହରଭଙ୍ଗା, ଚାରିଛକ, ମାଧପୁର ଭଳି ସ୍ଥାନରେ ବସଷ୍ଟାଣ୍ଡର ଅଭାବ ରହିଛି। ଖେଳକୁଦ ଦିଗରେ ଜିଲ୍ଲାର ଯୁବପୀଢିଙ୍କ ଆଗ୍ରହ ରହିଥିଲେ ମଧ୍ୟ ପ୍ରୋତ୍ସାହନ ଏବଂ ପଡ଼ିଆର ଅଭାବ ଯୋଗୁଁ ଗ୍ରାମାଞ୍ଚଳର କ୍ରୀଡା ପ୍ରତିଭାଙ୍କ ଭବିଷ୍ୟତ ବଣମଲ୍ଲୀ ଭଳି ରହିଛି। ଏବେ ଜିଲ୍ଲାରେ ନିର୍ମାଣାଧିନ ଷ୍ଟାଡିୟମ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇପାରିନାହିଁ। ଗ୍ରାମାଞ୍ଚଳର କୁନି ପ୍ରତିଭାଙ୍କ ନାଚ, ଗୀତ, ଚିତ୍ରାଙ୍କନ, ଝୋଟି ଇତ୍ୟାଦି କାର୍ଯ୍ୟକ୍ରମ ପାଇଁ ବ୍ଲକସ୍ତରରେ କୌଣସି ଏକ କଳାମଣ୍ଡପ କିମ୍ବା ବ୍ଲକସ୍ତରୀୟ ହଲର ସୁବିଧା ନଥିବାରୁ ଗ୍ରାମାଞ୍ଚଳର କଳାକାରଙ୍କ ପ୍ରତିଭାଙ୍କ ବିକାଶ ହୋଇପାରୁନାହିଁ। ଜିଲ୍ଲାର ଜନସାଧାରଣଙ୍କ ଆର୍ଥିକ ସ୍ଥିତି କୃଷି ଉପରେ ନିର୍ଭର କରୁଛି। ମାତ୍ର କୃଷି, ପ୍ରାଣୀ, ମତ୍ସ୍ୟ, ମୃତ୍ତିକା ସଂରକ୍ଷଣ ଏବଂ ଉଦ୍ୟାନ ଭଳି କୃଷି ସମ୍ପର୍କିତ ବିଭାଗର ଭିତ୍ତିଭୂମି ଅଭାବରୁ ଲୋକେ ଏହି ବିଭାଗର ସ୍ୱାଦ ଚାଖି ପାରିନାହାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା ହରଭଙ୍ଗା ପ୍ରାଣୀ ଚିକିତ୍ସାକେନ୍ଦ୍ରର ଦୁର୍ବଳ ଭିତ୍ତିଭୂମି ଅଭାବରୁ ଏଠାରେ ନିଯୁକ୍ତ ତିନିଜଣ ଡାକ୍ତର ବସିବାକୁ ଜାଗା ଖଣ୍ଡିଏ ନଥିବା ଜଣାପଡ଼ିଛି। ଦୀର୍ଘ ୧୬ବର୍ଷ ହେଲା ଅଚଳ ଅବସ୍ଥାରେ ପଡ଼ିଥିବା ଚାରିଛକ ଦୁଗ୍ଧ ଶୀତଳିକରଣ ପ୍ଲାଣ୍ଟ ନୂତନ ନିର୍ମାଣକାର୍ଯ୍ୟ ଶେଷପରେ ବି ଦୁଗ୍ଧଚାଷୀଙ୍କୁ ଏପର୍ଯ୍ୟନ୍ତ ଏହାର ସୁବିଧା ମିଳିପାରିନାହିଁ। ଖୋର୍ଦ୍ଧା-ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥ ଜିଲ୍ଲା ମଧ୍ୟଭାଗ ଦେଇ ଅତିକ୍ରମ କରିଥିବାବେଳେ ପୁରୁଣାକଟକ ବାଏପାଶ ନିର୍ମାଣ କାର୍ଯ୍ୟ ଏବେ ମଧ୍ୟ ଅଧୁରା ରହିଛି। ବ୍ଲକରେ ଏକ ଶବ ବ୍ୟବଚ୍ଛେଦ କେନ୍ଦ୍ର ପ୍ରତିଷ୍ଠା ପାଇଁ ଦାବୀ ହେଉଥିଲେ ମଧ୍ୟ ଏହା ପୂରଣ ହୋଇପାରିନାହିଁ। କଣ୍ଡରା, କାଟପାଳୁ, ବାଙ୍କପାଳୁ, ସୁଲକେଟି ଏବଂ ବାନ୍ଦିଗାଡୁ ଭଳି ଅନେକ ଦୁର୍ଗମ ଗାଁକୁ ସ୍ୱାଧିନତାର ବହୁବର୍ଷ ପରେ ବି ପାଦଚଲା ଖଣ୍ଡିଏ ରାସ୍ତାନଥିବା ଜିଲ୍ଲାର ବିକାଶ ଧାରା ଉପରେ ବଡ ପ୍ରଶ୍ନଚିହ୍ନ ଲଗାଇଛି। ହରଭଙ୍ଗାରେ ଏକ ମିନି ବ୍ଲକ ନିର୍ମାଣ ସହିତ ଐତିହାସିକ ଡାକବଙ୍ଗଳାର ପୁନରୁଦ୍ଧାର ସାଙ୍ଗକୁ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଆଦି ଦାବୀ ଲୋକଙ୍କ ପୂରଣ ହୋଇପାରିନାହିଁ। ସବୁ ଆଡୁ ଜିଲ୍ଲାକୁ ଯୋଗାଯୋଗର ରସ୍ତା ସଂଯୋଗ ଚାଲିଥିବାବେଳେ ହରଭଙ୍ଗାଠାରୁ ଧଳପୁର ପର୍ଯ୍ୟନ୍ତ ଜଗନ୍ନାଥ ସଡକରେ ଏକ ହାଇଲେବୁଲ ରାସ୍ତା ନିର୍ମାଣ କରାଯାଇ ଏହି ଅଂଚଳର ବିକାଶକୁ ତ୍ୱାରାନ୍ୱିତ କରିବା ଦାବୀ ମଧ୍ୟ ଅଧୁରା ରହିଛି। ପର୍ଯ୍ୟଟନ ବିକାଶ ପାଇଁ ଜିଲ୍ଲାପ୍ରଶାସନ ଅଣ୍ଟା ଭିଡିଥିବାବେଳେ ଛୋଟ ଛୋଟ ପର୍ଯ୍ୟଟନ ସ୍ଥଳୀର ଆଶାନୁରୂପ ବିକାଶ ହୋଇପାରିନାହିଁ। ଏପରିକି ବ୍ଲକର କୁଶଙ୍ଗ ମହାନଦୀ ବନ୍ୟପ୍ରାଣୀ ଅଂଚଳରେ ପ୍ରସ୍ତାବିତ ଇକୋ-ଟୁରିଜିମ୍ ଏଯାବତ୍ ଆରମ୍ଭ ହୋଇପାରିନାହିଁ। ରାଜନୈତିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ନିର୍ବାଚିତ ପ୍ରତିନିଧି ଲୋକଙ୍କ ସମସ୍ୟା ଦାବୀ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେଉନଥିବାରୁ ଅନେକ ସ୍ଥାନର ବିକାଶ କେବଳ କଥାରେ ହିଁ ରହିଯାଇଛି।

# ୩୦ବର୍ଷରେ ପଦାର୍ପଣ କଲା ନୂଆପଡ଼ା ଜିଲ୍ଲା




**ନୂଆପଡା (ଅମୃତ ମିଡିଆ):** ୨୦୨୪ ଚଳିତ ବର୍ଷ ଏପ୍ରିଲ ୧ ତାରିଖ ଆସିଲେ ଜିଲ୍ଲା କୁ ୩୦ବର୍ଷ ପୁରିବ, ୧୯୯୩ ମାସିହା ୧ ଏପ୍ରିଲ ରେ ନୂଆପଡା ଜିଲା ଗଠନ ହୋଇଥିଲା। ଜିଲା ଗଠନର ୩୦ ବର୍ଷ ବିତି ଯାଇଛି। ଜିଲା ସ୍ତରୀୟ କାର୍ଯ୍ୟାଳୟ ସ୍ଥାପନ ପରେ ନୂଆପଡା ପୂର୍ଣାଙ୍ଗ ଜିଲା ମାନ୍ୟତା ପାଇଛି। ନୂଆପଡା ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନରେ ସାମିଲ ହୋଇପାରିଛି। ପୂର୍ବ ସହିତ ପଶ୍ଚିମାଞ୍ଚଳକୁ ରେଳ ସଂଯୋଗ ପାଇଁ ରାଇପୁର -ବିଶାଖାପାଟଣା ରେଳପଥ କାର୍ଯ୍ୟ ଦ୍ରୁତ ଗତିରେ ଦନବନ ଚାଲିଛି ।୩୫୩ ନଂ ଜାତୀୟ ରାଜପଥ ଭବାନୀପାଟଣା -ପଡୋଶୀ ରାଜ୍ୟ ଛତିଶଗଡ଼ କୁ ଏହି ଜାତୀୟ ରାଜପଥ ସଂଯୋଗ କରୁଛି ଜାତୀୟ ରାଜପଥ ନିର୍ମାଣ ପରେ ପଡୋଶୀ କଳାହାଣ୍ଡି ବଲାଙ୍ଗୀର ବରଗଡ ଜିଲା ଶହ ପଡୋଶୀ ରାଜ୍ୟ ସହିତ ଘନିଷ୍ଠତା ବୃଦ୍ଧି ପାଇଛି। କୋମନା ବ୍ଲକର ତିଖାଳି ଡ୍ୟାମ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଥିଲେ ମଧ୍ୟ ବୁଡି ଅଞ୍ଚଳବାସୀ ଙ୍କ ଭବିଷ୍ୟତ ଅନ୍ଧାର ହୋଇଛି ! ତିଖାଳି ଡ୍ୟାମ ନିର୍ମାନ ନେଇ ଜିଲାରେ ବହୁ ଅଧିକାରୀ ନେତା ମାଲେମାଲ ହୋଇ ନିଜର ଭିତ୍ତି ଭୂମିସ୍ଥାପନା କରିଥିଲେ ଅନ୍ୟପକ୍ଷେ ଡ୍ୟାମ ନିର୍ମାଣ ପାଇଁ ହିତାଧିକାରୀ ମାନଙ୍କ ଜମିଚାଲିଗଲା ହେଲେ ହିତାଧିକାରୀ ଙ୍କୁ ଉଚିତ ମୂଲ୍ୟ ପାଇବାରୁ ବଞ୍ଚିତ ହୋଇଛନ୍ତି ବର୍ତ୍ତମାନ ସୁଦ୍ଧା ଅନେକ ଲୋକଙ୍କ ଜମି ପାଉଣା ମିଳିନଥିବା ରୁ କୋର୍ଟ ରେ କେଶ ଚାଲିଛି ସମାଧାନ ହୋଇନାହିଁ ! ତିଖାଳି ଡ୍ୟାମ ନିର୍ମାଣ ପାଇଁ ଅନେକ ହିତାଧିକାରୀ ଙ୍କ ଜମି ଚାଲିଗଲା ବର୍ତ୍ତମାନ ଉକ୍ତ ହିତାଧିକାରୀ ମାନଙ୍କ ଠାରେ ରହିବା ପାଇଁ ଭଲ ଘର ଖଣ୍ଡେ ନାହିଁ ନଥିବା ପ୍ରକାଶ ପାଉଛି ! ଅଭିଯୋଗ ମୁତାବକ ଜିଲ୍ଲା ରେ ଡ୍ୟାମ ସ୍ଥାପନହେଲେ ଜିଲ୍ଲା ର ଚାଷୀ ଲାଭବାନ ହେବା ଭାବନା ନେଇ ଡ୍ୟାମ ନିର୍ମାଣ କାର୍ଯ୍ୟ ରେ ବୁଡି ଅଞ୍ଚଳବାସୀ ଜମି ପ୍ରଦାନ କରିଥିଲେ କିନ୍ତୁ କଥା ଟି ଓଲଟା ହେଲା ଖଡ଼ିଆଳ ନ୍ର୍ବାଚନ ମଣ୍ଡଳୀ ର କିଛି ଅଂଶ ପାଣି ମଡା ଯାଉଥିବା ବେଳେ ୫୦%ଭାଗ ପାଣି ଜିଲ୍ଲା ପଡୋଶୀ ଜିଲ୍ଲା ବଲାଙ୍ଗୀର ଜିଲାର ଅନେକ ଗାଁ କୁ ପାଣି ଯାଉଛି ଏଠିକାର ଚାଷୀ ଙ୍କ ପାଖରେ ଜମିନାହିଁ କି ପାଣି ନାହିଁ ଫଳରେ କ୍ଷୁଦ୍ର ଚାଷୀ ମାନେ ଦାଦନ ଯିବାକୁ ବାଧ ହେଉଛନ୍ତି ! ଏହି ଡ୍ୟାମ ନିର୍ମାଣ କୁ ନେଇ ଅଧିକାରୀ ଓ କିଛି ସକ୍ରିୟା ଦଲାଲ ମିଶି ଗରିବ ଖଟିଖିଆ ଲୋକଙ୍କ ଜମି ବିକ୍ରି ବାବଦ ପାଉଣା କୋଟିକୋଟି ଟଙ୍କା ହେରଫେର କରି ଖାଇଗଲେ ଅଭିଯୋଗ ମଧ୍ୟ ହେଲା କିଛି ଲୋକ ଜେଲ ମଧ୍ୟ ଗଲେ ହେଲେ ହିତାଧିକାରୀ ଙ୍କ ଟଙ୍କା ମିଳିଲା ନାହିଁ ।ସେହିପରି ଜିଲାରେ ବିଭିନ୍ନ ପର୍ଯ୍ୟଟ ସ୍ଥାନ ଗୁଡାକ ରହିଛି ହେଲେ ଅନୁଦାନ ଆସୁନାହିଁ ଫଳରେ ପର୍ଯଟନ କ୍ଷେତ୍ର ଗୁଡାକ ଶ୍ରୀ ହୀନ ଅବସ୍ଥାରେ ପଡି ରହିଛି । ଜିଲାରେ ୨ଶହଉପରେ ଶଯ୍ୟା ବିଶିଷ୍ଟ ମେଡିକାଲ ନିର୍ମାଣ ହୋଇଛି ହେଲେ ପର୍ଯ୍ୟପ୍ତ ମାତ୍ର ରେ ଡାକ୍ତର ନାହିଁ ଜିଲ୍ଲା ର ରୋଗୀ ମାନେ ପଡୋଶୀ ରାଜ୍ୟ ଛାତିଶଗଡ଼କୁ ଚିକତ୍ସା ପାଇଁ ଯାଉଛନ୍ତି ରୋଗୀ ଙ୍କ ଲକ୍ଷ୍ୟଲକ୍ଷ୍ୟ ଟଙ୍କା ଖର୍ଚ୍ଚାନ୍ତ ହେଉଛନ୍ତି । ଜିଲ୍ଲା ର ଇତିହାସକୁ ରୁଦ୍ଧିମନ୍ତ ପାଇଁ ଜିଲା ସଂଗ୍ରାହଳୟ ନିର୍ମାଣ କରାଯାଇଛି। ନୂତନ କୋର୍ଟ କାର୍ଯ୍ୟାଳୟ, ଜିଲାପାଳ କାର୍ଯ୍ୟାଳୟ ନିର୍ମାଣ ପରେ ପ୍ଲାନିଂ ଟାଉନ ଗଢିତୋଳିବାର ପ୍ରୟାସ ଜାରି ରହିଛି। ନୂଆପଡା ସହରରେ ବର୍ଷା ଦିନେ ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା ସହରବାସୀଙ୍କ ଅସନ୍ତୋଷର କାରଣ ସାଜିଛି। କୃଷି ପ୍ରଧାନ ଜିଲାରେ ଶୀତଳଭଣ୍ଡାର ନାହିଁ। ବିଭିନ୍ନ ଉନ୍ନୟନ କାର୍ଯ୍ୟ ମୂଳକ ଫାଇଲ ନାଲିଫିତା ତଳେ ପଡ଼ି ରହିଛି। ଉଠା ଜଳସେଚନ ପ୍ରକଳ୍ପ ବନ୍ଦ ଯୋଗୁଁ ନଈକୂଳିଆ ଜମିରେ ଆଖୁ, ଗହମ, ଡାଲିଜାତୀୟ ଚାଷ ଦେଖୟବା ଦିବା ସ୍ୱପ୍ନ ହୋଇଛି। ଶିକ୍ଷା କ୍ଷେତ୍ରରେ ଜିଲାରେ ପଛୁଆ। ପ୍ରାଥମିକ ବିଦ୍ୟାଳୟରେ ଭିତ୍ତିଭୂମିର ଅଭାବ ରହିଛି। ଜିଲାରେ ଡିଗ୍ରୀ କଲେଜ, ବିଜ୍ଞାନ କଲେଜ, ବାଳିକା ହାଇସ୍କୁଲ ପ୍ରତିଷ୍ଠା ଦାବି ହୋଇଥିଲେ ସତ୍ତ୍ୱେ ମେଡିକାଲ କଲେଜ ପାଇଁ ଦାବି ହେଉଛି । ପ୍ରୋତ୍ସାହନ ପଡ଼ିଆ ଅଭାବ ଯୋଗୁଁ ମାଞ୍ଚଳର କ୍ରୀଡା ପ୍ରତିଭା ନିଭା ବଣମଲ୍ଲୀ ଭଳି ମଉଳି ହୋଇପାରି ନାହିଁ। ବ୍ଲକସ୍ତରୀୟ ହଲ ନ ଥିବାରୁ କଳାକାରଙ୍କ ପ୍ରତିଭା ବିକାଶ ହୋଇପାରୁନ ରୂପାରୁନାହିଁ। ନୂଆପଡା ସଦର ମହକୁମା ଠାରେ କ୍ରିକେଟ ପ୍ରତିଭା ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହି ଯାଇଛି। ଭିତ୍ତିଭୂମି ଅଭାବ କୃଷି, ପ୍ରାଣୀ, ମତ୍ସ୍ୟ ଚାଷର ବିକାଶରେ ବାଧକ ସାଜିଛି। ନୂଆପଡା ବିଜୁ ଏକ୍ସପ୍ରେସୱେ ବାଏପାସ ନିର୍ମାଣ ପାଇଁ ପ୍ଲାନିଙ୍ଗ ସରିଛି ହେଲେ ନିର୍ମାଣ କାମ ଆରମ୍ଭ ହେଉନାହିଁ ! ବୋଡ଼େନ ସିନାପାଲି କୋମନା ନୂଆପଡା ଖଡ଼ିଆଳ ଭଳି ବ୍ଲକ ମାନଙ୍କ ଆଦି ଗାଁ ବିକାଶରୁ ବହୁ ଦୂରରେ। ଜିଲାରେ କର୍ମଚାରୀ ମରୁଡ଼ି ଯୋଗୁଁ ଅଧିକାଂଶ ସରକାରୀ କାର୍ଯ୍ୟାଳୟ ର୍ଯାଳୟ ନାହିଁ ନାହିଁରେ ଚାଲିଛି। ଜିଲାରେ ଶିଳ୍ପ କଲ କାରଖାନା ନଥିବାରୁ ହଜାର ହଜାର ସଂଖ୍ୟା ରେ ଶ୍ରମିକ ବାହାର ରାଜ୍ୟ କୁ ଚାଲି ଯାଉଛନ୍ତି ଜିଲ୍ଲାର ଅପହଞ୍ଚ ଅଞ୍ଚଳରେ ମାନଙ୍କ ରେ ସ୍ୱାସ୍ଥ୍ୟକେନ୍ଦ୍ର, ଖୋଲିବାକୁ ଦାବି ହେଉଛି ଜିଲାରେ ପର୍ଯ୍ୟଟନ ପଛେଇ ଯାଇଛି। ଜିଲାର ବିଭିନ୍ନ ବ୍ଲକ ମାନଙ୍କ ରେ ଶିଶୁ ଉଦ୍ୟାନ, ପାଠାଗାର ନଥିବା ଜଣାପଡ଼ିଛି। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ବିକାଶରେ ବାଧକ ସାଜିଥିବା ଆଲୋଚନା ହେଉଛି। ନୂଆ ବର୍ଷରେ ବିକାଶ ତ୍ୱରାନ୍ୱିତ ପାଇଁ ରାଜନୈତିକ ନେତା ଏବଂ ଜିଲା ପ୍ରଶାସନ ପକ୍ଷରୁ ଡ୍ରାଫ୍ଟ ପ୍ରସ୍ତୁତ କରାଗଲେ ଜନସାଧାରଣଙ୍କ ବୃହତ ଆଶା ହୋଇପାରିବ ପାରିବ ବୋଲି ମତ ପ୍ରକାଶ ପାଉଛି। ୧୯୯୩ ମସିହା ରେ ତତ୍କାଳୀନ ମନ୍ତ୍ରୀ ସ୍ୱର୍ଗୀୟ ଘାସିରାମ ମାଝୀ ଜିଲ୍ଲା ଗଠନ ହେବାରେ ଶ୍ରୀ ମାଝୀଙ୍କ ବଡ଼ ଭୂମିକା ନେଇଥିଲେ ଆଜି ଜିଲ୍ଲାବାସୀ ଶ୍ରୀ ମାଝୀ ଙ୍କୁ ନେଇ ଗର୍ବ ଅନୁଭବ କରୁଛନ୍ତି !

### ଏ ସମ୍ପର୍କରେ ମତାମତ....

ଜିଲାର ଅନେକ ବିକାଶ କାର୍ଯ୍ୟ ଅଧୁରା




ବିଜୟୀ କୁମାର ସହିସ, ସାମ୍ବାଦିକ

ରହିଛି। ସିନାପାଲି ଖଡ଼ିଆଳ ଏବଂ କୋମନା ରେ ମହୋତ୍ସବ ପାଇଁ ସ୍ଥାୟୀ ମଣ୍ଡପ ନାହିଁ। ପ୍ରେକ୍ଷାଳୟ ନାହିଁ। ପ୍ରତ୍ୟେକ ପଞ୍ଚାୟତରେ ପଞ୍ଚାୟତ ସ୍ତରୀୟ ହଲ ନିର୍ମାଣ କରାଯିବା ଆବଶ୍ୟକ। ସିନାପାଲି ଏନଏସି ମାନ୍ୟତା ମଧ୍ୟ ଅଧୁରା ରହିଛି। ଖଡ଼ିଆଲ ରେ ଏକ ସବଡ଼ିଭିଜନ ଓ ଅତିରିକ୍ତ ଜିଲ୍ଲା ଦୌରାଜଜ ସ୍ଥାପନ ହୋଇପାରୁନି ବିଟ୍ରିସ ଅମଳରୁ (ବିଏନଆର) କଣ୍ଟାବଞ୍ଜି ଜୟପୁର ଭାୟା ଖଡ଼ିଆଳ ଦେଇ ରେଳଲାଇନ ସର୍ବେ ହୋଇଛି ହେଲେ କାର୍ଜକାରୀ ହୋଇପାରୁ ନାହିଁ ଶୀଘ୍ର କାର୍ଯକରି ହେଉ। ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ଜୋର ଦେବାର ଆବଶ୍ୟକତା ରହିଛି। ଶହେ ବର୍ଷରୁ ଉର୍ଦ୍ଧ୍ୱ ପୁରାତନ ପ୍ରାଥମିକ ବିଦ୍ୟାଳୟ ଭିତ୍ତିଭୂମି ସାଙ୍ଗକୁ ସରସ୍ୱତୀ ଶିଶୁ ମନ୍ଦିର ଭିତ୍ତିଭୂମି ଉପରେ ଦୃଷ୍ଟିଦେବା ଆବଶ୍ୟକ।ପ୍ରତ୍ୟେକ ମେଡିକାଲ ରେ ବିଶେଷଜ୍ଞ ଡାକ୍ତର ସାଙ୍ଗକୁହୋମିଓପାଥ୍ ମେଡିକାଲ କାର୍ଯକ୍ଷମ କରିବାର ଆବଶ୍ୟକତା ରହିଛି। ଜଳସେଚନ ସୁବିଧା ସାଙ୍ଗକୁ ଉଚ୍ଚଶିକ୍ଷା ପାଇଁ ବିଜ୍ଞାନ, କଳା ଡିଗ୍ରୀ କଲେଜ ଖୋଲିବା ନିତାନ୍ତ ଜରୁରୀ।

# କବି ଗୋପାଳକୃଷ୍ଣ ମୁକ୍ତାକାଶ ରଙ୍ଗମଞ୍ଚ ଉଦ୍ଘାଟିତ




**ବ୍ରହ୍ମପୁର (ଅମୃତ ମିଡିଆ):** ରାଜ୍ୟର ସର୍ବ ପୁରାତନ ସାଂସ୍କୃତିକ ପ୍ରତିଷ୍ଠାନ 'ଜାତୀୟ ସଙ୍ଗୀତ କଳାକେନ୍ଦ୍ର' ପକ୍ଷରୁ କଳାକେନ୍ଦ୍ର ପରିସରରେ 'କବି ଗୋପାଳକୃଷ୍ଣ ମୁକ୍ତାକାଶ ରଙ୍ଗମଞ୍ଚ' ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ସଭାପତି ସୀମାନ୍ତ ନଟରାଜ ଡା. ତିରୁପତି ସାହୁ ବିଧିବତ୍ ଉଦ୍ଘାଟନ କରି ଏହି ମଞ୍ଚ ଲୋକକଳା ଓ ଲୋକ ସଂସ୍କୃତିର ପ୍ରସାର ଓ ପ୍ରଚାର କ୍ଷେତ୍ରରେ ବିଶେଷ ସହାୟତା କରିବା ଆଶା ପୋଷଣ ସହ କଳାକେନ୍ଦ୍ରର ମହନୀୟ ସାଂସ୍କୃତିକ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବର୍ଷିୟାନ କବି ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ନବବର୍ଷ କବିତା ପାଠୋତ୍ସବରେ କବୀ ପଦ୍ମିନୀ ମିଶ୍ର କବିତା ସଂଯୋଜନା କରିଥିଲେ। ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ।

ଦ୍ୱିତୀୟ ପର୍ଯ୍ୟାୟ ସାଂସ୍କୃତିକ ସଭାରେ କଳାକେନ୍ଦ୍ରର ସଭାପତି ଶିକ୍ଷାପ୍ରଦୀପ ଦେବୀ ପ୍ରସାଦ ସାହୁଙ୍କ ଅଧକ୍ଷତାରେ ଅବସରପ୍ରାପ୍ତ ଅଧାପକ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟବକ୍ତା ଏବଂ ଶିକ୍ଷାବିତ୍ ଦେବୀ ପ୍ରସାଦ ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସଂସ୍କୃତି ସୁରକ୍ଷା କ୍ଷେତ୍ରରେ କଳାକେନ୍ଦ୍ରର ଯୋଗଦାନର ଇତିବୃତ୍ତି ଉପସ୍ଥାପନ କରିଥିଲେ। କଳାକେନ୍ଦ୍ର ପକ୍ଷରୁ ଶିକ୍ଷାପ୍ରଦୀପ ସାହୁଙ୍କୁ ତାଙ୍କର ୮୪ତମ ଏବଂ କବି ମହାପାତ୍ରଙ୍କୁ ୯୦ତମ ଜନ୍ମଦିନ ବଧେଇ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। କଳାକେନ୍ଦ୍ର ସଂପାଦକ ସ୍ୱରଗୌରବ କୃଷ୍ଣ ପ୍ରସାଦ ସାବତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଯୁବ ଆଇନଜୀବୀ କିରଣ କୁମାର ମହାନ୍ତି ପରିଶେଷରେ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।

କାର୍ଯ୍ୟକ୍ରମର ତୃତୀୟ ପର୍ଯ୍ୟାୟରେ ଉଦ୍ଘୋଷକ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ସଂଯୋଜନା କ୍ରମେ କଳାକେନ୍ଦ୍ରର ଛାତ୍ରଛାତ୍ରୀମାନେ ନୃତ୍ୟସଂଗୀତ ପରିବେଷଣ କରଥିଲେ। ସର୍ବଶ୍ରୀ ପ୍ରଶାନ୍ତ କୁମାର ଦାସ, ସୁବାସ ଚନ୍ଦ୍ର ସାହୁ, ଆଶୁତୋଷ ମହାପାତ୍ର, ନୀଳାଞ୍ଚଳ ମହାରଣା, ରାମ ପ୍ରସାଦ ସାବତ,ନୃତ୍ୟଗୁରୁ ଶୁଭଶ୍ରୀ ସାବତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପୁସ୍ତକ 'ଉତ୍କଳମଣି ଗୋପବନ୍ଧୁ' ଲୋକାର୍ପିତ

**ପୁରୀ(ବ୍ୟୁରୋ):** ଗୋପ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପିକା ପ୍ରିୟଦର୍ଶିନୀ ପଲେଇଙ୍କ ରଚିତ ଏବଂ ବିଜୟିନୀ ପ୍ରକାଶନୀ ଦ୍ୱାରା ପ୍ରକାଶିତ ଜୀବନୀ ପୁସ୍ତକ 'ଉତ୍କଳମଣି ଗୋପବନ୍ଧୁ' ଶରଧାବାଲି ଠାରେ ଅନୁଷ୍ଠିତ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ପରିସରରେ ଲୋକାର୍ପିତ ହୋଇଯାଇଛି । ସାହିତ୍ୟିକ ଡ. ଗୋପବନ୍ଧୁ ସମାଜସେବା, ତ୍ୟାଗ ଓ ସଭ୍ୟତା ନିର୍ମାଣର ଏକ ମିଥ୍ ଭାବରେ ଯୁବପିଢ଼ିକୁ ଉତ୍ସାହିତ କରି ଆସୁଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପୁସ୍ତକର ସ୍ରଷ୍ଟା ଶ୍ରୀମତି ପଲେଇ ଉନ୍ମୋଚିତ ପୁସ୍ତକ ସମ୍ପର୍କରେ ଅଭିମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ଆଲୋକ କୁମାର ପ୍ରଧାନ, ଡ. ସୁଚିତ୍ରା ରଥ, ଅଧ୍ୟାପକ ତାପସ

### 'ଗୋପବନ୍ଧୁ ଓଡ଼ିଆ ଜାତିର ଅଲିଭା ଅଗ୍ନିଶିଖା'

ହରପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବରେ ସାହିତ୍ୟ ସମାଲୋଚକ ଡ. ଦିଲୀପ କୁମାର ସ୍ୱାଇଁ , ସାହିତ୍ୟିକ ଡ. ସୁନୀଲ ରଥ, କବି ନିର୍ମଳ ମିଶ୍ର , ସୁଚେତା ମିଶ୍ର ଓ ସନ୍ନ୍ୟାସୀ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପୁସ୍ତକକୁ ଲୋକାର୍ପଣ କରିଥିଲେ। ଗୋପବନ୍ଧୁ ଓଡ଼ିଆ ଜାତିର ଅଲିଭା ଅଗ୍ନିଶିଖା। ଆଜିବି ଓଡ଼ିଆମାନେ ସେମାନଙ୍କର ଜାତୀୟ ବିପତ୍ତି ସମୟରେ ଗୋପବନ୍ଧୁଙ୍କୁ ମନେପକାନ୍ତି । କୁମାର ଜେନା, ଉମେଶ ଚନ୍ଦ୍ର ବେହେରା, ନିରଞ୍ଜନ ମହାରଣା, ଅମୀୟ କୁମାର ଜେନା ଏବଂ ସୁପ୍ରିୟା ଜେନା ପ୍ରମୁଖ ଉପସ୍ଥିତ ଥିଲେ। କଣ୍ଠଶିଳ୍ପୀ ଦେବାଂଶି ଦାଶ ଭକ୍ତି ସଙ୍ଗୀତ ପରିବେଷଣ କରିଥିବା ବେଳେ ପୁସ୍ତକର ପ୍ରକାଶକ ଦିଲୀପ କୁମାର ବେଉରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ 'ଅଭିନନ୍ଦନିକା' ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିବାବେଳେ ଏଥିରେ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।




## ୱଣ୍ଡର ୱାର୍ଲ୍ଡ ୱାଟର ପାର୍କରେ 'ୟୁଫେରିଆ -୩୧' ସେଲିବ୍ରେସନ୍

# ୩ ଭାଗ୍ୟଶାଳୀ ବିଜେତାଙ୍କୁ ମିଳିଲା ପୁରସ୍କାର





**ପୁରୀ(ବ୍ୟୁରୋ):** ଖୁବ୍ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ସରିଛି ଜିରୋ ନାଇଟ୍ ସେଲିବ୍ରେସନ। ଆଉ ଏଥିରେ ନିଜକୁ ସାମିଲ କରି ମତୁଆଲା ହୋଇଛନ୍ତି ଯୁବପିଢ଼ି। ଚଳିତ ବର୍ଷର ଶେଷ ରାତିକୁ ଅତି ଚିତ୍ତାକର୍ଷକ ଭାବେ ଶେଷ କରିଛି ପୁରୀର ମାଳତିପାଟପୁର ରେ ଥିବା ବୃହତ ୱଣ୍ଡର ୱାର୍ଲ୍ଡ ୱାଟର ପାର୍କ, ଯାହାର ନାମ ରଖାଯାଇଥିଲା ୟୁଫେରିଆ -୩୧ । ଏଠାରେ ରଙ୍ଗୀନ ଆଲୋକମାଳାରେ ସଙ୍ଗୀତର ତାଳେ ତାଳେ ଝୁମିଥିଲେ ଆବାଳ ବୃଦ୍ଧ ବନିତା। ରାତିକୁ ଆହୁରି ରଙ୍ଗୀନ କରିଥିଲା ଆକର୍ଷଣୀୟ ଡିଜେ ମ୍ୟୁଜିକର ସଂଗୀତ। ଏଥର କିନ୍ତୁ ପାର୍କରେ ଏହି କାର୍ଯ୍ୟକ୍ରମକୁ ଆହୁରି ଆକର୍ଷଣୀୟ କରିବା ପାଇଁ ସାମିଲ ଥିବା ଦର୍ଶକଙ୍କ ନିମନ୍ତେ ଲକି ଡ୍ର'ର ବ୍ୟବସ୍ଥା କରାଯାଇଥିଲା। ଏହି ଡ୍ର'ରେ ଯେଉଁମାନଙ୍କ ନାମ ଉଠିଥିଲା, ସେମାନଙ୍କୁ ଆକର୍ଷଣୀୟ ପୁରସ୍କାର ଦିଆଯାଇଥିଲା। ଲଟେରୀ ଉଠାଣରେ ପ୍ରଥମ ଭାଗ୍ୟଶାଳୀ ବିଜେତା ହୋଇଥିଲେ ପୃଥୀରାଜ ମହାନ୍ତି, ସେ ଟିଭିଏସ୍ ରାଇଡର ଗାଡ଼ି ଜିତିଥିଲେ। ଦ୍ୱିତୀୟ ଭାଗ୍ୟଶାଳୀ ବିଜେତା ଥିଲେ ସୁନୀଲ କୁମାର ସାହୁ, ସେ ଏକ ଆଇଫୋନ-୧୪ ଜିତିଥିଲେ। ତୃତୀୟ ଭାଗ୍ୟଶାଳୀ ବିଜେତା ହୋଇଥିଲେ କ୍ରୀଷ୍ଣା ପଣ୍ଡା, ସେ ସୋନି ଏଣ୍ଡ୍ରଏଡ ୫୦ ଇଞ୍ଚ ଟିଭି ଜିତିଥିଲେ। ସମସ୍ତ ଭାଗ୍ୟଶାଳୀ ବିଜେତାଙ୍କୁ ୱଣ୍ଡର ୱାର୍ଲ୍ଡର ପ୍ରତିଷ୍ଠାତା ନାରାୟଣ ପାତ୍ର, ପରିଚାଳନା ନିର୍ଦ୍ଦେଶକ ନିରଞ୍ଜନ ପାତ୍ର ଓ ନିର୍ଦ୍ଦେଶକ ରଶ୍ମିତା ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମର ପରିଚାଳନାରେ ସହଯୋଗ କରିଥିଲେ ପ୍ରଶାସନିକ ଅଧିକାରୀ ଗିରିଜା ଶଙ୍କର ରଥ ଓ ଜେନେରାଲ ମ୍ୟାନେଜର ରାଧାରମଣ ନାୟକ। ଏହି କାର୍ଯ୍ୟକ୍ରମରେ ବହୁ ଜନସମାଗମ ହୋଇଥିଲା।



# ୧୪ରେ ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୦୨ତମ ଆଗମନ ସମାବେଶ




**ପୁରୀ(ବ୍ୟୁରୋ):** ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ପୂଣ୍ୟ ଉତ୍କଳ ଆଗମନର ୧୦୨ ତମ ଶୁଭ ମହୋତ୍ସବ ଚଳିତ ମାସ ୧୪ ତାରିଖରେ ଅନୁଷ୍ଠିତ ହେବ। ଜାନୁଆରୀ ୧୪ ତାରିଖରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଏହାକୁ ଭବ୍ୟ ଭାବେ ଆୟୋଜନ କରିବାକୁ ଉତ୍କଳ ଆଗମନୀ ସ୍ମୃତି ଉତ୍ସବ କମିଟି ନିଷ୍ପତ୍ତି ନେଇଛି। ଏହାକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ସ୍ମୃତି ଉତ୍ସବ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ପ୍ରତି ଋତିକ ତଥା ଦେଓଘର ସତସଙ୍ଗର ସହ ସମ୍ପାଦକ ଡା ବିନାୟକ ମହାପାତ୍ର ସୂଚନା ଦେଇଛନ୍ତି। ଏ ନେଇ ମଙ୍ଗଳବାର ପୂର୍ବାହ୍ନରେ ପୁରୀ ସତସଙ୍ଗ ଠାକୁର ବାଡ଼ି ପରିସରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସୂଚନା ଦେଇ ଉତ୍ସବ କମିଟିର ଯୁଗ୍ମ ସମ୍ପାଦକ ନିରଞ୍ଜନ ବେହେରା ବିଭିନ୍ନ ସ୍ଥାନରୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁମାନେ ଯେପରି ଉତ୍ସବ ସ୍ଥଳରେ ସୁନ୍ଦର ଓ ଶୃଙ୍ଖଳିତ ଦର୍ଶନ ସହ କାର୍ଯ୍ୟକ୍ରମକୁ ଶ୍ରଦ୍ଧାର ସହ ଉପଭୋଗ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଉଛି ବୋଲି କହିଥିଲେ। ତିନୋଟି ଷ୍ଟେଜ ମାଧ୍ୟମରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୪ ତାରିଖ ବ୍ରାହ୍ମମୁହୂର୍ତ୍ତେ ବେଦ ମାଙ୍ଗଳିକୀ ଓ ନହବତ, ପ୍ରତ୍ୟୁଷେ ଉଷାକୀର୍ତ୍ତନରୁ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି କହିଥିଲେ। ସକାଳ ୬.୨୨ ମିନିଟରୁ ଉଷାବିନତି, ଦର୍ଶନ, ପ୍ରଣାମ ଓ ପରେ ପୂଣ୍ୟ ଉତ୍ସବର ଶୁଭ ଉଦଘାଟନ କରାଯିବ। ୮.୩୦ରେ ଶ୍ରୀ ବିଗ୍ରହ ଶୋଭାଯାତ୍ରା, ସଂଗୀତାଞ୍ଜଳି ଓ ନୃତ୍ୟ ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ଦିବା ୧୧ ଘଟିକା ରେ ସାଧାରଣ ସଭା, ଅପରାହ୍ନ ୧୨.୩୦ରୁ ସ୍ୱ ଅନୁଭୂତିର ଗଳ୍ପ, ଅପରାହ୍ନ ୨ ଘଟିକାରେ ଚିକିତ୍ସକ ସମ୍ମିଳନୀ, ୩.୩୦ ମିନିଟରେ ମାତୃ ସମ୍ମିଳନୀ, ସନ୍ଧ୍ୟା ୫.୨୩ ରେ ସନ୍ଧ୍ୟା ବିନତି, ପ୍ରଣାମ, ଗ୍ରନ୍ଥପାଠ, ୭ ଘଟିକାରେ ସତସଙ୍ଗ, ସଦାଲୋଚନା ଏବଂ ରାତ୍ର ୮.୩୦ ମିନିଟରେ ଆକାଶଦୀପ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସହ ସମ୍ପାଦକ ଡଃ ନନ୍ଦ କିଶୋର ପ୍ରଧାନ, ଅରୁଣ କୁମାର ସାହୁ, ସମୀର ରଞ୍ଜନ ବେହେରା, ନଟବର ଓଝା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖ ଯୋଗ ଦେଇ ବିବିଧ ସୂଚନା ପ୍ରଦାନ କରିଥିଲେ। ୧୯୨୩ ଜାନୁଆରୀ ୨ ତାରିଖରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ପୁରୀ ଧାମରେ ପଦାର୍ପଣ କରିଥିଲେ। ସେହି ସ୍ମୃତି ଆଧାରରେ ଆଜି ଠାକୁର ବାଡ଼ିରେ ଅସହାୟ ଲୋକମାନଙ୍କୁ କମ୍ବଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

## ଫାଷ୍ଟ ଫୁଡ୍ ଦୋକାନରେ ଅଗ୍ନିକାଣ୍ଡ

**ପୁରୀ(ବ୍ୟୁରୋ):** ପୁରୀ ଭୁବନେଶ୍ୱର ୩୧୬ ନମ୍ବର ଜାତୀୟ ରାଜପଥ ନିକଟ ମଙ୍ଗଳପୁର ବଜାରରେ ଥିବା ଫାଷ୍ଟ ଫୁଡ୍ ଦୋକାନରେ ଅଗ୍ନିକାଣ୍ଡ । ନିଆଁ ଲାଗି ଜଳିଗଲା ଫାଷ୍ଟ ଫୁଡ୍ ଦୋକାନ । ଦୁଇଟି ଏଲପିଜି ସିଲିଣ୍ଡର ବିସ୍ଫୋରଣ ହେବା ସହ ହୋଟେଲର ସବୁ ସାମଗ୍ରୀ ନଷ୍ଟ ହୋଇଯାଇଛି । ପାଖ ଅଳିଆଗଦାରୁ ନିଆଁ ବ୍ୟାପିବା ପରେ ଫାଷ୍ଟ ଫୁଡ୍ ଦୋକାନରେ ନିଆଁ ଲାଗି ଥିବା ସ୍ପଷ୍ଟ ହୋଇଛି । ଘଟଣାସ୍ଥଳରେ ପିପିଲି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି ।

## 'ଉର୍ଜାବାନ ଓଡ଼ିଶା'ର କ୍ୟାଲେଣ୍ଡର ଉନ୍ମୋଚିତ



**ପୁରୀ(ବ୍ୟୁରୋ):** ବିଶ୍ୱବାସୀଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଜଣେଇବା ନିମନ୍ତେ ଏକ ନିଆରା ପ୍ରୟାସ କରିଛି ପୁରୀ ସହରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉର୍ଜାବାନ ଓଡ଼ିଶା। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉର୍ଜାବାନ ଓଡ଼ିଶାର ନିଜସ୍ୱ କ୍ୟାଲେଣ୍ଡର ଉନ୍ମୋଚନ ହୋଇଛି। ଏଥିସହିତ ଏହି କ୍ୟାଲେଣ୍ଡରଗୁଡ଼ିକୁ ଲୋକମାନଙ୍କୁ ବଣ୍ଟନ କରାଯାଇଛି। ତେବେ ପ୍ରାୟ ଦୁଇ ହଜାର କ୍ୟାଲେଣ୍ଡ ଏହି ଅବସରରେ ଜନସାଧାରଣଙ୍କୁ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ସନ୍ତୋଷ ସେନାପତି, ସମ୍ପାଦିକା ନିହାରିକା ତ୍ରିପାଠୀ, ତୃପ୍ତି ସ୍ୱାଇଁ, ତିଳୋତ୍ତମା ଧଳ, ସନ୍ତୋଷି ଭୋଇ, କଳ୍ପନା ଦାସ, ସନ୍ତୋଷ ମୁଖି, ରଶ୍ମି ରଂଜନ ନାୟକ ପ୍ରମୁଖ ଯୋଗଦାନ କରିଥିଲେ।

# ମାଛ ଓ ସାମୁଦ୍ରିକ ଜୀବକୁ ପ୍ରଭାବିତ କରୁଛି ସମୁଦ୍ରର ପ୍ଲାଷ୍ଟିକ୍‌ବର୍ଜ୍ୟ

**ପୁରୀ(ବ୍ୟୁରୋ):** ପ୍ଲାଷ୍ଟିକ୍ ବର୍ଜ୍ୟ ସମୁଦ୍ର ପାଇଁ ଅଭିଶାପ ପାଲଟିଛି। ପ୍ଲାଷ୍ଟିକ୍‌ର ମାତ୍ରାଧିକ ବ୍ୟବହାର ଯୋଗୁ ଏହା ନଦୀ ମୁହାଣ ଦେଇ ସମୁଦ୍ର ମଧ୍ୟକୁ ଯାଉଛି। ଏହା ଦ୍ୱାରା ମାଛ ଓ ସାମୁଦ୍ରିକ ଜୀବମାନେ ପ୍ରଭାବିତ ହେଉଛନ୍ତି। ଏପରିକି କିଛି ମାଛ ପଲିଥିନ ଜେଲି ଭାବି ଗିଳି ଦେଉଛନ୍ତି, ଯାହାକୁ ଲୋକେ ଖାଇ ରୋଗର ଶିକାର ହେଉଛନ୍ତି। ସାମୁଦ୍ରିକ ପରିସଂସ୍ଥା ସୁରକ୍ଷା ଲାଗି କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଛି। ସଚେତନ କରାଯାଉଛି। ଅଥଚ ପ୍ଲାଷ୍ଟିକ୍‌ରେ ରୁନ୍ଧି ହୋଇଯାଉଥିବା ସାମୁଦ୍ରିକ ପରିସଂସ୍ଥାକୁ ଅବହେଳା କରାଯାଉଛି। ବେଳାଭୂମିରେ ଗଦା ହୋଇଛି କୁଢ଼କୁଢ଼ ପ୍ଲାଷ୍ଟିକ୍। ହୋଟେଲ ଓ ଜନବସତିରୁ ଫିଟିଛି ନାଳର ଧାରା। ଛିଣ୍ଡା ଜାଲ, ପ୍ଲାଷ୍ଟିକ, ପଲିଥିନ, ସୋଲ ସମେତ ଘରର ନିତ୍ୟ ବ୍ୟବହୃତ ଜିନିଷ ବେଳାଭୂମିରେ ଗଦା ହେଉଛି। ଏପରିକି କିଛି ସ୍ଥାନରେ ବେଳାଭୂମି ମୁକ୍ତ ଶୌଚାଳୟ ପାଲଟିଛି। ବେଳାଭୂମି ଫୁଟ୍‌ପାଥ ଉପରେ ବି ପ୍ଲାଷ୍ଟିକ୍ ବର୍ଜ୍ୟ ଗଦା ହୋଇରହିଛି। ପାଇଖାନାଠୁ ନେଇ ଘରର ନାଳର ସୁଅ ସମୁଦ୍ରକୁ ପଡ଼ିଛି। ହୋଟେଲର ବର୍ଜ୍ୟ ସମୁଦ୍ରକୁ ମୁହାଁଇ ଦିଆଯାଇଛି। ପ୍ଲାଷ୍ଟିକ, ଥର୍ମୋକୁଲ ଜଳରେ ମିଶି ମାଇକ୍ରୋ ପ୍ଲାଷ୍ଟିକ୍‌ରେ ପରିଣତ ହେଉଥିବା ବେଳେ ଏସବୁ ଜଳଜୀବଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ପୁଣି ଏହି ମାଛ ମଣିଷ ଖାଇବା ଦ୍ୱାରା ତା ଶରୀରରେ ରୋଗ ସୃଷ୍ଟି ହେଉଛି। ଏନେଇ ଯୁବ ପରିବେଶ କର୍ମୀ ତଥା ମିଳିତ ଜାତିସଂଘ ଯୁବ ଅଧିବକ୍ତା ସୌମ୍ୟରଂଜନ ବିଶ୍ୱାଳ କହିଛନ୍ତି ଯେ ପୁରୀର ସାମୁଦ୍ରିକ ପରିସଂସ୍ଥା ଉଚ୍ଚକୋଟିର। ସେଥିପାଇଁ ବିରଳ ଅତିଥି କଇଁଛ ଅଲିଭ ରିଡ୍‌ଲେଙ୍କଠୁ ନେଇ ବହୁ ସାମୁଦ୍ରିକ ଜୀବଙ୍କ ଆତଯାତ ରହିଛି। ବିଶେଷକରି ଅଲିଭ୍‌ରିଡ୍‌ଲେଙ୍କର ଏହା ଗଣ ଅଣ୍ଡାଦାନ ସ୍ଥଳୀ। ଅନ୍ୟ ଜଳଜୀବମାନେ ମଧ୍ୟ ଏଠାରେ ସଂଖ୍ୟା ବୃଦ୍ଧି ପାଇଁ ସମବେତ ହୁଅନ୍ତି। ଛୋଟ ଛୋଟ ଅଣଦେଖା ବଡ଼ ସମସ୍ୟା ସୃଷ୍ଟି କରିପାରେ। ବିଶେଷକରି ପେଣ୍ଠକଟାରେ ଅତ୍ୟାଧୁନିକ ଆବାସିକ ସ୍ଥଳୀ ସତ୍ତ୍ୱେ ସେଠାରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ କୌଣସି ବ୍ୟବସ୍ଥା ନ ହେବା ଦୁଃଖର ବିଷୟ। ଜିଲ୍ଲା ପ୍ରଶାସନ ପବିତ୍ର ପୁରୀ, ଗର୍ବ ଆମରି ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରୁଛି। ଅଳିଆ ଗାଡ଼ି ବୁଲାଇ ଘରୁ ଅଳିଆ ସଂଗ୍ରହ କରୁଛି। ଅଳିଆ ବାହାରେ ପକାଇଲେ ଜରିମାନା ଆଦାୟ କରୁଛି। ଅଥଚ ପେଣ୍ଠକଟାର ବିସ୍ତୃତ ବେଳାଭୂମି ଉପରେ ପ୍ରଶାସନର ନଜର ନପଡ଼ିବା ଚିନ୍ତାର ବିଷୟ ବୋଲି ସେ କହିଛନ୍ତି। ପୁରୀ ଭଳି ଅନ୍ତର୍ଜାତୀୟ ପର୍ଯ୍ୟଟନ ସହରରେ ଏସବୁକୁ ନଜର ଅନ୍ଦାଜ କରିବା ସାମୁଦ୍ରିକ ପରିସଂସ୍ଥା ପାଇଁ କାଳ ସାଜିଛି। କିଛି ବର୍ଷ ପୂର୍ବେ କାଦୁଆ ମୁହାଣରୁ ଦେବୀ ମୁହାଣ ପର୍ଯ୍ୟନ୍ତ ବେଳାଭୂମିରୁ ଏକ ସ୍ୱେଚ୍ଛାସେବୀ ସଂସ୍ଥା ଜରିଆରେ ୫.୫ ଟନ୍ ପ୍ଲାଷ୍ଟିକ ଓ ଅନ୍ୟ ବର୍ଜ୍ୟ ସଂଗ୍ରହ ହୋଇଥିଲା। ଜନବସତି ନଥିବା ଅଞ୍ଚଳରୁ ଏତେ ପରିମାଣର ବର୍ଜ୍ୟ ସଂଗ୍ରହ ହୋଇଥିବାବେଳେ ପେଣ୍ଠକଟା ଓ ଚନ୍ଦ୍ରଭାଗାରେ ଜନବସତିରୁ ବାହାରୁଥିବା ପ୍ଲାଷ୍ଟିକର ପରିମାଣ ଯେ ଏହାଠୁ ଅଧିକ ହେବ ବୋଲି ପରିବେଶବିତ୍‌ମାନେ କହିଛନ୍ତି।

## ବରିଷ୍ଠ ନାଗରିକ କ୍ଲବ୍‌ର ସ୍ଥାପନା ଦିବସ ପାଳିତ

**ପୁରୀ(ବ୍ୟୁରୋ):** ବରିଷ୍ଠ ନାଗରିକ କ୍ଲବ ଶ୍ରୀକ୍ଷେତ୍ର କଲୋନୀ ପୁରୀର ପ୍ରଥମ ସ୍ଥାପନା ଦିବସ ପାଳନ ଅବସରରେ ସ୍ଥାନୀୟ କଲୋନୀରେ ସମସ୍ତ ସଦସ୍ୟମାନଙ୍କ ସହଯୋଗରେ ଏକ ସଫେଇ କାର୍ଯ୍ୟକ୍ରମ କରିବା ସହିତ ସଚେତନତା ସୃଷ୍ଟି କରାଯାଇଥିଲା। ଏହା ପରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଡଃ ନାରାୟଣ ସାହୁ, ଡଃ ପ୍ରମୋଦ ମହାନ୍ତିଙ୍କ ସହାୟତା ରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ସଭାପତି ଅରବିନ୍ଦ ଶତପଥୀଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗ ଦେଇ ବରିଷ୍ଠ ନାଗରିକମାନଙ୍କୁ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସମ୍ପର୍କରେ ଆଲୋଚନା କରି ମତାମତ ଦେଇଥିଲେ। ସମ୍ପାଦକ ଶରତ ଚନ୍ଦ୍ର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ଆୟ ବ୍ୟୟ ବିବରଣୀ କୋଷାଧ୍ୟକ୍ଷ ନିରଞ୍ଜନ ସାହୁ ଉପସ୍ଥାପନ କରିଥିଲେ। ସଭ୍ୟମାନଙ୍କୁ ଉତ୍ତରୀୟ ଦ୍ୱାରା ସମ୍ମାନିତ କରାଯାଇଥିଲା। ଅନ୍ୟଅତିଥି ଭାବେ ବରିଷ୍ଠ ନାଗରିକ ମଞ୍ଚର ସଭାପତି କାର୍ତ୍ତିକ ଚନ୍ଦ୍ର ଦାଶ, ସମ୍ପାଦକ ଦେବେନ୍ଦ୍ର ନାରାୟଣ ଦାଶ , କୋଷାଧ୍ୟକ୍ଷ ଗୋଲଖ ଚନ୍ଦ୍ର ଜେନା ଯୋଗ ଦେଇ ବରିଷ୍ଠ ନାଗରିକ ମାନଙ୍କ ବିଭିନ୍ନ ସମସ୍ୟା ପ୍ରତିହତ କରିବାକୁ ମତାମତ ଦେଇଥିଲେ। ଶେଷରେ ସହସମ୍ପାଦକ ରମେଶ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସଭାପତି ପ୍ରଶାନ୍ତ ମହାନ୍ତି, ଅର୍ଜୁନ ପ୍ରଧାନ, କାର୍ଯ୍ୟକାରିଣୀ ସଦସ୍ୟ ଗୋବିନ୍ଦ ଦାସ ଘୋଷ, ହର ପ୍ରସାଦ ମହାପାତ୍ର, ମନ୍ମଥ ମହାନ୍ତି, ସଚିଦାନନ୍ଦ ପଶୁପାଳକ, ଶରତ ଚନ୍ଦ୍ର ମହାରଣା, ପ୍ରଶାନ୍ତ ପାଠୀ, ସଂଯୋଜକ ଗୋପାଳ ମେକାପ ପ୍ରମୁଖ ସହଯୋଗ କରିଥିଲେ।

# ମୋଟର ଭେଇକେଲ ଆକ୍ଟ ସମ୍ପର୍କିତ ଆଲୋଚନାଚକ୍ର

**ପୁରୀ(ବ୍ୟୁରୋ):** ପୁରୀ ସୁରକ୍ଷା ପରିଷଦ ପକ୍ଷରୁ ୟୁଥ ହଷ୍ଟେଲ ସମ୍ମିଳନୀ କକ୍ଷରେ ମୋଟର ଭେଇକିଲ ଆକ୍ଟ ଓ ଜନସଚେତନତା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ ବିଭାଗ ପୁରୀ ସହଭାଗିତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପରିଷଦର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପରିବହନ ଅଧିକାରୀ ରବୀନ ପଟ୍ଟନାୟକ ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥିଭାବେ ପୂର୍ବତନ ନଗରପାଳ ଶାନ୍ତିଲତା ପ୍ରଧାନ, ପ୍ରଫେସର ଡକ୍ଟର କାର୍ତ୍ତିକ କୁମାର ଦାସ, ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ, ପରିଷଦର ସଭାପତି ତଥା ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ର, ପରିଷଦର ସଂପାଦକ ଭାଗବତ ପ୍ରସାଦ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଶ୍ରୀ ପଟ୍ଟନାୟକ ନିଜ ବକ୍ତବ୍ୟରେ କହିଥିଲେ, ଯାନ୍ତ୍ରିକ ମୋଟର ଯାନ ସମାଜକୁ ଗତିଶୀଳ ଓ ଅର୍ଥାଭିମୁଖୀ କରୁଛି। କିନ୍ତୁ ଏହାର ଉପାଦେୟତା ଅପେକ୍ଷା ମୋଟରଯାନ ଆଇନ ସଚେତନତା ଅଭାବରୁ ବହୁ ଦୁର୍ଘଟଣା ଘଟି ଅଯଥାରେ ବହୁ ଅମୂଲ୍ୟ ଜୀବନ ନଷ୍ଟ ହେଉଛି। ଏଥିପାଇଁ ରାଜ୍ୟସରକାର ଓ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ଫୋରମ୍ ମାଧ୍ୟମରେ ଏହିଭଳି ଜନସଚେତନତା ଜରି ରହିଛି। ସମାଜର ସବୁ ବର୍ଗର ଜନସାଧାରଣ ମୋଟର ଭେଇକିଲ ଆକ୍ଟର ମାର୍ଗଦର୍ଶିକକୁ ମାନିଲେ ନିଶ୍ଚିତ ଭାବେ ଦୁର୍ଘଟଣା ନିୟନ୍ତ୍ରଣ ହେବ ବୋଲି ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜୟ କୁମାର ପଣ୍ଡା, ଡ଼କ୍ଟର ଅଭିମନ୍ୟୁ ଭୂୟାଁ, ପଣ୍ଡିତ ସଦାଶିବ ମିଶ୍ର, ସୁରେଶ କୁମାର ପଟ୍ଟନାୟକ, ନାରାୟଣ ନନ୍ଦ, ଅଧ୍ୟାପକ ଭାରତୀ ଭୂଷଣ ଦାସ, ଭବାନୀ ପ୍ରସାଦ ବଳିୟାର ସିଂ, ଆଶାଲତା ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରି ନିଜ ନିଜର ମତ ଉପସ୍ଥାପନ କରିଥିଲେ। ପ୍ରାରମ୍ଭରେ ପରିବହନ ଅଧିକାରୀ ଶ୍ରୀପଟ୍ଟନାୟକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ଶେଷରେ ସଦସ୍ୟ ସନ୍ଦୀପ କର୍ମକାର ଧନ୍ୟବାଦ୍ ଅର୍ପଣ କରିଥିଲେ।



# ଫ୍ୟାଶନେବଲ୍ ସ୍କର୍ଟ



**ସ୍କର୍ଟ ଷ୍ଟାଇଲ୍ ସବୁବେଳ ପାଇଁ ଟ୍ରେଣ୍ଡ୍ ରେ ରହିଆସିଛି। ଏମିତିକିବି ଦେଖିବାକୁ ଗଲେ ଆଜିର ସମୟରେ ମାର୍କେଟରେ ବିଭିନ୍ନ ଭେରାଇଟିର ସ୍କର୍ଟ ମାନ ଦେଖିବାକୁ ମିଳୁଛି। ତେଣୁ ଆପଣ ନିଜର ପସନ୍ଦ ମୁତାବକ ଏହାକୁ ବାଛି ପିନ୍ଧିପାରିବେ। ଆସନ୍ତୁ ନଜର ପକାଇବା ମାର୍କେଟର ଏହି ସ୍କର୍ଟ ଟ୍ରେଣ୍ଡ୍ ଉପରେ।**

ଆଜିର ଫ୍ରାଶନ ଫ୍ରେଣ୍ଡ୍ ଯୁଗରେ ଆପଣଙ୍କୁ ନିଜର ୱାର୍ଡ଼ରୋବ୍‌କୁ ପରିବର୍ତ୍ତନ କରିବା ଉଚିତ। ଏଭଳି ପୋଷାକ ଚୟନ କରିବା ଦରକାର ଯାହାକି କୁଲ୍ ହେବା ସହିତ କମ୍ଫର୍ଟବଲ୍‌ବି ଫିଲ୍ ହେଉଥିବ। ଏମିତି ଏକ ଡ୍ରେସ୍ ସ୍କର୍ଟ ହୋଇପାରେ। କାରଣ ଏହା ଏବେ ଫେସନରେ ରହିଛି। ସ୍କର୍ଟ ହେଉଛି ଏମିତି ଏକ ଡ୍ରେସ୍ ଯାହାକି କଲେଜ ଗୋଇଂ ଗାର୍ଲ ମାନଙ୍କୁ ବହୁତ ପସନ୍ଦ ଆସିଥାଏ, ଏମିତି ଦେଖିବାକୁ ଗଲେ ୱାର୍କିଂ ଗାର୍ଲସ୍‌ବି ଏହାକୁ ବହୁତ ପସନ୍ଦ କରିଥାନ୍ତି। ଯଦି ଆପଣଙ୍କର ଫିଗର ଭଲ ତେବେ ଏହାକୁ ପିନ୍ଧି ଆପଣ ବହୁତ ଗ୍ଲାମରସ୍ ଦେଖାଯିବେ। ଏବେତ ମାର୍କେଟରେ ବହୁତ ଡ଼ିଜାଇନ୍ ର ସ୍କର୍ଟମାନ ଉପଲବ୍ଧ ହେଉଛି, ଆପଣ ନିଜ ପସନ୍ଦ ମୁତାବକ ଏହାକୁ ବାଛି ପିନ୍ଧିପାରିବେ।

### ଲଙ୍ଗ ସ୍କର୍ଟ:

ଲଙ୍ଗ ସ୍କର୍ଟର ଏକ ବିଶେଷତ୍ୱ ରହିଆସିଛି। ଏହାକୁ କଲେଜ ଗୋଇଂ ଗାର୍ଲ ଓ ୱାର୍କିଂ ଓମେନ୍ ଉଭୟ ପିନ୍ଧିପାରିବେ। ଏହା ଆପଣଙ୍କୁ ଷ୍ଟାଇଲିଶ୍ ଲୁକ୍‌ଦେବା ସହିତ ଗ୍ଲାମରସ୍ ବି ଦେଖାଯିବ। ଏଥିରେ ଅଣ୍ଟାରୁ ନେଇ ପାଦ ପର୍ଯ୍ୟନ୍ତ ଢାଙ୍କି ହୋଇରହେ। ଏହା ହେଭି ଫିଗର ବାଲା ଝିଅଙ୍କୁ ଭାରି ମାନିଥାଏ। ମାର୍କେଟରେ ଏହି ସ୍କର୍ଟ ପ୍ଲେନ୍, ଫ୍ଲୋରାଲ ପ୍ରିଣ୍ଟ୍ ଓ ଜ୍ୟାମିତିକି ଡ଼ିଜାଇନ୍ ଦେଖିବାକୁ ମିଳୁଛି।

### ଟାୟର୍ଡ଼ ସ୍କର୍ଟ:

ଏହି ସ୍କର୍ଟର ବିଭିନ୍ନ ଭେରାଇଟି ରହିଛି। ଆପଣ ଯାହାକୁ ପସନ୍ଦ କରି ପିନ୍ଧି ପାରିବେ। ଏହି ସ୍କର୍ଟ ନାଇଟ୍ ପାର୍ଟି ପାଇଁ ଏକଦମ୍ ପରଫେକ୍ଟ। ଏହା ଲାଇଟ୍ ୱେଟ୍ ଫେବ୍ରିକ୍‌ରେ ତିଆରି। ତେଣୁ ଏହାକୁ ପିନ୍ଧି ଆପଣ ବହୁତ କୁଲ୍ ଫିଲ୍ କରିପାରିବେ । ରେମି ଆଣ୍ଡ୍ କଟନ, ହେଙ୍କି ଲିନେନ୍ ଓ କଟନ୍ ସିଲ୍କରେ ତିଆରି ଏହି ସ୍କର୍ଟ ଆପଣଙ୍କୁ ଏକଦମ୍ ଏଲିଗାଣ୍ଟ୍ ଲୁକ୍ ଦେବ।

### ଜିନ୍ସ ସ୍କର୍ଟ:

ମାର୍କେଟରେ ଏହି ସ୍କର୍ଟର ବିଭିନ୍ନ ଭେରାଇଟି ମିଳିଯିବ। ଏହା ଜିନ୍ସ ବା ଡ଼େନିମ୍ ଫେବ୍ରିକ୍‌ର ଅଟେ। ସାଧାରଣତଃ ଏହା କାଜୁଆଲ, କିନ୍ତୁ ଆଜିର ସମୟରେ ଏଥିରେବି ଷ୍ଟୋନ୍ ଏମ୍ବ୍ରୋଡ଼ୋରି କାମ ଦେଖିବାକୁ ମିଳିଥାଏ। ଏହି ସ୍କର୍ଟକୁ ଡ଼ିଫରେଣ୍ଟ୍ ଲୁକ୍ ଦେବା ପାଇଁ ଏଥିରେ ପକେଟ ଲଗାଇ ଦିଆଯାଇଥାଏ। ଏହାଦ୍ୱାରା କିଛି କ୍ୟାରୀ କରିବାରେ ସୁବିଧା ହେବ। ଏହି ସ୍କର୍ଟ ଉଭୟ ସର୍ଟ ଓ ଲଙ୍ଗ୍ ମିଳେ। ଏହା ହେଉଛି ଏଭରଗ୍ରୀନ୍ ଫେଶନ, ଯାହାକି କେବେବି ଫେଶନରୁ ଆଉଟ୍ ହୋଇନଥାଏ।

### ମ୍ୟାକ୍ସିସ୍କର୍ଟ:

ଏହା ଏକ ଲଙ୍ଗ ସ୍କର୍ଟ ଏଥିରେ ଷ୍ଟ୍ରେଚେବଲ୍ କପଡ଼ାର ଉପଯୋଗ କରାଯାଇଥାଏ। ଷ୍ଟ୍ରେଚେବଲ୍‌ହୋଇଥିବା କାରଣରୁ ଏହା ଯେକୌଣସି ମହିଳାଙ୍କୁ ହୋଇଥାଏ। ଆପଣଙ୍କର ଫିଗର ଯଦି ସ୍ଲିମ୍ ଏହା ଆପଣଙ୍କୁ ବହୁତ ମାନିବ। ଯେକୌଣସି ମୌସମରେ ଏହାକୁ ପିନ୍ଧିପାରିବେ। କାରଣ ପ୍ରତି ମୌସମରେ ଏହାକୁ କ୍ୟାରୀ କରିବା ସହଜ ଓ ସୁବିଧା ଅଟେ। ତେଣୁ କଲେଜ ଗୋଇଂ ଗାର୍ଲଙ୍କ ପାଇଁ ଆଜିର ସମୟରେ ଏହା ପ୍ରଥମ ପସନ୍ଦ। ୱାର୍କିଂ ମହିଳାବି ଏହାକୁ ପସନ୍ଦ କରନ୍ତି ଏଇଥିପାଇଁଯେ ଏଥିରେ ଗ୍ଲାମରସ୍ ଓ ଡ଼ିଫରେଣ୍ଟ୍ ରହିଥାଏ।



# ବାରମ୍ବାର ଲିପ୍ ବାମ୍ ଲଗାନ୍ତୁ ନାହିଁ

ଓଠକୁ କୋମଳ ରଖିବା ପାଇଁ ଆମେ ଲିପ୍ ବାମ୍‌ର ବ୍ୟବହାର କରିଥାଉ । ଲିପ୍ ବାମ ଓଠର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ କୋମଳ ରଖୁଥିଲେ ମଧ, ଏହାର ଅଧିକ ବ୍ୟବହାର ଓଠକୁ କ୍ଷତି ପହଞ୍ଚାଇଥାଏ । ବାରମ୍ବାର ଲିପ୍ ବାମ ଲଗାଇଲେ ଓଠ ଖରାପ ହୋଇଥାଏ । ମେନ୍ଥଲ ଅର୍ଥାତ୍ ପିପରମିଣ୍ଟ ଯୁକ୍ତ ଲିପ୍ ବାମ୍ ଅଧିକ କ୍ଷତିକାରକ । ନିୟମିତ ଲିପ୍ ବାମ ଲଗାଇଲେ ଓଠ ଫାଟିବା ଭଳି ସମସ୍ୟା ଦେଖାଦେଇଥାଏ । ଏକ ଅଧ୍ୟୟନରୁ ଜଣାପଡ଼ିଛି ଲିପ୍ ବାମ୍‌ରେ ଆସକ୍ତ କଲା ଭଳି ତତ୍ତ୍ୱ ନଥିଲେ ମଧ ବାରମ୍ବାର ଏହାର ବ୍ୟବହାର ଅଭ୍ୟାସରେ ପଡ଼ିଯାଏ । ଅନେକ ସମୟରେ ଲିପ୍ ବାମ୍‌ର ବ୍ୟବହାର ଫଳରେ ଆଲର୍ଜି ମଧ ହୋଇଥାଏ । ସୁଗନ୍ଧ ପାଇଁ ଲିପ୍ ବାମ୍‌ରେ ବ୍ୟବହାର କରାଯାଉଥିବା କେମିକାଲ ଯୋଗୁ ଓଠରେ ଆଲର୍ଜି ହୋଇଥାଏ ।

## ରୋଷେଇବାସ

# ବେସନ ଲଡ୍ଡୁ

ଏବେତ ଦଶହରା ଆସିଗଲାଣି । ଏହି ସମୟରେ ପରିବାରରେ ଖୁସି ବାଣ୍ଟିବା ପାଇଁ ପ୍ରଥମେ ପରସ୍ପରକୁ ମିଠା ଖୁଆଇ ମନଟାକୁ ମିଠା କରିବାକୁ ହୋଇଥାଏ। ଏଥିପାଇଁ ଆମେ ଏଥର ବ୍ୟଞ୍ଜନରେ ବେସନ ଲଡ୍ଡୁ ପ୍ରସ୍ତୁତି ବିଷୟରେ ଜଣାଉଛୁ।

**ସାମଗ୍ରୀ:** ଅଧା କିଲୋ ବେସନ, ୨୫୦ ଗ୍ରାମ୍ ଘିଅ, ଅଧା କିଲୋ ଚିନି, ଗୁଜୁରାତି ପାଉଡ଼ର, ଟିକି ଟିକି କଟା ହୋଇଥିବା ବାଦାମ ଓ କିସ୍‌ମିଶ୍ କିଛି।

**ପ୍ରସ୍ତୁତି:** ବେସନ ଲଡ୍ଡୁକୁ ପ୍ରସ୍ତୁତ କରିବା ପାଇଁ ସର୍ବ ପ୍ରଥମେ ଏହାକୁ ଚଲାଇ ରଖନ୍ତୁ। ଏହାପରେ କଡ଼ାରେ ଘିଅ ପକାଇ ବେସନକୁ ଧୀର ଆଞ୍ଚରେ ଭାଜନ୍ତୁ। ଯେତେବେଳେ ବେସନ ସୁନେଲୀ ରଙ୍ଗ ଧାରଣ କରିବ ସେତେବେଳେ ଏହାକୁ ଆଞ୍ଚ ଉପରକୁ ଆଣି ଏକ ଥାଳୀରେ ରଖନ୍ତୁ। ଏହାମଧ୍ୟରେ ଗୁଜୁରାତି ପାଉଡ଼ର ପାକଇ ଥଣ୍ଡା ହେବାକୁ ଦିଅନ୍ତୁ। ଯେତେବେଳେ ବେସନ ହାଲ୍‌କା ଉଷୁମ ଥିବ ସେତେବେଳେ ଚିନି, କିସ୍‌ମିଶ୍ ଓ କଟା ବାଦାମକୁ ପକାଇ ଲଡ୍ଡୁ ପ୍ରସ୍ତୁତ କରନ୍ତୁ।



# କାଠି ରୋଲ୍

ସାମଗ୍ରୀ: ଅଟା - ୧ କପ୍, ମଇଦା - ୧ କପ୍, ଦେଶୀ ଘିଅ - ୨-୩ ଚାମଚ, କଟା ହୋଇଥିବା ଟମାଟୋ - ୧ଟା, ଶିମଳା ଲଙ୍କା, ପନିର - ୨୦୦ ଗ୍ରାମ, ଛୋଟ ଛୋଟ କଟା ହୋଇଥିବା ପତ୍ର କୋବି - ୧ କପ, ଗ୍ରୀନ ମଟର - ୧ କପ୍, ତେଲ, ଜୀରା - ଛୋଟ ଚାମଚ, ହେଙ୍ଗୁ, ହଳଦୀଗୁଣ୍ଡ - ୧/୪ ଚାମଚ, ଧନିଆ ଗୁଣ୍ଡ - ୧ ଚାମଚ , କଞ୍ଚା ଲଙ୍କା - ୧/୨ଟି, ଛୋଟ ଛୋଟ ହୋଇ କଟା ହୋଇଥିବା ଅଦା, କଟା ହୋଇଥିବା ଧନିଆ ପତ୍ର - ୨ଚାମଚ, ଲଙ୍କା ଗୁଣ୍ଡ - ୧/୪ ଚାମଚ, ଲୁଣ ସ୍ୱାଦ ଅନୁସାରେ।

ପ୍ରସ୍ତୁତି: ଏକ ପାତ୍ରରେ ଅଟା ଏବଂ ମଇଦା ନିଅନ୍ତୁ, ସେଥିରେ ଲୁଣ ଏବଂ ପାଣି ମିଶାଇ ଭଲଭାବରେ ଦଳି ଦିଅନ୍ତୁ । ପରେ ଏହାକୁ ୨୦ ମିନିଟ ପର୍ଯ୍ୟନ୍ତ ଘୋଡ଼ାଇ ରଖିଦିଅନ୍ତୁ । ଏବେ ଏକ ପ୍ୟାନରେ ତେଲ ଗରମ କରନ୍ତୁ ଏବଂ ଗ୍ରୀନ ମଟର ପକାଇ ୧-୨ ମିନିଟ ପର୍ଯ୍ୟନ୍ତ ଭାଜନ୍ତୁ । ପରେ ପତ୍ର କୋବି ଏବଂ ଶିମଳା ଲଙ୍କା ପକାଇ ୫ମିନିଟ ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ, ଅଳ୍ପ କଞ୍ଚା ରଖି ଏହାକୁ ଏକ ପ୍ଲେଟରେ ବାହାର କରିଦିଅନ୍ତୁ । ପୁନଶ୍ଚ ପ୍ୟାନରେ ତେଲ ଗରମ କରି ଜୀରା ଏବଂ ହେଙ୍ଗୁ ପକାନ୍ତୁ । ପରେ ହଳଦୀ ପାଉଡର, ଧନିଆ ପାଉଡର, କଟା ହୋଇଥିବା ଟମାଟୋ, କଞ୍ଚା ଲଙ୍କା, ଅଦା ଏବଂ ଲଙ୍କା ଗୁଣ୍ଡ ପକାଇ କିଛି ସମୟ ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ । ସେଥିରେ ପନିର, ଲୁଣ ଏବଂ ଭଜା ହୋଇଥିବା ପରିବା ପକାଇ ଭଲଭାବରେ ଘାଣ୍ଟି ଦେବା ପରେ ଧନିଆପତ୍ର ପକାଇ ଦିଅନ୍ତୁ । ଏବେ ତାୱା ଗରମ କରି ଗରମ ଗରମ ପରଠା ପ୍ରସ୍ତୁତ କରନ୍ତୁ । ପରେ ପରଠା ମଧ୍ୟରେ ପୂର୍ବରୁ ପ୍ରସ୍ତୁତ ମସଲା ରଖି ଟୁଥ୍ ପିକ୍‌ରେ ବନ୍ଦ କରି କାଠି ରୋଲ୍ ପ୍ରସ୍ତୁତ କରନ୍ତୁ ।



# ରେଟ୍ରୋ ଆଇ ମେକ୍‌ଅପ୍




**ଷାଠିଏ ଦଶକର ରେଟ୍ରୋ ଆଇ ମେକ୍‌ଅପ୍ ପୁଣି ଥରେ ଫେଶନକୁ ଫେରିଛି। ଏହି ସିଜିନ୍‌ରେ ଏହା ଗ୍ଲୋବାଲ ଲେବଲ ଉପରେ ହିଟ୍। ଆପଣ ଚାହିଁଲେ ଏହି ନବରାତ୍ର ଅବସରରେ ରେଟ୍ରୋ ଆଇ ମେକ୍‌ଅପ୍‌କୁ କ୍ୟାରୀ କରି ପୁଣି ପୁରୁଣା ଫେଶନକୁ ଫେରାଇ ଆଣିବେ ଓ ନିଜକୁ ଦେଇ ପାରିବେ ଗ୍ରେସଫୁଲ ଲୁକ୍।**

ସମୟ ଅନୁସାରେ ଫେଶନବି ବଦଳି ଚାଲିଛି । ଯାହାଦିନେ ପୁରୁଣା ଥିଲା ତାହା ପୁଣି ନୂଆ ହୋଇ ଫେଶନ ଜଗତରେ ପାଦ ଥାପିଛି। ଆଜିର ସମୟରେ ଆଇ ମେକ୍‌ଅପ୍‌କୁ ଯଦି ତର୍ଜମା କରିବା ତେବେ ରେଟ୍ରୋ ଆଇ ମେକ୍‌ଅପ୍ ଜମାନା ସହିତ ପୁଣି ଫେଶନକୁ ଫେରିଛି ନୂଆ ହୋଇ। ୬୦ ଦଶକ ଭଳିବି ଆଜିର ସମୟରେ ସ୍କିନ୍ ଉପରେ ମ୍ୟାଟ୍ ଫିନିଶ୍ ଦିଆଯାଉଛି। ଏହି ମେକ୍‌ଅପ୍‌ଟି ଜଣକୁ ଏକଦମ୍ ଡ଼ିଫରେଣ୍ଟ ଓ ଗ୍ରେସ୍‌ଫୁଲ୍ ଲୁକ୍‌ଦେଇ ପାରିବ। ଏହି କାରଣରୁ ଆଜି ପୁରୁଣା ଜମାନାର ରେଟ୍ରୋ ଲୁକ୍‌କୁ ପ୍ରତ୍ୟେକ ବର୍ଗର ମହିଳାମାନେ ପସନ୍ଦ କରୁଛନ୍ତି।

### ନେଚୁରାଲ ଶେଡ଼୍



ଏହି ମେକ୍‌ଅପ୍‌ରେ ବ୍ଲସର୍ସ କମ୍ ବ୍ୟବହାର କରାଯାଏ, କେବଳ ନେଚୁରାଲ ଶେଡ଼୍ ବ୍ୟବହାର କରାଯାଇଥାଏ। ବିଗ୍‌ଡ଼୍‌ଆଇ ଲୁକ୍ ସହିତ ଡ୍ରାମାଟିକ୍ ଓ ହେଭି ଆଇ ମେକ୍‌ଅପ୍ ଆଜିର ସମୟରେ ଟ୍ରେଣ୍ଡରେ ରହିଛି। ଏହା ହେଉଛି ସେହି ଲୁକ୍ ,ଯାହାକୁକି ୬୦ ଦଶକରେ ଅଭିନେତ୍ରୀମାନେ କ୍ୟାରୀ କରୁଥିଲେ। ଏହି ଲୁକ୍ ନିଆନ୍ ଫିଚର୍ସ ଓ ଇଣ୍ଡିଆନ୍ ଡ୍ରେସ୍‌କୁ ଭାରି ମାନେ। ମହିଳାମାନେ ଏହି ଆଇ ମେକ୍‌ଅପ୍‌କୁ ବହୁତ ପସନ୍ଦ କରୁଥିବାର ଦେଖିବାକୁ ମିଳେ।

### ପଦ୍ଧତି

ପରଫେକ୍ଟ ରେଟ୍ରୋ ଆଇ କ୍ରିଏଟ୍ କରିବା ପାଇଁ ବେସ୍‌ରେ ଯେକୌଣସି ଭଲ ଫାଉଣ୍ଡେସନ ବ୍ୟବହାର କରନ୍ତୁ। ଯାହାଦ୍ୱାରାକି ସ୍କିନ୍ ଭିତରୁ ଗ୍ଲୋ ଦେଖାଯିବ। ସ୍କିନଷ୍ଟାନ୍‌ଭାବରେ ଅର୍ଥୀ ବା ପିଚ୍ ମ୍ୟାଟ୍ ବ୍ଲଶ୍ ସିଲେକ୍ଟ କରନ୍ତୁ। ମେକ୍‌ଅପ୍ ପାଇଁ ଭଲ କ୍ୱାଲିଟୀର ବ୍ଲଶ୍ ଓ ବ୍ରଶ୍ ବ୍ୟବହାର କରନ୍ତୁ। ଏହା ଉତ୍ତମ ରେଜଲ୍ଟ ଦେବ। ପ୍ରଥମେ କନ୍‌ସିଲର ବା ଆଇସ୍ୟାଡ଼ୋ ବେସ୍‌କୁ ବ୍ୟବହାର କରନ୍ତୁ। କାରଣ ଏହା ବୋଲ୍‌ଡ଼ ଲୁକ୍ ଦେବ, ଏଣୁ ୟେଲୋ ବା ହ୍ୱାଇଟ୍ ଭଳି ବ୍ରାଇଟ୍ ଶେଡ଼୍‌କୁ ବାଛନ୍ତୁ। ଏହି ଲୁକ୍ ଆପଣଙ୍କୁ ଲିପ୍‌ଗ୍ଲସ୍, ଫ୍ରାଷ୍ଟେଡ଼୍ ଲିପ୍‌ଷ୍ଟିକ୍, ମ୍ୟୁଟେଡ଼୍‌ବ୍ଲଶର କଲର୍ସ, ଆଇ ଲାଇନର, ଆଇସ୍ୟାଡ଼େ ଓ ମସ୍କରା ଦରକାର। ଚେହେରାରେ ନେଚୁରାଲ ଗ୍ଲୋ ପାଇଁ ପିଚ୍ ଓ ଲାଇଟ୍‌ପିଙ୍କ ବ୍ଲଶର ବ୍ୟବହାର କରନ୍ତୁ। ଏଥିପାଇଁ ଥିକ୍ ଆଇ ଲାଇନର ସହିତ ଅପର ଆଇ ଲିଡ଼୍‌ସ୍‌କୁ କିଛି ବାହାର ଓ ଉପରକୁ ଆଡ଼କୁ ବିସ୍ତରୀତ କରି ଲଗାନ୍ତୁ। ଲୋଅର ଲିଡ଼୍ ତଳେ କେବଳ ଡ଼ାର୍କ ଆଇ ଲାଇନିଂ ବ୍ୟବହାର କରନ୍ତୁ। ଯଦି ଆପଣଙ୍କୁ ଲାଇଟ୍ ଇଫେକ୍ଟ ଦରକାର, ତେବେ ଲୋଅର ଆଇ ଲିଡ଼୍‌ସ୍‌ରେ ଲାଇନର ଆପ୍ଲାଇ କରିବାପରେ ଏହାକୁ ଆଇସ୍ୟାଡ଼େ ସହିତ ମିକ୍ସ କରିପାରିବେ।

### ମସ୍କରା

ମସ୍କରା ଆପଣଙ୍କ ଆଖିକୁ ବଡ଼ କରିବାରେ ହେଲ୍ପ କରିଥାଏ। ଏଥିପାଇଁ ଆପଣ ଅଧିକ ମସ୍କରାବି ଲଗାଇ ପାରିବେ। ଯଦି ଆପଣ ଫେକ୍ ଆଇଲେଶୋଜ୍ ୟୁଜ୍‌କରିବାକୁ ଚାହାନ୍ତି, ତେବେ ଆଇଲେସ୍ କଲର ବା ଏକ୍ସଟେନ୍‌ସନ୍‌ର ହେଲ୍ପ ନେଇ ପାରିବେ। ଏହାପରେ ରେଟ୍ରୋ ଲୁକ୍ ପାଇଁ ଅପର ଓ ଲୋଅର ଲେଶୋଜ୍ ଉପରେ ବହୁତ ମସ୍କରା ଆପ୍ଲାଏ କରନ୍ତୁ।

### ଲିପ୍ ମେକ୍‌ଅପ

ରେଟ୍ରୋ ଆଇ ମେକ୍‌ଅପ୍ ସହିତ ଗ୍ଲସ୍ ଓ ଶିମର ଆଜିକାଲି ବହୁତ ପପୁଲାରିଟୀ ଲାଭ କରିଛି। ଏହାଛଡ଼ା ନ୍ୟୁଡ଼୍ ଲୁକ୍‌ର ଲିପ୍ ମେକ୍‌ଅପ୍‌କୁ ବି ପସନ୍ଦ କରାଯାଉଛି। ଆପଣ ଚାହିଁଲେ ଡ଼େ ମେକ୍‌ଅପ୍ ପାଇଁ ଲିସ୍ପ ସକାଶେ ନ୍ୟୁଟ୍ରାଲ ଲୁକ୍‌କୁ ୟୁଜ୍ କରନ୍ତୁ ଏଥିପାଇଁ ଆପଣଙ୍କ ନିକଟରେ ଲାଇଟ୍‌ପିଙ୍କ, ବେଜ୍, ଲିଲେକ୍ ଓ ମାଓ କଲର୍ସର ଅପ୍ସନ ରହିଛି। ପଲିଂହିଟ୍ ସହିତ ଏହା ଆହୁରି ନ୍ୟୁଟ୍ରାଲ ଲାଗିବ। ଏହାକୁ ଲଗାଇବା ପୂର୍ବରୁ ଓଠରେ ଯେକୌଣସି ଭଲ ଲିପ୍‌ବାମ୍ ଲଗାନ୍ତୁ। ଏହାଦ୍ୱାରା ମ୍ୟାଟ୍ ଫିନିଶ୍ ଦେଖାଯିବ। ଏହିଭଳି ଭାବରେ ଆପଣଙ୍କର ରେଟ୍ରୋ ଲୁକ୍ କମ୍ପ୍ଲିଟ୍ ହୋଇପାରିବ।

# ୱାରେ ଏନର୍ଜିସ୍ ଲିମିଟେଡ୍ ପକ୍ଷରୁ ସେବି ନିକଟରେ ଡିଆର୍‌ଏଚ୍‌ପି ଦାଖଲ

**ଭୁବନେଶ୍ୱର, (ବ୍ୟୁରୋ):** ଭାରତରେ ସୋଲାର ପିଭି ମଡ୍ୟୁଲ୍‌ର ସର୍ବବୃହତ ନିର୍ମାତା ୱାରେ ଏନର୍ଜିସ୍ ଲିମିଟେଡ୍ ପକ୍ଷରୁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ୍ ହେରିଂ ପ୍ରୋସପେକ୍ଟସ (ଡିଆର୍‌ଏଚ୍‌ପି) ଦାଖଲ କରାଯାଇଛି। କଂପାନି ଇନିସିଆଲ୍ ପବ୍ଲିକ୍ ଅଫର ଜରିଆରେ ୩,୦୦୦ କୋଟି ଟଙ୍କାର ନୂଆ ଇକ୍ୱିଟି ସେୟାର ଜାରି କରିବାକୁ ଥିବା ବେଳେ ଅଫର ଫର ସେଲ୍‌ରେ ୩,୨୦୦,୦୦୦ ଇକ୍ୱିଟି ସେୟାର ବିକ୍ରି କରାଯିବ। ଏହି ଅଫର ଫର ସେଲ୍‌ରେ ୱାରେ ସଷ୍ଟେନେବଲ୍ ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍ (ପୂର୍ବରୁ ମହାବୀର ଥର୍ମୋଇକ୍ୱିପ୍ ପ୍ରାଇଭେଟ୍ ଲିମିଟେଡ୍ ନାମରେ ଜଣାଶୁଣା) ଦ୍ୱାରା ୨,୭୦୦,୦୦୦ ଇକ୍ୱିଟି ସେୟାର, ଚାନ୍ଦୁରକର ଇନଭେଷ୍ଟମେଂଟ୍‌ସ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ୪,୫୦,୦୦୦ ଇକ୍ୱିଟି ସେୟାର ଏବଂ ସମୀର ସୁରେନ୍ଦ୍ର ଶାହାଙ୍କ ଦ୍ୱାରା ୫୦,୦୦୦ଇକ୍ୱିଟି ସେୟାର ରହିଛି। ଓଡ଼ିଶାରେ ୬ ଗିଗାୱାଟ୍ ଇନ୍‌ଗଟ୍ ୱେଫର, ସୋଲାର ସେଲ୍ ଏବଂ ସୋଲାର ପିଭି ମଡ୍ୟୁଲ୍ ଉତ୍ପାଦନ କାରଖାନା ପ୍ରତିଷ୍ଠା ପାଇଁ ଓ ଅବଶିଷ୍ଟ ରାଶିକୁ ସାଧାରଣ କର୍ପୋରେଟ୍ କାର୍ଯ୍ୟରେ ବ୍ୟବହାର କରିବାକୁ କଂପାନି ପ୍ରସ୍ତାବ ରଖିଛି। ଏହି ଇସ୍ୟୁର ବୁକ୍ ରନିଂ ଲିଡ୍ ମ୍ୟାନେଜର ହେଉଛନ୍ତି ଆକ୍ସିସ କ୍ୟାପିଟାଲ ଲିମିଟେଡ୍, ଆଇଆଇଏଫଏଲ ସିକ୍ୟୁରିଟିଜ୍ ଲିମିଟେଡ୍, ଜେଫରିଜ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍, ନୋମୁରା ଫାଇନାନ୍ସିଆଲ୍ ଆଡଭାଇଜରି ଆଣ୍ଡ , ସିକ୍ୟୁରିଟିଜ୍ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍, ଏସ୍ ବିଆଇ କ୍ୟାପିଟାଲ୍ ମାର୍କେଟ୍ସ ଲିମିଟେଡ୍, ଇନଟ୍ରେନ୍ସିଭ୍ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଆଇଟିଆଇ କ୍ୟାପିଟାଲ ଲିମିଟେଡ୍। ବଜାରରେ ଗୁଣାତ୍ମକ, ଶସ୍ତା ସ୍ଥାୟୀ ଶକ୍ତି ସମାଧାନ ପ୍ରଦାନ କରିବା ଏବଂ ନିରନ୍ତର ଶକ୍ତିର ମାର୍ଗ ପ୍ରଶସ୍ତ କରିବା ଉଦ୍ଦେଶ୍ୟରେ ସୌର ପିଭି ମଡ୍ୟୁଲ୍ ଉତ୍ପାଦନ ଉପରେ ଧ୍ୟାନ କେନ୍ଦ୍ରିତ କରି ୱାରେ ଏନର୍ଜିସ୍ ଲିମିଟେଡ୍ ୨୦୦୭ରେ କାର୍ଯ୍ୟ ଆରମ୍ଭ କରିଥିଲା। ଆଜି, କମ୍ପାନି ଭାରତରେ ସୌର ପିଭି ମଡ୍ୟୁଲର ସର୍ବବୃହତ ଉତ୍ପାଦନକାରୀ ଯାହାର , ଜୁନ୍ ୩୦, ୨୦୨୩ ସୁଦ୍ଧା ସମୁଦାୟ ୧୨ ଗିଗାୱାଟ କ୍ଷମତା ରହିଛି । ୨୦୨୩ ଆର୍ଥିକ ବର୍ଷ ପାଇଁ କମ୍ପାନିର ଭାରତର ସମସ୍ତ ଘରୋଇ ସୌର ପିଭି ମଡ୍ୟୁଲ୍ ନିର୍ମାତାମାନଙ୍କ ମଧ୍ୟରେ ଦ୍ୱିତୀୟ ଶ୍ରେଷ୍ଠ ପରିଚାଳନା ଆୟ ଥିଲା । ସୌର ଶକ୍ତି ଉତ୍ପାଦର ପୋର୍ଟଫୋଲିଓ ରେ ଥିବା ପିଭି ମଡ୍ୟୁଲ୍‌ଗୁଡ଼ିକ ହେଉଛି ମଲ୍ଟିକ୍ରିଷ୍ଟଲାଇନ୍ ମଡ୍ୟୁଲ୍; ମୋନୋକ୍ରିଷ୍ଟ ଲାଇନ୍ ମଡ୍ୟୁଲ୍; ଟପ୍‌କନ୍ ମଡ୍ୟୁଲ୍, ଯେଉଁଥିରେ ନମନୀୟ ମଡ୍ୟୁଲ୍ ଅନ୍ତର୍ଭୁକ୍ତ ଯେଉଁଥିରେ ବାଇଫେସିଆଲ୍ ମଡ୍ୟୁଲ୍ (ମୋନୋ ପିଆରସି) (ଫ୍ରେମ ଏବଂ ଅଣଫ୍ରେମଡ୍) ଏବଂ ସମନ୍ୱିତ ଫଟୋ ଭୋଲ୍ଟାଇକ୍ (ବିଆଇପିଭି) ମଡ୍ୟୁଲ୍ ନିର୍ମାଣ ଅନ୍ତର୍ଭୁକ୍ତ।



# ଉତ୍କଳ ଗୌରବ ନୁହେଁ ଭାରତ ଗୌରବ

**ଭୁବନେଶ୍ୱର, (ବ୍ୟୁରୋ):** ଉତ୍କଳ ସମ୍ମିଳନୀର ୧୨୦ ବର୍ଷ ପୂର୍ତ୍ତି ତଥା ୧୨୧ ତମ ପ୍ରତିଷ୍ଠା ଦିବସ ଅବସରରେ ରାଜ ଭବନ ଛକରେ ଥିବା ସମ୍ମିଳନୀର ପ୍ରତିଷ୍ଠାତା ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳ ସମ୍ମିଳନୀ ମାର୍ଗରେ ଥିବା ସମ୍ମିଳନୀର ପ୍ରଥମ ସଭାପତି ମୟୁରଭଞ୍ଜ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ଏହି ଅବସରରେ ମୁଖ୍ୟ ଅତିଥୀ ଭାବେ ପଞ୍ଚାନନ କାନୁନଗୋ ଓ ସମ୍ମାନୀତ ଅତିଥୀ ଭାବେ ଉପଦେଷ୍ଟା ପଦ୍ମ ଚରଣ ନାୟକ, ସୀତା ବଲ୍ଲଭ ମହାପାତ୍ର ଓ ପ୍ରବୀର ମହାନ୍ତି ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନଙ୍କୁ ଭାରତ ଗୌରବ କହିବା ଉଚିତ ହେବ ବୋଲି କହିଥିଲେ । ଏହି ସଭାରେ ସମ୍ମିଳନୀର ସଭାପତି ଅନନ୍ତ ପ୍ରସାଦ ଜେନା ସଭାପତିତ୍ୱ କରିଥିବା ବେଳେ ଉତ୍କଳ ସମ୍ମିଳନୀ ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ-ସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର ଓ ବିଚିତ୍ରାନନ୍ଦ ସାହୁ, ଭୁବନେଶ୍ୱର ଶାଖା ସଭାପତି ସୁବ୍ରତ ମହାପାତ୍ର, ମଞ୍ଚେଶ୍ୱର ଶାଖା ଉପଦେଷ୍ଟା ନିମାଇଁ ଚରଣ ଦାସ, ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ଯୁଗ୍ମ-ସଂପାଦକ ସିଧାର୍ଥ ଶଙ୍କର ଗଡନାୟକ ଓ ଅକ୍ଷୟ ଜେଠୀ, ବାସନ୍ତି ତ୍ରିପାଠୀ, ପ୍ରସନ୍ନ ରଥ, ପ୍ରକାଶ ସାମଲ, ଦୀପ୍ତିମୟୀ ନାୟକ, ସମରନ ମହାନ୍ତି, ରାମ ଚନ୍ଦ୍ର ସାମଲ ଓ ଶ୍ୱେତାଙ୍କ ମିଶ୍ର ସହିତ ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଳି ଜ୍ଞାପନ କରିଥିଲେ।



# ଜଗା ଚାକର ସଂଘ ପୁରୀ ପକ୍ଷରୁ ଅବଢ଼ାସେବା



**ପୁରୀ, (ବ୍ୟୁରୋ):** ଅଦ୍ୟ ତା-୦୧-୦୧-୨୦୨୪ ରିଖ ସୋମବାର ଦିନ ' ଜଗା ଚାକର ସଂଘ' ପକ୍ଷରୁ ପୁରୀ ଶ୍ରୀଜଗନ୍ନାଥଙ୍କ ଅବଢା ମୋହିନୀ ପ୍ରମିଳା ଜରାଶ୍ରମ, ରସୁଲଗଡ, ଭୁବନେଶ୍ୱରଠାରେ ବଂଟନ କରାଯାଇଥିଲା । ଏଥିରେ ଉପସ୍ଥିତ ଥିଲେ ଜଗା ଚାକର ସଂଘର ମୁଖ୍ୟ ଉପଦେଷ୍ଟା ଶ୍ରୀଯୁକ୍ତ ପ୍ରକାଶ କୁମାର ସାହୁ, ଅଭୟ କୁମାର ପରିଡା, ପ୍ରତାପ ନାୟକ, ଆଲୋକ ଜେନା, କନକ ପ୍ରଭା ପରିଡା, ଜୟନ୍ତୀ ନାୟକ, ପ୍ରିୟଦର୍ଶନୀ ନାୟକ, ନିରୂପମା ପଣ୍ଡା, ପ୍ରଭାଶିନୀ ମହାପାତ୍ର ପ୍ରଭୃତି ଉପସ୍ଥିତ ଥିବାବେଳେ ଜରାଶ୍ରମର ଅଧିକାରୀ ଶ୍ରୀଯୁକ୍ତ ଆକାଶ ନାୟକଙ୍କ ସହିତ କେତେକ ଜରାଶ୍ରମର ସେବା ବିଷୟରେ ଆଲୋଚନା କରିଥିଲେ । ଏଠାରେ ଥିବା ପ୍ରାୟ ୪୨ ଜଣଙ୍କୁ ଅବଢା ବଂଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜରାଶ୍ରମରେ ରହୁଥିବା ଭାଇ ଭଉଣୀମାନେ ଅତ୍ୟନ୍ତ ଖୁସି ହୋଇ ଭବିଷ୍ୟତରେ ପୁଣି କିପରି ବିଭିନ୍ନ ସେବା ପାଇବେ ସେ ବିଷୟରେ ଆଲୋଚନା କରିଥିଲେ । ପରିଶେଷରେ ସଂଘର ଉପଦେଷ୍ଟା ପ୍ରକାଶ ଭାଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବିଭିନ୍ନ ଦୁଃଖ ସମୟରେ ହୃଦୟରେ ଆରାଧନା କଲେ ସେ ହିଁ କେବଳ ଦୁଃଖ ଦୂର କରିପାରିବେ ବୋଲି ମତ ରଖୁଥିଲେ ।

# କନିକା ପ୍ରଜା ଆନ୍ଦୋଳନ ପାଇଁ ବିପ୍ଳବୀ ଚକ୍ରଧରଙ୍କ ଜୀବନ ସମର୍ପିତ ଥିଲା

**ଭୁବନେଶ୍ୱର, (ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ କନିକା ପ୍ରଜାମଣ୍ଡଳ ଆନ୍ଦୋଳନ ନେତା ବିପ୍ଳବୀ ଚକ୍ରଧର ବେହେରାଙ୍କ ୫୧ତମ ଶ୍ରାଦ୍ଧୋତ୍ସବ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ରାଜଭବନ ସମ୍ମୁଖସ୍ଥ ତାଙ୍କ ପ୍ରତିମୂର୍ତି ସ୍ଥଳୀରେ ସ୍ୱତନ୍ତ୍ର କର୍ତବ୍ୟରତ ଅଧିକାରୀ କ୍ଷୀତିଶ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଅଛି । ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରା ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ । ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ବନ୍ଦନା ଗାନ କଲାପରେ ଶିକ୍ଷାବିତ କାମଦେବ ମହାପାତ୍ର କବିତା ଆବୃତି କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଶିଷ୍ଟ ସ୍ତମ୍ଭକାର, ସୁଲେଖକ ଡକ୍ଟର ଗୌରହରି ଦାସ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ଆବାହକ ରବି ନାରାୟଣ ନନ୍ଦ, ସଂଯୋଜକ ପ୍ରବୀର ମହାନ୍ତି, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଡକ୍ଟର ରଙ୍ଗାଧର ସାହୁ, ଗୋପବନ୍ଧୁ ପ୍ରେମୀ ସଂଜୟ କୁମାର ପରିଡ଼ା, ସାମାଜିକ କର୍ମୀ ସନାତନ ବେହେରା, ଲକ୍ଷ୍ମୀଧର ମହାଭୋଇ, ସର୍ବଭାରତୀୟ ଯାଦବ ମହାସଭାର ଉପସଭାପତି ପ୍ରଫୁଲ୍ଲ କୁମାର ଦାସ, ଶିକ୍ଷାବିତ ଡକ୍ଟର ନଗେନ୍ଦ୍ରନାଥ ମିଶ୍ର, ଉଇ ଫର ଭୁବନେଶ୍ୱର ପକ୍ଷରୁ ନରେନ୍ ସାହୁ, ହାଡ଼ିବନ୍ଧୁ ବେଉରିଆ, ପୂର୍ବତନ କର୍ପୋରେଟର ସଂଯୁକ୍ତା ମହାନ୍ତି, ସ୍ୱର୍ଗତ ବେହେରାଙ୍କ ଆତ୍ମୀୟ ସ୍ୱଜନ ବୀରେନ୍ଦ୍ର କୁମାର ମହାନ୍ତ, ସୁଲୋଚନା ମାହୁନ୍ତ, ପ୍ରତାପ ନାୟକ, ସୁରେନ୍ଦ୍ର କୁମାର ମାହୁନ୍ତ, ସ୍ୱପ୍ନଶ୍ରୀ ମାହୁନ୍ତ, ଦୀଲିପ କୁମାର ଦାସ, ମଞ୍ଜୁଶ୍ରୀ ଦାସ, ସବିତା ମହାପାତ୍ର, ବିଭାଗର ଉପଶାସନ ସଚିବ ମାଥିଆସ୍ ତିର୍କୀ, ଜୟ ଓଡ଼ିଶା ସଭ୍ୟବୃନ୍ଦ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ ଦେଶ ସ୍ୱାଧୀନତା ପୂର୍ବରୁ ବ୍ରିଟିଶ୍ ସରକାରଙ୍କ ଅଧିନରେ ଥିବା ରାଜା ଓ ଜମିଦାରମାନେ ପ୍ରଜାଙ୍କଠାରୁ କର ଆଦାୟ କରି ବ୍ରିଟିଶ୍ ତରଫରୁ ଶାସନ କାର୍ଯ୍ୟ ସମ୍ପାଦନ କରୁଥିଲେ । ବହୁ ରାଜା ଓ ଜମିଦାରମାନେ ପ୍ରଜା ଶୋଷଣ କରିବା ସହ ପ୍ରଜାଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥିଲେ । ତନ୍ମଧ୍ୟରୁ କନିକା ଥିଲା ଅନ୍ୟତମ । କନିକାର ପ୍ରଜା ଶୋଷଣ ଘଟଣା ସମଗ୍ର ଭାରତ ବର୍ଷରେ ଚହଳ ପକାଇଥିଲା। ମହାତ୍ମା ଗାନ୍ଧୀ ପ୍ରଜାଙ୍କୁ ଅତ୍ୟାଚାରରୁ ମୁକ୍ତି ଦେବାପାଇଁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କୁ କନିକା ପଠାଇଥିଲେ ଏବଂ ଗୋପବନ୍ଧୁ ମଧ ଭାଗୀରଥି ମହାପାତ୍ରଙ୍କ ସହିତ ଗିରଫ ହେବା ସଂଗେସଂଗେ ଦୁଇଜଣଙ୍କୁ ହାତକଡି ପକାଯାଇଥିଲା । ଏହି ପରିବେଶରେ ପ୍ରଜାମାନଙ୍କୁ ଶୋଷଣମୁକ୍ତ କରିବାକୁ ଚକ୍ରଧର ବେହେରା, ରାଜକର୍ମଚାରୀ ପଦବୀ ତ୍ୟାଗ କରି ରାଜାଙ୍କ ବିରୁଦ୍ଧରେ ଏକ ଦୁର୍ବାର ପ୍ରଜା ଆନ୍ଦୋଳନ ଗଢ଼ିତୋଳିଥିଲେ ।



# ଭୁବନେଶ୍ୱରରେ ବିଶ୍ୱ ପ୍ରାର୍ଥନା ଦିବସ ପାଳନ

**ଭୁବନେଶ୍ୱର, (ବ୍ୟୁରୋ):** ବିଶ୍ୱରେ ଶାନ୍ତି, ମୈତ୍ରୀ, ସୌହାର୍ଦ୍ଦ୍ୟ,ସୁସ୍ଥ,ଭାତୃଭାବ ଏବଂ ମଙ୍ଗଳ ନିମନ୍ତେ ଆଜି ଭୁବନେଶ୍ୱରର ବିଭିନ୍ନ ଧର୍ମାନୁଷ୍ଠାନ, ମଠ, ମନ୍ଦିର, ଶିକ୍ଷାନୁଷ୍ଠାନ ଏବଂ ସାମାଜିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କରେ ଅତି ପବିତ୍ର ଏବଂ ନିଷ୍ଠାର ସହ ସମବେତ ପ୍ରାର୍ଥନା କରାଯାଇ ପ୍ରସ୍ତାବିତ ବିଶ୍ୱ ପ୍ରାର୍ଥନା ଦିବସ ପାଳନ କରାଯାଇଛି। ଏହି ଅବସରରେ ୟୁନିଟ- ୨ ସ୍ଥିତ ଦିବ୍ୟଜୀବନ ସଙ୍ଘ,ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ରଠାରେ ସାର୍ବଜନୀନ ଭାବେ ସାମୁହିକ ପ୍ରାର୍ଥନା କରାଯାଇଥିଲା । ପ୍ରାତଃ ୬ଘଟିକା ସମୟରେ ପ୍ରାରମ୍ଭିତ କାର୍ଯ୍ୟକ୍ରମରେ ସ୍ୱାମୀ ଶିବାନନ୍ଦଙ୍କ ବିଶ୍ୱବନ୍ଦନା ପ୍ରାର୍ଥନା, ଜଗନ୍ନାଥ ସହସ୍ର ନାମ ସହ ବିଭିନ୍ନ ଭାଷା ଏବଂ ଧର୍ମର ପ୍ରାର୍ଥନା କରାଯାଇଥିଲା। ଶିବାନନ୍ଦ ଆଶ୍ରମର ସନ୍ୟାସୀ ବ୍ରହ୍ମାତ୍ମା ନନ୍ଦ ସରସ୍ୱତୀ ସଭାପତି ରାଧେଶ୍ୟାମ ଦାସ ଓ ତାଙ୍କ ଧର୍ମପତ୍ନୀ ଅନ୍ନପୂର୍ଣ୍ଣା ଦାଶଙ୍କ ପରିଚାଳନାରେ ଏବଂ ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଶିକ୍ଷାବିତ ସର୍ବଶ୍ରୀ ବିଜୟ କୁମାର ସ୍ୱାଇଁ, ନିରଞ୍ଜନ ପଣ୍ଡା,ଟୁଲୁବାବୁ, ରମେଶ ମହାପାତ୍ର, ବର୍ଷିଆନ ସାହିତ୍ୟିକା ଓ ଧର୍ମପ୍ରାଣ ମହିଳା ଶୈଳବାଳା ମିଶ୍ର ପ୍ରମୁଖ ଶତାଧିକ ପ୍ରାର୍ଥନା ପ୍ରେମୀ ଭକ୍ତଗଣ ଯୋଗଦେଇ କାର୍ଯ୍ୟକ୍ରମଟିକୁ ସଫଳ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ପ୍ରାର୍ଥନା ପରିଚାଳନା କମିଟିର ସଭ୍ୟ ସମାଜସେବୀ ମନୋରଂଜନ ମହାନ୍ତି ସଂଯୋଜନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ କେନ୍ଦ୍ରାପଡା ଜିଲ୍ଲା ଗରାପୁର ଗ୍ରାମର ଶିବାନନ୍ଦ ଆଶ୍ରମର ଅଧକ୍ଷା ସ୍ୱାମୀ ଶ୍ରୀମା ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କଦ୍ୱାରା ଆହୁତ ଉକ୍ତ କାର୍ଯ୍ୟକ୍ରମ ଦୀର୍ଘ ୫ବର୍ଷ ହେବ ସାରା ରାଜ୍ୟର ବିଭିନ୍ନ ସ୍ଥାନରେ ଜାନୁଆରୀ ପହିଲାରେ ପାଳିତ ହୋଇଆସୁଥିବା ବେଳେ ଚଳିତ ବର୍ଷ ମଧ କେନ୍ଦ୍ରାପଡାରେ ମାତା ମା'ଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା।

# ଅପରିପକ୍ୱ ବିଜେଡି ସରକାର ଆଦିବାସୀ ବିରୋଧୀ: ବଳଭଦ୍ର ମାଝୀ

**ଭୁବନେଶ୍ୱର, (ବ୍ୟୁରୋ):** ଗତ ୨୧ଡିସେମ୍ବର ୨୦୨୩ରେ ରାୟଗଡା ଜିଲ୍ଲା ଚନ୍ଦ୍ରପୁରର ମା'ଗୃହରେ ଜଣେ ଆଦିବାସୀ ଦିବ୍ୟାଙ୍ଗ ଯୁବତୀ ଲକ୍ଷ୍ମୀ ମାଝୀଙ୍କୁ ମାରି ଦେଇଥିବା ଘଟଣାକୁ ନେଇ ରାଜ୍ୟ ସରକାର ସମ୍ବେଦନଶୀଳତା ହରାଇଥିବା ଏକ ଦୁର୍ଭାଗ୍ୟଜନକ। ହତ୍ୟାକୁ ୧୦ଦିନ ବିତିଯାଇଥିଲେ ମଧ ବର୍ତମାନ ବ୍ୟବଚ୍ଛେଦ ରିପୋର୍ଟ ନମିଳିବା ଓ ପୋଲିସ ଏଯାଏଁ କାହାକୁ ଗିରଫ ନକରିବା ଚିନ୍ତନୀୟ। ମୃତ ଆଦିବାସୀ ଯୁବତୀଙ୍କ ଶରୀର ଚନ୍ଦ୍ରପୁର ସିଏଚସି ମେଡିକାଲ କମ୍ପାଉଡ ଭିତରେ ମିଳିଛି। ମର ଶରୀର ମେଡିକାଲ ପରିସରରୁ ୨ଶହ ମିଟର, ମା'ଗୃହରେ ରହୁଥିବା ଅନ୍ୟ ଭଉଣୀମାନଙ୍କ ଗୃହରୁ ମାତ୍ର ୧୦ମିଟର, ମା'ଗୃହର ଅଧକ୍ଷଙ୍କ ବାସଭବନଠାରୁ ମାତ୍ର ୩୦ମିଟର ଏବଂ ଚନ୍ଦ୍ରପୁର ଥାନାଠାରୁ ମାତ୍ର ୨ଶହ ମିଟର ଦୂରତାରେ ମିଳିଛି। ବସତି ସ୍ଥାପନାଭରା ଏହି ଅଂଚଳରୁ କେମିତି ଜଣେ ଯୁବତୀଙ୍କୁ ପୋଡିଦିଆଗଲା ଓ ତାର ସୁରାକ କେହି ପାଇଲେ ନାହିଁ ତାହା ବଡ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ମୃତା ଆଦିବାସୀ ଯୁବତୀଙ୍କ ଶରୀର ମଧ ସମ୍ପୂର୍ଣ୍ଣ ଜଳିନାହିଁ ଓ ଯେଉଁ କାନ୍ଥକୁ ଲାଗି ମୃତଶରୀର ଲାଗିଥିଲା ତାହାର ଶିଉଳୀ ମଧ ଜଳିନାହିଁ। ସନ୍ଧ୍ୟା ୪ରୁ ଆଦିବାସୀ ଯୁବତୀ ଜଣକ ମା'ଗୃହରୁ ବାହାରିଥିଲେ ମଧ ସଂଧ୍ୟା ୭.୩୦ରେ ପୋଡିହୋଇ ମୃତ୍ୟୁବରଣ କରିଥିବାର ଖବର ମିଳିଥିଲା । ସନ୍ଧ୍ୟା ସମୟ ଘଟଣାକୁ କେମିତି ଅନ୍ୟମାନେ ଜାଣିପାରିଲେ ନାହିଁ ବୋଲି ପୂର୍ବତନ ସାଂସଦ ଶ୍ରୀ ବଳଭଦ୍ର ମାଝୀ ପ୍ରଶ୍ନ କରିଛନ୍ତି। ଶାସନ, ପ୍ରଶାସନ ଓ ବିଜେଡି ସରକାରଙ୍କର ଆଦିବାସୀ ବିରୋଧୀ ଏବଂ ଆଦିବାସୀ ମାରଣନୀତିର ଉଦାହରଣ ଏହା ପ୍ରଥମ ନୁହେଁ। ଏହି ସରକାରଙ୍କ ଆଦିବାସୀମାରଣ ନୀତି 'କଳିଙ୍ଗନଗର'ରୁ ଆରମ୍ଭ ହୋଇଥିଲା। ଆଦିବାସୀ ଅଧ୍ୟୁଷିତ ଅଂଚଳରୁ କୋଟି କୋଟି ଟଙ୍କା ଖଣିରୁ ଆସୁଥିଲେ ମଧ ଆଦିବାସୀ ଅଂଚଳ ଓ ଆଦିବାସୀଙ୍କ ବିକାଶ ହେଲା ନାହିଁ। ଖଣି ଦୁର୍ନୀତିରେ 'ଶାହା କମିଶନ' ୬୫ହଜାର କୋଟି ଟଙ୍କାର ହେରଫେର ରିପୋର୍ଟ କରିଥିଲେ ମଧ ମାନ୍ୟବର ସୁପ୍ରିମକୋର୍ଟରେ ବିଜେଡି ସରକାରର କୋହଳ ମନବୃତି ଯୋଗୁଁ ଖଣି ମାଲିକମାନେ ଦୁର୍ନୀତି ପରିମାଣକୁ ୧୮ହଜାର ୫୦୦କୋଟି ଟଙ୍କାକୁ କମାଇବାରେ ସଫଳ ହୋଇଥିଲେ।

# ଉନ୍ମୋଚିତ ହେଲା ବିନୋବାଙ୍କ ରଚିତ ପୁସ୍ତକ ଗୀତା ପ୍ରବଚନ




**ଭୁବନେଶ୍ୱର, (ବ୍ୟୁରୋ):** ଅନ୍ନପୂର୍ଣ୍ଣା ମହାରାଣା ଥିଲେ ସାମାଜିକ ଜନଚେତନାର ଅନନ୍ୟ ସୂତ୍ରଧର। ତ୍ୟାଗ, ସେବା ଓ ତୀତିକ୍ଷାର ସେ ଥିଲେ ଅଗ୍ରୀମ ଯୋଦ୍ଧା। ଗାନ୍ଧୀଙ୍କ ପ୍ରଭାବରେ ସ୍ୱାଧୀନତା ସଂଗ୍ରାମରେ ବାନର ସେନାର ନେତୃତ୍ୱ ନେବା ହେଉ ଅବା ସର୍ବୋଦୟ ଆନ୍ଦୋଳନ ମାଧ୍ୟମରେ ଗାନ୍ଧିଜୀଙ୍କ ଅଠର ସୁତ୍ରୀ ରଚନାତ୍ମକ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତିଟି କ୍ଷେତ୍ରରେ ଅନ୍ନପୂର୍ଣ୍ଣା ମହାରାଣାଙ୍କ ଅବଦାନ ଅତୁଳନୀୟ ବୋଲି ଉତ୍କଳ ଗାନ୍ଧୀ ସ୍ମାରକ ନିଧି ପକ୍ଷରୁ ତାଙ୍କ ୧୧ତମ ଶ୍ରାଦ୍ଧବାର୍ଷିକୀରେ ଉପସ୍ଥିତ ବ୍ୟକ୍ତିବିଶେଷମାନେ ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତିଙ୍କ ଅଧକ୍ଷତାରେ ଭୁବନେଶ୍ୱର ଲୋହିଆ ଏକାଡେମୀ ଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଶୈଳଜ ରବି, ପ୍ରଫେସର ସ୍ୱାଧୀନ ପଟ୍ଟନାୟକ, ମନୋରଞ୍ଜନ ମହାନ୍ତି, ଦେବପ୍ରସାଦ ରାୟ, ମିହିର ପ୍ରତାପ ଦାସ, ପ୍ରମିଳା ସ୍ୱାଇଁ, ଡ଼. ସୁମିତ୍ରା ପଟେଲ, ବାଘାମ୍ବର ପଟ୍ଟନାୟକ, ଅପର୍ଣ୍ଣା ନାୟକ, ମହେନ୍ଦ୍ର ପରିଡା, ସୁରେଶ ପାଣିଗ୍ରାହୀ, ଗଙ୍ଗାଧର ଦନ୍ତା, ବ୍ରଜକିଶୋର ପ୍ରଧାନ, ପ୍ରିୟନାଥ ଆଚାର୍ଯ୍ୟ, ମଳୟ ତ୍ରିପାଠୀ, ଦିଲ୍ଲୀପ ବେହେରା, ଅମର କୁମାର ପାଲ ପ୍ରମୁଖ ଉପସ୍ଥିତ ରହିବା ସହ ବହୁମୁଖୀ ଅନ୍ନପୂର୍ଣ୍ଣାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସନ୍ଥ ବିନୋବାଙ୍କ ରଚିତ ତଥା ଅନ୍ନପୂର୍ଣ୍ଣା ମହାରାଣାଙ୍କ ଦ୍ୱାରା ଓଡ଼ିଆରେ ଅନୁବାଦିତ ବିଶ୍ୱପ୍ରସିଦ୍ଧ ପୁସ୍ତକ ଗୀତା ପ୍ରବଚନର ୧୩ତମ ସଂସ୍କରଣ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ମାନସ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡଃ ବିଶ୍ୱଜିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଏକ ବ୍ୟବସ୍ଥିତ ଏନ୍‌ବିଏଫ୍‌ସିରେ ପରିଣତ ହେବା ନିକଟତର ହେଉଛି ଅଦ୍ୱିକ କ୍ୟାପିଟାଲ

**ଭୁବନେଶ୍ୱର, (ବ୍ୟୁରୋ):** ନିଜର ଦୀର୍ଘାବଧି ବ୍ୟବସାୟ ରଣନୀତିର ଏକ ଅଂଶ ଭାବେ ଏବଂ ବିବିଧ କ୍ଷେତ୍ରକୁ ଏହାର ବ୍ୟବସାୟିକ ଆଗ୍ରହକୁ ବିସ୍ତାର କରିବା ପାଇଁ ଅଦ୍ୱିକ କ୍ୟାପିଟାଲ ଲିମିଟେଡ ପ୍ରାୟ ୧୧୦୦ ମିଲିୟନ ଟଙ୍କାର ମୋଟ ମୂଲ୍ୟ ଏବଂ ଆଜିର ତାରିଖାର ପ୍ରାୟ ୨୦୦୦ ମିଲିୟନ ଟଙ୍କାର ମୋଟ ସମ୍ପତି ସହିତ ଏକ ବ୍ୟବସ୍ଥିତ ଭାବେ ଗୁରୁତ୍ୱପୂର୍ଣ୍ଣ (ସିଷ୍ଟମାଟିକାଲି ଇମ୍ପୋର୍‌ଟାଂଟ୍) ଏନ୍‌ବିଏଫ୍‌ସିରେ ପରିଣତ ହେବାର ନିକଟତର ହୋଇଛି। ଏହି ସମ୍ମାନିତ ସ୍ଥିତି ହାସଲ କରିବା ପାଇଁ ଅଦ୍ୱିକ କ୍ୟାପିଟାଲ ମ୍ୟାନେଜମେଂଟ୍ ନିଜର ବ୍ୟବସାୟିକ ସମ୍ପ୍ରସାରଣ ରଣନୀତିକୁ କାର୍ଯ୍ୟକାରୀ କରିବା ଆରମ୍ଭ କରିଛି। ୨୦୨୫ ସୁଦ୍ଧା ଏକ ବ୍ୟବସ୍ଥିତ ଭାବେ ଗୁରୁତ୍ୱପୂର୍ଣ୍ଣ ଏନ୍‌ବିଏଫ୍‌ସି ଭାବେ ସ୍ୱୀକୃତି ହାସଲ କରିବା ପାଇଁ ଅଦ୍ୱିକ କ୍ୟାପିଟାଲର ରଣନୈତିକ ବ୍ୟବସାୟିକ ନିଷ୍ପତି, ଏହାର ଗ୍ରାହକଙ୍କୁ ଅଧିକ ଢାଂଚାଗତ ଉତ୍ପାଦ ପ୍ରଦାନ କରି ବିତୀୟ ବଜାରରେ ଏହାର ସ୍ଥିତିକୁ ସୁଦୃଢ଼ କରିବ। ଭାରତୀୟ ରିଜର୍ଭ ବ୍ୟାଙ୍କ ଏକ ଏନ୍‌ବିଏଫ୍‌ସିକୁ ବ୍ୟବସ୍ଥିତ ଭାବେ ଗୁରୁତ୍ୱପୂର୍ଣ୍ଣ ଏନ୍‌ବିଏଫ୍‌ସି ଭାବେ ସ୍ୱୀକୃତି ପ୍ରଦାନ କରିଥାଏ ଯେତେବେଳେ ଏହାର ସମ୍ପତି ପରିମାଣ ୫୦୦ କୋଟି ଟଙ୍କା କିମ୍ବା ତାହାଠାରୁ ଅଧିକ ହୋଇଥିବ। ବ୍ୟବସ୍ଥିତ ଭାବେ ଗୁରୁତ୍ୱପୂର୍ଣ୍ଣ ଏନ୍‌ବିଏଫ୍‌ସିଗୁଡିକୁ ଜଟିଳ ଓ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ଭାବେ ବିବେଚନା କରାଯାଇଥାଏ କାରଣ ସେଗୁଡିକର ସାମଗ୍ରିକ ଅର୍ଥନୀତିର ଆର୍ଥିକ ସ୍ଥିତି ଉପରେ ପ୍ରଭାବ ରହିଥାଏ। ଅଦ୍ୱିକ କ୍ୟାପିଟାଲ ଲିମିଟେଡ ମୁଖ୍ୟ ରୂପେ ଆର୍ଥିକ ଋଣ ଓ ସହାୟକ ସେବା ପ୍ରଦାନ କରିବା ବ୍ୟବସାୟ କ୍ଷେତ୍ରରେ ଜଡିତ ରହିଛି। କମ୍ପାନୀର ସମ୍ପୂର୍ଣ୍ଣ ମାଲିକାନାରେ ଥିବା ସହାୟକ କମ୍ପାନୀ ଏମ୍/ଏସ୍ ଅଦ୍ୱିକା ଫିନ୍‌ଭେଷ୍ଟ ଲିମିଟେଡ୍ ଭାରତରେ କ୍ୟାପିଟାଲ ମାର୍କେଟ ଇନ୍‌ଷ୍ଟ୍ରୁମେଂଟ୍‌ରେ ନିବେଶ କରିବା ବ୍ୟବସାୟରେ ଜଡିତ ରହିଛି।

# ସମୃଦ୍ଧଶୀଳ ଓଡ଼ିଶା ଗଠନ ହେଉଛି ନୂତନ ବର୍ଷର ଆହ୍ୱାନ : ମନମୋହନ ସାମଲ

**ଭୁବନେଶ୍ୱର, (ବ୍ୟୁରୋ):** ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଏବଂ ବିରୋଧୀ ଦଳ ନେତା ଶ୍ରୀ ଜୟନାରାୟଣ ମିଶ୍ର ଇଂରାଜୀ ନବ ବର୍ଷ ୨୦୨୪ ପାଇଁ ସମଗ୍ର ରାଜ୍ୟବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ପ୍ରାକୃତିକ ସମ୍ପଦରେ ଭରପୁର ଓଡ଼ିଶା ରାଜ୍ୟ। ଓଡ଼ିଶାର ଐତିହ୍ୟ, ସଂସ୍କୃତି, କଳା ଓ ଭାସ୍କର୍ଯ୍ୟ, ବିସ୍ତିର୍ଣ୍ଣ ବେଳାଭୂମିର ସ୍ୱତନ୍ତ୍ର ପରିଚୟ ରହିଛି କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହାର ଯଥାର୍ଥ ପରିଚୟ ସୃଷ୍ଟି ହୋଇପାରିଲା ନାହିଁ। 'ଦୁର୍ନୀତି, ଭ୍ରଷ୍ଟାଚାର,



ବ୍ୟଭିଚାର ମୁକ୍ତନ୍ତ ଏବଂ 'ସମୃଦ୍ଧଶୀଳ' ଓଡ଼ିଶା ଗଠନ ହେଉଛି ଆମ ସମସ୍ତଙ୍କ ପାଇଁ ନୂତନ ବର୍ଷର ଆହ୍ୱାନ ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି। ୨୦୨୪ ବର୍ଷ ସମସ୍ତଙ୍କ ପାଇଁ ଶୁଭମୟ, ଶାନ୍ତିମୟ, ମଙ୍ଗଳମୟ ଏବଂ ସମୃଦ୍ଧିମୟ ହେବାକୁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ଶ୍ରୀ ସାମଲ ଏବଂ ଶ୍ରୀ ମିଶ୍ର ପ୍ରାର୍ଥନା କରିଛନ୍ତି ।

# ଉତ୍କଳ ସମ୍ମିଳନୀର ୧୨୦ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ



**ଭୁବନେଶ୍ୱର,(ବ୍ୟୁରୋ):** ଉତ୍କଳ ସମ୍ମିଳନୀର ୧୨୦ ବର୍ଷ ପୂର୍ତ୍ତି ପ୍ରତିଷ୍ଠା ଦିବସ ଆଜି ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ କାର୍ଯ୍ୟାଳୟରେ ପାଳିତ ହୋଇ ପ୍ରଥମେ ସମ୍ମିଳନୀର ପ୍ରତିଷ୍ଠାତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ହେବା ପରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ସୌଦାମିନୀ ସାମନ୍ତରାୟ ଓ ସାଥୀ ମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ପ୍ରଦୀପ ପ୍ରଜ୍ୱଳନ କରି ପ୍ରତିଷ୍ଠା ଦିବସ ସମାରୋହକୁ ଉଦଘାଟନ କରି କହିଥିଲେ ଯେ, ଡାଡି ମମି ଡାକିବା ପରେ ବୋଉ ଡାକ ଆଉ ଶୁଣା ଯାଉନାହିଁ । ମୁଖ୍ୟ ଅତିଥୀ ଭାବେ ଯୋଗ ଦେଇ ବିଧାୟକ ସୌମ୍ୟରନ ପଟ୍ଟନାୟକ କହିଥିଲେ ଯେ, ଭାଷା ଓ ଭୁଗଳକୁ ରକ୍ଷା କରିବା ଉତ୍କଳ ସମ୍ମିଳନୀର ଦାୟୀତ୍ୱ । ଉତ୍କଳ ସମ୍ମିଳନୀ ପ୍ରମୁଖ ନାଗରିକ ସମାଜର ପ୍ରତିନିଧିତ୍ୱ କରୁ । ସେହିଭଳି ସମ୍ମାନୀତ ଅତିଥୀ ଭାବେ ଗାନ୍ଧୀବାଦୀ ନେତା ପଦ୍ମ ଚରଣ ନାୟକ ଯୋଗ ଦେଇ ମଦ ବନ୍ଦ କରିବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟତମ ସମ୍ମାନୀତ ଅତିଥୀ ଭାବେ ଭୃଗୁ ବସ୍କିପାତ୍ର ଓ ଅକ୍ଷୟ ଦାସ ଯୋଗ ଦେଇ ସମ୍ମିଳନୀକୁ ଆଗକୁ ନେବାକୁ ଦିଗଦର୍ଶନ ଦେଇଥିଲେ । ସମ୍ମିଳନୀର ସଭାପତି ଅଧିବକ୍ତା ଅନନ୍ତ ପ୍ରସାଦ ଜେନା ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭା ପରିଚାଳନା କରିଥିଲେ ଓ ଉପ-ସଭାପତି ଡ. ସୁରେନ୍ଦ୍ର ମିଶ୍ର ଅତିଥୀ ପରିଚୟ ପ୍ରଦାନ କରିଥିଲେ । ଏହି ସମାରୋହରେ ଉତ୍କଳ ସମ୍ମିଳନୀ ସମାଚାର ପତ୍ରିକା ଓ ରଶ୍ମୀପ୍ରଭା ସାହୁଙ୍କ ପୁସ୍ତକ କୃଷ୍ଣ ଓ କୃଷ୍ଣା ଉନ୍‌ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ମିଳନୀର ସମ୍ପାଦକ ପ୍ରଦୀପ ରାଉତରାୟ, ସମ୍ପାଦିକା ବାସନ୍ତୀ ସିଂ ଓ ବାସନ୍ତି ତ୍ରିପାଠୀ, ଭୁବନେଶ୍ୱର ଶାଖା ସଭାପତି ସୁବ୍ରତ ମହାପାତ୍ର, ମଞ୍ଚେଶ୍ୱର ଶାଖା ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ଓ ଯୁଗ୍ମ-ସଂପାଦକ ସିଧାର୍ଥ ଶଙ୍କର ଗଡନାୟକ ଝାରସୁଗୁଡା ଶାଖାରୁ ସାଧନା ସାମନ୍ତରାୟ ଓ କିରଣବାଳା ନାୟକ ସହଯୋଗ କରିଥିଲେ । ଶେଷରେ ଉପ-ସଭାପତି ବିଚିତ୍ରାନନ୍ଦ ସାହୁ ଧନ୍ୟବାଦ କରିଥିଲେ ।

# ଅଲଟିମେଟ ଖୋ ଖୋ ସିଜନ-୨ : ରାଜସ୍ଥାନ ୱାରିୟର୍ସ ବିରୋଧରେ ତେଲୁଗୁ ଯୋଦ୍ଧାସର ବୃହତ ବିଜୟ

**ଭୁବନେଶ୍ୱର, (ବ୍ୟୁରୋ):** ଅଲ୍ଟିମେଟ ଖୋ ଖୋ ସିଜନ ୨ରେ ଆଜି କଟକର ଜୱାହାରଲାଲ ନେହେରୁ ଷ୍ଟାଡିୟମରେ ଖେଳାଯାଇଥିବା ୨ୟ ମ୍ୟାଚରେ ତେଲୁଗୁ ଯୋଦ୍ଧାସ ନିଜର ୨ୟ ବିଜୟ ହାସଲ କରିଛି । ତେଲୁଗୁ ଯୋଦ୍ଧାସ, ୩୪-୨୭ର ବୃହତ ଅନ୍ତରରେ ରାଜସ୍ଥାନ ୱାରିୟର୍ସଙ୍କୁ ପରାଜିତ କରିଛି । ଏହି ପ୍ରତିଯୋଗିତାରେ ତେଲୁଗୁ ଯୋଦ୍ଧାସ ପାଇଁ ପ୍ରତିକ ୱାଇକର ୮ ପଏଂଟ ହାସଲ କରିଥିବା ବେଳେ ଆଦିତ୍ୟ ଗଣପୁଲେ ଓ ରାହୁଲ ମଣ୍ଡଳ ମିଳିତ ଭାବେ ମୋଟ ୧୨ ପଏଂଟ୍ ହାସଲ କରିଥିଲେ। ଆଦିତ୍ୟ ଓ ଆକାଶ ଟାଗୋର ମ୍ୟାଚରେ ୪ ମିନିଟରୁ ଅଧିକ ସମୟ ପର୍ଯ୍ୟନ୍ତ ରହି ବିଜୟ ପାଇଁ ଗୁରୁତ୍ୱପୂର୍ଣ୍ଣ ଡ୍ରିମ ରନ ବୋନସ ହାସଲ କରିଥିଲେ। ସେହିପରି ଆଜିର ପ୍ରଥମ ମ୍ୟାଚରେ ଚେନ୍ନାଇ କ୍ୱିକ ଗନ୍ସ, ଗୁଜରାଟ ଜିଆଂଟସକୁ ୩୫-୨୯ ପଏଂଟରେ ପରାଜିତ କରିଛି। ଏହି ମ୍ୟାଚ୍‌ରେ ରାମଜୀ କଶ୍ୟପ ୧୦ ପଏଂଟ ହାସଲ କରିବା ସହିତ ମ୍ୟାଟରେ ୪ ମିନିଟରୁ ଅଧିକ ସମୟ ପର୍ଯ୍ୟନ୍ତ ରହି ୫ଟି ଡ୍ରିମ ରନ ବୋନସ ପଏଂଟ ହାସଲ କରିଥିଲେ। ରାମଜୀଙ୍କ ଏହି ରେକର୍ଡ ସଂଖ୍ୟକ ଡ୍ରିମ ରନ ବୋନସ ପଏଂଟ ଚେନ୍ନାଇକୁ ସହଜ ବିଜୟ ପ୍ରଦାନ କରିଥିଲା। ଚେନ୍ନାଇ କ୍ୱିକ ଗନସ ଏବେ ଆସନ୍ତା ମଙ୍ଗଳବାର ଡିଫେଣ୍ଡିଂ ଚାମ୍ପିଅନ ଓଡିଶା ଜଗରନଟସକୁ ଭେଟିବ। ସେହିପରି ମୁମ୍ବାଇ ଖିଲାଡିସ, ଗୁଜରାଟ ଜିଆଂଟସ ବିରୋଧରେ ପ୍ରତିଦ୍ୱନ୍ଦିତା କରିବ। ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ ସହ ସହଭାଗିତାରେ ଅମିତ ବର୍ମନ୍‌ଙ୍କ ଦ୍ୱାରା ପରିକଳ୍ପିତ ଅଲ୍ଟିମେଟ୍ ଖୋ ଖୋ ପ୍ରଥମ ସଂସ୍କରଣରେ ଏକ ବଡ ସଫଳତାରେ ପରିଣତ ହୋଇଥିଲା, ଯାହାକି ଟେଲିଭିଜନ ଭ୍ୟୁୟରସିପ୍ ଦୃଷ୍ଟିରୁ ଭାରତର ୩ୟ ସର୍ବବ୍ୟହତ୍ ଅଣ-କ୍ରିକେଟ୍ ଲିଗ୍ ଭାବେ ଉଭା ହୋଇଛି। ଏହା ୟୁକେ ସ୍ଥିତ ବିଏନ୍‌ପି ଗ୍ରୁପ୍



ସୌଜନ୍ୟରେ ଏହା ସିରିଜ୍ ଏ ଫଣ୍ଡିଙ୍ଗ୍ ପ୍ରାପ୍ତ କରିଥିବା ପ୍ରଥମ ଇଣ୍ଡିଆନ୍ ସ୍ପୋର୍ଟସ୍ ଲିଗ୍ ହେବାର ସ୍ୱତନ୍ତ୍ରତା ହାସଲ କରିଥିଲା। ଏହାର ୨ୟ ସଂସ୍କରଣରେ ପଏଂଟ ବ୍ୟବସ୍ଥାରେ ଏକସମାନତା ପ୍ରଚଳନ କରାଯାଇଛି ଯେଉଁଥିରେ ଦଳଗୁଡ଼ିକୁ ସମସ୍ତ ଆକ୍ରମଣାତ୍ମକ ପଦକ୍ଷେପ ପାଇଁ ଦୁଇ ପଏଂଟ ଦାୟୀ କରାଯିବ। ସେହିପରି ପ୍ରତିଦିନ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରୁ ଆରମ୍ଭ ହେଉଥିବା ଦୁଇଟି ମ୍ୟାଚ୍‌ର ଲାଇଭ୍ କଭରେଜ ସହିତ ସିଜନ୍ ୨ର ଉତ୍ସାହଜନକ ଆକ୍ସନ ସୋନି ସ୍ପୋର୍ଟସ୍ ନେଟ୍‌ୱର୍କର ଚ୍ୟାନେଲ ଓ ସୋନି ଲିଭ୍‌ରେ ଟେଲିକାଷ୍ଟ ବା ପ୍ରସାରିତ ହେବ। ଆଜିର ୨ୟ ମ୍ୟାଚରେ ବିଜୟୀ ତେଲୁଗୁ ଯୋଦ୍ଧାସରେ ଅରୁଣ ଗୁଙ୍କି, ଅବଧୁତ ପାଟିଲ, ପ୍ରତୀକ ୱାଇକର, ଅଧିକାର ଗାନପୁଲେ, ରାହୁଲ ମଣ୍ଡଳ, ନିଖିଲ ବାଘେ, ମିଲିନ୍ଦ ଚାଭରେକର, ଆକାଶ ତୋଗାରେ, କିରଣ ଭାସାଭେ, ଧ୍ରୁବ, ପ୍ରସାଦ ରାଡ଼ି, ରୁଦ୍ର ଥୋପାଟେ, ପ୍ରେମ ରାଣ୍ଡିଭ, ବୈଭବ ନିସ୍ପାନେ, ସୌରଭ ଆଡଭାକର, ବିଜୟଭାଇ ଭେଗଡ଼, ଅନୁକୁଳ ସରକାର, ଏମ ଫନି କୁମାର, ମହାମଦ ଉଜେର ହାରୁନ ମୋମିନ୍, ମାତଲୁମ୍, ଲିପୁନ ମୁଖୀ, ଅର୍ଜୁନ ବିଶ୍ୱକର୍ମା, ପ୍ରସାଦ ପାଟିଲ, ବୋଜଜମ ରଂଜିତ୍ ଏବଂ ରଜତ ମଲ୍ଲିକ ଆଦି ସାମିଲ ଥିଲେ। ସେହିପରି ରାଜସ୍ଥାନ ୱାରିୟର୍ସରେ ଅକ୍ଷୟ ଗନପୁଲେ, ଦିଲରାଜସିଂ ସେଙ୍ଗର, ମଜହର ଜମାଦାର, ବିଜୟ ହାଜର, ଜଗନାଥ ଦାସ, ଋଷଭ ବାଘ, ନିଲେଶ ପାଟିଲ, ପ୍ରଜ୍ୱାଲ କେଏଚ୍, ବ୍ରାହ୍ମଣେ ବିବେକ, ରନ ସେଠୀ, ରେଜେଟି ସୁରାଇନାଇଡୁ, ସୌରଭ ଗଡ଼ଗେ, ନନ୍ଦନ ଡି, ଗଣେଶ ବୋରକର, ବିକା ଚେତନ, ବୁଚନନଗରୀ ରାଜୁ, ଧନରାଜ ପି, ଜଗନ୍ନାଥ ମୁର୍ମୁ, ଆଦିତ୍ୟ ଶେଲକେ, ମୁକେଶ ପ୍ରଜାପତ, ବୈଭବ ମୋରେ ଓ ଆଦିତ୍ୟ କେ.ଏନ୍ ଆଦି ସାମିଲ ଥିଲେ।

# ଦକ୍ଷିଣ କୋରିଆ ବିରୋଧୀ ଦଳର ନେତାଙ୍କୁ ହତ୍ୟା ଉଦ୍ୟମ



**ଦକ୍ଷିଣ କୋରିଆ :** ଲି ଜେ-ମ୍ୟୁଙ୍ଗ ଦକ୍ଷିଣ କୋରିଆର ବିରୋଧୀ ଦଳ ଡେମୋକ୍ରାଟିକ୍ ପାର୍ଟିର ମୁଖ୍ୟ । ବୁସାନର ଗାଡୋକ ଦ୍ୱୀପରେ ଏକ ନୂତନ ବିମାନବନ୍ଦରର ନିର୍ମାଣ ସ୍ଥଳରେ ସେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରୁଥିବାବେଳେ ଜଣେ ଆତତାୟୀ ତାଙ୍କ ବେକକୁ ଛୁରୀ ଦ୍ୱାରା କାଟି ହତ୍ୟା କରିବାକୁ ଚେଷ୍ଟା କରିଥିଲା । ଏହି ଘଟଣା ପରେ ଆକ୍ରମଣକାରୀଙ୍କୁ ଘଟଣାସ୍ଥଳରୁ ଗିରଫ କରାଯାଇଥିଲା । ଏକ ସାଧାରଣ ସଭାରେ ଦକ୍ଷିଣ କୋରିଆର ବିରୋଧୀଦଳ ନେତା ଲି ଜେ-ମାୟୁଙ୍ଗଙ୍କୁ ସାଂଘାତିକ ଆକ୍ରମଣ କରାଯାଇଛି। ଦେଶର ଦକ୍ଷିଣ ପୂର୍ବ ବନ୍ଦର ସହର ବୁସାନ ଗସ୍ତ ସମୟରେ ମାୟଙ୍ଗ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରୁଥିବାବେଳେ ଜଣେ ବ୍ୟକ୍ତି ତାଙ୍କ ବେକରେ ଛୁରୀ ମାରି ଦେଇଥିଲା । ଦକ୍ଷିଣ କୋରିଆର ବିରୋଧୀ ଦଳ ଡେମୋକ୍ରାଟିକ୍ ପାର୍ଟିର ମୁଖ୍ୟ ଲି ଜେ-ମ୍ୟୁଙ୍ଗ । ବୁସାନର ଗାଡୋକ ଦ୍ୱୀପରେ ଏକ ନୂତନ ବିମାନବନ୍ଦରର ନିର୍ମାଣ ସ୍ଥଳରେ ସେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରୁଥିବାବେଳେ ଜଣେ ଆତତାୟୀ ତାଙ୍କ ବେକକୁ ଛୁରୀ ଦ୍ୱାରା ଆକ୍ରମଣ କରିଥିଲା । ଏହି ଘଟଣା ପରେ ଆକ୍ରମଣକାରୀଙ୍କୁ ଘଟଣାସ୍ଥଳରୁ ଗିରଫ କରାଯାଇଥିଲା । କୋରିଆର ନ୍ୟୁଜ୍ ଆଉଟଲେଟ୍ ଏବଂ ପ୍ରସାରଣକାରୀଙ୍କ ଅନୁଯାୟୀ ଲି' ସାମ୍ବାଦିକମାନଙ୍କ ସହ କଥା ହେଉଥିବା ବେଳେ ଜଣେ ବ୍ୟକ୍ତି ହଠାତ ତାଙ୍କ ଉପରକୁ କୁଦି ପଡିଥିଲା । ଏବଂ ଏକ ଧାରୁଆ ଅସ୍ତ୍ରେ ଶାଃଜୟରେ ତାଙ୍କ ବଏକ କାଟି ଦେବକୁ ଉଦ୍ୟମ କରିଥିଲା । ଏହା ଦେଖି ଲୋକମାନେ ମାୟୁଙ୍ଗଙ୍କୁ ସାହାଯ୍ୟ କରିବାକୁ ଦୌଡି ଆସିଥିଲେ । ସେତେବେଳକୁ ସେ ତଳେ ପଡ଼ିଯାଇଥିଲେ । ନ୍ୟୁଜ୍ ଏଜେନ୍ସି ରିପୋର୍ଟ ଅନୁସାରେ ଡାକ୍ତରଖାନା ନିଆଯିବା ସମୟରେ ସେ ହୋସରେ ଥିଲେ । ଡେମୋକ୍ରାଟିକ୍ ପାର୍ଟିର ମୁଖ୍ୟ ମାୟୁଙ୍ଗ ଗତ ବର୍ଷ ରକ୍ଷଣଶୀଳ ତଥା ବର୍ତ୍ତମାନର ରାଷ୍ଟ୍ରପତି ୟୋନ୍ ସୁକ୍ ୟୋଲଙ୍କୁ ଏକ କଠୋର ରାଷ୍ଟ୍ରପତି ଦୌଡ଼ରେ ହରାଇଥିଲେ। ଲିଙ୍କୁ ପିଲାଦିନରୁ ଅଧ୍ୟୟନ ଛାଡି ଏକ କାରଖାନାରେ କାମ କରିବାକୁ ପଡିଥିଲା । ସେ ନିଜର ରାଜନୈତିକ ଅଭିଯାନରେ ଦାରିଦ୍ର୍ୟରୁ ଉପରକୁ ଉଠିଥିବା କାହାଣୀକୁ ସର୍ବଦା କହିଥାନ୍ତି । ତେବେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀକୁ ଆଗେଇ ନେବାକୁ ତାଙ୍କର ଇଚ୍ଛା ପୂରଣ ହୋଇପାରିନଥିଲା । ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଉପରେ ହୋଇଥିବା ଏହି ମାରାତ୍ମକ ଆକ୍ରମଣକୁ ନେଇ ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୋନ୍ ସୁକ୍ ୟୋଲ ଗଭୀର ଉଦ୍ବେଗ ପ୍ରକାଶ କରିଛନ୍ତି।

# ବ୍ରିଟେନ ଛାତ୍ର ଭିସା ନିୟମରେ ବଡ଼ ପରିବର୍ତ୍ତନ



**ବ୍ରିଟେନ :** ବ୍ରିଟେନର ନୂତନ ଛାତ୍ର ଭିସା ନିୟମ: ଦେଶରେ ବଢୁଥିବା ପ୍ରବାସୀ ସଂଖ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ବ୍ରିଟେନ କଡା ଭିସା ନିୟମ ଲାଗୁ କରିଛି । ଯାହା ପରେ ବ୍ରିଟେନକୁ ଯାଉଥିବା ଛାତ୍ର ସଂଖ୍ୟା ହ୍ରାସ ପାଇବ । ପରିସଂଖ୍ୟାନ ବିଷୟରେ କହିବାକୁ ଗଲେ, ୨୦୧୯ ମସିହାରୁ ବ୍ରିଟେନକୁ ଯାଉଥିବା ଲୋକଙ୍କ ସଂଖ୍ୟାରେ ୯୩୦ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିଛି । ବ୍ରିଟେନରେ ପଢୁଥିବା ଛାତ୍ରମାନଙ୍କ ପାଇଁ ଅସୁବିଧା ବଢିବାକୁ ଯାଉଛି । ସୁନକ ସରକାରଙ୍କ ନୂତନ ନିଷ୍ପତ୍ତି ସହିତ ଛାତ୍ର ଭିସା ବ୍ୟବହାର ବନ୍ଦ ହୋଇଯିବ। ବାସ୍ତବରେ, ଦେଶରେ ବଢୁଥିବା ପ୍ରବାସୀ ସଂଖ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ବ୍ରିଟେନ କଡା ଭିସା ନିୟମ ଲାଗୁ କରିଛି । ମିଡିଆ ରିପୋର୍ଟ ଅନୁଯାୟୀ, କଡା ଭିସା ନିୟମ ଯୋଗୁଁ ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହେବେ ଏବଂ ବ୍ରିଟେନ ପରିଦର୍ଶନ କରୁଥିବା ଲୋକଙ୍କ ସଂଖ୍ୟା ପ୍ରତିବର୍ଷ ୧ ଲକ୍ଷ ୪୦ ହଜାରରୁ ଅଧିକ ହ୍ରାସ ପାଇବ । ବ୍ରିଟିଶ ଗୃହ ମନ୍ତ୍ରଣାଳୟ ଦ୍ୱାରା ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ ଭିସା ନିୟମକୁ କଡାକଡି କରିବାର ମୂଳ ଉଦ୍ଦେଶ୍ୟ ହେଉଛି ବ୍ରିଟେନରେ ପ୍ରବେଶ କରିବା ପାଇଁ ଛାତ୍ର ଭିସାରେ ହେଉଥିବା ଦୁର୍ନୀତିକୁ ରୋକିବା । ବ୍ରିଟେନରେ ଏହି ଭିସା ନିୟମକୁ ତତ୍କାଳୀନ ଗୃହ ସଚିବ ସୁଏଲା ବ୍ରାଭରମ୍ୟାନ୍ ଗତ ବର୍ଷ ମେ ମାସରେ ପ୍ରବର୍ତ୍ତନ କରିଥିଲେ। ସରକାରୀ ଆକଳନ ବିଷୟରେ କହିବାକୁ ଗଲେ, ୨୦୧୯ ପରଠାରୁ ବ୍ରିଟେନକୁ ଯାଉଥିବା ଲୋକଙ୍କ ସଂଖ୍ୟାରେ ୯୩୦ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିଛି ।

## ବୁଧବାର ଖଡଗେଙ୍କୁ ଦିଆଯିବ ବିରୋଧୀ 'ଇଣ୍ଡିଆ' ମେଣ୍ଟରେ ସିଟ୍ ସେୟାରିଂ ରିପୋର୍ଟ



**ନୂଆଦିଲ୍ଲୀ:** ଚଳିତ ବର୍ଷ ହେବାକୁ ଥିବା ଲୋକସଭା ନିର୍ବାଚନକୁ ନେଇ ବିରୋଧୀ 'ଇଣ୍ଡିଆ' ମେଣ୍ଟ ପାଇଁ କଂଗ୍ରେସ ନିଜର ସିଟ୍ ସେୟାର ଫର୍ମୁଲା ପ୍ରସ୍ତୁତ କରିସାରିଛି। ଯାହାର ରିପୋର୍ଟ ବୁଧବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡଗେଙ୍କୁ ଦିଆଯିବ। କୁହାଯାଉଛି କଂଗ୍ରେସ ୯ ରାଜ୍ୟରେ ମେଣ୍ଟ କରିବାକୁ ଯାଉଛି। ତେବେ ବୁଧବାର ରିପୋର୍ଟ ହସ୍ତାନ୍ତର କରାଯିବା ପରେ ହିଁ କଂଗ୍ରେସ ସିଟ୍ ବଣ୍ଟନକୁ ନେଇ ସହଯୋଗୀ ଦଳଙ୍କ ସହ କଥା ହେବ। ଯେଉଁ ରାଜ୍ୟରେ କଂଗ୍ରେସ ନିଜ ସହଯୋଗୀ ଦଳଙ୍କ ସହ ମେଣ୍ଟ କରିପାରେ ସେମାନେ ହେଉଛନ୍ତି- ଜମ୍ମୁ-କଶ୍ମୀର, ଦିଲ୍ଲୀ, ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, କେରଳ ଏବଂ ତାମିଲନାଡୁ। କୁହାଯାଉଛି, ପଞ୍ଜାବରେ ମେଣ୍ଟ ସମ୍ଭାବନା ଖୁବ୍ କମ୍। ଏହା ବ୍ୟତୀତ ଆନ୍ଧ୍ରପ୍ରଦେଶରେ ୱାଇଏସ ଶର୍ମିଲା ନିଜ ଦଳ ୱାଇଏସଆର ତେଲେଙ୍ଗାନା ପାର୍ଟୀର କଂଗ୍ରେସରେ ବିଲୟ କରିପାରନ୍ତି। କୁହାଯାଉଛି, ଚଳିତ ସପ୍ତାହର ଶେଷ ବେଳକୁ ସେ ଦିଲ୍ଲୀ ଆସି ସେଠାରେ ଆଧିକାରିକ ଘୋଷଣା କରିବେ। ତାଙ୍କୁ ରାଜ୍ୟସଭା, ଏଆଇସିସି ମହାସଚିବ ଏବଂ ଆନ୍ଧ୍ରପ୍ରଦେଶର ପିସିସି ପଦ ଅଫର କରାଯାଇଥିଲା। ଯେଉଁଥିରେ ଶର୍ମିଲା ସହମତ। ସୂଚନାଥାଉକି, ଚଳିତ ବର୍ଷ ଆନ୍ଧ୍ର ପ୍ରଦେଶରେ ବିଧାନସଭା ନିର୍ବାଚନ ହେବ। ଏମିତିରେ କଂଗ୍ରେସ ଶର୍ମିଲାଙ୍କୁ ବଡ଼ ଦାୟିତ୍ୱ ଦେଇ ରାଜ୍ୟରେ ପୁଣି ଥରେ ଆଣିବାକୁ ଚେଷ୍ଟା କରିବ। ଏହା ପୂର୍ବରୁ ତେଲେଙ୍ଗାନା ବିଧାନସଭା ନିର୍ବାଚନ ସମୟରେ ମଧ୍ୟ ଶର୍ମିଲା କଂଗ୍ରେସର ସମର୍ଥନ କରିଥିଲେ।

# ଗାଜାରୁ ନିଜ ସୈନିକଙ୍କୁ ଫେରାଇ ଆଣୁଛି ଇସ୍ରାଏଲ



**ଜେରୁଜେଲମ୍ :** ଗାଜା ଯୁଦ୍ଧ ମଧ୍ୟରେ ଇସ୍ରାଏଲ ଏକ ବଡ଼ ବିବୃତ୍ତି ଦେଇଛି । ଇସ୍ରାଏଲ୍ ସେନା କହିଛି ଯେ ସେମାନେ ବର୍ଷସାରା ଯୁଦ୍ଧ କରିବେ । ଗାଜାରେ ଏକ ନୂତନ ଯୁଦ୍ଧ ପାଇଁ ଇସ୍ରାଏଲ୍ ସେନା ଯୋଜନା ପ୍ରସ୍ତୁତ କରିଛି । ୮୮ ଦିନିଆ ଯୁଦ୍ଧ ସମୟରେ ଗାଜାରେ ୨୨ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିବାବେଳେ ୫୦ ହଜାରରୁ ଅଧିକ ଲୋକ ଆହତ ହୋଇଛନ୍ତି । ଗତ ବର୍ଷ ଅକ୍ଟୋବର ୭ ରେ ଆରମ୍ଭ ହୋଇଥିବା ଏହି ଯୁଦ୍ଧ ଦୀର୍ଘ ସମୟ ଧରି ଚାଲିବ ବୋଲି ଆଶା କରାଯାଉଛି । ବର୍ତ୍ତମାନଠାରୁ ଆଉ କିଛି ଦିନ ମଧ୍ୟରେ ଗାଜା ଯୁଦ୍ଧକୁ ତିନିମାସ ପୁରାଣ ହେବ । ଅକ୍ଟୋବର ୭ , ୨୦୨୩ ରେ ଆରମ୍ଭ ହୋଇଥିବା ଏହି ଯୁଦ୍ଧ କେତେ ଦିନ ପର୍ଯ୍ୟନ୍ତ ଚାଲିବ ତାହା କହିବା କଷ୍ଟକର । ଇସ୍ରାଏଲ ନିରନ୍ତର ଯୁଦ୍ଧ ଚଳାଇଛି । ଗାଜାରେ କ୍ରମାଗତ ଭାବେ ବୋମାବର୍ଷଣ କରି ସହରକୁ ଧ୍ୱଂସ ସ୍ତୂପରେ ପରିଣତ କରିଦେଲାଣି । ଏଥି ସହିତ ବର୍ତ୍ତମାନ ନୂତନ ବର୍ଷ ୨୦୨୪ରେ ଇସ୍ରାଏଲ୍ ଏକ ନୂତନ ଯୁଦ୍ଧ ପାଇଁ ଯୋଜନା ପ୍ରସ୍ତୁତ କରିଛି । ଏହା ଅଧୀନରେ ଇସ୍ରାଏଲ ଗାଜାରୁ ହଜାର ହଜାର ସୈନିକଙ୍କୁ ପ୍ରତ୍ୟାହାର କରିନେଉଛି । ଇସ୍ରାଏଲ କହିଛି ଯେ ବର୍ଷସାରା ଗାଜାରେ ଯୁଦ୍ଧ ହେବ। ଏଭଳି ପରିସ୍ଥିତିରେ ପ୍ରଶ୍ନ ଉଠିଛି ଯେ ନିଜ ସୈନିକମାନଙ୍କୁ ପ୍ରତ୍ୟାହାର କରିବା ପରେ ସେ ଇସ୍ରାଏଲ କିପରି ବର୍ଷସାରା ଯୁଦ୍ଧ କରିବ ? ଯଦି ଆମେ ଆରମ୍ଭରୁ ଆରମ୍ଭ କରିବା, ଯେତେବେଳେ ଅକ୍ଟୋବର ୭ ରେ ହାମାସ ଇସ୍ରାଏଲ ଉପରେ ଆକ୍ରମଣ କଲା, କେହି ଜାଣି ନଥିଲେ ଯେ ଏହି ଯୁଦ୍ଧ ଏତେ ଦିନ ପର୍ଯ୍ୟନ୍ତ ଧରି ଚାଲିବ ବୋଲି । ପ୍ରଥମେ ଇସ୍ରାଏଲ ଉପରେ ହାମାସ ୫୦୦୦ ରୁ ଅଧିକ ରକେଟ ଆକ୍ରମଣ କରିଥିଲା। ହାମାସ ଆକ୍ରମଣର ଜବାବରେ ଇସ୍ରାଏଲ ମଧ୍ୟ ହାମାସ ଉପରେ ଦ୍ରୁତ ଗତିରେ ପ୍ରତିଆକ୍ରମଣ କରିଥିଲା । ଗାଜାରେ ପ୍ରବଳ ବୋମା ବିସ୍ଫୋରଣ କରି ହାମାସର ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥିଲା । ଯୁଦ୍ଧ ଆରମ୍ଭରୁ ଇସ୍ରାଏଲ ଗାଜାରେ ୮୦୦୦ ରୁ ଅଧିକ ହମାସ ଆତଙ୍କବାଦୀଙ୍କୁ ହତ୍ୟା କରିଛି । ହମାସ ଉପରେ ପ୍ରତିଶୋଧ ନେବାକୁ ଇସ୍ରାଏଲ ପ୍ରଥମେ ଏୟାର ଷ୍ଟ୍ରାଇକ୍ କରିଥିଲା ଏବଂ ପରେ ଗାଜାରେ ଗ୍ରାଉଣ୍ଡ ଅପରେସନ୍ କରିଥିଲା । ଏହି ସମୟରେ, ଇସ୍ରାଏଲ୍ ସୈନିକମାନେ ହମାସର ଆଡ୍ଡା ସବୁକୁ ଧ୍ୱଂସ କରିଥିଲେ ।

# କାନାଡା ରାଜନୀତିରେ ଖଲିସ୍ତାନୀ ସାମିଲ: ଜୟଶଙ୍କର




**ନୂଆଦିଲ୍ଲୀ :** ବୈଦେଶିକ ମନ୍ତ୍ରୀ ଜୟଶଙ୍କର ତାଙ୍କର ବକ୍ତବ୍ୟ ଶୈଳୀ ପାଇଁ ଜଣାଶୁଣା। ନିକଟରେ ଏକ ସାକ୍ଷାତକାରରେ ଜୟଶଙ୍କର ଜାତୀୟ ତଥା ଅନ୍ତର୍ଜାତୀୟ ପ୍ରସଙ୍ଗରେ ଖୋଲାଖୋଲି ଭାବେ କହିଛନ୍ତି। ଭାରତ ଏବଂ କାନାଡା ମଧ୍ୟରେ ଚାଲିଥିବା କୂଟନୈତିକ ସମ୍ପର୍କ ସମ୍ପର୍କରେ ସେ କହିଛନ୍ତି,ଖାଲିସ୍ତାନୀମାନଙ୍କୁ କାନାଡା ରାଜନୀତିରେ ଆଶ୍ରୟ ଦେଇଛି। ସେମାନେ ସମସ୍ତେ ସିଧାସଳଖ କାନାଡା ରାଜନୀତିରେ ଜଡିତ। ମୁଁ ଭାବୁଛି ଏହା ହେଉଛି ଅନ୍ୟତମ କାରଣ ଯାହା ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ କ୍ଷତି ପହଞ୍ଚାଉଛି। ଏହି ପରିସ୍ଥିତି ଉଭୟ ଭାରତ ଏବଂ କାନାଡା ପାଇଁ ବିପଦ। ମୋର ବିଶ୍ୱାସ ଯେ ଏହା ଭାରତ ପାଇଁ ଯେତିକି ବିପଦ, ଏହା କାନାଡାକୁ ମଧ୍ୟ କ୍ଷତି ପହଞ୍ଚାଇବ। ପାକିସ୍ତାନରେ ଆତଙ୍କବାଦ ସହ ଜଡିତ ପ୍ରଶ୍ନ ଉପରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର କହିଛନ୍ତି ଯେ, ପାକିସ୍ତାନ ସୀମା ପାର ଆତଙ୍କବାଦକୁ ବ୍ୟବହାର କରି ଭାରତକୁ ଆଲୋଚନା ଟେବୁଲକୁ ଆଣୁଥିଲା, ଏହା ତାର ନୀତି। ବର୍ତ୍ତମାନ ଆମେ ସେମାନଙ୍କ ନୀତିକୁ ଅପ୍ରାସଙ୍ଗିକ କରିଛୁ। ଆମେ ଜାଣୁ ଯେ ଶେଷରେ ଜଣେ ପଡ଼ୋଶୀ ପଡ଼ୋଶୀକୁ ସାହାଯ୍ୟ କରେ। କିନ୍ତୁ ସେମାନଙ୍କ ଦ୍ୱାରା ସ୍ଥିର କରାଯାଇଥିବା ସର୍ତ୍ତଗୁଡିକ ଆଧାରରେ ଆମେ ବୁଝାମଣା କରିବୁ ନାହିଁ।

# ରାମ ଜନ୍ମଭୂମି ଅଯୋଧ୍ୟାକୁ ପରିବା ପଠାଇବେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ



**ଅଯୋଧ୍ୟା:** କିଛି ଦିନ ପୂର୍ବେ (୩୦ ଡିସେମ୍ବର ୨୦୨୩) ଛତିଶଗଡ଼ ପ୍ରଦେଶ ରାଇସ୍ ମିଲର୍ସ ଆସୋସିଏସନ୍ ଦ୍ୱାରା ରାୟପୁରରେ ଭିଆଇପି ରୋଡ୍ସ୍ଥିତ ଶ୍ରୀରାମ ମନ୍ଦିରରେ ସୁଗନ୍ଧିତ ଚାଉଳ ଅର୍ପଣ ସମାରୋହ ଆୟୋଜନ କରାଯାଇଥିଲା। ଛତିଶଗଡର ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇ ଏହି ସମାରୋହରେ ଅଂଶଗ୍ରହଣ କରିଥିଲେ ଏବଂ ମନ୍ଦିର ପରିସରରୁ ୩୦୦ ମେଟ୍ରିକ୍ ଟନ୍ ସୁଗନ୍ଧିତ ଚାଉଳରେ ଭର୍ତ୍ତି ହୋଇଥିବା ୧୧ ଟ୍ରକକୁ ଫ୍ଲାଗ୍ କରି ଶ୍ରୀ ରାମ ଜନ୍ମଭୂମି ଅଯୋଧ୍ୟା ପାଇଁ ପଠାଇଥିଲେ। କୁହାଯାଇଥିଲା ଯେ ଭଗବାନ ଶ୍ରୀ ରାମଙ୍କ ମାମୁଘର ଛତିଶଗଡ଼ରୁ ତାଙ୍କ ଜନ୍ମସ୍ଥାନ ଅଯୋଧ୍ୟାକୁ ସୁଗନ୍ଧିତ ଚାଉଳ ପଠାଯାଉଛି। ବର୍ତ୍ତମାନ ପନିପରିବା ଚାଷୀମାନେ ସିଏମ୍ ବିଷ୍ଣୁ ଦେଓଙ୍କୁ ପନିପରିବା ପଠାଇବା ନିଷ୍ପତ୍ତି ବିଷୟରେ ସୂଚନା ଦେଇଛନ୍ତି। ଛତିଶଗଡ ମୁଖ୍ୟ ବିଷ୍ଣୁ ଦେବ ସାଇ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରି ଏହି ସୂଚନା ଦେଇଛନ୍ତି। ସେ ଲେଖିଛନ୍ତି, "ରାମଙ୍କ କାର୍ଯ୍ୟ କରିବାକୁ ଆଗ୍ରହୀ ...ଆଗାମୀ ୨୨ ତାରିଖରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀ ରାମଚନ୍ଦ୍ର ଜୀଙ୍କର ପ୍ରତିମୂର୍ତ୍ତି ଅଯୋଧ୍ୟାରେ ପ୍ରତିଷ୍ଠା ହେବାକୁ ଯାଉଛି, ଯେଉଁଥିରେ ପ୍ରତ୍ୟେକ ସନାତନ ଧର୍ମୀ ଗର୍ବିତ। ମୋ ରାଜ୍ୟର ଅନ୍ନଦାମାନେ ମଧ୍ୟ ରାମ ମନ୍ଦିର ନିର୍ମାଣ କାର୍ଯ୍ୟରେ ଅବଦାନ ଭାବରେ ସେମାନଙ୍କ କ୍ଷେତରୁ ଉତ୍ପାଦିତ ୧୦୦ ଟନ୍ ପନିପରିବା ପଠାଇବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଭୁ ରାମ ପ୍ରତ୍ୟେକ ହୃଦୟରେ ବାସ କରନ୍ତି, ତେଣୁ ଭଗବାନ ଶ୍ରୀ ରାମଙ୍କ ମାମୁଘରର କୃଷକଙ୍କ ପ୍ରେମ ଏବଂ ଭକ୍ତିର ଏହି ଚମତ୍କାର ରୂପ ପ୍ରଶଂସନୀୟ ଏବଂ ସମ୍ମାନନୀୟ।

## ପଞ୍ଜାବରେ ହେବ ନାହିଁ ଏଏପି-କଂଗ୍ରେସ ମେଣ୍ଟ !

**ନୂଆଦିଲ୍ଲୀ :** ୨୦୨୪ ଲୋକ ସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି। ନିର୍ବାଚନକୁ ଦୃଷ୍ଟିରେ ରଖି ବିରୋଧୀ ଦଳ 'ଇଣ୍ଡିଆ' ଆଗାମୀ ଦିନରେ ସିଟ ବଣ୍ଟନକୁ ଚୂଡ଼ାନ୍ତ ରୂପ ଦେବ। ଏହି ସମୟରେ କଂଗ୍ରେସର ରାଷ୍ଟ୍ରୀୟ ଗଠବନ୍ଧନ କମିଟି ସିଟ ବଣ୍ଟନ ସମ୍ପର୍କରେ ରିପୋର୍ଟ ପ୍ରସ୍ତୁତ କରିଛି। ସୂତ୍ରରୁ ପ୍ରକାଶ ଯେ, ଦଳ ନଅଟି ରାଜ୍ୟରେ ଏକ ମେଣ୍ଟ ଗଠନ କରିବାକୁ ପ୍ରସ୍ତୁତ, କିନ୍ତୁ ପଞ୍ଜାବରେ କଂଗ୍ରେସ ଏବଂ ଆମ ଆଦମୀ ପାର୍ଟି (ଏଏପି) ମଧ୍ୟରେ ମେଣ୍ଟ ହେବାର ସମ୍ଭାବନା କମ୍। ସୋମବାର ପଞ୍ଜାବର ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ କଂଗ୍ରେସକୁ ଟାର୍ଗେଟ୍ କରିଥିଲେ। ଯାହା ପରେ ଏହା ସାମ୍ନାକୁ ଆସିଛି। କଂଗ୍ରେସର ରାଷ୍ଟ୍ରୀୟ ଗଠବନ୍ଧନ କମିଟି ବୁଧବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ନିକଟରେ ରିପୋର୍ଟ ଦାଖଲ କରିବ। ଯେଉଁ ନଅଟି ରାଜ୍ୟରେ ମେଣ୍ଟ ବିଷୟରେ ଆଲୋଚନା କରାଯାଇଥିଲା ସେଗୁଡ଼ିକ ହେଉଛି ୟୁପି, ବିହାର, ଝାଡଖଣ୍ଡ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, କେରଳ, ଜମ୍ମୁ-କଶ୍ମୀର, ଦିଲ୍ଲୀ ଏବଂ ତାମିଲନାଡୁ।

# ଦିଲ୍ଲୀରେ ସାମାନ୍ୟ ପ୍ରଦୂଷଣ କମିଲା

**ନୂଆଦିଲ୍ଲୀ:** ବୃଦ୍ଧି ପାଉଥିବା ପ୍ରଦୂଷଣକୁ ଦୃଷ୍ଟିରେ ରଖି ନୂଆଦିଲ୍ଲୀରେ ଜାରି କରାଯାଇଥିବା ପର୍ଯ୍ୟାୟ-୩ ନିୟନ୍ତ୍ରଣକୁ ଆଜି ପ୍ରାୟ ୧ ସପ୍ତାହ ପରେ ହଟାଇ ଦିଆଯାଇଛି। ଦିଲ୍ଲୀରେ ପ୍ରଦୂଷଣ ନିୟନ୍ତ୍ରଣ ଓ ପରିଚାଳନା ଦାୟିତ୍ୱରେ ଥିବା କମିସନ ଫର ଏୟାର କ୍ୱାଲିଟି ମ୍ୟାନେଜ୍ମେଣ୍ଟ ଇନ୍ ଦି ନ୍ୟାସନାଲ୍ କ୍ୟାପିଟାଲ୍ ରିଜିଅନ ଆଣ୍ଡ ଆଡ୍ଜଏନିଂ ଏରିଆ (ସିଏକ୍ୟୁଏମ୍) ପକ୍ଷରୁ ଆଜି ଦିଆଯାଇଥିବା ସୂଚନାନୁସାରେ ଜାନୁଆରି ୧ ତାରିଖରେ ନୂଆଦିଲ୍ଲୀର ବାୟୁମଣ୍ଡଳରେ ପ୍ରଦୂଷଣର ମାତ୍ରା ଅନେକ ପରିମାଣରେ ହ୍ରାସ ପାଇଛି। ଏହି କାରଣରୁ ଜାରି କରାଯାଇଥିବା ପର୍ଯ୍ୟାୟ ୩ ନିୟନ୍ତ୍ରଣକୁ ହଟାଇ ଦିଆଯାଇଛି। ଆଜି ଦିଲ୍ଲୀର ବାୟୁମାନ ୩୪୬ ରହିଛି, ଯାହା ପୂର୍ବଦିନ ତୁଳନାରେ ୫୫ ପଏଣ୍ଟ କମ୍। ଆଗାମୀ ଦିନରେ ପ୍ରଦୂଷଣ ମାତ୍ରା ଆହୁରି ହ୍ରାସ ପାଇବ ବୋଲି ପୂର୍ବାନୁମାନ କରାଯାଇଛି।



# ଟ୍ରକ ଡ୍ରାଇଭରଙ୍କ ବିରୋଧ ପ୍ରଦର୍ଶନ



**ନୂଆଦିଲ୍ଲୀ:** ହିଟ୍ ଆଣ୍ଡ୍ ରନ୍‌ର ମାମଲାରେ ୭ ଲକ୍ଷ ଟଙ୍କାର ଜରିମାନା ଏବଂ ୧୦ ବର୍ଷର ଜେଲ୍ ଦଣ୍ଡ ନିୟମକୁ ନେଇ ଦେଶସାରା ବିରୋଧ ପ୍ରଦର୍ଶନ କରୁଛନ୍ତି ଗାଡ଼ି ଚାଳକ । ଦେଶ ସାରା ଟ୍ରକ୍ ଏବଂ ଘରୋଇ ବସ୍ ଚାଳକ ବିରୋଧ ପ୍ରଦର୍ଶନ ଜାରି ରଖିଛନ୍ତି। ଯାହାର ପ୍ରଭାବ ମଧ୍ୟ ଦେଖିବାକୁ ମିଳିଛି । ଆଉ ଏହି ବିରୋଧ ପ୍ରଦର୍ଶନ ସବୁଠୁ ବେଶୀ ପ୍ରଭାବ ପଡ଼ିଛି ପେଟ୍ରୋଲ-ଡିଜେଲ ଯୋଗାଣ ଉପରେ। ବିଭିନ୍ନ ସ୍ଥାନରେ ପେଟ୍ରୋଲ ପମ୍ପମାନଙ୍କରେ ଲମ୍ବା ଲାଇନ୍ ଦେଖିବାକୁ ମିଳିଛି। ଏଥିପାଇଁ ଚଣ୍ଡୀଗଡ଼ରେ ଏବେ ପେଟ୍ରୋଲ-ଡିଜେଲ କିଣିବା ସୀମା ନିର୍ଦ୍ଧାରଣ କରାଯାଇଛି। ଏହା ଅନୁଯାୟୀ, ଦୁଇ ଚକିଆ ଯାନ ଚାଳକଙ୍କୁ ଦୁଇ ଲିଟର ପର୍ଯ୍ୟନ୍ତ ତେଲ ମିଳିବ। ସେହିଭଳି ଚାରି ଚକିଆ ଯାନ ପାଇଁ ୫ ଲିଟର ତେଲ ନିର୍ଦ୍ଧାରଣ କରାଯାଇଛି। ସୂଚନାଥାଉକି, କେନ୍ଦ୍ର ସରକାରଙ୍କ ନୂଆ ଆଇନରେ 'ହିଟ୍ ଆଣ୍ଡ୍ ରନ୍' ମାମଲାରେ କଡ଼ା ଦଣ୍ଡ ନିୟମ କରିଛନ୍ତି। ଆଉ ଏହି ନିୟମ ବିରୋଧରେ ଟ୍ରକ୍ ଏବଂ ଘରୋଇ ବସ୍ ଚାଳକ ଦେଶ ସାରା ବିରୋଧ ପ୍ରଦର୍ଶନ କରୁଛନ୍ତି। ଆଉ ବିରୋଧ ଫଳରେ ତେଲ ଟ୍ୟାଙ୍କର ପମ୍ପରେ ପହଞ୍ଚିପାରୁନାହିଁ ଫଳରେ ଲୋକଙ୍କୁ ପେଟ୍ରୋଲ ଯୋଗାଣ ହୋଇପାରୁନାହିଁ।

# ସୀମାରେ ପାକିସ୍ତାନର ଅସ୍ତ୍ରଶସ୍ତ୍ର-ଡ୍ରଗ୍ସ ଚୋରା କାରବାର ଉପରେ କଡ଼ା ନଜର ରଖିବ ଡ୍ରୋନ

**ଶ୍ରୀନଗର :** ସୀମାରେ ପାକିସ୍ତାନ ପଟଭାରତୀୟ ଅଞ୍ଚଳକୁ ଅସ୍ତ୍ରଶସ୍ତ୍ର ତଥା ନିଶା କାରବାର ପାଇଁ ଡ୍ରୋନର ବ୍ୟବହାର ଆସନ୍ତା ୬ ମାସ ମଧ୍ୟରେ ଶେଷ ହେବ। ବାସ୍ତବରେ, ଜାତୀୟ ବିରୋଧୀ ଉପାଦାନଗୁଡିକ ଦ୍ୱାରା ଏହିପରି ସମସ୍ତ ଚୋରା କାରବାରକୁ ରୋକିବା ପାଇଁ ଏକ ସ୍ୱଦେଶୀ ଡ୍ରୋନ ଆଣ୍ଟି ଟେକ୍ନୋଲୋଜି ବିକଶିତ କରାଯାଉଛି। ମଙ୍ଗଳବାର ଜଣେ ବରିଷ୍ଠ ସରକାରୀ ଅଧିକାରୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଡ୍ରୋନ ଆଣ୍ଟି ଟେକ୍ନୋଲୋଜିର ତିନୋଟି ଡିଜାଇନ ଉପରେ ସୁରକ୍ଷା ଏଜେନ୍ସି କାର୍ଯ୍ୟ କରୁଛି। ଶେଷ ଫଳାଫଳ ସମସ୍ତ ତିନୋଟି କିମ୍ବା ତିନିଟିର ମିଶ୍ରଣ ହୋଇପାରେ। ଆଗାମୀ ୬ ମାସ ମଧ୍ୟରେ ଡ୍ରୋନ ମାଧ୍ୟମରେ ଅସ୍ତ୍ରଶସ୍ତ୍ର ଏବଂ ଡ୍ରଗ୍ସ ଚୋରା କାରବାର ଶେଷ ହେବ। ନୂତନ ଟେକ୍ନୋଲୋଜି ଉପରେ ପରୀକ୍ଷା ଚାଲିଛି।



ପଞ୍ଜାବ ଏବଂ ଜମ୍ମୁ-କଶ୍ମୀରରେ ଡ୍ରୋନ କିମ୍ବା ମାନବ ବିହୀନ ବିମାନ ଯାନ (ୟୁଏଭି) ବ୍ୟବହାର କରି ପାକିସ୍ତାନରୁ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଏବଂ ନିଶା ଦ୍ରବ୍ୟ ପକାଇବା ବହୁ ବର୍ଷ ଧରି ସୁରକ୍ଷା ଏଜେନ୍ସି ପାଇଁ ଏକ ପ୍ରମୁଖ ସମସ୍ୟା ହୋଇଆସୁଛି। ଗତ ଅଗଷ୍ଟରେ ପଞ୍ଜାବର ସୀମା ପାର କରି ଅସ୍ତ୍ରଶସ୍ତ୍ର ତଥା ନିଶା କାରବାର ପାଇଁ ଡ୍ରୋନ ବ୍ୟବହାର କରାଯାଉଥିବା ୫୩ ଟି ମାମଲା ପ୍ରକାଶ ପାଇଥିଲା। ଏହି ବିପଦକୁ ରୋକିବା ପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଏଥି ମଧ୍ୟରେ ସୀମା ସୁରକ୍ଷା ବଳ (ବିଏସଏଫ) ଦ୍ୱାରା ସୀମା ଉପରେ ଘଣ୍ଟା ଘଣ୍ଟା ମନିଟରିଂ, ପାଟ୍ରୋଲିଂ, ଚେକପଏଣ୍ଟ ସ୍ଥାପନ ଏବଂ ଅନ୍ତର୍ଜାତୀୟ ସୀମାରେ ପୋଷ୍ଟର ମନିଟରିଂ ଅନ୍ତର୍ଭୁକ୍ତ। ଗତ ବର୍ଷ ମାର୍ଚ୍ଚରେ କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ର ମନ୍ତ୍ରୀ ନିଶିଥ ପ୍ରେମାନିକ କହିଥିଲେ ସୀମା ସୁରକ୍ଷା ବଳର ମହାନିର୍ଦ୍ଦେଶକଙ୍କ ତତ୍ତ୍ୱାବଧାନରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏହି କମିଟି ଗଠନ କରିଛି। ଡ୍ରୋନ ପ୍ରତିରୋଧ କରିବା ପାଇଁ ଉପଲବ୍ଧ ଟେକ୍ନୋଲୋଜିର ମୂଲ୍ୟାଙ୍କନ କରିବା ଏବଂ ସେମାନଙ୍କ ସହ ମୁକାବିଲା କରିବାରେ ଏହାର କାର୍ଯ୍ୟକାରିତାକୁ ପ୍ରମାଣ କରିବା ପାଇଁ ଏହି କମିଟିକୁ ନିର୍ଦ୍ଦେଶ ଦିଆଯାଇଛି।




# ଜାନୁୟାରୀରେ କମିବ ଶୀତ



**ଭୁବନେଶ୍ୱର(ବ୍ୟୁରୋ):**ଜାନୁୟାରୀରେ ଶୀତର ପ୍ରଭାବ କମ୍ ରହିବ। ରାତିର ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବା ସମ୍ଭାବନା ଥିବାରୁ ଥଣ୍ଡା କମ୍ ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ତେବେ ଆସନ୍ତା ୪ ଓ ୫ ତାରିଖରେ କେତେକ ସ୍ଥାନରେ ହାଲୁକା ବର୍ଷା ହୋଇପାରେ ବୋଲି କୁହାଯାଇଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଆଗାମୀ ୨ ଦିନ ରାଜ୍ୟରେ ପାଗ ଶୁଖିଲା ରହିବ। ତେବେ ୪ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସ୍ୱଳ୍ପ ବର୍ଷା ହେବ। ସେହିପରି ୫ ତାରିଖରେ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ତେବେ ରାଜ୍ୟର ବାକି ଜିଲାରେ ପାଗ ଶୁଖିଲା ରହିବ। ୬ ଓ ୭ ତାରିଖଠାରୁ ସାରା ରାଜ୍ୟରେ ପାଗ ଶୁଖିଲା ରହିବ। ସେପଟେ କୁହୁଡ଼ି ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ୨ ତାରିଖରେ କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ସୋନପୁର, କୋରାପୁଟ, ବଲାଙ୍ଗିର, ବୌଦ୍ଧ, ଅନୁଗୋଳ, ଦେବଗଡ଼, ସୁନ୍ଦରଗଡ଼, କଟକ ଓ ଜଗତସିଂହପୁର ଜିଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ଘନ କୁହୁଡି ହେବାର ସମ୍ଭାବନା ରହିଛି। ସେହିଭଳି ୩ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳରେ ଘନକୁହୁଡ଼ି ଅନୁଭୂତ ହେବ। ଏଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେପଟେ ସୋମବାର କୋରାପୁଟରେ ସର୍ବନିମ୍ନ ୭.୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

# ୬ରୁ ବିଏସ୍‌କେୱାଇ-ନବୀନ କାର୍ଡ ପାଇଁ ପଞ୍ଜୀକରଣ

**ଭୁବନେଶ୍ୱର(ବ୍ୟୁରୋ):** ରାଜ୍ୟ ସରକାରଙ୍କ ପକ୍ଷରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ର ସଂପ୍ରସାରଣ ଆରମ୍ଭ ହୋଇଛି। ସରକାରୀ କର୍ମଚାରୀ ଓ କରଦାତାଙ୍କ ବ୍ୟତୀତ ଗ୍ରାମାଞ୍ଚଳର ଯେଉଁ ବ୍ୟକ୍ତିମାନେ ବିଏସ୍‌କେୱାଇ କାର୍ଡରେ ପଞ୍ଜୀକରଣ ହୋଇପାରିନାହାନ୍ତି ସେମାନଙ୍କ ପାଇଁ ବିଏସ୍‌କେୱାଇ-ନବୀନ କାର୍ଡର ଶୁଭାରମ୍ଭ ହୋଇଛି। ଏହିଭିତ୍ତିରେ ଚଳିତମାସ ୬ ତାରିଖରୁ ଏହି କାର୍ଡର ପଞ୍ଜୀକରଣ ଆରମ୍ଭ ହେବ। ପଞ୍ଚାୟତସ୍ତରରେ ୧୬ ତାରିଖ ପର୍ଯ୍ୟନ୍ତ ଏହାର ପଞ୍ଜୀକରଣ ଜାରି ରହିବ। ପଞ୍ଜୀକରଣ ସଂପର୍କରେ ଲୋକମାନେ ଯେପରି ଜାଣିପାରିବେ ସେଥିପାଇଁ ଆଜିଠାରୁ ଜିଲ୍ଲାସ୍ତରରେ ସଚେତନତା କାର୍ଯ୍ୟକ୍ରମ ଚାଲିବ। ଆଜି ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ସବୁ ଜିଲ୍ଲାପାଳମାନଙ୍କୁ ପତ୍ର ଲେଖି ଅବଗତ କରିଛନ୍ତି। ଅନ୍‌ଲାଇନ୍ ଜରିଆରେ ବିଏସ୍‌କେୱାଇ-ନବୀନ କାର୍ଡ ଆବେଦନ ହୋଇପାରିବ। ଆବେଦନକାରୀ ସହାୟତା କେନ୍ଦ୍ରର ବୈଷୟିକ ସହାୟତା




ନେଇପାରିବେ। ମୋ-ସେବା କେନ୍ଦ୍ରରେ ବିନା ଦେୟରେ ମଧ୍ୟ ପଞ୍ଜୀକରଣ କରିପାରିବେ। ଅଫ୍‌ଲାଇନ୍ ବ୍ୟବସ୍ଥାରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ଏହି କାର୍ଡ ପାଇଁ ସଦସ୍ୟ ଗ୍ରାମାଞ୍ଚଳରେ ବସବାସ କରୁଥିବା ଆବଶ୍ୟକ। କୌଣସି ସଦସ୍ୟ ୨୦୨୨-୨୩ ଆର୍ଥିକ ବର୍ଷରେ ଆୟକର ଦାତା ହୋଇ ନ ଥିବେ କିମ୍ବା ସରକାରୀ କର୍ମଚାରୀ କିମ୍ବା ପେନସନ ଭୋଗୀ ହୋଇ ନ ଥିବେ। ଏହାସହ ଆବେଦନକାରୀ ବିଏସ୍‌କେୱାଇ-ରାସନ କାର୍ଡରେ ସାମିଲ ହୋଇ ନ ଥିବା ଆବଶ୍ୟକ। ବିଏସ୍‌କେୱାଇ ନବୀନ କାର୍ଡରେ ପ୍ରତି ପରିବାର ପାଇଁ ବାର୍ଷିକ ୫ଲକ୍ଷ ଟଙ୍କା ଓ ମହିଳା ସଦସ୍ୟଙ୍କ ପାଇଁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସାର ବ୍ୟବସ୍ଥା ରହିଛି। ମେ' ୧ ତାରିଖରୁ ଲୋକମାନେ ଏହି ସୁବିଧା ପାଇପାରିବେ। ବିଏସ୍‌କେୱାଇ-ନବୀନ କାର୍ଡରେ ତାଲିକାଭୁକ୍ତ ଘରୋଇ ହସ୍ପିଟାଲମାନଙ୍କରେ ନିର୍ଦ୍ଧାରିତ ଗୁରୁତର(କ୍ରିଟିକାଲ୍) ରୋଗଗୁଡ଼ିକର ଦେୟମୁକ୍ତ ଚିକିତ୍ସା ପାଇବେ। ହୃଦ୍‌ରୋଗ, କିଡ଼୍‌ନି ରୋଗ, ଲିଭର, ବ୍ରେନ୍ ଷ୍ଟ୍ରୋକ୍, ଗମ୍ଭୀର ମସ୍ତିଷ୍କ କ୍ଷତ, ବ୍ରେନ୍ ଟ୍ୟୁମର, ପୋଡ଼ାଜଳା ଆହତ, ସ୍ନାୟୁ, ମାଂସପେଶୀ ଓ କ୍ୟାନସର ରୋଗଗୁଡ଼ିକ ସାମିଲ କରାଯାଇଛି। ତେଣୁ ଏହା ସଂପର୍କରେ ଜିଲ୍ଲା ସାମାଜିକ ଗଣମାଧ୍ୟମ ହ୍ୟାଣ୍ଡେଲ ଓ ୱେବସାଇଟ୍ ଜରିଆରେ ପ୍ରଚାର ପ୍ରସାର କରାଯିବାକୁ କୁହାଯାଇଛଇ। ମିସନ ଶକ୍ତି, ପଞ୍ଚାୟତିରାଜ, ମହିଳା ଓ ଶିଶୁ ବିକାଶ, ଏସ୍‌ଏମ୍‌ଇ, ସ୍ୱାସ୍ଥ୍ୟ ବିଭାଗରେ କ୍ଷେତ୍ରସ୍ତରରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହେବେ। ଏହାସହ ଗ୍ରାମ ପଞ୍ଚାୟତସ୍ତରରେ ମାଇକ୍ ଜରିଆରେ ପ୍ରଚାର ମଧ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସଚେତନତା କାର୍ଯ୍ୟକ୍ରମ କରିବା ଲାଗି ଜିଲ୍ଲା ଏସ୍‌ଏଚ୍‌ଏଏସ୍ ଆକାଉଣ୍ଟରେ ୧ଲକ୍ଷ ଟଙ୍କା ଦିଆଯାଇଛି। ଯଦି ଅଧିକ ଅର୍ଥର ଆବଶ୍ୟକତା ରହିଛି ତାହାଲେ ଏହା ସଂପର୍କରେ ଏସ୍‌ଏଚ୍‌ଏସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜଣାଇବା ଆବଶ୍ୟକ। ଏହି ଅର୍ଥ ରାଜ୍ୟ ସ୍ୱାସ୍ଥ୍ୟ ଆସ୍ୟୁରାନ୍‌ସ ସୋସାଇଟିରୁ ପ୍ରଦାନ କରାଯିବ ବୋଲି ପତ୍ରରେ ଉଲ୍ଲେଖ କରାଯାଇଛି।

## ପୁରୀ-ଖୋର୍ଦ୍ଧା-କଟକକୁ ଯୋଡ଼ିବ ମେଟ୍ରୋ

**ଭୁବନେଶ୍ୱର(ବ୍ୟୁରୋ):** ଆଜିର ଦିନଟି ରାଜ୍ୟର ବିକାଶ ଇତିହାସରେ ଏକ ସ୍ୱତନ୍ତ୍ର ଦିନ ହୋଇ ରହିବ। ପରିବହନ କ୍ଷେତ୍ରରେ ବଡ଼ ରୂପାନ୍ତର ହେବ। 'ମେଟ୍ରୋ ରେଳ' ପାଇଁ ମୁଁ ଯେଉଁ କଥା ଦେଇଥିଲି, ତାହା ଆଜି ରଖିଲି। ଲକ୍ଷ୍ମୀ ଯୋଜନା ଗାଁରେ ରୂପାନ୍ତର ଆଣିଛି, ମେଟ୍ରୋ ରେଳ ଯୋଜନା ଏହାକୁ ଆହୁରି ଆଗକୁ ନେବ। ପୁରୁଣା ରାଜଧାନୀ କଟକ ସହିତ ନୂଆ ରାଜଧାନୀ ଭୁବନେଶ୍ୱରର ସମ୍ପର୍କ ଆହୁରି ମଜଭୁତ ହେବ। ବାରଙ୍ଗ ରତାଗଡ଼ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମେଟ୍ରୋ ରେଳର ଭିତ୍ତିପ୍ରସ୍ତର ସ୍ଥାପନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଲେ ଯେ ବାଟରେ ଆସିବା ବେଳେ ରାସ୍ତାରେ ହଜାର ହଜାର ଲୋକଙ୍କ ଶୁଭେଚ୍ଛା ପାଇଲି। ସେମାନଙ୍କ ଆନନ୍ଦ ମୋତେ ମଧ୍ୟ ବହୁତ ଖୁସି ଦେଇଛି। ନୂଆ ବର୍ଷର ଏ ଖୁସି, ଏ ଆନନ୍ଦ, ସବୁ ଦିନ ଜାରି ରହୁ, ମହାପ୍ରଭୁଙ୍କ ନିକଟରେ ମୋର ଏତିକି ପ୍ରାର୍ଥନା। ବିକାଶର ରେଳ ଆପଣମାନଙ୍କ ସହଯୋଗରେ ଗତିଶୀଳ ହେଉ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ଯେ ଆଜି ମେଟ୍ରୋ ରେଳର ପ୍ରଥମ ପର୍ଯ୍ୟାୟ ଭିତ୍ତି ସ୍ଥାପନ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ଏୟାରପୋର୍ଟରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ନିର୍ମାଣ କରାଯିବ। ୨୬ କି.ମି. ଦୀର୍ଘ ଏହି ଲାଇନ୍‌ରେ ୨୦ଟି ଷ୍ଟେସନ ରହିବ। ଏଥିପାଇଁ ୬୨୫୫.୯୪ କୋଟି ଟଙ୍କା ଖର୍ଚ୍ଚ କରାଯିବ। ରାଜ୍ୟ ସରକାର ଏହି ସମସ୍ତ ଖର୍ଚ୍ଚ ବହନ କରିବେ। ଓଡ଼ିଶା ଇତିହାସ ଭିତ୍ତିଭୂମି କ୍ଷେତ୍ରରେ ଏହା ସବୁଠାରୁ ବଡ଼ ନିବେଶ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ତା' ସହିତ ଏହି ମେଟ୍ରୋ ରେଳକୁ ଖୋର୍ଦ୍ଧା, ପୁରୀ ଓ କଟକ ସହରକୁ ସଂପ୍ରସାରଣ କରିବା ପାଇଁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏୟାରପୋର୍ଟ ଛକରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ବାରଙ୍ଗ ରତାଗଡ଼ ପର୍ଯ୍ୟନ୍ତ ରୋଡ୍ ସୋ'ରେ ଯାଇଥିଲେ।

# ନୂଆବର୍ଷରେ ଏକାମ୍ର କ୍ଷେତ୍ରାଧିପତିଙ୍କୁ ଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ

**ଭୁବନେଶ୍ୱର(ବ୍ୟୁରୋ):** ଦର୍ଶନ ପାଇଁ ପାହାନ୍ତାରୁ ପ୍ରଭୁ ଲିଙ୍ଗରାଜଙ୍କ ସିଂହଦ୍ୱାର ଆଗରେ ଆଜି ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ହାତରେ ଥିଲା ବେଲପତ୍ର, ଫୁଲ, ନଡ଼ିଆ, ଫଳମୂଳ, ଦୀପ ଓ ଧୂପର ଡାଲା। ମୁହଁରେ 'ଓମ୍ ନମଃ ଶିବାୟ'। କେତେବେଳେ ସିଂହଦ୍ୱାର ଖୋଲିବ, ହୃଦୟର ଦେବତାଙ୍କୁ ଦର୍ଶନ କରି ମନୋକାମନା ବାଢ଼ିବେ, ଅପେକ୍ଷା କରିଥିଲେ ଶ୍ରଦ୍ଧାଳୁ। ସକାଳ ୫ଟାରେ ସିଂହଦ୍ୱାର ଖୋଲିଲା, ମିଳିଲା ଦିଅଁଙ୍କ ଅପୂର୍ବ ଦର୍ଶନର ସୌଭାଗ୍ୟ। ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ, ନାନା କଷ୍ଟ ଓ ଯନ୍ତ୍ରଣାକୁ ଖାତିର ନକରି ଏକାମ୍ର କ୍ଷେତ୍ରାଧିପତି ପ୍ରଭୁ ଲିଙ୍ଗରାଜଙ୍କୁ ନୂଆବର୍ଷରେ ଦର୍ଶନ କରିଥିଲେ ଲକ୍ଷାଧିକ ଶ୍ରଦ୍ଧାଳୁ। ସକାଳ ୫ଟାରୁ ସିଂହଦ୍ୱାର ଖୋଲିବା ପରେ ୫ଟା ୧୫ରେ ଆଳତି ହୋଇଥିଲା। ଅବକାଶ ନୀତି ସମ୍ପନ୍ନ କରାଯାଇ ୬ଟା ୨୦ ମିନିଟ୍ ପର୍ଯ୍ୟନ୍ତ ସାହାଣମେଲା ଦର୍ଶନ ହୋଇଥିଲା। ଏହାପରେ ଛାମୁ ପରିଷ୍କାର, ବଲ୍ଲଭ ଭୋଗ, ୮ଟା ୪୫ ମିନିଟ୍‌ରେ ସକାଳ



ଧୂପ ଓ ପଛକୁ ପଛ ଅନ୍ୟାନ୍ୟ ନୀତି ସେବା କରାଯାଇଥିଲା। ପୁଣି ୧୧ଟାରୁ ଦିନ ୨ଟା ଯାଏ ସାହାଣମେଲା ଦର୍ଶନ ହୋଇଥିଲା। ସାହାଣମେଲା ଦର୍ଶନ ଛଡ଼ା ଅନ୍ୟ ସମୟରେ ଶ୍ରଦ୍ଧାଳୁ ଆଡ଼କାଠ ନିକଟରୁ ପ୍ରଭୁ ଲିଙ୍ଗରାଜଙ୍କୁ ଦର୍ଶନ କରିଥିଲେ। ମନ୍ଦିର ପ୍ରଶାସନ ଭକ୍ତଙ୍କ ଗଣତି କରିନଥିଲେ ହେଁ ଆଜି ଲକ୍ଷେରୁ ଅଧିକ ଶ୍ରଦ୍ଧାଳୁ ପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ କରିଥିବା ଅନେକ ସେବାୟତ ମତ ଦେଇଛନ୍ତି। ଏକାମ୍ର କ୍ଷେତ୍ରାଧିପତିଙ୍କୁ ପୂଜାର୍ଚ୍ଚନା କରି ନିଜ ସହ ପରିବାର ପାଇଁ ସୁଖ, ଶାନ୍ତି ସମୃଦ୍ଧି କାମନା କରିବାକୁ ଭକ୍ତ ଦିନରାତି ଏକ କରି ଦେଇଥିଲେ। ମନ୍ଦିର ଭିତରେ ବାହାରେ ପାଦ ପକାଇବାକୁ ଜାଗା ମିଳି ନଥିଲା। ଶୃଙ୍ଖଳିତ ଦର୍ଶନ ପାଇଁ ପୁଲିସ ଓ ମନ୍ଦିର ପ୍ରଶାସନ ଧାଡ଼ି ବ୍ୟବସ୍ଥା କରିଥିଲେ। ଚାହୁଁ ଚାହୁଁ ଦୂରକୁ ଦୂରକୁ ଲମ୍ବି ଯାଇଥିଲା ଧାଡ଼ି। ମଝିରେ ମଝିରେ ଧାଡ଼ି ଭାଙ୍ଗିଯିବାରୁ ଠେଲାପେଲାରେ ପରିସ୍ଥିତି ଅଣାୟତ୍ତ ହୋଇଥିଲା। ମୁଖ୍ୟତଃ ଦିନ ୧୧ଟାରୁ ଅପରାହ୍ନ ଯାଏ ଧାଡ଼ିରେ ଠିଆହୋଇ ଭୀଷଣ କଷ୍ଟ ଭୋଗିଥିଲେ ଭକ୍ତ। ଏମିତିକି ଦର୍ଶନ ପାଇଁ ଜଣେ ଜଣେ ଭକ୍ତଙ୍କୁ ୨ରୁ ୩ ଘଣ୍ଟା ସମୟ ଲାଗିଥିଲା। ଖବର ଲେଖା ହେବା ବେଳକୁ (ରାତି ପ୍ରାୟ ୧୦ଟା) ଯାଏ ମଧ୍ୟ ଦର୍ଶନ ପାଇଁ ଭକ୍ତ ଧାଡ଼ିରେ ଠିଆ ହୋଇଥିଲେ। ଭକ୍ତ ପୂର୍ବ ଦ୍ୱାରରେ ପ୍ରବେଶ କରି ଉତ୍ତର ଦ୍ୱାରରେ ମନ୍ଦିର ବାହାରକୁ ବାହାରିଥିଲେ। ଏକାମ୍ରକ୍ଷେତ୍ରରେ ଥିବା ଅନ୍ୟ ମନ୍ଦିରମାନଙ୍କରେ ମଧ୍ୟ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ଠିକ୍ ସେମିତି ପ୍ରସାଦ ପାଇଁ ଲିଙ୍ଗରାଜ ମନ୍ଦିର ସମେତ ଅନନ୍ତ ବାସୁଦେବଙ୍କ ମନ୍ଦିରରେ ଭକ୍ତଙ୍କ ଗହଳି ଲାଗି ରହିଥିଲା।

# ଅନ୍ଧାରରେ ଶିକ୍ଷିତ ଦୃଷ୍ଟିବାଧିତ

**ଭୁବନେଶ୍ୱର(ବ୍ୟୁରୋ):** ଦୃଷ୍ଟିଶକ୍ତି ନଥାଇ ବି କଠିନ ପରିଶ୍ରମ କରି ସେମାନେ ପାଠ ପଢ଼ିଲେ। ଆଶା ଥିଲା, ଚାକିରି କରି ସମ୍ମାନଜନକ ଜୀବନଟିଏ ଜିଇବେ। ଜୀବନ ସେମାନଙ୍କୁ ଦେଖିବାର ଶକ୍ତି ଦେଇନି; କିନ୍ତୁ ତା'ଠୁ ଆହୁରି ଦୁର୍ଭାଗ୍ୟଜନକ କଥା ହେଉଛି, ସେମାନଙ୍କ ସମସ୍ୟାକୁ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ ନା ଦେଖୁଛନ୍ତି, ନା ଅଭିଯୋଗ କଲେ ଶୁଣୁଛନ୍ତି। ମଧୁବାବୁ ପେନସନ ଯୋଜନା ଅନ୍ତର୍ଗତ ୭୦୦ ଟଙ୍କା ଭତ୍ତା ଓ ଖାଦ୍ୟ ସୁରକ୍ଷା ଯୋଜନାରେ ୫ କେଜି ଚାଉଳ କ'ଣ ଜଣେ ଦୃଷ୍ଟିବାଧିତଙ୍କ ପାଇଁ ଯଥେଷ୍ଟ ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ଭିନ୍ନକ୍ଷମ ଭାବେ ଚିହ୍ନଟ ହୋଇନଥିବାରୁ ଅନେକ ଦୃଷ୍ଟିବାଧିତ ଲୋକ ଏହି ସର୍ବନିମ୍ନ ସୁବିଧା ବି ପାଉ ନାହାନ୍ତି। କିନ୍ତୁ କିଛି ନକଲି ଭିନ୍ନକ୍ଷମ ତାଙ୍କ ହକ୍ ଛଡାଇ ନେଉଥିବାର ଉଦାହରଣ ରହିଛି। ଗୋଟିଏ ପଟରେ ସ୍କୁଲରେ ସେମାନଙ୍କ ପାଇଁ ନିଯୁକ୍ତି ଭିତ୍ତିକ ଶିକ୍ଷା ବ୍ୟବସ୍ଥା ନାହିଁ, ଅନ୍ୟପଟରେ ଚାକିରିରେ ୪ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଥାଇ ମଧ୍ୟ ତା'କୁ ଉପଯୁକ୍ତ ଭାବରେ କାର୍ଯ୍ୟକାରୀ କରାଯାଉ ନଥିବା ଅଭିଯୋଗ ହେଉଛି। ରାଜଧାନୀର ବସ୍, ଟ୍ରେନ୍, ପ୍ଲାଟଫର୍ମ, ଧାର୍ମିକସ୍ଥଳ ଆଗ ଓ ରାସ୍ତାକଡ଼ ସମେତ ଅନ୍ୟ ଅନେକ ସ୍ଥାନରେ ଦୃଷ୍ଟିବାଧିତ ଭିକାରୀଙ୍କର ବଢୁଥିବା ସଂଖ୍ୟା ପଛରେ ଏହା ଅନ୍ୟତମ କାରଣ ବୋଲି କୁହା ଯାଉଛି। ଅନ୍ୟପଟେ ଲୋକେ ଦୃଷ୍ଟିବାଧିତଙ୍କୁ ସହଜରେ ଭିକ ଦେଉଥିବାରୁ ଅନେକ ମାଫିଆ ଏହାର ଫାଇଦା ଉଠାଇ ସେମାନଙ୍କ ଜରିଆରେ ନିଜେ ଅର୍ଥ ଉପାର୍ଜନ କରୁଛନ୍ତି। ଏହା ଭିତରେ ଦୃଷ୍ଟିବାଧିତଙ୍କୁ ଆତ୍ମନିର୍ଭରଶୀଳ କରିବା ବା ଚାକିରି ପ୍ରଦାନ ପାଇଁ ଦାବି ଜୋର ଧରିବାରେ ଲାଗିଛି। ଉତ୍କଳ ଦୃଷ୍ଟିହୀନ ସଂଘର ସୂଚନା ଅନୁସାରେ, ୧୯୯୬ ମସିହାରେ ଅନୁମୋଦିତ କେନ୍ଦ୍ର ସରକାରଙ୍କ ଭିନ୍ନକ୍ଷମ ଅଧିକାରୀ ଆଇନ ଅନୁଯାୟୀ ଭିନ୍ନକ୍ଷମଙ୍କ ପାଇଁ ଯୋଗ୍ୟ ଚାକିରି ଚିହ୍ନଟ ପାଇଁ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ରାଜ୍ୟରେ ଏହାକୁ ନେଇ କାର୍ଯ୍ୟକାରୀ କରାଗଲାନାହିଁ। ଅନେକ ଚାପ ପରେ ୨୦୦୬ ମସିହାରେ ରାଜ୍ୟ ସରକାର କିଛି ପଦ ଘୋଷଣା କଲେ ମଧ୍ୟ ଚାକିରି ପାଇଁ ବିଜ୍ଞପ୍ତି ପ୍ରକାଶିତ ହେଲାନି। ୨୦୧୬ ମସିହାର ସଂଶୋଧିତ ଭିନ୍ନକ୍ଷମ ଅଧିକାର ଆଇନ ଅନୁଯାୟୀ, ଭିନ୍ନକ୍ଷମଙ୍କ ପାଇଁ ଚାକିରି ଚିହ୍ନଟ ସହିତ ୩ ବର୍ଷ ପରେ ଥରେ ଏହାର ସଂଶୋଧନ ବା ରିଭିଜନ ହେବା ଉଚିତ।

## ୨୦ରେ ପହଞ୍ଚିଲା କରୋନା ଆକ୍ରାନ୍ତଙ୍କ ସଂଖ୍ୟା

**ଭୁବନେଶ୍ୱର(ବ୍ୟୁରୋ):** ରାଜ୍ୟରେ ସୋମବାର ଆଉ ୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ୍ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୦ରେ ପହଞ୍ଚିଛି। ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ନେଇ ଜନସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି, କରୋନା ଟେଷ୍ଟିଂ ବଢ଼ିଛି। ସମସ୍ତ ଆକ୍ରାନ୍ତ ମେଡିକାଲ ନ ଯାଇ ହୋମ୍ ଆଇସୋଲେଶନରେ ଅଛନ୍ତି। ତେଣୁ କେହି ଆତଙ୍କିତ ହେବାର ନାହିଁ। ସ୍ଥିତି ଉପରେ ନଜର ରଖାଯାଇଛି। ଲକ୍ଷଣ ପ୍ରକାଶ ପାଇଲେ ତୁରନ୍ତ ଟେଷ୍ଟ କରାଇବାକୁ ସେ ପରାମର୍ଶ ଦେଇଛନ୍ତି।



## ଭାରତପେ ଆର୍ଥିକ ବର୍ଷ୨୩ରେ ୧୮୨% ରାଜସ୍ୱ ବୃଦ୍ଧି କରିଛି

# ଇବିଆଇଡିଟିଏ କ୍ଷତି ୧୫୮ କୋଟି ହ୍ରାସ ପାଇଛି

**ଗୁରୁଗ୍ରାମ :** ଫିନଟେକରେ ଭାରତର ଅଗ୍ରଣୀ ଭାରତପେ ୨୦୨୩ର ଆର୍ଥିକ ବର୍ଷ ପାଇଁ ଏହାର ଆର୍ଥିକ ପ୍ରଦର୍ଶନ ଘୋଷଣା କରି ପ୍ରମୁଖ ବ୍ୟବସାୟ ବିଭାଗରେ ବହୁ ଅଭିବୃଦ୍ଧି ଓ ରଣନୀତିକ ଅଗ୍ରଗତି ପ୍ରଦର୍ଶନ କରିଛି। ଏହା ତାର କାରବାରରୁ ୧୮୨% ବୃଦ୍ଧି ଗୋଷଣା କରିଛି, ଆର୍ଥିକ ବର୍ଷ୨୨ରେ ୩୨୧ କୋଟିରୁ ଆର୍ଥିକ ବର୍ଷ ୨୩ରେ ୯୦୪ କୋଟି ପର୍ଯ୍ୟ' ବୃଦ୍ଧି ହୋଇଛି। ଟିକସ ପୂର୍ବ କ୍ଷତି ହ୍ରାସ କରିବାରେ ଟ.୫୫୯୪ କୋଟିରୁ ଟ.୮୮୬ କୋଟିର ଭୂମିକା ରହିଥିବା ବେଳେ ଇବିଆଇଟିଡିଏ କ୍ଷତି ମଧ୍ୟ ପ୍ରାୟ ୧୫୮ କୋଟି ହ୍ରାସ ପାଇଛି। ଋଣ ପ୍ରଦାନ କ୍ଷେତ୍ରରେ ଭାରତପେ ମର୍ଚ୍ଚାଂଟର ଋଣ ବିଭାଗରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି, ଯେଉଁଥିରେ ଋଣର ୧୨୯% ବୃଦ୍ଧି ସହଜ ହୋଇଛି। ଏହା ସହ ଉପଯୋଗୀତା ଦେୟ, ଏହାର ଉପଭୋକ୍ତା ବ୍ୟବସାୟ ପୋଷ୍ଟରେ ନବ ସୃଜନ ଓ ବିବିଧକରଣ ପାଇଁ ଉତ୍ସର୍ଗୀକୃତତାକୁ ପ୍ରଦର୍ଶନ କରିଥାଏ। ଅନ୍ୟପକ୍ଷରେ ସ୍ୱାଇପ ବ୍ୟବସାୟରେ ଟିପିଭିରେ ୬୩% ବୃଦ୍ଧି ଓ ଆର୍ଥିକ ବର୍ଷ ୨୩ରେ ପ୍ରାୟ ୮ ଲକ୍ଷ ନୂଆ ସାଉଣ୍ଡବକ୍ସ ଉପକରଣ ସ୍ଥାପନ ଭାରତପେର ଭୂମିକାକୁ ବୃଦ୍ଧି କରିବାରେ ଆଉ ଏକ ବଡ଼ ପଦକ୍ଷେପ। ଏହି ମାଇଲଖୁଂଟ ଅତିକ୍ରମ ଉପରେ ମତ ଦେଇ ନଳିନୀ ନେଗି, ସିଏଫଓ ଏବଂ ଇଂଟେରିମ ସିଇଓ, ଭାରତପେ କହିଛଁଯେ  ଆମେ ଆଉ ଏକ ବର୍ଷ ଅତିକ୍ରମ କରି ଭଲ ପ୍ରଦର୍ଶନ କରିପାରିଥିବାରୁ ଆନନ୍ଦିତ। ଆମର ବ୍ୟବସାୟ ଧାରାରେ ମହତ୍ୱପୂର୍ଣ୍ଣ ଅଭିବୃଦ୍ଧି, ଉନ୍ନତ ଆର୍ଥିକ ମେଟ୍ରିକ ସହ ମିଶି ଆମର ବଣିକ ଓ ପୃଷ୍ଠପୋଷକଙ୍କ ପାଇଁ ମୂଲ୍ୟ ସୃଷ୍ଟି କରିବାକୁ ଆମର ପ୍ରତିବଦ୍ଧତା ସୂଚୀତ କରେ। ଏହି ଫଳାଫଳ ଗୁଡ଼ିକ ଆମ ଦଳର ନିଷ୍ଠା ଓ ଉତ୍ସର୍ଗୀକୃତତାର ପ୍ରମାଣ ତଥା ଗ୍ରାହକଙ୍କ ସମର୍ଥନ ଯୋଗୁ ସମ୍ଭବ ହୋଇପାରିଛି। ସେ ଆଉ ମଧ୍ୟ କହିଛନ୍ତି ଆଗକୁ ବଢିବା, ଆମର ରଣନୀତିକ ଧ୍ୟାନ ହେଉଛି ସ୍ଥାୟୀ ଲାଭ, ସ୍କେଲିଂ ଋଣ,ପିଓଏସ ଓ ସାଉଣ୍ଡବକ୍ସ ବ୍ୟବସାୟ। ଆମେ ଏକ ସ୍ଥାୟୀ ବ୍ୟବସାୟ ଗଠନ, ଆର୍ଥିକ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଆମର ସହଭାଗୀତା ପ୍ରତିପୋଷଣ କରିବା ଓ ଅଗ୍ରଣୀ ଫିନଟେକ କଂପାନି ଭାବରେ ପରିଗଣିତ ହେବା ଲକ୍ଷ୍ୟ ରଖିଛୁ।

# ଜିନ୍ଦଲ ଷ୍ଟେନଲେସ ବାର୍ଷିକ ପ୍ରାୟ ୧.୯ ବିଲିୟନ ୟୁନିଟରୁ ଅଧିକ ସ୍ୱଚ୍ଛ ଶକ୍ତି ଉତ୍ପାଦନ କରିବ

**ଭୁବନେଶ୍ୱର(ବ୍ୟୁରୋ):** ଭାରତର ସର୍ବବୃହତ ଷ୍ଟେନଲେସ ଷ୍ଟିଲ ଉତ୍ପାଦନକାରୀ ଜିନ୍ଦଲ ଷ୍ଟେନଲେସ ଏହାର ନୂତନ ପ୍ରକାଶିତ ସଷ୍ଟେନେବିଲିଟି ରିପୋର୍ଟ ଅନୁଯାୟୀ ପବନ-ସୌର ହାଇବ୍ରିଡ, ଭାସମାନ ଏବଂ ଛାତ ଉପର ସୌର ପ୍ଲାଂଟ ମାଧ୍ୟମରେ ବାର୍ଷିକ ୧.୯ ବିଲିୟନ ୟୁନିଟରୁ ଅଧିକ ସ୍ୱଚ୍ଛ ବିଦ୍ୟୁତ ଶକ୍ତି ଉତ୍ପାଦନ କରିବ। ଏହି ପଦକ୍ଷେପଗୁଡ଼ିକ ମାଧ୍ୟମରେ ବାର୍ଷିକ ୧୩.୫୨ ଲକ୍ଷ ଟନରୁ ଅଧିକ କାର୍ବନ ନିର୍ଗମନ ହ୍ରାସ କରାଯାଇପାରିବ। ୧୦୦ ମେଗାୱାଟ (ମେଗାୱାଟ) ରାଉଣ୍ଡ-କ୍ଲକ୍ (ଆରଟିସି) ଅକ୍ଷୟ ଶକ୍ତି ଯୋଗାଇବା ପାଇଁ କମ୍ପାନୀ ପୂର୍ବରୁ ରିନ୍ୟୁ ପାୱାର ସହିତ ଭାଗୀଦାର ହୋଇଛି। ଯାଜପୁର ଏବଂ ହିସାରରେ ଥିବା ଉତ୍ପାଦନ ୟୁନିଟ୍ ଗୁଡିକରେ ପୃଥକ ୧୦୦ ମେଗାୱାଟ ଆରଟିସି ଅକ୍ଷୟ ଶକ୍ତି ପ୍ରକଳ୍ପ ଗଠନ ପାଇଁ ମଧ୍ୟ ଆଲୋଚନା ଚାଲିଛି। ଏହି ପ୍ରୟାସ ମାଧ୍ୟମରେ ଉଭୟ ୟୁନିଟ୍ ପାଇଁ ୩୦୦ ମେଗାୱାଟ ଆରଇ- ଆରଟିସି ମିଳିତ କ୍ଷମତା ହାସଲ କରିବାକୁ ଲକ୍ଷ୍ୟ ରହିଛି। ସଷ୍ଟେନେବିଲିଟି ରିପୋର୍ଟ ଉନ୍ମୋଚନ କରିବା ସହ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି 'ଏହି ରିପୋର୍ଟ ପରିବେଶ ତଥା ସାମାଜିକ ଦାୟିତ୍ୱରେ ଉତ୍କର୍ଷତା ପାଇଁ ଆମର ନିର'ର ପ୍ରଚେଷ୍ଟାକୁ ପ୍ରମାଣିତ କରୁଛି। ଅକ୍ଷୟ ଶକ୍ତି ପଦକ୍ଷେପଗୁଡ଼ିକରେ ଉଲ୍ଲେଖନୀୟ ସଫଳତା ଆମର ସବୁଜ ଭବିଷ୍ୟତ ଗଠନ ଲକ୍ଷ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ। ରିସର୍ଚ୍ଚ ଆଣ୍ଡ ଡେଭେଲପମେଂଟରେ ଆମର ଅଗ୍ରଗତି ଶିଳ୍ପ ମାନକକୁ ବଢ଼ାଏ ଏବଂ ପୃଥିବୀ ଓ ଏହାର ଲୋକମାନଙ୍କ ପାଇଁ ଆମର କାର୍ଯ୍ୟକଳାପର ସକରାତ୍ମକ ଯୋଗଦାନକୁ ସୁନିଶ୍ଚିତ କରେ । ଏହି ଅବସରରେ ଜିନ୍ଦଲ ଷ୍ଟେନଲେସର ମୁଖ୍ୟ ସଷ୍ଟେନେବିଲିଟି ଅଫିସର ଶ୍ରୀ କଲ୍ୟାଣ ଭଟ୍ଟାଚାର୍ଜୀ କହିଛନ୍ତି, 'ପରିବେଶ, ସାମାଜିକ ଏବଂ ଶାସନ ପରିଚାଳନା ତଥ୍ୟର ଅଟୋମେସନ ଦ୍ୱାରା ତଥ୍ୟ ପରିଚାଳନା ତଥା ମନିଟରିଂକୁ ସଶକ୍ତ କରିବା ପାଇଁ ଆମେ ଡିଜିଟାଲ ପରିବର୍ତ୍ତନ ଯାତ୍ରାରେ ଆଗେଇ ଚାଲିଛୁ। ପରିବେଶ ଓ ଦାୟିତ୍ୱପୂର୍ଣ୍ଣ ବ୍ୟବସାୟ ଅଭ୍ୟାସ ପ୍ରତି ଆମର ପ୍ରତିବଦ୍ଧତା ହିଁ ଜିନ୍ଦଲ ଷ୍ଟେନଲେସର ମୂଲ୍ୟବୋଧ ଏବଂ ବ୍ୟବସାୟ ରଣନୀତିର ମୂଳଦୁଆ ଅଟେ। ଆମେ ନିରନ୍ତର ବିକାଶର ଏକ ପରମ୍ପରା ପ୍ରତିଷ୍ଠା କରୁଛୁ ଯାହା ବ୍ୟବସାୟିକ ଲକ୍ଷ୍ୟକୁ ଅତିକ୍ରମ କରି ପରିବେଶ ସଚେତନତାକୁ ଆମ କାର୍ଯ୍ୟଶୈଳୀର ଏକ ମୌଳିକ ଅଂଶରେ ପରିଣତ କରିପାରିଛି । ୨୦୫୦ ସୁଦ୍ଧା ନେଟ୍ ଶୂନ୍ୟ ନିର୍ଗମନ, ଶୂନ୍ୟ ତରଳ ବର୍ଜ୍ୟ ନିଷ୍କାସନ ଏବଂ ସାମଗ୍ରୀର ପୁନଃବ୍ୟବହାର ଲକ୍ଷ୍ୟ ସହ ଏହି ରିପୋର୍ଟ ଜିନ୍ଦଲ ଷ୍ଟେନଲେସର ସଷ୍ଟେନେବିଲିଟି ଅଭ୍ୟାସ ପ୍ରତି ଥିବା ନିଷ୍ଠାକୁ ଦର୍ଶାଏ। ଗ୍ଲୋବାଲ ରିପୋର୍ଟିଂ ଇନିସିଏଟିଭ୍ ମାନକ ଅଧୀନରେ ଆର୍ଥିକ ବର୍ଷ ୨୦୨୨-୨୩ର ସଷ୍ଟେନେବିଲିଟି ରିପୋର୍ଟ ପ୍ରସ୍ତୁତ କରିବାରେ ଜିନ୍ଦଲ ଷ୍ଟେନଲେସକୁ ପିଡବ୍ଲ୍ୟୁସି ସାହାଯ୍ୟ କରିଛି। ଯାହାକୁ ତୃତୀୟ ପକ୍ଷ ନିଶ୍ଚିତତା ପ୍ରଦାନକାରୀ ଟିୟୁଭି ଏସୟୁଡି ଦକ୍ଷିଣ ଏସିଆ ପ୍ରାଇଭେଟ୍ ଲିମିଟେଡ ସ୍ୱାଧୀନ ଭାବରେ ଯାଂଚ କରିଛନ୍ତି।

# ରାଜଧାନୀରେ ଫୁଲ ପାଇଁ ରାସ୍ତା ଜାମ୍

**ଭୁବନେଶ୍ୱର(ବ୍ୟୁରୋ):** ରାଜଧାନୀରେ ଆଜି ନୂଆବର୍ଷ ପାଇଁ ସବୁଠୁ ଅଧିକ ଉତ୍ସାହିତ ଥିଲା ଫୁଲ ଓ କେକ୍ ବଜାର। ଭଳିକି ଭଳି ଫୁଲ ସହିତ ଫୁଲତୋଡ଼ା ପାଇଁ ଲୋକେ ସକାଳୁ ଗହଳି କରିଥିଲେ। ନୂଆବର୍ଷ ଅବସରରେ ପ୍ରିୟଲୋକଙ୍କ ସହିତ ସହକର୍ମୀ ଓ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଫୁଲତୋଡ଼ା ଦେବାର ପରଂପରା ଥିବାରୁ ଏହାର ଚାହିଦା ଆଜି ଖୁବ୍ ବଢ଼ିଯାଇଥିଲା। ୧୦୦ ଟଙ୍କା ଭିତରେ ବିକ୍ରି ହେଉଥିବା ଫୁଲତୋଡ଼ାର ମୂଲ୍ୟ ଅନେକ ଅଞ୍ଚଳରେ ୧୦୦୦ ଟଙ୍କାରେ ପହଞ୍ଚି ଯାଇଥିଲା। କିନ୍ତୁ ଏହି ଫୁଲର ଚାହିଦା ରାଜଧାନୀର ନିତିଦିନିଆ ସମସ୍ୟା ଟ୍ରାଫିକ ସ୍ଥିତିକୁ ଆହୁରି ବିଗାଡ଼ି ଦେଇଥିଲା। ରାଜଧାନୀର ଅଧିକାଂଶ




ସ୍ଥାନରେ ଫୁଲ ବ୍ୟବସାୟୀମାନେ ଆଜି ରାସ୍ତା ଉପରେ ଫୁଲର ପସରା ମେଲାଇ ଦେଇଥିବାରୁ ତା'ଦ୍ୱାରା ତଥା ତାକୁ କିଣିବାକୁ ଆସୁଥିବା ଲୋକଙ୍କ ଗାଡ଼ି ଦ୍ୱାରା ବିଭିନ୍ନ ସ୍ଥାନରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଉଦାହରଣ ଭାବରେ ଏକ ନମ୍ବର ମାର୍କେଟରୁ ଏଜି ଛକକୁ ନିଆଯାଇପାରେ। ଏଠାରେ ରାସ୍ତାକଡ଼ରେ ଥିବା ରାସ୍ତାର ଦୁଇପାର୍ଶ୍ୱରେ ଭେଣ୍ଡିଂଜୋନଥିବାରୁ ଟ୍ରାଫିକ ସମସ୍ୟା ବେଶ୍ ଜଟିଳ ହୋଇପଡ଼ିଥିଲା। ଗୋଟିଏ ପଟେ ପାର୍କିଂ ପାଇଁ ସ୍ଥାନ ନଥିବାରୁ ଲୋକେ ରାସ୍ତାରେ ଭେଣ୍ଡିଂଜୋନ୍ ବ୍ୟବସାୟୀମାନେ ନିଜ ଫୁଲର ସମ୍ଭାରକୁ ରାସ୍ତା ଉପର ପର୍ଯ୍ୟନ୍ତ ନେଇ ଆସିଥିବାରୁ ସେଠାରେ ପ୍ରବଳ ଟ୍ରାଫିକ ସମସ୍ୟା ଦେଖାଯାଇଥିଲା। ମାତ୍ର ୧୦୦ ମିଟର ରାସ୍ତାକୁ ପାର ଦେବାଲାଗି ୧୫-୨୦ ମିନିଟ ଲାଗିଯାଉଥିଲା। ଷ୍ଟୁଆର୍ଟ ସ୍କୁଲ ଛକରୁ ସିଆରପି ଛକର ସ୍ଥିତି ତ ଆହୁରି ଶୋଚନୀୟ ହୋଇ ପଡ଼ିଥିଲା। ଗାଡ଼ି ପାର୍କ କରୁଥିବାବେଳେ ଆଉ ଗୋଟେ ପଟେ ବ୍ୟବସାୟୀମାନେ ଅଧାରାସ୍ତା ଯାଏଁ ଫୁଲ ଓ ଅନ୍ୟାନ୍ୟ ସାମଗ୍ରୀର ପସରା ମେଲାଇ ଦେଇଥିଲେ। ପୁଣି ରାସ୍ତା ମଝିରେ ଥିବା ଡିଭାଇଡର ରାସ୍ତାକୁ ଆହୁରି ଛୋଟ କରିଦେଉଛି। ଫଳରେ ଆଜି ଭିଡ଼ ଯୋଗୁଁ ଏହି ରାସ୍ତାରେ ଦୁଇଟି ଗାଡ଼ି ଏକସମୟରେ ଯିବା ମଧ୍ୟ ସମ୍ଭବପର ହେଉ ନଥିଲା। ମାତ୍ର ୧୦୦ ମିଟର ରାସ୍ତାକୁ ଅଧଘଣ୍ଟା ସମୟ ଲାଗିଯାଉଥିଲା। ସେହିପରି ଆଇଡି ମାର୍କେଟ ଛକରୁ ମହିଳା ଟାଙ୍କି ଛକ ପର୍ଯ୍ୟନ୍ତ ସମାନ ସ୍ଥିତି ହୋଇଥିଲା। ଏଠାରେ ମଧ୍ୟ ଆଜି ଫୁଲ ଓ ଅନ୍ୟାନ୍ୟ ସାମଗ୍ରୀ କିଣିବା ପାଇଁ ପ୍ରବଳ ଭିଡ଼ ହୋଇଥିଲା। ପାଖାପାଖି ୮୦୦ ମିଟର ରାସ୍ତା ପାର ହେବା ପାଇଁ ଅଧଘଣ୍ଟା ସମୟ ଲାଗି ଯାଉଥିଲା।

# ଦୁଇଦିନିଆ ଜିଲ୍ଲାସ୍ତରୀୟ ବାର୍ଷିକ ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ




**ବାରିପଦା(ଅମୃତ ମିଡିଆ):** ସ୍ଥାନୀୟ ବାରିପଦା ଷ୍ଟାଡିୟମରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନ ଆନୁକୂଲ୍ୟରେ ଦୁଇ ଦିନିଆ ଜିଲ୍ଲା ସ୍ତରୀୟ ବାର୍ଷିକ ଖେଳକୁଦ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ଦୁଇ ଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୪୦୦ ରୁ ଅଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ ଦୌଡ଼, ଡିଆଁ, ଥ୍ରୋ ଆଦି ପ୍ରତିଯୋଗିତା ହୋଇଥିଲା । ବିଭିନ୍ନ ବିଭାଗରୁ ପ୍ରାୟ ୧୫୦ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି । ପ୍ରଥମ ସ୍ଥାନ ଅଧିକାର କରିଥିବା ଖେଳାଳୀ ମାନେ ରାଜ୍ୟର ରେକର୍ଡ ଅନୁସାରେ ଆଗାମୀ ଦିନରେ ରାଜ୍ୟ ସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିପାରିବେ ବୋଲି ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଜଣାଇଛନ୍ତି । ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପୁରସ୍କାର ବିତରଣ କରିବା ସହ ସମସ୍ତଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମୟୁରଭ ଏଥଲେଟିକ ଏସୋସିଏସନର ଉପସଭାପତି ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ଶ୍ରୀ ଦାସ, ସହ ସମ୍ପାଦକ ଅମ୍ବିକା ରାଉତ, ହର ପ୍ରସାଦ ପାତ୍ର, ମଂଟୁ ଦା, ନନ୍ଦଲାଲ ମହାପାତ୍ର, ରମେଶ ରାଉତ, ଅଶୋକ କୁମାର ରାଉତ, ନିରୋଜ କୁମାର ସାହୁ, ପ୍ରଭାତ ମହାନ୍ତି, ଅନନ୍ତ ଦାସ, କରିଆ ଏଥଲେଟିକ ଏସୋସିଏସନର ସଭ୍ୟ ସମୀର ଓଡା, କପ୍ତିପଦା ଉପଖଣ୍ଡର ସଭ୍ୟ ଗଦାଧର ବେହେରା, ବିଶିଷ୍ଟ କ୍ରୀଡ଼ାବିତ ତଥା କୋଚ କୁମାର ରନ ପଣ୍ଡା, ପ୍ରଦୀପ କୁମାର ବେହେରା, ବିନୋଦ ରାମ ଏବଂ କୈଳାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଏହି ପ୍ରତିଯୋଗିତାକୁ ସଫଳ କରିଥିବା ସମସ୍ତ କ୍ରୀଡା ଶିକ୍ଷକ , ଶିକ୍ଷୟତ୍ରୀ, କାଉନସିଲ ସଭ୍ୟ ତଥା ପ୍ରତିଯୋଗୀ ମାନଙ୍କୁ ସାଧାରଣ ସମ୍ପାଦକ ଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# କାଗଜ କଳ ଶ୍ରମିକ ମାନଙ୍କ ଯୁଗ୍ମ ଶ୍ରମ କମିଶନରଙ୍କୁ ଦାବିପତ୍ର ପ୍ରଦାନ

**ଜୟପୁର(ଅମୃତ ମିଡିଆ):** ଆଜି ସେବା କାଗଜ କଳ ଅବସରପ୍ରାପ୍ତ ଶ୍ରମିକ ଓ ସଂଘ ପକ୍ଷରୁ ଜୟପୁର ସ୍ଥିତ ଯୁଗ୍ମ ଶ୍ରମ କମିଶନରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଜୟପୁର ମୁଖ୍ୟ ଟ୍ରାଫିକ ଛକରୁ ଶ୍ରମିକ ମାନେ ବାହାରି ଶ୍ରମ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଯୁଗ୍ମ ଶ୍ରମ କମିଶନର ଓ ଡିଏଲ୍‌ଓ ଙ୍କ ଅନୁପସ୍ଥିତିରେ ସହଯୋଗୀ ଶ୍ରମ ଅଧିକାରୀ ଙ୍କୁ ଦାବିପତ୍ର ଦାବି ପତ୍ର ପ୍ରଦାନ କରିଛନ୍ତି । ଆସନ୍ତା କାଲି ଯୁଗ୍ମ ଶ୍ରମ କମିଶନରଙ୍କୁ ଭେଟି ପୁଣି ଆଲୋଚନା କରାଯିବ ବୋଲି ଶ୍ରମିକ ସଂଘ ସଭାପତି ଶ୍ରୀ ପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ଦାବିପତ୍ର ରେ ଉଲ୍ଲେଖ ରହିଛି ଯେ ୨୦୨୦ ରୁ ଏ କାରଖାନା ମଦର ଆର୍ଥ୍ କମ୍ପାନୀ କୁ ବିକ୍ରି ହେଲା ପରେ ଗତ ଚାରିବର୍ଷରେ ନୂଆ କମ୍ପାନୀ ୨୦୮ କୋଟି ଟଙ୍କା ଋଣ ନେଇଛି କିନ୍ତୁ କାରଖାନା ଆଜି ପର୍ଯ୍ୟନ୍ତ ଠିକ୍ ଭାବେ ଚାଲି ପାରିଲା ନାହିଁ । ୨୦୨୩ ମାର୍ଚ୍ଚ ୧୭ ତାରିଖରେ ମ୍ୟାନେଜମେଣ୍ଟ ଡିଏଲସିଙ୍କୁ ଲିଖିତ ଭାବେ ଦେଇଥିଲା ଯେ ଚାରି ମାସ ମଧ୍ୟରେ ମୃତ ଶ୍ରମିକଙ୍କ ପରିବାରକୁ ଗ୍ରାଚ୍ୟୁଇଟି ପାଉଣା ଦେଇଦେବ । କିନ୍ତୁ ଆଜି ପର୍ଯ୍ୟନ୍ତ ଚାରି ଭାଗରୁ ଭାଗେ ମଧ୍ୟ ମିଳିଲା ନାହିଁ । ବର୍ତ୍ତମାନ କାର୍ଯ୍ୟରତ ଶ୍ରମିକ ମାନଙ୍କୁ ଚାରି ମାସ ହେଲା ଦରମା ନାହିଁ । କାଗଜ କଳ ଠିକ୍ ଚାଲୁଛି । କିନ୍ତୁ କଞ୍ଚାମାଲ କେମିକାଲ ଅଭାବରୁ ଅଧିକାଂଶ ସମୟ କାରଖାନା ବନ୍ଦ ରହୁଛି । ଅନ୍ୟ ଦିଗରେ ଶ୍ରମିକ ମାନଙ୍କ ଦରମା ଓ ସର୍ଭିସ୍ କଣ୍ଡିସନ୍ କାଟିବା ରେ ଲାଗିଛି । ଦରମା ସ୍ଲିପ୍ , ପି ଏଫ୍ ସ୍ଲିପ୍ ମଧ୍ୟ ଏତେବଡ଼ କାରଖାନା ରେ ମିଳୁନାହିଁ । କେତେ ଦରମା କାଟିଛି କେହି ଜାଣି ପାରୁ ନାହାଁନ୍ତି । ଗତ ଚାରିବର୍ଷ ମଧ୍ୟରେ ଅନେକ ବିସଙ୍ଗତି ସୃଷ୍ଟି ହୋଇଛି ତା'ର ସମାଧାନ ପାଇଁ ମ୍ୟାନେଜମେଣ୍ଟ ର କୌଣସି ପଦକ୍ଷେପ ନାହିଁ । ଯେତେବେଳେ ବି ଶ୍ରମ ବିଭାଗ ରେ ଆଲୋଚନା ହେଉଛି ମ୍ୟାନେଜମେଣ୍ଟ କଥାବାର୍ତ୍ତା କରିବ ବୋଲି କହି ପରେ ଫାଙ୍କି ମାରୁଛି ।ଗ୍ରାଚ୍ୟୁଇଟି କେସ୍ ଅର୍ଡର୍ ହେବା ପରେ ମଧ୍ୟ ମ୍ୟାନେଜମେଣ୍ଟ ଦେଉନି କି ଶ୍ରମ ଯୁଗ୍ମ କମିଶନର କୌଣସି ଦୃଢ଼ ଆଇନଗତ ପଦକ୍ଷେପ ନେଉ ନାହାଁନ୍ତି । ଏଭଳି ସ୍ଥଳେ କାରଖାନା ର ଶ୍ରମିକ ମାନଙ୍କ ସମସ୍ୟା ସମାଧାନ ପାଇଁ ଯୁଗ୍ମ ଶ୍ରମ କମିଶନର ତୁରନ୍ତ ମିଳିତ ବୈଠକ ଡକେଇବା ପାଇଁ ୟୁନିଅନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ର ର ନକଲ ରାଜ୍ୟ ମୁଖ୍ୟ ଶାସନ ସଚିବ, ଫାଇଭ୍ ଟି ଚେୟାରମ୍ୟାନ୍,ଶ୍ରମ ମନ୍ତ୍ରୀ, ଶ୍ରମ କମିଶନର ଙ୍କୁ ଦିଆଯାଇଛି । ଏହାର ନକଲ ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ଙ୍କୁ ମଧ୍ୟ ଦିଆଯାଇଛି ।ଆଜିର ବିକ୍ଷୋଭ ଶୋଭାଯାତ୍ରା ଓ ସଭା କୁ ମିଳିତ କ୍ରିୟାନୁଷ୍ଠାନ କମିଟି ର ଅଧ୍ୟକ୍ଷ ଶ୍ରୀ ଯୁଧିଷ୍ଠିର ରାଉଳ, ଶ୍ରମିକ ସଂଘ ସଭାପତି ଶ୍ରୀ ପ୍ରମୋଦ କୁମାର ମହାନ୍ତି, ସାଧାରଣ ସମ୍ପାଦକ ଶ୍ରୀ ପ୍ରଦୀପ ପାଞ୍ଜିଆ , ସମ୍ପାଦକ ଶ୍ରୀ ବନମାଳୀ ପାତ୍ର,ନାରାୟଣ ଦାଶ , ବସନ୍ତ ବେହେରା, ପ୍ରମୋଦ ତିୱାରୀ,ଅଲେଖ ପାତ୍ର,କେ ସତ୍ୟନାରାୟଣା, ଉମା ଶତପଥି,ପ୍ରହଲ୍ଲାଦ ମଲ୍ଲିକ, ବିଚିତ୍ର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ ।




## ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ପିସି ସ୍କୁଲର ୫ ଛାତ୍ରଙ୍କ ସଫଳତା

**ବାରିପଦା(ଅମୃତ ମିଡିଆ):** ସ୍ଥାନୀୟ ବାରିପଦା ଷ୍ଟାଡିୟମରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନ ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲା ସ୍ତରୀୟ ବାର୍ଷିକ ଖେଳକୁଦ ପ୍ରତିଯୋଗିତାରେ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫ ଜଣ ଛାତ୍ର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି ଓ ଶହ ଶହ ପ୍ରତିଯୋଗୀଙ୍କ ଭିତରେ ୧୪ ବର୍ଷରୁ କମ ବାଳକ ବିଭାଗରେ ରାମଚନ୍ଦ୍ର ହେମ୍ବ୍ରମ ୬୦ ମି ଦୌଡ଼ ଓ ଉଚ୍ଚ ଡିଆଁରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ୧୬ ବର୍ଷରୁ କମ ବାଳକ ବିଭାଗରେ ଜାଗେନ କିସ୍କୁ ଉଚ୍ଚ ଡିଆଁ ଓ ସଟପୁଟ ଥ୍ରୋ ରେ ପ୍ରଥମ, ଦଶରଥ ମାଝୀ ଡିସ୍କସ ଥ୍ରୋରେ ପ୍ରଥମ ଏବଂ ସଟପୁଟ ଥ୍ରୋ ରେ ଦ୍ୱିତୀୟ ସ୍ଥାନ, ସାଜନ ବେହେରା ଜାଭେଲିନ ଥ୍ରୋ ଓ ସଟପୁଟ ଥ୍ରୋ ରେ ତୃତୀୟ ତଥା ରୁଷିକ ସୋରେନ ଡିସ୍କସ ଥ୍ରୋରେ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି ଓ ଏହି ସଫଳତା ପାଇଁ ପ୍ରଧାନ ଶିକ୍ଷକ ସୋମନାଥ ସିଂହ କୃତୀ ପ୍ରତିଯୋଗୀ ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଏହି ସଫଳତା ପାଇଁ କ୍ରୀଡା ଶିକ୍ଷକ ଅଭିଷେକ ବେହେରା, ୱାର୍ଡେନ ସରୋଜ କୁମାର ସାବତ, ଜିତେନ୍ ବାହାଦୁର ଲାମା ଓ ବାମା ଚରଣ ବାନରା ଙ୍କୁ ଧନ୍ୟବାଦ ଦେଇଛନ୍ତି ଓ ଖବର ପାଇ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ତଥା ଅଂଚଳବାସୀଙ୍କ ସମେତ ନଗରପାଳ କୃଷ୍ଣନନ୍ଦ ମହାନ୍ତି, ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ବ୍ଲକ ଶିକ୍ଷା ଅଧିକାରୀ ନଳିନୀକାନ୍ତ ପ୍ରଧାନ, ସି ଆର ସି ସି ଧନଞ୍ଜୟ ସାହୁ ଅଭିନନ୍ଦନ ଜଣାଇଛନ୍ତି ।



# ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଘାଟିତ

**ଚଣ୍ଡିଖୋଲ(ଅମୃତ ମିଡିଆ):** ଚଣ୍ଡିଖୋଲ ସ୍ଥିତ ଆଞ୍ଚଳିକ ପରିବହନ କାଯ୍ୟାଳୟ ଠାରେ ଆଜି ସପ୍ତାହ ବ୍ୟାପୀ ସଦକାସୁରକ୍ଷା ସପ୍ତାହ ଉଦ୍ଘାଟିତ ହୋଇଯାଇଅଛି ! ଆଞ୍ଚଳିକ ପରିବହନ ଅଧିକାରୀ ସମ୍ମିତ କୁମାରଙ୍କ ସଭାପତିତ୍ୱରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ଏଥିରେ ଅତିଥି ଭାବେ ଜରୀୟରକ୍ଷଜପଥ ପ୍ରାଧିକରଣ ଅଧିକାରୀ ଜୟପ୍ରକାଶ ବର୍ମା ଯୋଗଦେଇ ସଡ଼କ ସୁରକ୍ଷା ଉପରେ ଆଲୋଚକ କରିଥିଲେ ଗକ୍ଷଡି ଚାଳକ ଓ ଜନସାଧାରଣ ରାସ୍ତାରେ ଯିବା ସମୟରେ ସତର୍କତା ଅବଲମ୍ବନ କରିବା ସହ ସମସ୍ତ ନିୟମକୁ ମନିବା ଆବଶ୍ୟକ ! ଯଥା ହେଲମେଟ ପିନ୍ଧିବା, ସାଇଟ୍ ବେଲଟ୍ ବାନ୍ଧିବା ସହ ଆଞ୍ଚଳିକ ପରିବହନର ସମସ୍ତ ନିୟମକୁ ମାନିଲେ ଦୁର୍ଘଟଣା କମିବ ଅନ୍ୟମାନଙ୍କ ମଧ୍ୟରେ ବଡ଼ଚଣା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର , ଚଣ୍ଡିଖୋଲ ଯାଉଥିବା ଟ୍ରକ୍ ମାଲିକ ସଂଘର ସଭାପତି ପୁଷ୍ପରଜ୍ ନାୟକ , ସମ୍ପାଦକ କ୍ରିତିରକ୍ଷଜ୍ ସ୍ୱାଇଁ , ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ସଭାପତି ଅଜକ୍ଷମ୍ବର୍ ସାହୁ ,ଚଣ୍ଡିଖୋଲ ଘରୋଇ ବସ୍ ମାଲିକ ସଂଘର ସଭାପତି ଅମରେନ୍ଦ୍ର ନାୟକ ,ଟ୍ରାଫିକ ଇନିସପେକ୍ଟର୍ ପ୍ରଦୀପ କୁମାର ପଟ୍ଟନାୟକ , ଏମ ଭି ଆଇ ବସନ୍ତ କୁମାର ସେନାପତି , ସହକାରୀ ଆର୍ ଟି ଓ ପଦ୍ମଜା ମହାନ୍ତି ,ସହକାରୀ ଏମ ଭି ଆଇ କାଜଲ ପ୍ରଧାନ , ସହକାରୀ ଇନ୍ସପେକ୍ଟର ଅଭିମନ୍ୟୁ ମହାରଣା , ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଦିଲୀପ କୁମାର କାଣ୍ଡି ସମେତ ଆଞ୍ଚଳିକ ପରିବହନ କାଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ଏହି ଅବସରରେ ଚଣ୍ଡିଖୋଲ, ଜାରକା , କୁଆଖିଆ , ଛତିଆ,ବାଲିଚନ୍ଦ୍ରପୁର ରହିପୁର ରେ ଥିବା ବାଇକ୍ ଶୋରୁମ୍ ର କର୍ମଚାରୀ ମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଚଣ୍ଡିଖୋଲ ଠାରୁ ଛତିଆ ପର୍ଯ୍ୟନ୍ତ ଯାଇଥିଲା ।



## ବୋଲେରୋ ଦୁର୍ଘଟଣା ଗ୍ରସ୍ତ, ଡ୍ରାଇଭର ସମେତ ୯ ଗୁରୁତର

**ଚିଲିକା(ଅମୃତ ମିଡ଼ିଆ) :** ଆଜି ବଡ଼ି ଭୋର ସମୟରେ ଏକ ବୋଲେରୋ ଗାଡ଼ି (ନଂ ଓଡି ୦୧ ଏଫ୍ ୧୨୫୫)ରେ କୋରାପୁଟ ବୁଲିବାକୁ ଯାଇ ନିଜ ଘର ଯାଜପୁର ବ୍ଲକର ଧର୍ମଶାଳା ଥାନା ଅଞ୍ଚଳର ଏକ ପରିବାର ଫେରୁଥିଲେ। ସୁନାଖଳା ନିକଟ ୧୬ ନଂ ଜାତୀୟ ରାଜପଥ ହରିକୁଣ୍ଡ ,ରଡିହ ଅତିକ୍ରମ କରୁଥିବା ବେଳେ ବୋଲେରୋ ଡ୍ରାଇଭରଙ୍କ ଆଖି ପଡିଯିବାରୁ ଅଚାନକ ଦୃତଗାମୀ ଗାଡ଼ିଟିକୁ ରାସ୍ତା ଧାରରେ ପିଟି ହୋଇ ପାଖ ବିଲ ମଧ୍ୟକୁ ମାଡ଼ି ଯାଇ ଚତୁରତାର ହୋଇ ଯାଇଥିଲା। ଏଥିରେ ଡ୍ରାଇଭର ସମେତ ମୋଟ ୮ ଜଣ ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସୂତ୍ର ରୁ ଖବର ପାଇ ନାଚୁଣୀ ଥାନା ଅଧିକାରୀ ଚନ୍ଦ୍ରଶେଖର ଜେନା, ସେକେଣ୍ଡ ଅଫିସର ଉଷାରାଣୀ ଦାସ ଓ ଆଇଓ ଟୁକନ ଦାସ ସଦର ବଳ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରି ସମସ୍ତ ଗୁରୁତରଙ୍କୁ ଆମ୍ବୁଲାନ୍ସରେ ଟାଙ୍ଗୀ ସରକାରୀ ଡାକ୍ତରଖାନା ଓ ପରେ ସମସ୍ତଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ଏଥିରେ ଗଙ୍ଗାଧର ପୁର ଦମକଳବାହିନୀ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଗୁରୁତର ଆହତ ସମସ୍ତଙ୍କୁ ଭେଣ୍ଟିଲେଟର ରଖାଯାଇ ଚିକିତ୍ସା କରାଯାଉଛି। ସେଥିରୁ ୨ ଜଣ ମହିଳା ଯଥା ମିନତୀ ସାମଲ( ୪୦) ଓ ଆରତି ବେହେରା (୪୨) ଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ରହିଥିବା ସୂଚନା ମିଳିଛି। ନାଚୁଣୀ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।



# ପୂର୍ବତନ ବିଧାୟକଙ୍କ ରାଜନୈତିକ ବନ୍ଧୁ ମିଳନ



**ବାରିପଦା(ଅମୃତ ମିଡିଆ);** କରିଆ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଜେଡି ଦଳର ବିଧାୟକ ବିଜୟ କୁମାର ନାୟକଙ୍କ ଦ୍ୱାରା ରବିବାର ଦିନ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ପର୍ଯ୍ୟଟନ ସ୍ଥଳୀ ଭୀମକୁଣ୍ଡର ସ୍ୱାତୀଘାଟ ଠାରେ ପୂର୍ବତନ ବିଧାୟକଙ୍କ ଦ୍ୱାରା ଅୟୋଜିତ ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କରିଆ ବ୍ଲକ, ଏନ ଏ ସି, ଠାକୁରମୁଣ୍ଡା ବ୍ଲକ ସମେତ ଶରତ ଅଂଚଳର ପ୍ରାୟ ୫୦୦ ରୁ ଉର୍ଦ୍ଧ୍ୱ ତାଙ୍କର ଶୁଭେଚ୍ଛୁ ମାନେ ଆସି ଉପସ୍ଥିତ ରହିଥିଲେ। ୨ ଥର ବିଧାୟକ ରହିଥିବା ବିଜୟ ନାୟକ ଗତ ନିର୍ବାଚନରେ ଦଳୀୟ ଟିକଟ ନପାଇ ନିର୍ବାଚନ ଲଢ଼ି ନଥିବା ବେଳେ ଏହି ଆସନ ରୁ ଟିକଟ ପାଇ ବାସନ୍ତୀ ହେମ୍ବ୍ରମ ବିଜୟୀ ହୋଇ ବର୍ତମାନ ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ରହିଛନ୍ତି ।ଆସନ୍ତା ବିଧାନସଭା ନିର୍ବାଚନରେ ଦଳୀୟ ଟିକଟ ପାଇଁ ଆଶାୟୀ ରହିଥିବା ପୂର୍ବତନ ବିଧାୟକଙ୍କ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମର ଅୟୋଜନ ବିଶେଷ ଗୁରୁତ୍ୱ ବହନ କରୁଛି। ନିର୍ବାଚନ ଆଉ କିଛି ମାସ ଥିବା ବେଳେ ପୂର୍ବତନ ବିଧାୟକଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମକୁ ନିର୍ବାଚନ ମଣ୍ଡଳୀ ର ଠାକୁରମୁଣ୍ଡା ବ୍ଲକ ଅଧକ୍ଷା, ଉପାଧକ୍ଷ ସମେତ ବିଭିନ୍ନ ସମୟରେ ନିର୍ବାଚିତ ପ୍ରତିନିଧିଙ୍କ ସହ ବିଜୁ ଜନତା ଦଳର ପୁରୁଣା କର୍ମୀ ମାନେ ଉପସ୍ଥିତ ଥିବାର ଦେଖିବାକୁ ମିଳିଥିଲା ।ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଭୋଜି ଭାତ ର ଆୟୋଜନ ହୋଇଥିଲା।

## ଖୋର୍ଦ୍ଧା ବ୍ଲକରେ ମିଳିତ ଜନ ଶୁଣାଣି ଅନୁଷ୍ଠିତ

**ଖୋର୍ଦ୍ଧା (ଅମୃତ ମିଡିଆ):** ଖୋର୍ଦ୍ଧା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆଜିର ପ୍ରତ୍ୟେକ୍ଷ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜି ମୋଟ୩୩ ଗୋଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୨୫ଟି ଅଭିଯୋଗ ବ୍ୟକ୍ତିଗତ ଥିଲା ଓ ବାକି ୦୫ଟି ବିଭିନ୍ନ ଗ୍ରାମର ସାମୁହିକ ସମସ୍ୟା ଥିଲା। ଉକ୍ତ ଅଭିଯୋଗ ମାନଙ୍କ ମଧ୍ୟରୁ ସ୍ଥଳବିଶେଷରେ ୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଏକ ଜଣଙ୍କୁ ?ରେଡକ୍ରସ ଆର୍ଥିକ ସହାୟତା ରାଶି ୫୦୦୦ଟଙ୍କା ପ୍ରଦାନ କରାଯାଇଛି । ଆଜିର ମିଳିତ ଜନଶୁଣାଣି ଅବସରରେ ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଧକ୍ଷତା କରିଥିବାବେଳେ / ଆରକ୍ଷୀ ଅଧିକ୍ଷକ, ସିଦ୍ଧାର୍ଥ କାଟାରିଆ / ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା / ଉପ-ଜିଲ୍ଲାପାଳ, ଖୋର୍ଦ୍ଧା ଦୀପ୍ତି ରଞ୍ଜନ ସେଠୀ /ସି ଡ଼ି ଏମ୍ ଓ , ଡଃ ଆର୍ତ୍ତ୍ୱନ୍ଧୁ ନାୟକ/ବିଡିଓ ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

***ମୁଣ୍ଡକୁ ...***

ରଶ୍ମିରଞ୍ଜନଙ୍କ ମା' ପଡ଼ୋଶୀଙ୍କୁ ପଚରା ଉଚରା କରିଥିଲେ। କିନ୍ତୁ, ପୁଅକୁ ସକାଳୁ କେହି ଦେଖି ନାହାନ୍ତି ବୋଲି ପଡ଼ୋଶୀମାନେ କହିଥିଲେ। ଏହାକୁ ନେଇ ରଶ୍ମିରଞ୍ଜନଙ୍କ ମା'ଙ୍କର ସନ୍ଦେହ ହୋଇଥିଲା। ବାଧ ହୋଇ ସେ ଘରର ତାଲା ଭାଙ୍ଗିଲା ବେଳକୁ ପୁଅର ରକ୍ତ ଜୁଡୁବୁଡୁ ଶବ ଘରେ ପଡ଼ିଥିଲା। ଘଟଣାସ୍ଥଳରୁ ସୋମନାଥ କୁଆଡ଼େ ଫେରାର ହୋଇଯାଇଥିଲା। ପୁଅର ମୁଣ୍ଡକୁ ଏକ ଲୁହା ରଡ଼୍‌ରେ ଶକ୍ତ ପ୍ରହାର କରାଯାଇଛି। ହତ୍ୟା କରିବା ପରେ ବାହାରୁ ତାଲା ଦେଇ ରଶ୍ମିରଞ୍ଜନଙ୍କ ବନ୍ଧୁ ପଳାୟନ କରିଥିବା ସନ୍ଦେହ କରାଯାଉଛି। ସୂଚନା ପାଇ ସିକୋ ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ସ୍ୱାଇଁ ସାଇଣ୍ଟିଫିକ୍ ଟିମ୍ ନେଇ ଘଟଣାର ତନାଘନା ଆରମ୍ଭ କରିଛନ୍ତି। ଏହା ଏକ ହତ୍ୟାକାଣ୍ଡ ବୋଲି ଫାଣ୍ଡି ଅଧିକାରୀ ଶ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି।

***ଜାପାନ ...***

ସମେତ ଦେଶର ଅନେକ ଗୁରୁତ୍ୱପୂର୍ଣ୍ଣ ମାର୍ଗ କାର୍ଯ୍ୟକ୍ଷମ ନୁହେଁ, ଯାହାଦ୍ୱାରା ମେଡିକାଲ୍ ଏବଂ ସେନା କର୍ମଚାରୀ ଉଦ୍ଧାର କାର୍ଯ୍ୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଜାପାନର ଜନ ପ୍ରସାରଣକାରୀ ଏନ୍‌ଏଚ୍‌କେ କହିଛନ୍ତି ଯେ ଭୂକମ୍ପର କେନ୍ଦ୍ରସ୍ଥଳ ନିକଟରେ ଥିବା ୱାଜିମା ସହରରେ ଆଠ ଜଣଙ୍କର ମୃତ୍ୟୁ ଘଟିଛି। ପୁଲିସ ୬ ଜଣଙ୍କ ମୃତ୍ୟୁକୁ ନିଶ୍ଚିତ କରିଛି ବୋଲି ଜାତୀୟ ଏଜେନ୍ସି ରଏଟର୍ସ ରିପୋର୍ଟରେ ଦର୍ଶାଯାଇଛି ।ଜାପାନ ପାଣିପାଗ ସଂସ୍ଥା (ଜେଏମ୍‌ଏ)ର ସୂଚନା ଅନୁଯାୟୀ, ଇସାକାୱା ଏବଂ ଏହାର ଆଖପାଖ ଅଞ୍ଚଳରେ ଭୂମିକମ୍ପ ହୋଇଛି। ଭୂମିକମ୍ପର କେନ୍ଦ୍ରସ୍ଥଳ ଇସିଗାୱାର ନୋଟୋଠାରେ ରହିଥିଲା। ରାଜଧାନୀ ଟୋକିୟୋଠାରୁ ଏହି ସ୍ଥାନର ଦୂରତା ପ୍ରାୟ ୩୦୦ କିମି ।ଦକ୍ଷିଣ କୋରିଆର ପୂର୍ବ ଉପକୂଳରେ ୧ ମିଟରର ସୁନାମୀ ପହଞ୍ଚି ସାରିଛି ବୋଲି ଦେଶର ପାଣିପାଗ ଏଜେନ୍ସି କହିଛି।

***'କାହିଁକି ...***

ସେ ଅଭିଯୋଗ କରିଛନ୍ତି । କିନ୍ତୁ ଯେଉଁଭଳି ଏହି ଘଟଣାର ତଦନ୍ତ କରାଗଲା, ପ୍ରକୃତ ସତ୍ୟ ଲୋକଲୋଚନକୁ ଆସିପାରିନାହିଁ । ଘଟଣାର ସିବିଆଇ ଦ୍ୱାରା ତଦନ୍ତ କରାଗଲେ ଅନେକ ରହସ୍ୟର ଉନ୍ମୋଚନ ହୋଇପାରିବ ବୋଲି ସେ କହିଛନ୍ତି ।

***୩ ମୃତ,...***

ଅଫିସର ଉପସ୍ଥିତ ହୋଇ ଦୁର୍ଘଟଣା ଉଦ୍ଧାର ଉପରେ ନଜର ରଖି ଚିକିତ୍ସା ର ବ୍ୟବସ୍ଥା କରାଇଥିଲେ । ବିଧାୟକ ପ୍ରତାପ ଜେନା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରେ ପହଁଚି ଆହତ ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହିତ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇଁ ସମସ୍ତ ବ୍ୟବସ୍ଥା ହୋଇଥିବା ପ୍ରକାଶ କରିଛନ୍ତି । ଅପରପକ୍ଷରେ ୩ ଘଣ୍ଟା କାଳ ରାସ୍ତା ବନ୍ଦ ରହିଥିଲା, ଦୁର୍ଘଟଣା ସ୍ଥଳରେ ହଜାର ହଜାର ଲୋକଙ୍କ ର ଭିଡ଼ ହୋଇଥିବାର ଦେଖିବାକୁ ମିଳିଥିଲା । ସେହିପରି ଏହି ଦୁଃଖଦ ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିବା ସହିତ ମୃତକ ଙ୍କ ପରିବାରକୁ ୩ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି । ସେହିପରି ମଙ୍ଗଳବାର ସନ୍ଧ୍ୟାରେ ୨ଟି ସଡ଼କ ଦୁର୍ଘଟଣାରେ ୪ ଜଣଙ୍କର ମୃତ୍ୟୁ ହୋଇଛି। ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ଛକରେ ବାପପୁଅଙ୍କ ଉପରେ ଦ୍ରୁତଗାମୀ ହାଇୱା ଚଢ଼ିଯାଇଛି। ସେହିପରି ନୂଆପଡ଼ା ଜିଲ୍ଲା ଜୋଙ୍କ ଥାନା ଅନ୍ତର୍ଗତ ଗୋତମା ଛକରେ ପିକ୍‌ଅପ୍ ଭ୍ୟାନ୍‌ରେ ପିଟି ହୋଇ ଦୁଇ ଜଣ ସାଙ୍ଗ ଜୀବନ ହାରିଛନ୍ତି। ପ୍ରଥମ ଘଟଣାରେ ରାଜକୁମାର ମହାକୁଡ଼ (୫୦), ତାଙ୍କର ପୁଅ ଓମ୍‌ପ୍ରୀତ (୧୬)ଙ୍କ ମୃତ୍ୟୁ ହୋଇଛି। ଦ୍ୱିତୀୟ ଘଟଣାର ଶିକାର ହୋଇଛନ୍ତି ଭଗତରାମ ଶବର (୩୦) ଓ ଗୁପ୍ତେଶ୍ୱର ଶବର (୨୫)।

# ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ବିଶ୍ୱ ପାର୍ଥନା ଦିବସ ଅନୁଷ୍ଠିତ



**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ କେନ୍ଦ୍ରାପଡା ସମେତ ସାରା ଦେଶରେ ସର୍ବଧର୍ମ ବିଶ୍ୱ ପ୍ରାର୍ଥନା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ରଥଦାଣ୍ଡରେ ଦିବ୍ୟଜୀବନ ସଂଘ ଶିବାନନ୍ଦ ଆଶ୍ରମ, ଗରାପୁରର ଅଧକ୍ଷା ଶ୍ରୀମା' ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ପୌରହିତ୍ୟରେ ଇଂରାଜୀ ନବବର୍ଷର ପ୍ରଥମ ଦିନରେ ପ୍ରାତଃ ୭ ଘଟିକା ସମୟରେ ସର୍ବଧର୍ମ ବିଶ୍ୱ ପ୍ରାର୍ଥନା ଦିବସ ପାଳିତ ହୋଇଯାଇଛି । ଏଥିନିମନ୍ତେ ଅନୁଷ୍ଠିତ ସଭାରେ ଉପସ୍ଥିତ ସମସ୍ତ ପ୍ରାର୍ଥନାପ୍ରେମୀ ଲୋକମାନେ ଯୋଗଦେଇ ସମବେତ ପ୍ରାର୍ଥନା କରିବା ସହିତ ବିଶ୍ୱର ସମସ୍ତ ଜୀବ ମାନଙ୍କ ଦୁଖ ଦୁର ପାଇଁ ବଡ ଠାକୁରଙ୍କୁ ପ୍ରାର୍ଥନା କରିଥିଲେ। ଏହି ଅବସରରେ ଶ୍ରୀମା' ପ୍ରାର୍ଥନା ସମସ୍ତଙ୍କୁ ଶାନ୍ତି, ସୌହାର୍ଦ୍ଦ୍ୟ ଓ ଶକ୍ତି ପ୍ରଦାନ କରେ ବୋଲି ମତବ୍ୟକ୍ତ କରି ଜାନୁୟାରୀ ମାସ ପ୍ରଥମ ଦିବସକୁ ସାରା ବିଶ୍ୱ ପ୍ରାର୍ଥନା ଦିବସ ରୂପେ ପାଳନ କରୁ ବୋଲି ବିଶ୍ୱବାସୀଙ୍କୁ ଆହ୍ୱାନ ଦେଇଥିଲେ । ଏଭଳି ପ୍ରୟାସ ବିଗତ ୫ ବର୍ଷ ଧରି ଚାଲିଆସିଥିବା ସହ ଚଳିତ ବର୍ଷ କେନ୍ଦ୍ରାପଡାର ଗରାପୁର,କପାଳେଶ୍ୱର, କୋରୋ, ଧୂମାତ, ପିଙ୍ଗଳ ଦିବ୍ୟଜୀବନ ଆଶ୍ରମ ସହିତ ଆମ ରାଜ୍ୟର ସମସ୍ତ ଦିବ୍ୟ ଜୀବନ ସଂଘ ଶିବାନନ୍ଦ ଆଶ୍ରମରେ ଏବଂ ଯାଜପୁର ଜିଲ୍ଲାର ନିଆଳି ମେରିବଟ ଓ ଚାରିନଙ୍ଗଳ, କଟକ, ଭୁବନେଶ୍ୱର, ପୁରୀର ଶରଧାବାଲି ମୁକ୍ତାକାଶ ରଙ୍ଗମ ସହିତ ଗୁଜୁରାଟର ଅହମଦାବାଦ୍, ଦିଲ୍ଲୀର କୋଟଲା ଜଗନ୍ନାଥ ମନ୍ଦିର ସମେତ ସାରା ଦେଶରେ ପ୍ରାୟତଃ ସକାଳ ୭ଘଟିକାରେ ସର୍ବଧର୍ମ ପ୍ରାର୍ଥନା ସଭା ପାଳନ ହୋଇଯାଇଛି ବୋଲି ଶ୍ରୀମା' ମତ ରଖିଥିଲେ । ଏହି ସଭାରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ବିଜେଡି ରାଜ୍ୟ ଉପସଭାନେତ୍ରୀ ଜ୍ୟୋସ୍ନା ପରିଡା, ସୁମିତ୍ରା ପାଢୀ, ଗାୟତ୍ରୀ ମହାନ୍ତି, ରୀତାଞ୍ଜଳି ନାଥ, ପାର୍ବତୀ ନାୟକ, ଡଃ. କାଳୀ ପ୍ରସନ୍ନ ଶତପଥୀ, ମୁକ୍ତାର ଖାଁ, ଗବେଷକ ନିରଞ୍ଜନ ମେକାପ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ସାହିତ୍ୟିକ ଡଃ. ବାସୁଦେବ ଦାସ, ଅଜୟ ସାମଲ, ସୌଭାଗିନୀ ମହାପାତ୍ର, ଶ୍ରୀଧର କୁମାର ମହାନ୍ତି, ଶିକ୍ଷାବିତ ମନୋରଞ୍ଜନ ତ୍ରିପାଠୀ, ସତ୍ୟବ୍ରତ ସିଂ, ନୃସିଂହ ତ୍ରିପାଠୀ, ଦେବେନ୍ଦ୍ର ନାଥ ସାମନ୍ତ, ସୁଶିଲ ସୁତାର, ଶ୍ରୀବଳଦେବଜୀଉ ଟ୍ରଷ୍ଟବୋର୍ଡର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ବ୍ଲକ ଉପାଧକ୍ଷ ପ୍ରତାପନାରାୟଣ ମହାପାତ୍ର, ଶରତ ସାହୁ, କରୁଣାକର ଦାସ, ସଞ୍ଜୟ ଜେନା, ପାର୍ଥସାରଥୀ ବେହେରା, ଗଗନବିହାରୀ ସିଂହ, ଶିବାନୀ, ବାବା ନୃସିଂହନାଥ ଦାସ, ଶ୍ରୀଜୀଉଙ୍କ ମନ୍ଦିରର ବଡପଣ୍ଡା ଓ ସେବାୟତମାନେ, ଦିବ୍ୟ ଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମର ସମସ୍ତ ଗୁରୁଭାଇ ଓ ଭଉଣୀ, ଜିଲ୍ଲାର ସମସ୍ତ ବିଭୁ ପ୍ରେମୀ ଓ ପ୍ରାର୍ଥନାକୁ ଭଲ ପାଉଥିବା ବ୍ୟକ୍ତି ବିଶେଷ ଯୋଗ ଦେଇ ପ୍ରାର୍ଥନା କରିଥିଲେ। ଏହି ସଭାକୁ ବଳଦେବ ସେନାର ସଭାପତି ପୁନୁନ କୁମାର ସ୍ୱାଇଁ, ସମ୍ପାଦକ ଅମର କୁମାର ବାରିକ ଓ ସମସ୍ତ ସଦସ୍ୟ ପ୍ରମୁଖ ପରିଚାଳନା କରିଥିଲେ।



# ପାକିସ୍ତାନରେ ଭାରତୀୟ ଫିଲ୍ମରୁ ବ୍ୟାନ୍ ହଟୁ : ଫେଜଲ

ଦୀର୍ଘ ଦିନ ଧରି ପାକିସ୍ତାନରେ ଭାରତୀୟ ଚଳଚ୍ଚିତ୍ର ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। ପ୍ରାୟତଃ ଦେଖାଯାଇଛି ଯେ ସେଠାରେ ଭାରତୀୟ ଚଳଚ୍ଚିତ୍ର ପ୍ରଦର୍ଶନ ଏବଂ ଗୀତ ରିଲିଜ୍ କରିବାକୁ ସରକାର ବିରୋଧ କରିଛନ୍ତି। ଏଥି ସହିତ ନିକଟରେ ପାକିସ୍ତାନୀ ଅଭିନେତା ଫେଜଲ କୁରେଶି ଏକ ସାକ୍ଷାତକାରରେ ପାକିସ୍ତାନରେ ଭାରତୀୟ ଚଳଚ୍ଚିତ୍ର ଉପରେ ନିଷେଧାଦେଶ ବିଷୟରେ କହିଛନ୍ତି । ଏତିକି ନୁହେଁ ପାକିସ୍ତାନୀ ଚଳଚ୍ଚିତ୍ର ଶିଳ୍ପ କିପରି କ୍ଷତିର ସମ୍ମୁଖୀନ ହେଉଛି ସେ ବିଷୟରେ ଜଣାଇଛନ୍ତି। ଫେସଲ କୁରେଶି କହିଛନ୍ତି ଯେ ଦେଶରେ ଭାରତୀୟ ଚଳଚ୍ଚିତ୍ର ମୁକ୍ତିଲାଭ କରିବା ଉଚିତ। ଫେଜଲ କହିଛନ୍ତି ଯେ ଜୀବିତ ଏବଂ ଆଗକୁ ବଢାଇବା ପାଇଁ ପାକିସ୍ତାନ ଭାରତୀୟ ଚଳଚ୍ଚିତ୍ରର ସ୍କ୍ରିନିଂ ଉପରେ ଥିବା ପ୍ରତିବନ୍ଧକକୁ ହଟାଇବା ଆବଶ୍ୟକ। ପାକିସ୍ତାନରେ ଭାରତୀୟ ଚଳଚ୍ଚିତ୍ର ଉପରେ କୌଣସି ବ୍ୟାନ ନ ହୋଇଥିଲେ, ଫିଲ୍ମ ଡ୍ରାମା ଇଣ୍ଡଷ୍ଟ୍ରି ବ୍ୟବସାୟରୁ ବାର୍ଷିକ ପ୍ରାୟ ୬ ହଜାରରୁ ୭ ହଜାର ଟଙ୍କା ରୋଜଗାର କରିଥାନ୍ତା। ସେ ଆହୁରି ମଧ୍ୟ କହିଛନ୍ତି ଯେ ଜଣେ ପାକିସ୍ତାନୀ ହୋଇଥିବାରୁ ମୁଁ ବହୁତ ଦେଶପ୍ରେମୀ, କିନ୍ତୁ ଯଦି ଆପଣ ପାକିସ୍ତାନୀ ସିନେମା ଚଳାଇବାକୁ ଚାହୁଁଛନ୍ତି ତେବେ ଆପଣ ଭାରତୀୟ ଚଳଚ୍ଚିତ୍ର ପ୍ରଦର୍ଶନ କରିବା ଜରୁରୀ ଅଟେ। ମୁଁ ଜାଣେ ଯେ ପାକିସ୍ତାନର ଦର୍ଶକ ଭାରତୀୟ ଚଳଚ୍ଚିତ୍ର ଦେଖିବାକୁ ଚାହୁଁଛନ୍ତି।

### ଅଲଟିମେଟ ଖୋ ଖୋ ସିଜନ-୨

# ଓଡିଶା ଜଗରନଟ୍ସ ଓ ଚେନ୍ନାଇ କ୍ୱିକ ଗନ୍ସ ମଧ୍ୟରେ ଟାଇ



କଟକ(ବ୍ୟୁରୋ): ଅଲ୍ଟିମେଟ ଖୋ ଖୋ ସିଜନ ୨ରେ ଆଜି କଟକର ଜୱାହାରଲାଲ ନେହେରୁ ଷ୍ଟାଡିୟମରେ ଖେଳାଯାଇଥିବା ୧ମ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିଅନ ଓଡିଶା ଜଗରନଟ୍ସ ଓ ଚେନ୍ନାଇ କ୍ୱିକ ଗନ୍ସ ମଧ୍ୟରେ ଏକ ରୋମାଂଚକର ପ୍ରଦର୍ଶନ ଦେଖିବାକୁ ମିଳିଛି । ଚେନ୍ନାଇର ରାମଜୀ କଶ୍ୟପଙ୍କ ସ୍କାଏ ଡାଇଭ କାରଣରୁ ଏହି ମ୍ୟାଚ ୩୦-୩୦ ପଏଂଟରେ ଟାଇ ରହିଛି । ଶେଷ ମୂହୁର୍ତରେ ମାତ୍ର ୩ ସେକେଣ୍ଡ ପୂର୍ବରୁ ରାମଜୀ କଶ୍ୟପ ଗୋଟିଏ ପଏଂଟ ହାସଲ କରି ଚେନ୍ନାଇ କ୍ୱିକ ଗନ୍ସକୁ ପରାଜିତ ହେବାରୁ ବଂଚାଇ ଦେଇଥିଲେ । ଚଳିତ ସିଜନରେ ଉଭୟ ଟିମ ୨ୟ ଥର ପାଇଁ ଟାଇ ଖେଳିଛନ୍ତି । ଏହି ମ୍ୟାଚ ପରେ ଚେନ୍ନାଇ ପଏଂଟ ତାଲିକାରେ ପ୍ରଥମ ସ୍ଥାନରେ ରହିଛି । ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ ସହ ସହଭାଗିତାରେ ଅମିତ ବର୍ମନଙ୍କ ଦ୍ୱାରା ପରିକଳ୍ପିତ ଅଲ୍ଟିମେଟ୍ ଖୋ ଖୋ ପ୍ରଥମ ସଂସ୍କରଣରେ ଏକ ବଡ ସଫଳତାରେ ପରିଣତ ହୋଇଥିଲା, ଯାହାକି ଟେଲିଭିଜନ ଭ୍ୟୁୟ ?ସିପ୍ ଦୃଷ୍ଟିରୁ ଭାରତର ୩ୟ ସର୍ବବ୍ୟହତ୍ ଅଣ-କ୍ରିକେଟ୍ ଲିଗ୍ ଭାବେ ଉଭା ହୋଇଛି । ଏହା ୟୁକେ ସ୍ଥିତ ବିଏନ୍‌ପି ଗ୍ରୁପ୍ ସୌଜନ୍ୟରେ ଏହା ସିରିଜ୍ ଏ ଫଣ୍ଡିଙ୍ଗ୍ ପ୍ରାପ୍ତ କରିଥିବା ପ୍ରଥମ ଇଣ୍ଡିଆନ୍ ସ୍ପୋର୍ଟସ୍ ଲିଗ୍ ହେବାର ସ୍ୱତନ୍ତ୍ରତା ହାସଲ କରିଥିଲା । ଏହାର ୨ୟ ସଂସ୍କରଣରେ ପଏଂଟ ବ୍ୟବସ୍ଥାରେ ଏକସମାନତା ପ୍ରଚଳନ କରାଯାଇଛି ଯେଉଁଥିରେ ଦଳଗୁଡ଼ିକୁ ସମସ୍ତ ଆକ୍ରମଣାତ୍ମକ ପଦକ୍ଷେପ ପାଇଁ ଦୁଇ ପଏଂଟ ଦାୟୀ କରାଯିବ । ସେହିପରି ପ୍ରତିଦିନ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରୁ ଆରମ୍ଭ ହେଉଥିବା ଦୁଇଟି ମ୍ୟାଚ୍ର ଲାଇଭ୍ କଭରେଜ ସହିତ ସିଜନ୍ ୨ର ଉତ୍ସାହଜନକ ଆକ୍ସନ ସୋନି ସ୍ପୋର୍ଟସ୍ ନେଟୱର୍କର ଚ୍ୟାନେଲ ଓ ସୋନି ଲିଭ୍‌ରେ ଟେଲିକାଷ୍ଟ ବା ପ୍ରସାରିତ ହେବ । ଆଜିର ୧ ମ୍ୟାଚରେ ଓଡ଼ିଶା ଜଗରନଟ୍ସ ଦଳରେ ଦିଲୀପ ଖଣ୍ଡଭି, ଦୀପେଶ ମୋରେ, ଗୌତମ ଏମକେ, ବିଶାଲ, ଓମକାର ସୋନାୱାନେ, ରୋହନ ଶିଙ୍ଗାଡେ, ଅକ୍ଷୟ ମାସାଲ, ମହେଶା ପି, ମନୋଜ ପାଟିଲ, ଅବିନାଶ ଦେଶାଇ, ମନୋଜ କୁମାର, ବିଶାଗ ଏସ, ଦେବେନ୍ଦ୍ର ନାଥ, ନିଖିଲ କୁମାର, ବିଶାଲ ଓରାମ, ସଞ୍ଜୟ କୁମାର ଭି, ଦୀପକ କୁମାର ସାହୁ, ନିଖିଲ ବି, ଏମଡି ମିରାଜୁଲ, ସୁଶାନ୍ତ କଲଧୋନ, ସୋଭାଗ ଭି ଶ୍ରୀଗଣ୍ଡା, ନିରଞ୍ଜନ ସାମଲ, ସବୀର ଅହମ୍ମଦ, ସୁରେଶ କୁମାର ଓ ସିଦ୍ଧେଶ୍ୱର ଟୁଡୁ ଆଦି ସାମିଲ ଥିଲେ । ସେହିପରି ଚେନ୍ନାଇ କ୍ୱିକ୍ ଗନ୍‌ରେ ଅମିତ ପାଟିଲ, ମଦନ, ରାମଜୀ କଶ୍ୟ, ଲକ୍ଷ୍ମଣ ଗାୱାସ, ଆଦର୍ଶ ମୋହିତେ, ସଚିନ ଭର୍ଗୋ, ଜୋରା ସୁରଜ, ସୁରଜ ଲାଣ୍ଡେ, ଆଦିତ୍ୟ କୁଡାଲେ, ଦୁର୍ଭେଶ ସାଲୁଙ୍କେ, ଚନ୍ଦୁ ଚାଭରେ, ଆକାଶ କଦମ, ନରେନ୍ଦ୍ର କାଟକାଟେ, ମୁସ୍ତାଫା ବାଗୱାନ, ଅର୍ଜୁନ ସିଂ, ବିଜୟ ସିନ୍ଦେ, ଆଶିଷ ପଟେଲ, ଏମ ମୁଗିଲାନ, ଆକାଶ ବାଲିୟାନ, ସୁମନ ବର୍ମନ, ପବନ କୁମାର ଓ ଗିରି ଏସ ଆଦି ସାମିଲ ଥିଲେ ।

# ଆଜିଠୁ ଦ୍ୱିତୀୟ ଟେଷ୍ଟ: ଅଶ୍ୱିନ, ପ୍ରସିଦ୍ଧଙ୍କ ବଦଳରେ ଖେଳିପାରନ୍ତି ଜାଡ଼େଜା, ମୁକେଶ



ନୂଆଦିଲ୍ଲୀ : ସେଞ୍ଚୁରିଅନ୍ ଟେଷ୍ଟର ଦ୍ୱିତୀୟ ଦିନରେ ଭାରତୀୟ ବୋଲରମାନେ ବ୍ୟୟବହୁଳ ହୋଇଥିଲେ। ଦ୍ରୁତ ବୋଲରଙ୍କୁ ସହାୟତା ଦେଉଥିବା ପିଚ୍‌ରେ ଭାରତୀୟ ବୋଲର ୬୬ ଓଭରରେ ୨୫୬ ରନ୍ ବ୍ୟୟ କରିଥିଲେ। ଯାହା ମଧ୍ୟରେ ୩୭ ଚୌକା ଓ ୨ ଛକା ସାମିଲ ଥିଲା। ବୋଲରଙ୍କ ପାଇଁ ଉପଯୁକ୍ତ ପାଗ ଥିଲେ ମଧ୍ୟ ସଫଳତା ମିଳୁନଥିଲା। ଆକାଶ ମେଘୁଆ ଥିଲା ବେଳେ ପିଚ୍‌ରେ ସବୁଜ ଘାସ ସିମ୍ ମୁଭ୍‌ମେଣ୍ଟକୁ ଚାହିଁ ରହିଥିଲା। ହେଲେ ଏକ ଅନଭିଜ୍ଞ ବ୍ୟାଟିଂ ଗ୍ରୁପ୍ ଭାରତୀୟ ବୋଲିଂକୁ ଅକାମି କରିଦେଇଥିଲା। କେବଳ ପଦାର୍ପଣକାରୀ ପ୍ରସିଦ୍ଧ କୃଷ୍ଣ ଓ ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁରଙ୍କ ୨୭ ଓଭରରୁ ୧୯ ବାଉଣ୍ଡରି (୧୭ ଚୌକା, ୨ଛକା) ଆସିଥିଲା। ଯାହାକି ଭାରତୀୟ ବୋଲିଂ ପାଇଁ ଆଦେ ଭଲ ଯାଇନଥିଲା। ଘରୋଇ ଦଳର ପ୍ରାରମ୍ଭିକ ବ୍ୟାଟର ଡିନ୍ ଏଲଗାର ସବୁଠୁ ଅଧିକ ରନ୍ ନିଜ ନାମରେ କରାଇଥିଲେ। କେବଳ ଏତିକି ନୁହେଁ, ଏଲଗାରଙ୍କ ଗତ ୮୪ ଟେଷ୍ଟରେ ୪୭.୩୮ ଷ୍ଟାଇକ୍‌ରେଟ୍ ଥିଲା ବେଳେ ଏହି ସଂଖ୍ୟା ୬୬.୩୫ରେ ପହଞ୍ଚିଥିଲା। ସାଧାରଣତଃ ଏଲଗାର ଏଭଳି ବ୍ୟାଟିଂ କେବେ କରିନଥାନ୍ତି। କିନ୍ତୁ ଏଠାରେ ସେ ବୋଲରଙ୍କୁ ଆଦେ ଦୟା ଦେଖାଇ ନଥିଲେ। ଯେତେବେଳେ ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ ସିରାଜ ବୋଲିଂ ଆସୁଥିଲେ, ତାଙ୍କୁ ଏଲଗାର ସମ୍ମାନ ଦେଉଥିଲେ। କିନ୍ତୁ ପ୍ରସିଦ୍ଧ ଓ ଶାର୍ଦ୍ଦୁଳଙ୍କ ବୋଲିଂରୁ ପ୍ରଚୁର ରନ୍ ବାହାର କରି ଦଳକୁ ଦୃଢ ରଖିଥିଲେ। ତେଣୁ ଏହାକୁ ଭାରତୀୟ ବୋଲିଂର କେବଳ ଏକ ଖରାପ ଦିନ କୁହାଯିବ ନା ବୁମ୍‌ରା, ସିରାଜ, ସାମିଙ୍କ ବିନା ଭାରତୀୟ ବୋଲିଂବାହିନୀ ଦୁର୍ବଳ ବୋଲି ଧରିନେବାକୁ ହେବ, ତାହା ଏବେ ଆଲୋଚନାର ପ୍ରସଙ୍ଗ ପାଲଟିଛି। ଶାର୍ଦ୍ଦୁଳ ତାଙ୍କର ଦଶମ ଟେଷ୍ଟ ଖେଳୁଥିଲା ବେଳେ ପ୍ରସିଦ୍ଧ ପ୍ରଥମ ମ୍ୟାଚ୍ ଖେଳୁଥିଲେ। ପ୍ରସିଦ୍ଧ ମଝିରେ ମଝିରେ ୧୪୦ କିଲୋମିଟର ପ୍ରତି ଘଣ୍ଟା ବେଗରେ ବଲ୍ ପକାଇ ଦେଉଥିଲେ, କିନ୍ତୁ ଅଭିଜ୍ଞତାର ଅଭାବ ଯୋଗୁଁ ଠିକ୍ ସ୍ଥାନ ଓ ଲାଇନ୍ ପାଇପାରୁନଥିଲେ। ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ସେ ୧୨ ମ୍ୟାଚ୍‌ରୁ ୫୪ ୱିକେଟ୍ ଅକ୍ତିଆର କରିଛନ୍ତି। କିନ୍ତୁ ବଡ଼ ମଞ୍ଚରେ ସେ ନର୍ଭସ ହୋଇଯାଉଥିବା ମନେ ହେଉଛି। ଯଦି ଏପରି ହୁଏ, ତାହେଲେ ଫେବ୍ରୁଆରିରେ ନ୍ୟୁଜିଲାଣ୍ଡ ବିପକ୍ଷ ଶୃଙ୍ଖଳା ବେଳକୁ ଭାରତୀୟ ଦଳରେ ସ୍ଥାନ ପାଇବା ତାଙ୍କ ପାଇଁ କଷ୍ଟ ହୋଇପାରେ। ସେହିପରି ଶାର୍ଦ୍ଦୁଳ ପ୍ରଥମ ଶ୍ରେଣୀରେ ୭୬ ମ୍ୟାଚ୍‌ରୁ ୩.୧୭ ଇକୋନୋମି ରଖୁଥିଲା ବେଳେ ୨୪୬ ୱିକେଟ୍ ତାଙ୍କ ନାମରେ ରହିଛି। କିନ୍ତୁ ଭାରତୀୟ ଦଳରେ ସେ ଚତୁର୍ଥ ବୋଲର ଭାବେ ସ୍ଥାନ ପାଉଛନ୍ତି। ଠାକୁରଙ୍କୁ ପୂର୍ବରୁ କେବେବି ଟେଷ୍ଟ ବୋଲର ଭାବେ ଗଣନା କରାଯାଇନାହିଁ। କେବଳ ଭଲ ବ୍ୟାଟିଂ କରିପାରୁଥିବାରୁ ଜଣେ ବୋଲର ଅଲରାଉଣ୍ଡର ଭାବେ ସେ ସ୍ଥାନ ପାଉଛନ୍ତି। ସେହିପରି ଅନ୍ୟତମ ଯୁବ ବୋଲର ମୁକେଶ କୁମାରଙ୍କ ଆନ୍ତର୍ଜାତିକ ଜୀବନ ଏବେ ଗଡାଚାଲିଛି। ସେ ଭଲ ସୁଇଂ କରିପାରୁଥିଲେ ମଧ୍ୟ ତାଙ୍କୁ ପାରଙ୍ଗମ ହେବାକୁ ଆହୁରି ସମୟ ଦରକାର। ଯଦିଓ ତାଙ୍କୁ ବୁମ୍‌ରା, ସାମି, ସିରାଜଙ୍କ ଦକ୍ଷତା ସହିତ ତୁଳନା କରାଯାଉଛି, ହେଲେ ସେହି ସ୍ତରକୁ ଆସିବା ପାଇଁ ମୁକେଶ ପାଖରେ ବହୁତ ସମୟ ଲାଗିଯାଇପାରେ। ଏମାନଙ୍କ ବ୍ୟତୀତ ଆକାଶ ଦୀପ, ଆୱେସ ଖାନ୍, ବିଦ୍ୱଥ କାଭିରପ୍ପା, ଅର୍ଶଦୀପ ସିଂହ ପ୍ରମୁଖ ଦ୍ରୁତ ବୋଲରମାନେ ଭାରତର ଭବିଷ୍ୟତ ଭାବେ ପରିଗଣିତ ହେଉଥିଲେ ମଧ୍ୟ ଟେଷ୍ଟରେ ଶ୍ରେଷ୍ଠ ହେବା ପାଇଁ ସେମାନଙ୍କୁ ଆହୁରି ପରିଶ୍ରମ କରିବାକୁ ହେବ।

# ମୋହାଲି ନୁହେଁ, ନୂଆ ହୋମଗ୍ରାଉଣ୍ଡରେ ମ୍ୟାଚ୍ ଖେଳିବ ପଞ୍ଜାବ କିଙ୍ଗସ୍

## ପ୍ରସ୍ତୁତ ହେଇ ରହିଛି ନୂଆ ଷ୍ଟାଡିୟମ



ନୂଆଦିଲ୍ଲୀ : ଆଇପିଏଲ୍ ୨୦୨୪ରେ ନୂଆ ହୋମଗ୍ରାଉଣ୍ଡରେ ଖେଳିବ ପଞ୍ଜାବ କିଙ୍ଗସ୍ । ଏଣିକି ମୋହାଲି ନୁହେଁ ବରଂ ପଞ୍ଜାବରେ ପ୍ରସ୍ତୁତ ହେଇଥିବା ନୂଆ କ୍ରିକେଟ୍ ଗ୍ରାଉଣ୍ଡକୁ ନିଜର ହୋମ୍ ଗ୍ରାଉଣ୍ଡ ବାଛିଛି ପଞ୍ଜାବ କିଙ୍ଗସ୍ । ଆଇପିଏଲ୍ ସମସ୍ତ ଟିମ୍ ନିଜ ହୋମ୍ ଗ୍ରାଉଣ୍ଡରେ ଅଧିକାଂଶ ମ୍ୟାଚ୍ ଖେଳିଥାନ୍ତି । ଯେଉଁଠି ଟିମକୁ ଫ୍ୟାନ୍‌ମାନଙ୍କର ଭରପୂର ସମର୍ଥନ ମିଳିଥାଏ । ଯେମିତି ଚେନ୍ନାଇ ସୁପର କିଙ୍ଗସ୍ ପାଇଁ ଏମ୍ ଏ ଚିଦାମ୍ବରମ ଷ୍ଟାଡିୟମ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ୱାଙ୍ଖେଡେ ଷ୍ଟାଡିୟମକୁ ନିଜର ହୋମ୍ ଗ୍ରାଉଣ୍ଡ ବାଛିଛନ୍ତି, ସେହିପରି ପଞ୍ଜାବ କିଙ୍ଗସ୍ ମଧ୍ୟ ମୋହାଲି କ୍ରିକେଟ୍ ଗ୍ରାଉଣ୍ଡକୁ ନିଜର ହୋମ୍ ଗ୍ରାଉଣ୍ଡ ଭାବେ ବାଛିଥିଲା । ହେଲେ ଚଳିତବର୍ଷଠୁ କିନ୍ତୁ ମୋହାଲି କ୍ରିକେଟ୍ ଗ୍ରାଉଣ୍ଡ ଆଉ ପଞ୍ଜାବ କିଙ୍ଗସର ହୋମ୍ ଗ୍ରାଉଣ୍ଡ ରହିବ ନାହିଁ ।ପଞ୍ଜାବ କିଙ୍ଗସ୍ ଟିମ୍ ମୁଲ୍ଲାମ୍ପୁର କ୍ରିକେଟ୍ ଗ୍ରାଉଣ୍ଡରେ ୨୦୨୪ ଆଇପିଏଲର ମ୍ୟାଚ୍ ଖେଳିବ । ଏଥିପାଇଁ ଷ୍ଟାଡିୟମକୁ ପ୍ରସ୍ତୁତ କରାଯାଇଛି । ତେବେ ମିଳିଥିବା ରିପୋର୍ଟ ମୁତାବକ, ଆଇପିଏଲ୍ ଫ୍ରାଞ୍ଚାଇଜଙ୍କ ଅଧିକାରୀଙ୍କ ଦ୍ୱାରା ଏହି ଷ୍ଟାଡିୟମକୁ ନିରୀକ୍ଷଣ କରାଯାଇଛି । ।ହାପରେ ଏହି ଷ୍ଟାଡିୟମରେ ମ୍ୟାଚ୍ ହେଇପାରିବ ବୋଲି ଗ୍ରୀନ୍ ସିଗନାଲ ମିଳିସାରିଛି । ତେବେ କୌଣସି କାରଣରୁ ଏଥର ପିସିଏ ଷ୍ଟାଡିୟମରେ ଆଇପିଏଲ୍ ମ୍ୟାଚ୍ ସମ୍ଭବ ହେବ ନାହିଁ । ତେଣୁ ନୂଆ ଷ୍ଟାଡିୟମରେ ଏଥର ମ୍ୟାଚ୍ ଦେଖିବାକୁ ପହଞ୍ଚିବେ ପଞ୍ଜାବ କିଙ୍ଗସ୍ ଦଳର ଫ୍ୟାନ୍ସ । ଜାଣିରଖିବା ଉଚିତ୍ ଯେ, ମୁଲ୍ଲାମ୍ପୁର କ୍ରିକେଟ୍ ଗ୍ରାଉଣ୍ଡର ଦର୍ଶକ ଧାରଣ କ୍ଷମତା ୩୦ ହଜାର । ତା ସହିତ ଏଠାରେ ପାର୍କିଂର ମଧ୍ୟ ଭଲ ସୁବିଧା ରହିଛି । ଏକା ସାଙ୍ଗରେ ୧୮୦୦ କାର ଏଠାରେ ପାର୍କିଂ କରିହେବ । ତା ସହିତ ପ୍ରାକ୍ଟିସ୍ ପାଇଁ ଏଠାରେ ୧୨ଟି ପିଚକୁ ପ୍ରସ୍ତୁତ କରାଯାଇଛି । ଅନ୍ୟପଟେ ଖେଳାଳିମାନଙ୍କ ପାଇଁ ଏହି ଷ୍ଟାଡିୟମରେ ରହିଛି ଉତ୍କୃଷ୍ଟ ଧରଣର ଡ୍ରେସିଂ ରୁମ୍ ।






## ଗୋଆରେ ରନର୍ସଅପ୍ ହୋଇଥିବା ମହିଳା ଖୋ ଖୋ ଦଳକୁ ସମ୍ବର୍ଦ୍ଧନା

### ଅଶୋକ ଦାସ ମେମୋରିଆଲ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଯାଜପୁର ସାମ୍ବାଦିକ ଏକାଦଶଙ୍କ ସହ ବ୍ଲକ୍ ଏକାଦଶ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍



ଯାଜପୁର(ଅମୃତ ମିଡିଆ) : ମୁକୁଟ ବିହୀନ ସମ୍ରାଟ ସ୍ୱର୍ଗତ ଅଶୋକ ଦାସଙ୍କ ଶ୍ରାଦ୍ଧ ଦିବସ ଉଦ୍ଦେଶ୍ୟରେ ଜିଲ୍ଲା କ୍ରିକେଟ୍ ଆସୋସିଏସନ ଓ ମେଲବର୍ଣ୍ଣ କ୍ରିକେଟ କ୍ଲବର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଯାଜପୁର ବ୍ଲକ୍ ନାଥ ସାହି ପଞ୍ଚାୟତର ନୂଆପଡ଼ା ଖେଳପଡ଼ିଆରେ ଚତୁର୍ଥ ଦିନର ଖେଳ ଅନୁଷ୍ଠିତ ହୋଇଯାଇଅଛି। ଆଜିର ଏହି ଟୁର୍ଣ୍ଣାମେଂଟର ଚତୁର୍ଥ ମ୍ୟାଚ୍ ଯାଜପୁର ସାମ୍ବାଦିକ ଏକାଦଶ ଓ ଯାଜପୁର ପଞ୍ଚାୟତ ସମିତି ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଜିର ଏହି ମ୍ୟାଚ୍ ଦେଖିବାଲାଗି ହଜାର ହଜାର ଦର୍ଶକ ଏକାଠି ହୋଇଥିଲେ। ଏହି ମ୍ୟାଚ୍ ବହୁ ଚିତ୍ତାକର୍ଷକ ହୋଇଥିଲା । ଯାଜପୁର ବ୍ଲକ୍ ପ୍ରଶାସନ ତରଫରୁ ବରିଷ୍ଠ ବିଜେଡ଼ି ନେତା ଦିଲ୍ଲୀପ ଜେନା, ଦାମୋଦର ସାହୁ, ପ୍ରଶାନ୍ତ ଦାସ, ଅମରେନ୍ଦ୍ର ଦାସ, ଯମଧର ସରପଞ୍ଚ ବାଦଲ ଖୁଣ୍ଟିଆ, ବାସୁଦେବପୁର ସରପଞ୍ଚ କାହ୍ନୁ ତରାଇ, ରଶ୍ମିରଞ୍ଜନ ମହାନ୍ତି, ଅଜୟ ମହାନ୍ତି ଓ ବ୍ଲକ୍ ଯୁବ ବିଜେଡ଼ି ସଭାପତି ଅଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଯାଜପୁର ସାମ୍ବାଦିକ ଏକାଦଶର ସମରଜିତ ମହାନ୍ତି, ଦିଲ୍ଲୀପ ଦାସ, ବିଶ୍ୱଜିତ ରଣା, ଅରୁଣ ରାଉତରାୟ, ସନ୍ଦୀପ୍ତ ରାୟ, ଦେବାଶିଷ ସାହୁ, ମହେଶ୍ୱର ସାହୁ, ପରମେଶ୍ୱର ବେହୁରିଆ, ବିଭୁଦତ୍ତ ପୃଷ୍ଟି, ଶକ୍ତିସୌରଭ ମହାପାତ୍ର, ବିଜୟ ସାହୁ, ସୌମ୍ୟରଞ୍ଜନ ଦାସ, ହିମାଂଶୁ ପାଢ଼ୀ, ପବିତ୍ର ପାଣିଗ୍ରାହୀ, କ୍ରୀଷ୍ଣା, ମନୋଜ ରଣା ପ୍ରମୁଖ ଉପସ୍ଥିତ ଥିଲେ । ଆଜିର ଏହି ମ୍ୟାଚରେ ମୁଖ୍ୟ ଅତିଥି ଯାଜପୁର ବ୍ଲକ୍ ଅଧକ୍ଷା ସ୍ୱର୍ଣ୍ଣଲତା ପରିଡ଼ା ଉଭୟ ଦଳକୁ ପୁରସ୍କୃତ କରିଥିଲେ । ଆଜିର ଏହି ମ୍ୟାଚ୍‌ରେ ବରିଷ୍ଠ ବିଜେଡ଼ି ନେତା ତୁଷାରକାନ୍ତ ପରିଡ଼ା, ଜିଲ୍ଲା କ୍ରିକେଟ୍ ଆସୋସିଏସନର ସମ୍ପାଦକ ଜ୍ଞାନଚାନ୍ଦ ଦାସ, ସହ ସମ୍ପାଦକ ଅଭୟ ବଲ୍ଲଭ ପଣ୍ଡା, ସ୍ୱସ୍ତିକ ପହି, ନାଥସାହି ସ୍ଥାନୀୟ ଯବୁନେତା ମନୋଜ କୁମାର ସାହୁ, ସୁଶାନ୍ତ ସିଂ, ଯାଜପୁର ପୌରପାଳିକା ନଗର ସଭାପତି ମନୋଜ ସାହୁ, କାଉନ୍‌ସିଲର ଶୁଭାଶିଷ ରାଉତ, ପାର୍ଥସାରଥୀ ବେହେରା, ସଞ୍ଜୟ ବେହେରା, ଉମାକାନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

### ମାହାଙ୍ଗା ପ୍ରିମିୟର ଲିଗ୍

# ରିଲାଏନ୍ସ କ୍ରିକେଟ ଟିମ୍ ଚାମ୍ପିଅନ

ମାହାଙ୍ଗା(ଅମୃତ ମଡିଆ) : କଟକ ଜିଲ୍ଲା ମାହାଙ୍ଗା ବ୍ଲକ ସାହାପୁର ପଂଚାୟତ ସ୍ଥିତ ବାଲିପଡିଆ ଖେଳ ପଡିଆ ଠାରେ ମାହାଙ୍ଗା ପ୍ରୀମିୟର ଲିଗ ପାଞ୍ଚ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ ରିଲାଏନସ କ୍ରିକେଟ ଟିମ ଓ ଗୋଲଡେନ କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରିଲାଏନସ କ୍ରିକେଟ ଟିମ ଚାମ୍ପିୟନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଓସିଏ ସଭାପତି ପ୍ରଣବ ପ୍ରକାଶ ଦାଶ ଯୋଗଦେଇ ଖେଳର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ମାହାଙ୍ଗା ର କର୍ଣ୍ଣଧାର ବିକାଶ ପୁରୁଷ ବିଧାୟକ ପ୍ରତାପ ଜେନା, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଓଡିଶା କ୍ରିକେଟ ଟିମ କୋଚ ଦୀନେଶ ମଙ୍ଗିଆ, ବ୍ଲକ ଅଧକ୍ଷା ଦୀପା ମଲିକ, ଉପାଧକ୍ଷ ସତ୍ୟ ନାରାୟଣ ମହାନ୍ତି, ଜିଲ୍ଲାପରିଷଦ ସଭ୍ୟ ଜଗବନ୍ଧୁ ସେଠୀ,ଜିଲ୍ଲା ପରିଷଦ ସଭ୍ୟା ସୁସ୍ମିତା ଦାଶ, ରିୟାଜୁଲ ହୋଦା,,ସୁବାସ କୁମାର , ମହାନ୍ତି , କଟକ ଜିଲ୍ଲା ଯୁବ ବିଜେଡି ଉପସଭାପତି ସ୍ୱାଧୀନ ମହାନ୍ତି,ସରପଞ୍ଚ ସାରଦା ପ୍ରସାଦ ମହାନ୍ତି, ଯୁବ ସଂଗଠକ ପ୍ରକାଶ ମହାନ୍ତି,ପଂଚାୟତ ବିଜେଡି ସଭାପତି ଅକ୍ଷୟ ସିଂହ ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ। ଚାମ୍ପିୟନ କ୍ରିକେଟ ଟିମ ରିଲାଏନସ କୁ ଦେଢ ଲକ୍ଷ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ରନରସ ଅପ୍ ଟିମ ଗୋଲଡେନ ପାଗା କୁ ଏକ ଲକ୍ଷ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ରେ ହଜାର ହଜାର ଦର୍ଶକ ମାନେ ଉପସ୍ଥିତ ରହି ଖେଳ ଉପଭୋଗ କରିଥିଲେ। ଏଥିରେ ସାହାପୁର ପଂଚାୟତର ବହୁ ମୁରବି ଓ ଯୁବକ ମାନେ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁବ ନେତା ସ୍ୱାଧୀନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ଦ୍ୱିତୀୟ ଟେଷ୍ଟ ମ୍ୟାଚରେ

# ଇତିହାସ ରଚିବାକୁ ରୋହିତଙ୍କ ପାଖରେ ସୁଯୋଗ

ନୂଆଦିଲ୍ଲୀ : ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ସିରିଜର ଶେଷ ଟେଷ୍ଟ ମ୍ୟାଚ କେପଟାଉନରେ ଖେଳାଯିବ। ପ୍ରଥମ ଟେଷ୍ଟରେ ଭାରତକୁ ଦକ୍ଷିଣ ଆଫ୍ରିକା ପରାସ୍ତ କରିଥିଲା। ବର୍ତ୍ତମାନ ସିରିଜ ବଞ୍ଚାଇବାକୁ ହେଲେ ଭାରତକୁ ଯେକୌଣସି ମୂଲ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ ଜିତିବାକୁ ପଡିବ । ପ୍ରଥମ ଟେଷ୍ଟରେ କେବଳ କେ.ଏଲ ରାହୁଲ ଏବଂ ବିରାଟ କୋହଲି ଭଲ ବ୍ୟାଟିଂ କରିଥିଲେ। ଏବେ ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ଭାରତୀୟ ଦଳ ଜିତିବା ପାଇଁ ଯଥାସମ୍ଭବ ଚେଷ୍ଟା କରିବ। ଏହି ସମୟରେ ଅଧିନାୟକ ରୋହିତ ଶର୍ମା ଧୋନିଙ୍କ ରେକର୍ଡ ଭାଙ୍ଗିବାର ସୁଯୋଗ ପାଇବେ। ଯଦି ରୋହିତ ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ଏକ ଶତକ ହାସଲ କରିବାରେ ସଫଳ ହୁଅନ୍ତି, ତେବେ ସେ ଦକ୍ଷିଣ ଆଫ୍ରିକାରେ ଖେଳିବା ସମୟରେ ଏକ ଶତକ ସ୍କୋର କରିବାର ତୃତୀୟ ଭାରତୀୟ ଅଧିନାୟକ ହେବେ। ଏ ପର୍ଯ୍ୟନ୍ତ କାର୍ଯ୍ୟ ସଚିନ ତେନ୍ଦୁଲକର ଏବଂ ବିରାଟ କୋହଲିଙ୍କ ଦ୍ୱାରା କରାଯାଇଛି। ଏହାର ଅର୍ଥ ରୋହିତଙ୍କୁ ସଚିନ ଏବଂ କୋହଲିଙ୍କ ରେକର୍ଡ ସହ ବରାବରି କରିବାର ସୁଯୋଗ ମିଳିବ। ସଚିନ ଦକ୍ଷିଣ ଆଫ୍ରିକାରେ ଅଧିନାୟକ ଭାବରେ ୧୬୯ ରନର ଇନିଂସ ଖେଳିଥିଲେ। ଏଥି ସହିତ ବିରାଟ କୋହଲି ଦକ୍ଷିଣ ଆଫ୍ରିକାରେ ଅଧିନାୟକ ଭାବରେ ୧୫୩ ରନର ଇନିଂସ ଖେଳିବାରେ ସଫଳ ହୋଇଛନ୍ତି।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085 (News).

ସମ୍ପାଦକ: ନିରଞ୍ଜନ ପାତ୍ର
Editor: Niranjan Patra


₹5/-
Saffron Blended
MEENAJEE®
MAWA
₹5 ରେ
ପ୍ରିମିୟମ୍ କ୍ୱାଲିଟି
Call Toll Free: 1800 123 6292
Warning: Chewing of supari is injurious to health. Not for minors.